# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୭/୨୦୨୨ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 27/2022 | Page 20 | ₹ 7.00 | ★★★★★★

୪୮ଶ ଭାଗ ୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ବଲିଉଡ୍‌ରେ ଅଗସ୍ତ୍ୟଙ୍କ ଏଣ୍ଟ୍ରି**

ଜୋୟା ଅଖତରଙ୍କ ଫିଲ୍ମ ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି ବିଗ୍ ବି ଅମିତାଭଙ୍କ ନାତି ଅଗସ୍ତ୍ୟ। **୦୪**

**୨୦** **ଶ୍ରେୟାସ ଆୟରଙ୍କ ଆକର୍ଷଣୀୟ ବ୍ୟାଟିଂ**

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଭାରତୀୟ ବ୍ୟାଟର ଶ୍ରେୟାସ ଆୟାର ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିଛନ୍ତି।



# ବିଜୟଯାତ୍ରାରେ ବିଜେଡି

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଭୋଟ ଗଣତି ଶନିବାର କଡ଼ା ସୁରକ୍ଷା ମଧ୍ୟରେ ରାଜ୍ୟର ବ୍ଲକ ମୁଖ୍ୟାଳୟଗୁଡ଼ିକରେ ଆରମ୍ଭ ହୋଇଛି। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଜୋନ୍‌ୱାରି ଗଣନା ଜାରି ରହିବ। ତେବେ ଗଣନାର ପ୍ରଥମ ଦିବସରେ ବିଜେଡିକୁ ବିପୁଳ ଜନସମର୍ଥନ ମିଳିଛି। ଫଳାଫଳ ଏକତରଫା ଆଡ଼କୁ ମୁହାଁଇଛି। ୨୧ ବର୍ଷର ଶାସନ ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଛବି ଅମଳିନ ରହିଛି। ରାଜ୍ୟର ପ୍ରାୟ ଅଧିକାଂଶ ଜିଲା ପରିଷଦ ଆସନରେ ବିରୋଧୀ ଭାଜପା ଓ କଂଗ୍ରେସକୁ ବହୁ ପଛରେ ପକାଇ ବିଜୟ ଆଡ଼କୁ ଆଗେଇ ଚାଲିଛି ବିଜେଡି। ଶାସକ ଦଳର ପ୍ରାର୍ଥୀମାନେ କେତେକ ସ୍ଥାନରେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବହୁ ପଛରେ ପକାଇଛନ୍ତି। କେବଳ ଉପକୂଳ ନୁହେଁ, ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ମଧ୍ୟ ବିରୋଧୀଙ୍କୁ ବିଜେଡି ବହୁ ପଛରେ ପକାଇଦେଇଛି। ଭାଜପାର ଗଡ଼ କୁହାଯାଉଥିବା ବାଲେଶ୍ୱର, ବଲାଙ୍ଗୀର, ମୟୂରଭଞ୍ଜ, ସମ୍ବଲପୁର, କଳାହାଣ୍ଡି, ସୁନ୍ଦରଗଡ଼ ଆଦି ଜିଲାରେ ବିଜେଡି ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାଜପାକୁ ଟକ୍କର ଦେଇ ବିଜୟ ପଥରେ ଆଗେଇ ଚାଲିଛି। ଦୀର୍ଘ ବର୍ଷ ଧରି କଂଗ୍ରେସ କବ୍‌ଜାରେ ଥିବା ଝାରସୁଗୁଡ଼ାରେ ମଧ୍ୟ ରାଜନୈତିକ ଚିତ୍ର ବଦଳିଯାଇଛି। ସମସ୍ତ ଜିଲାରେ ବିଜେଡି ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲା ପରିଷଦକୁ ନିଜ କବ୍‌ଜାକୁ ନେବା ଲକ୍ଷ୍ୟରେ ରହିଛି। ପ୍ରଥମ ଦିବସ ଫଳାଫଳରୁ ଏହା ଅନେକାଂଶରେ ସ୍ପଷ୍ଟ ହୋଇଛି। ବିଜେଡି ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବରଗଡ଼, ବଲାଙ୍ଗୀର, କଟକ, ଢେଙ୍କାନାଳ ଜଗତ୍‌ସିଂହପୁର, ଯାଜପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ସୁନ୍ଦରଗଡ଼ ଆଦି ଜିଲାରେ ବିରୋଧୀଙ୍କୁ ବହୁ ପଛରେ ପକାଇଦେଇଛି।

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୟୂରଭଞ୍ଜ ଜିଲାରେ ଭାଜପା ସବୁଠାରୁ ଭଲ ପ୍ରଦର୍ଶନ କରିଥିଲା। ସର୍ବାଧିକ ଜୋନ୍‌ରେ ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିଲେ। କିନ୍ତୁ ଚଳିତ ନିର୍ବାଚନରେ ଭାଜପା ☞ପୃଷ୍ଠା-୪



ପୁରୀ ଆଇଟିଆଇ କଲେଜ ପରିସରରେ ଭୋଟ ଗଣତି ପାଇଁ ବାଲଟ୍ ପେପର ଢଳାଯାଉଛି।

## ବିଜୟୀ/ଆଗୁଆ: ବିଜେଡି ୨୮୦, ଭାଜପା ୧୪, କଂଗ୍ରେସ ୧୬

- ଭୁଲ୍ ଖୋଜିବାରେ ଅକ୍ଷମ ହେଲେ ଆଗେଇପାରିବୁ ନାହିଁ : କଂଗ୍ରେସ
- ଫଳାଫଳ ଅପ୍ରତ୍ୟାଶିତ, ସମୀକ୍ଷା କରିବୁ: ଭାଜପା

## ନବୀନଙ୍କ ମ୍ୟାଜିକ୍

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**



ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପ୍ରତିଦ୍ୱନ୍ଦ୍ୱୀ ଜନନେତା। ଶନିବାରଠାରୁ ଆରମ୍ଭ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଗଣତିରୁ ଏହା ପୁଣିଥରେ ପ୍ରମାଣିତ ହୋଇଛି। ନବୀନଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ଦୁର୍ନୀତି ବିରୋଧୀ ପଦକ୍ଷେପ ଜନମାନସରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ରାଜ୍ୟ ଶାସନ ସମ୍ଭାଳୁଥିବା ନବୀନଙ୍କ ଭାବମୂର୍ତ୍ତି ଏବେ ବି ଅମଳିନ ରହିଛି। ସହରଠୁ ଗାଁ ସବୁଠି ସେ ଅତ୍ୟନ୍ତ ଜନପ୍ରିୟ ନେତା ଭାବେ ନିଜକୁ ପ୍ରତିପାଦନ କରିପାରିଛନ୍ତି। ନବୀନଙ୍କ ଯାଦୁକରି ବ୍ୟକ୍ତିତ୍ୱ ଆଗରେ ବିରୋଧୀଙ୍କ କୌଣସି ରଣନୀତି କାମ ଦେଉନି। ଦୀର୍ଘ ବର୍ଷ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ବାସ୍ତବ ନୀତି ନାହିଁ

### ଜିଲା ପରିଷଦ ନିର୍ବାଚନ ଫଳାଫଳ (ରାତି ୧୨ଟା ସୁଦ୍ଧା)

| ଜିଲା | ମୋଟ ଜୋନ | ଗଣତି ଜୋନ | ବିଜେଡି ବିଜୟୀ/ଆଗୁଆ | ଭାଜପା ବିଜୟୀ/ଆଗୁଆ | କଂଗ୍ରେସ ବିଜୟୀ/ଆଗୁଆ | ଅନ୍ୟାନ୍ୟ ବିଜୟୀ/ଆଗୁଆ |
|---|---|---|---|---|---|---|
| ଅନୁଗୋଳ | ୨୮ | ୦୮ | ୦/୮ | ୦/୦ | ୦/୦ | ୦/୦ |
| ବାଲେଶ୍ୱର | ୪୫ | ୧୩ | ୦/୧୧ | ୧/୧ | ୦/୦ | ୦/୦ |
| ବରଗଡ଼ | ୩୪ | ୧୨ | ୨/୮ | ୦/୨ | ୦/୦ | ୦/୦ |
| ଭଦ୍ରକ | ୨୮ | ୦୭ | ୦/୭ | ୦/୦ | ୦/୦ | ୦/୦ |
| ବଲାଙ୍ଗୀର | ୩୪ | ୧୪ | ୧/୧୧ | ୦/୧ | ୦/୧ | ୦/୦ |
| ବୌଦ୍ଧ | ୦୯ | ୦୩ | ୦/୨ | ୦/୧ | ୦/୦ | ୦/୦ |
| କଟକ | ୪୬ | ୧୪ | ୦/୧୩ | ୦/୧ | ୦/୦ | ୦/୦ |
| ଦେବଗଡ଼ | ୦୭ | ୦୩ | ୦/୩ | ୦/୦ | ୦/୦ | ୦/୦ |
| ଢେଙ୍କାନାଳ | ୨୭ | ୦୮ | ୦/୭ | ୦/୧ | ୦/୦ | ୦/୦ |
| ଗଜପତି | ୧୪ | ୦୭ | ୦/୫ | ୦/୦ | ୦/୨ | ୦/୦ |
| ଗଞ୍ଜାମ | ୬୯ | ୨୨ | ୨/୨୦ | ୦/୦ | ୦/୦ | ୦/୦ |
| ଜଗତ୍‌ସିଂହପୁର | ୨୬ | ୦୮ | ୦/୮ | ୦/୦ | ୦/୦ | ୦/୦ |
| ଯାଜପୁର | ୩୯ | ୧୦ | ୨/୮ | ୦/୦ | ୦/୦ | ୦/୦ |
| ଝାରସୁଗୁଡ଼ା | ୦୯ | ୦୫ | ୦/୫ | ୦/୦ | ୦/୦ | ୦/୦ |
| କଳାହାଣ୍ଡି | ୩୬ | ୧୩ | ୦/୧୦ | ୦/୩ | ୦/୦ | ୦/୦ |
| କନ୍ଧମାଳ | ୧୮ | ୧୨ | ୦/୯ | ୦/୧ | ୦/୨ | ୦/୦ |
| କେନ୍ଦ୍ରାପଡ଼ା | ୩୨ | ୦୯ | ୧/୮ | ୦/୦ | ୦/୦ | ୦/୦ |
| କେନ୍ଦୁଝର | ୩୭ | ୧୩ | ୦/୧୨ | ୧/୦ | ୦/୦ | ୦/୦ |
| ଖୋର୍ଦ୍ଧା | ୩୦ | ୧୦ | ୦/୯ | ୦/୧ | ୦/୦ | ୦/୦ |
| କୋରାପୁଟ | ୨୯ | ୧୪ | ୧/୭ | ୦/୦ | ୧/୪ | ୧/୦ |
| ମାଲକାନଗିରି | ୧୫ | ୦୭ | ୦/୬ | ୦/୦ | ୧/୦ | ୦/୦ |
| ମୟୂରଭଞ୍ଜ | ୫୬ | ୨୬ | ୦/୨୪ | ୦/୦ | ୦/୦ | ୦/୨ |
| ନବରଙ୍ଗପୁର | ୨୬ | ୧୦ | ୦/୯ | ୦/୦ | ୦/୦ | ୦/୧ |
| ନୟାଗଡ଼ | ୨୪ | ୦୮ | ୦/୮ | ୦/୦ | ୦/୦ | ୦/୦ |
| ନୂଆପଡ଼ା | ୧୪ | ୦୫ | ୧/୪ | ୦/୦ | ୦/୦ | ୦/୦ |
| ପୁରୀ | ୩୩ | ୧୧ | ୦/୧୧ | ୦/୦ | ୦/୦ | ୦/୦ |
| ରାୟଗଡ଼ା | ୨୨ | ୧୧ | ୧/୬ | ୦/୦ | ୦/୪ | ୦/୦ |
| ସମ୍ବଲପୁର | ୧୮ | ୦୯ | ୧/୮ | ୦/୦ | ୦/୦ | ୦/୦ |
| ସୁବର୍ଣ୍ଣପୁର | ୧୩ | ୦୬ | ୦/୫ | ୦/୦ | ୦/୧ | ୦/୦ |
| ସୁନ୍ଦରଗଡ଼ | ୩୫ | ୧୭ | ୦/୧୬ | ୦/୦ | ୦/୦ | ୦/୧ |
| ମୋଟ | ୮୫୩ | ୩୧୫ | ୧୨/୨୬୮ | ୨/୧୨ | ୨/୧୪ | ୧/୪ |

# ଶେଷ ଯାଏ ଲଢ଼ିବି: ଜେଲେନ୍‌ସ୍କି

**କ୍ୱିଭ/ୱାଶିଂଟନ୍/ମସ୍କୋ, ୨୬।୨**

'ମୁଁ ନିଜ ଭୂମିରେ ଛିଡ଼ା ହୋଇଛି। ଦେଶ ଛାଡ଼ି କୁଆଡେ ଯିବିନି। ମୋତେ ଗୋଳାବାରୁଦ ଦରକାର। ପଳାୟନ ପାଇଁ ଗାଡ଼ି ନୁହେଁ। ଅନ୍ତିମ ସମୟ ପର୍ଯ୍ୟନ୍ତ ଏଇଠି ଲଢ଼ିବି'। ଯୁଦ୍ଧ ବିଭୀଷିକା ଭିତରେ କ୍ୱିଭ୍ ଏବେ ମୃତ୍ୟୁର ନଗରୀ ପାଲଟିଥିବାବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଏହି ମନ୍ତବ୍ୟ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଶତ୍ରୁ ଯେତେ ଶକ୍ତିଶାଳୀ ହେଉ ନା କାହିଁକି ଯୁଦ୍ଧ ଅସ୍ତ୍ରରେ ନୁହେଁ, ବରଂ ଦୃଢ଼ ମନୋବଳରେ ଲଢ଼ାଯାଏ ବୋଲି ବିଶ୍ୱକୁ ବାର୍ତ୍ତା ଦେଇ ସୁରକ୍ଷା ପାଇଁ ଆମେରିକା ଦେଇଥିବା ପ୍ରସ୍ତାବକୁ ସେ ପ୍ରତ୍ୟାଖାନ କରିଛନ୍ତି।

ଦିନେ ଟିଭି ପରଦାରେ କମେଡିଆନ ସାଜି ଲୋକଙ୍କ ମୁହଁରେ ହସ ଫୁଟାଉଥିବା ଯୁବନେତା ଜେଲେନ୍‌ସ୍କି ଏବେ ୟୁକ୍ରେନ୍‌ବାସୀଙ୍କ ସୁରକ୍ଷା ପାଇଁ ଯୁଦ୍ଧଭୂମିକୁ ଓହ୍ଲାଇଛନ୍ତି। ସେ ରୁଷିଆ ସୈନ୍ୟଙ୍କ ସହ ମୁହାଁମୁହିଁ ଲଢ଼ିବାକୁ ଅଣ୍ଟା ଭିଡ଼ି ବିଶ୍ୱ ନେତାଙ୍କ ଆଗରେ ବିରଳ ଦୃଷ୍ଟାନ୍ତ ସାଜିଛନ୍ତି। ଜେଲେନ୍‌ସ୍କିଙ୍କ ମିଲିଟାରୀ ୟୁନିଫର୍ମ ପିନ୍ଧା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଇହୁଦୀ ସମ୍ପ୍ରଦାୟର ଜେଲେନ୍‌ସ୍କି ପୂର୍ବରୁ ଜଣେ ଟିଭି ହାସ୍ୟକାର ଥିଲେ। ତାଙ୍କ ଜେଜେବାପା ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ରେଡ୍ ☞ପୃଷ୍ଠା-୪

## ହୃଦୟ ଜିତିଲେ ୟୁକ୍ରେନ୍ ରାଷ୍ଟ୍ରପତି



ସେନା ୟୁନିଫର୍ମରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି।

# ଜନବସତିରେ କ୍ଷେପଣାସ୍ତ୍ର ମାଡ଼



## ୩ ଶିଶୁଙ୍କ ସମେତ ୧୯୮ ମୃତ

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣର ତୃତୀୟ ଦିନରେ ଶନିବାର ଉଭୟ ପକ୍ଷ ମଧ୍ୟରେ ଭୟଙ୍କର ଲଢ଼େଇ ହୋଇଛି। ରାଜଧାନୀ କ୍ୱିଭ୍‌କୁ କବ୍‌ଜା କରିବାକୁ ମାଡ଼ି ଆସୁଥିବା ରୁଷିଆ ସୈନ୍ୟଙ୍କୁ ଅଟକାଇବାକୁ ୟୁକ୍ରେନ୍ ନିଜର ସମସ୍ତ ବଳ ଲଗାଇଛି। ରାସ୍ତା ଉପରେ ଉଭୟ ପଟୁ ଗୁଳିଗୋଳା, ବୋମା, ମିଶାଇଲ ମାଡ଼ କରାଯାଇଛି। ଏଥିରେ ବହୁ ସଂଖ୍ୟାରେ କୋଠାବାଡ଼ି, ଅନୁଷ୍ଠାନ ଧ୍ୱଂସ ହୋଇଯାଇଛି। ରୁଷିଆ ଆକ୍ରମଣରେ ୧୯୮ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିବା ୟୁକ୍ରେନ କହିଛି। ସେମାନଙ୍କ ମଧ୍ୟରେ ୩ ଶିଶୁ ରହିଛନ୍ତି। ୩୩ ଶିଶୁଙ୍କୁ ମିଶାଇ ପ୍ରାୟ ୧,୧୧୫ ୟୁକ୍ରେନ ନାଗରିକ ଗମ୍ଭୀର ଭାବେ ଆହତ ହୋଇଛନ୍ତି। ସେହିପରି ପ୍ରତିଆକ୍ରମଣରେ ☞ପୃଷ୍ଠା-୪




ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୭ ଫେବୃୟାରୀ, ୨୦୨୨



ରୁଷିଆ ଭଳି ବଡ଼ ଶକ୍ତି ଆଗରେ ୩ ଦିନ ହେଲା ନିଜର ସମସ୍ତ ସାମର୍ଥ୍ୟ ଲଗାଇ ଲଢ଼ୁଛି ୟୁକ୍ରେନ୍। ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ ପାଇଁ ରୁଷିଆ ସର୍ତ୍ତ ମାନିବାକୁ ପ୍ରସ୍ତୁତ ହୋଇନାହାନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି। ଜୀବନ ପ୍ରତି ବିପଦ ଥିଲେ ବି ରାଜଧାନୀ କ୍ୱିଭ୍‌ରେ ରହି ସୈନ୍ୟଙ୍କ ମନୋବଳ ବୃଦ୍ଧି ନିମନ୍ତେ ସେ ଚେଷ୍ଟା ଜାରି ରଖିଛନ୍ତି। ଦେଶ ଛାଡ଼ି ଚାଲି ଆସିବାକୁ ଆମେରିକା ଦେଇଥିବା ପ୍ରସ୍ତାବକୁ ମଧ୍ୟ ସେ ଗ୍ରହଣ ନ କରି ଉଦାହରଣ ସୃଷ୍ଟି କରିଛନ୍ତି। ସେପଟେ ରୁଷିଆ ବିରୋଧରେ କଟକଣା ଆହୁରି କଠୋର କରିବାକୁ ଆମେରିକା ଓ ପାଶ୍ଚାତ୍ୟ ଦେଶ ଲାଗିଥିବାବେଳେ ଜାତିସଂଘ ସୁରକ୍ଷା ପରିଷଦରେ ରୁଷିଆ ବିରୋଧୀ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇପାରିନାହିଁ।



ରୁଷିଆ ସୈନ୍ୟଙ୍କ ସେଲ୍ ମାଡ଼ରେ କ୍ୱିଭ୍‌ସ୍ଥିତ ଏକ ଆପାର୍ଟମେଣ୍ଟ ବିଲ୍ଡିଂ ଧ୍ୱଂସ ହୋଇଯାଇଛି।

## ତୃତୀୟ ଦିନରେ ଯୁଦ୍ଧ

➡ ୟୁକ୍ରେନ୍ ରାଜଧାନୀ କ୍ୱିଭ୍ ମୁହାଁ ରୁଷିଆ ସୈନ୍ୟ। ରାସ୍ତା ଉପରେ ଉଭୟ ପକ୍ଷର ସୈନ୍ୟ ମୁହାଁମୁହିଁ। ଜନବସତି ଅଞ୍ଚଳରେ ରୁଷିଆର କ୍ଷେପଣାସ୍ତ୍ର ମାଡ଼।

➡ ଉଚ୍ଚ ଆପାର୍ଟମେଣ୍ଟରେ ମିଶାଇଲ ମାଡ଼। ରାଜଧାନୀରେ କର୍ଫ୍ୟୁ ଘୋଷଣା କଲେ କ୍ୱିଭ୍ ମେୟର।

➡ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ଏକାଧିକ ଭିଡିଓ ବାର୍ତ୍ତା। କ୍ୱିଭ୍ ରାସ୍ତାରେ ଛିଡ଼ା ହୋଇ କହିଲେ 'ମୁଁ ଏଇଠି ଅଛି। ଆମେ ଦେଶ ଆମ ଲୋକଙ୍କୁ ସୁରକ୍ଷା ଯୋଗାଇବି'।

➡ ୟୁକ୍ରେନ୍ ସାମରିକ ଭିତ୍ତିଭୂମିରେ କ୍ରୁଜ୍ ମିଶାଇଲ ମାଡ଼ କରିଥିବା କହିଥିଲା ରୁଷିଆ। ଆକ୍ରମଣରେ ୧୯୮ ସାଧାରଣ ଲୋକ ନିହତ ହୋଇଥିବା ୟୁକ୍ରେନ୍ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା।

➡ ରୁଷିଆ ସୈନ୍ୟ କ୍ୱିଭ୍‌ଠାରୁ ୩୦ କି.ମି. ଦୂରରେ ଥିବା କହିଲେ ବ୍ରିଟେନ ପ୍ରତିରକ୍ଷା ମନ୍ତ୍ରୀ। କାର୍ଗୋ ଭର୍ତ୍ତି ନୌସେନା ଜାହାଜ ରୁଷିଆ ଅଭିମୁଖେ ପଠାଇଲା ଫ୍ରାନ୍ସ।

➡ ୟୁକ୍ରେନ୍‌କୁ ୩୫୦ ମିଲିୟନ ଡଲାରର ତ୍ୱରିତ ସାମରିକ ସହାୟତା ଦେବାକୁ ଏକ ପ୍ରସ୍ତାବରେ ଦସ୍ତଖତ କଲେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍। ବ୍ରିଟେନ ସମେତ ୨୪ ଦେଶ ଆର୍ଥିକ ଓ ଅସ୍ତ୍ରଶସ୍ତ୍ର ସହାୟତା ପାଇଁ ରାଜି।

➡ ସୀମା ଦେଇ ପ୍ରାୟ ୧ ଲକ୍ଷ ୟୁକ୍ରେନ ଶରଣାର୍ଥୀ ପୋଲାଣ୍ଡରେ ପହଞ୍ଚିଥିବା ପୋଲାଣ୍ଡ ଡେପୁଟି ଆଭ୍ୟନ୍ତରୀଣ ମନ୍ତ୍ରୀ ପାୱେଲ ଜେଫେରପେକରଙ୍କ ସୂଚନା।

➡ ଯୁଦ୍ଧ, ଆକ୍ରମଣ, ଅନୁପ୍ରବେଶ ଭଳି ଶବ୍ଦ ବ୍ୟବହାର ନ କରିବାକୁ ରୁଷିଆ ମିଡିଆକୁ କ୍ରେମଲିନ୍‌ର ଧମକ। ଏପରି କଲେ ଜେଲ ଓ ଜରିମାନା ନିର୍ଦ୍ଦେଶ ଦେଲେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ।

## ଅମିନ୍ ଅୱାଦ୍ ଜାତିସଂଘ କ୍ରାଇସିସ୍ କୋଅର୍ଡିନେଟର



ୟୁକ୍ରେନ ସଙ୍କଟ ମଧ୍ୟରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ସୁଦାନର ଅମିନ ଆୱାଦଙ୍କୁ ସହକାରୀ ମହାସଚିବ ଭାବେ ନିଯୁକ୍ତ କରିଛନ୍ତି। ଆୱାଦ ଜାତିସଂଘର କ୍ରାଇସିସ୍ କୋଅର୍ଡିନେଟର ବା ସଙ୍କଟ ସଂଯୋଜକ କାର୍ଯ୍ୟ କରିବେ। ସେ ପୂର୍ବରୁ ଜାତିସଂଘ ଶରଣାର୍ଥୀ ହାଇକମିଶନର ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ଶ୍ରୀଲଙ୍କାରେ ୟୁଏନ୍‌ଏଚ୍‌ସିଆର୍ ପ୍ରତିନିଧି, ଇରାକ ଅପରେଶନରେ ଆଞ୍ଚଳିକ ସଂଯୋଜକ ଭାବେ ମଧ୍ୟ କାମ କରିଛନ୍ତି।

# ଜାତିସଂଘରେ ପକ୍ଷ ନେଲାନି ଭାରତ

ୱାଶିଂଟନ୍/ନୂଆଦିଲ୍ଲୀ, ୨୬।୨

ଜାତିସଂଘର ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଶୁକ୍ରବାର ଆମେରିକା ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ରୁଷିଆ ବିରୋଧୀ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇପାରିନାହିଁ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ନିନ୍ଦା କରିବା ସହ ତୁରନ୍ତ ସେଠାରୁ ସୈନ୍ୟ ପ୍ରତ୍ୟାହାର ନିମନ୍ତେ ହୋଇଥିବା ଉକ୍ତ ଚିଠା ସପକ୍ଷରେ ଆମେରିକା ସମେତ ୧୧ ଦେଶ ଭୋଟ ଦେଇଥିଲେ। ଆମେରିକାର ଚାପ ସତ୍ତ୍ୱେ ଭାରତ ଭୋଟରୁ ବିରତ ରହିଥିଲା। ଚାଇନା ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ କାହା ସପକ୍ଷ କିମ୍ବା ବିପକ୍ଷରେ ଭୋଟ ଦେବାରୁ ଦୂରେଇ ରହିଥିଲେ। ହେଲେ ୧୧ ଦେଶ ଉକ୍ତ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ ହେଁ ୟୁଏନ୍‌ଏସ୍‌ସିର ସ୍ଥାୟୀ ସଦସ୍ୟ ଥିବା ରୁଷିଆ ନିଜର ଭିଟୋ ପାୱାର ପ୍ରୟୋଗ କରିଥିଲା। ଫଳରେ ଏହି ପ୍ରସ୍ତାବ ଗୃହୀତ ହୋଇପାରି ନ ଥିଲା।

ୟୁଏନ୍‌ଏସ୍‌ସିରେ ଭାରତର ପ୍ରତିନିଧି ଟି. ଏସ୍. ତିରୁମୂର୍ତ୍ତି କହିଥିଲେ, ୟୁକ୍ରେନ୍‌ର ସ୍ଥିତିକୁ ନେଇ ସେ ବିଚଳିତ। ସମସ୍ତ ପକ୍ଷ ଅନ୍ତର୍ଜାତୀୟ ନିୟମ ଏବଂ ଜାତିସଂଘ ଚାର୍ଟରକୁ ମାନିବା ଉଚିତ। ଭାରତ ସର୍ବଦା ଏହାର ସ୍ଥିର, ସନ୍ତୁଳିତ ସ୍ଥିତି ବଜାୟ ରଖିଆସିଛି। ଗଣତାନ୍ତ୍ରିକ ଏବଂ କୂଟନୈତିକ ଉପାୟରେ ଏହାର ସମାଧାନ ହେବା ଜରୁରୀ ବୋଲି ସେ କହିଥିଲେ। ଭୋଟ ଦେବାରୁ ବିରତ ରହିବା ପ୍ରସଙ୍ଗରେ ବିରୋଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଶିବସେନା ଏମ୍‌ପି ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ଯୁଦ୍ଧ ବିରୋଧରେ ଭୋଟ ଦେବାରୁ ଦୂରରେ ରହିବା ଯୋଗୁ ସମ୍ପର୍କ ବଢ଼ିବ ନାହିଁ, ବରଂ ଏହା ଆମର ନୀତି ଆଦର୍ଶକୁ ଦୁର୍ବଳ କରିଦେବ। ଯଦି ଆଗାମୀ ଦିନରେ ଚାଇନା ଆକ୍ରମଣ କରେ ତେବେ ତାହା ବିରୋଧରେ ଆମକୁ ମଧ୍ୟ ସହାୟତା ମିଳି ନ ପାରେ। ଚାଇନା ଯେଉଁ ପକ୍ଷରେ ଛିଡ଼ା ହୋଇଛି ସେହି ପକ୍ଷରେ ଆଜି ଆମେ ଛିଡା ହୋଇଛୁ ବୋଲି ସେ କହିଛନ୍ତି।

ଅପରପକ୍ଷେ ୟୁଏନ୍‌ଏସ୍‌ସିରେ ଭାରତ ରୁଷିଆ ବିରୋଧୀ ପ୍ରସ୍ତାବରେ ଭୋଟ ଦେବାରୁ ବିରତ ହେବା ପରେ ଶନିବାର ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଛନ୍ତି। ଏ ନେଇ ସେ ଏକ ଟୁଇଟ କରିଛନ୍ତି। ୟୁକ୍ରେନ୍‌ରେ ଧ୍ୱଂସଲୀଳା ଚଳାଇଥିବା ରୁଷିଆ ଏବେ ରାଜଧାନୀରେ ପହଞ୍ଚିଛି। ଲକ୍ଷାଧିକ ରୁଷୀୟ ସୈନ୍ୟ ୟୁକ୍ରେନ୍ କବ୍‌ଜା କରିବାକୁ ହିଂସାକାଣ୍ଡ ଚଳାଇଛନ୍ତି। ବହୁ ବାସଭବନ ନଷ୍ଟ କରିଛନ୍ତି। ଭାରତ ୟୁଏନ୍‌ଏସ୍‌ସିରେ ୟୁକ୍ରେନ୍‌କୁ ରାଜନୈତିକ ସମର୍ଥନ ପାଇଁ ସେ ନିବେଦନ କରିଥିବା ଟୁଇଟ୍‌ରେ ଲେଖିଛନ୍ତି।

### ମୋଦିଙ୍କ ସହ କଥା ହେଲେ ଜେଲେନ୍‌ସ୍କି



ଟି. ଏସ୍. ତିରୁମୂର୍ତ୍ତି

## ୟୁକ୍ରେନ୍‌ରୁ ଫେରିଲେ ୨୧୯ ଭାରତୀୟ

ମୁମ୍ବାଇ, ୨୬।୨



ୟୁକ୍ରେନ୍‌ରେ ଯୁଦ୍ଧ ଲାଗିବା ପରେ ସେଠାରେ ଅଟକି ରହିଥିବା ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ପ୍ରଥମ ପର୍ଯ୍ୟାୟରେ ଏୟାର ଇଣ୍ଡିଆର ଏଆଇସି-୧୯୪୪ ବିମାନରେ ୨୧୯ ଭାରତୀୟଙ୍କୁ ଫେରାଇ ଅଣାଯାଇଛି। ଯୁଦ୍ଧ ଯୋଗୁ ୟୁକ୍ରେନ୍ ବାୟୁସୀମା ବନ୍ଦ ରହିଥିବାରୁ ଭାରତୀୟମାନଙ୍କୁ ସେଠାରୁ ସଡ଼କ ପଥରେ ରୋମାନିଆ ରାଜଧାନୀ ବୁକାରେଷ୍ଟ ଅଣାଯିବା ପରେ ବିମାନ ଯୋଗେ ମୁମ୍ବାଇ ଅଣାଯାଇଥିଲା। ଶନିବାର ରାତି ୭ଟା ୫୦ରେ ଉକ୍ତ ବିମାନ ମୁମ୍ବାଇ ବିମାନ ବନ୍ଦରରେ ଅବତରଣ କରିବା ପରେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲ ବିମାନବନ୍ଦରରେ ଉପସ୍ଥିତ ରହି ଭାରତୀୟମାନଙ୍କୁ ସ୍ୱାଗତ କରିଥିଲେ। 'ଅପରେଶନ ଗଙ୍ଗା' ନାମରେ ଏହି ମିଶନ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ୟୁକ୍ରେନ୍‌ରୁ ଶେଷ ଭାରତୀୟଙ୍କୁ ଫେରାଇ ନ ନେବା ପର୍ଯ୍ୟନ୍ତ ଆମ ମିଶନ ସମ୍ପୂର୍ଣ୍ଣ ହେବ ନାହିଁ ବୋଲି ରୋମାନିଆରେ ଥିବା ଭାରତୀୟ ରାଷ୍ଟ୍ରଦୂତ ରାହୁଲ ଶ୍ରୀବାସ୍ତବ କହିଛନ୍ତି।

**'ଶେଷ ଭାରତୀୟ ଫେରିବା ଯାଏ ମିଶନ ଚାଲିବ'**

## ନିଜକୁ ଉଡ଼ାଇଦେଲେ ୟୁକ୍ରେନ୍ ସୈନ୍ୟ



କ୍ୱିଭ୍, ୨୬।୨

ରୁଷିଆର ଯୁଦ୍ଧ ଟ୍ୟାଙ୍କ୍‌ଗୁଡ଼ିକୁ ଅଟକାଇବାକୁ ଯାଇ ୟୁକ୍ରେନ୍‌ର ଜଣେ ସୈନ୍ୟ ଜୀବନ ଦେଇଛନ୍ତି। ରୁଷିଆ ଯୁଦ୍ଧ ଟ୍ୟାଙ୍କଗୁଡ଼ିକ ମାଡ଼ିଆସୁଥିବାବେଳେ ହେନିଚେସ୍କ ବ୍ରିଜ୍‌ରେ ମେରାଇନ୍ ବାଟାଲିୟନ ଇଞ୍ଜିନିୟର ଭିଟାଲି ସ୍କାକୁନ୍ ଭୋଲୋଡିମିରୋଭିଚ୍ ମୁତୟନ ଥିଲେ। ଟ୍ୟାଙ୍କ୍‌ଗୁଡ଼ିକୁ ଅଟକାଇବାକୁ ହେଲେ ବ୍ରିଜ୍‌କୁ ଉଡ଼ାଇବା ଏକମାତ୍ର ବାଟ ବୋଲି ୟୁକ୍ରେନ୍ ସେନା ନିଷ୍ପତ୍ତି ନେଇଥିଲା। ସେହି ଅନୁଯାୟୀ ବ୍ରିଜ୍‌କୁ ଉଡ଼ାଇବା ଲାଗି ଭୋଲୋଡିମିରୋଭିଚ୍ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଥିଲେ। ବ୍ରିଜ୍‌କୁ ଉଡ଼ାଇବା ପରେ ସେଠାରୁ ଫେରିବା ସମ୍ଭବ ନୁହେଁ ଜାଣି ମଧ୍ୟ ସେ ଦୁଃସାହସିକତା ପ୍ରଦର୍ଶନ କରିଥିଲେ।



ୟୁକ୍ରେନ ଭଏସ୍ ପାର୍ଟି ନେତା ତଥା ପାର୍ଲାମେଣ୍ଟ ସଦସ୍ୟ କିରା ରୁଡ଼ିକ ରୁଷିଆ ବିରୋଧରେ ଯୁଦ୍ଧ ପାଇଁ ଅସ୍ତ୍ର ଉଠାଇଛନ୍ତି।

## ଯୁଦ୍ଧ ଭୟରେ ୧.୨ ଲକ୍ଷଙ୍କ ଗଣପଳାୟନ

ୱାର୍ସ, ୨୬।୨

ରୁଷିଆ ଆକ୍ରମଣ କରିବା ପରେ ୟୁକ୍ରେନ୍‌ରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧,୨୦,୦୦୦ ଲୋକ ଦେଶ ଛାଡ଼ି ପଳାଇଗଲେଣି। ରୁଷିଆ ସୈନ୍ୟମାନେ ୟୁକ୍ରେନ୍ ରାଜଧାନୀ ଦଖଲ କରିବା ଲାଗି ଉଦ୍ୟମ ଚଳାଇଥିବାବେଳେ ଜନବସତି ଅଞ୍ଚଳ ଏବଂ ଉଚ୍ଚ ଅଟ୍ଟାଳିକାଗୁଡ଼ିକ ଉପରେ ଘନ ଘନ ବୋମାମାଡ଼ କରୁଛନ୍ତି। ଫଳରେ ଭୟଭୀତ ଲୋକେ ପିଲାଛୁଆ ଧରି ପଶ୍ଚିମ ପାର୍ଶ୍ୱରେ ଥିବା ପଡୋଶୀ ରାଷ୍ଟ୍ରଗୁଡ଼ିକୁ ପଳାଇଯାଉଛନ୍ତି। ଶନିବାର ସୁଦ୍ଧା ୧,୧୬,୦୦୦ ଲୋକ ଅନ୍ତର୍ଜାତୀୟ ସୀମା ଅତିକ୍ରମ କରିଥିବା ଜାତିସଂଘ ଶରଣାର୍ଥୀ ଉଚ୍ଚାୟୁକ୍ତଙ୍କ ମୁଖପାତ୍ର କହିଛନ୍ତି। ସ୍ଥିତି ଅଧିକ ଖରାପ ହେଲେ ୪୦ ଲକ୍ଷ ୟୁକ୍ରେନୀୟ ଦେଶ ଛାଡ଼ିପାରନ୍ତି। ଅଧିକାଂଶ ୟୁକ୍ରେନୀୟ ପଡୋଶୀ ପୋଲାଣ୍ଡ, ମାଲଡୋଭା, ହଙ୍ଗେରି, ରୋମାନିଆ ଏବଂ ସ୍ଲୋଭାକିଆ ଯାଉଥିବାବେଳେ କେତେକ ବେଲାରୁଷ୍ ପଳାଇଯାଉଥିବା ଦେଖାଯାଇଛି।

ବହୁ ସଂଖ୍ୟାରେ ୟୁକ୍ରେନ୍ ନାଗରିକ ସୀମା ଅତିକ୍ରମ କରି ପଡୋଶୀ ରୋମାନିଆକୁ ଚାଲିଯିବା ଲାଗି ଲମ୍ବା ଧାଡ଼ିରେ ରହିଥିବା ସାଟେଲାଇଟ୍ ଫଟୋରୁ ଦେଖିବାକୁ ମିଳିଛି। ବହୁସଂଖ୍ୟାରେ କାର୍ ଓ ଟ୍ରକ୍ ସିରେଟ୍ ସୀମାନ୍ତ ଚେକ୍‌ପଏଣ୍ଟ ଆଡ଼କୁ ଯାଉଥିବାରୁ ୬.୫ କିଲୋମିଟର ବ୍ୟାପୀ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଛି।



ରୋମାନିଆ ସୀମାରେ ପହଞ୍ଚିଥିବା ଜଣେ ୟୁକ୍ରେନ୍ ମହିଳା ଶିଶୁଙ୍କୁ କୋଳରେ ଧରିଛନ୍ତି।

## ରୁଷିଆ ମିଡିଆ ଉପରେ ଫେସ୍‌ବୁକର କଟକଣା

**ୱାଶିଂଟନ:** ରୁଷିଆ ଷ୍ଟେଟ୍ ମିଡିଆ ଉପରେ ଫେସବୁକର ପ୍ୟାରେଣ୍ଟ କମ୍ପାନୀ ମେଟା ଶୁକ୍ରବାର କଟକଣା ଲଗାଇଛି। ମିଡିଆ ଜିଆଣ୍ଟ ସିକ୍ୟୁରିଟି ପଲିସି ହେଡ୍ ନାଥାନିଏଲ ଗ୍ଲେଇଚର ଏହି ସୂଚନା ଦେଇଛନ୍ତି। ଏହା ସହ ରୁଷିଆ ମିଡିଆ ଉପରେ ସ୍ୱତନ୍ତ୍ର ପ୍ରକାର ଲେବଲ୍ ଲଗାଯିବାକୁ ଫେସ୍‌ବୁକ୍ ଯୋଜନା କରୁଥିବା କୁହାଯାଇଛି। ୟୁକ୍ରେନ ରାଜଧାନୀ କ୍ୱିଭ୍‌ରେ ଭିତରକୁ ରୁଷିଆ ସେନା ପ୍ରବେଶ କରିଚାଲିଛନ୍ତି। ଯୁଦ୍ଧ ଲାଗି ଅର୍ଥ ଲୋଡ଼ା ଥିବା ଏକ ବିଜ୍ଞାପନ ଭିଡିଓ ରୁଷିଆ ପକ୍ଷରୁ ଫେସ୍‌ବୁକ୍‌ରେ ପୋଷ୍ଟ ହୋଇଥିଲା, ଯାହାପରେ ମେଟା କର୍ତ୍ତୃପକ୍ଷ ଏହି କଟକଣା ଲଗାଇଛନ୍ତି।

# ୟୁକ୍ରେନ୍‌ର ଆସ୍ଥା 'ସେଣ୍ଟ ଜାଭେଲିନ୍'

**କ୍ୱିଭ୍, ୨୬।୨:** ରୁଷିଆ ୟୁକ୍ରେନ ଯୁଦ୍ଧକୁ ବିତିଯାଇଛି ତିନିଦିନ। ସାରା ବିଶ୍ୱବାସୀଙ୍କ ନଜର ଏହି ଯୁଦ୍ଧ ଉପରେ ରହିଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ୟୁକ୍ରେନରେ ଏକ ଛବି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଛବି ହେଉଛି ଜଣେ ସନ୍ଥଙ୍କର ଯେ, ଏକ ଜାଭେଲିନ୍ ଧରି ଛିଡ଼ା ହୋଇଥିବାର ଦେଖାଯାଉଛି। ଜାଭେଲିନ ହେଉଛି ଏକ ଆଣ୍ଟି ଟ୍ୟାଙ୍କ୍ ମିଶାଇଲ୍ ଲଞ୍ଚର। ଖାଲି ୟୁକ୍ରେନରେ ନୁହେଁ ସୋସିଆଲ ମିଡିଆରେ ମଧ୍ୟ ସେଣ୍ଟ ଜାଭେଲିନ୍‌ଙ୍କ ଫଟୋ ଖୁବ୍ ଭାଇରାଲ ହେବାରେ ଲାଗିଛି। ତେବେ ଏହି ଛବି ପଛରେ ଲୁଚି ରହିଛି ୟୁକ୍ରେନବାସୀଙ୍କ ବିଶ୍ୱାସ। କାରଣ ବର୍ତ୍ତମାନ ସମୟରେ ୟୁକ୍ରେନବାସୀଙ୍କ ଜୀବନ ପ୍ରତି ଘୋର ବିପଦ ଘନେଇ ଆସୁଥିବାବେଳେ ଆଗାମୀ ଦିନରେ ସେମାନେ ଅନେକ ସଙ୍କଟ ଦେଇ ଗତି କରିବା ଆଶଙ୍କା କରାଯାଉଛି।



ଏଭଳି ସଙ୍କଟାପନ୍ନ ସ୍ଥିତିରେ ମୁକାବିଲା କରିବା ପାଇଁ 'ସେଣ୍ଟ ଜାଭେଲିନ' ନାମରେ ଏକ ୱେବ୍‌ସାଇଟ୍ ଲଞ୍ଚ କରାଯାଇଛି, ଯାହା ଜରିଆରେ ୟୁକ୍ରେନ ସଙ୍କଟର ମୁକାବିଲା ପାଇଁ ଅର୍ଥ ଏକତ୍ର କରାଯିବା ସାଙ୍ଗକୁ ଏହା ଜରିଆରେ ପୋଷାକ ଏବଂ ସେଣ୍ଟ ଜାଭେଲିନଙ୍କ ଷ୍ଟିକର ବିକ୍ରି କରାଯାଉଛି। କାନାଡିଆନ ଚାରିଟେବୁଲ ଅର୍ଗାନାଇଜେସନ୍ ଜରିଆରେ ସେଣ୍ଟ ଜାଭେଲିନ୍ ପରିଚାଳିତ ହେଉଛି। ତେବେ ଏହି ସେଣ୍ଟ ଜାଭେଲିନ୍ ୟୁକ୍ରେନବାସୀଙ୍କ ଏକ ପଥକାର ଆସ୍ଥା ପାଲଟିଯାଇଛି। ୯୮୦ରେ ଆମେରିକା ଜାଭେଲିନ ମିଶାଇଲ ଲଞ୍ଚରକୁ ତିଆରି କରିଥିଲା। ଏହାର ଓଜନ ୫୦ ପାଉଣ୍ଡ ହୋଇଥିବାବେଳେ ଲକ୍ଷ୍ୟଭେଦ ପାଇଁ ଏହାକୁ କୌଣସି ମାଇଲ ଲଞ୍ଚର ଆବଶ୍ୟକତା ପଡ଼ି ନ ଥାଏ। ବାୟୁମଣ୍ଡଳରେ ୪୯୦ ଫୁଟ ଦୂର ପର୍ଯ୍ୟନ୍ତ ନିଜ ଲକ୍ଷ୍ୟ ଭେଦ କରିବାର କ୍ଷମତା ଏହି ମିଶାଇଲ ପାଖରେ ରହିଛି। ଅନ୍ୟପଟେ ୟୁକ୍ରେନ ସେନା ଯୁଦ୍ଧରେ ବହୁମାତ୍ରାରେ ଜାଭେଲିନ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ୟୁକ୍ରେନ ପାଖରେ ଏହି ମିଶାଇଲ ଉପଲବ୍ଧ ନ ଥିବାବେଳେ ପ୍ରତିରକ୍ଷା କ୍ଷେତ୍ରକୁ ଶକ୍ତିଶାଳୀ କରିବା ପାଇଁ ସେ ୨୦୧୮ରେ ଏହି ମିଶାଇଲ ଆମେରିକାଠାରୁ କିଣିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୩,୪୦,୪୭,୧୫୨ | ୫୯,୫୯,୯୨୩ | ୩୬,୩୯,୬୮,୦୩୮ |
| ଭାରତ | ୪,୨୯,୦୫,୮୪୪ | ୫,୧୩,୫୧୨ | ୪,୨୨,୭୦,୪୮୨ |
| ଓଡ଼ିଶା | ୧୨,୮୪,୬୧୬ | ୯୦୫୬(+୫୩) | ୧୨,୭୨,୯୨୨ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବ୍ୟବସାୟରେ ନୂତନତ୍ୱ ଆଣେ ଆଗ୍ରହ

**ଗୁପ୍ତା ପାୱାର ଅପ୍ଟିକାଲ୍ ଫାଇବର କେବୁଲ ଏବଂ ଏଲ୍ଇଡି/ ସୋଲାର୍ ଲାଇଟ୍ସ, ଏଚ୍‌ଟିଏଲ୍ଏସ୍ କଣ୍ଡକ୍ଟର୍ସ, ରେଲ୍‌ୱେ ସିଗ୍ନାଲିଂ କେବଲ୍ସ, କ୍ୟାଟେନାରି ୱାୟର୍ସର ନିର୍ମାଣରେ ସ୍ୱତନ୍ତ୍ରତା ଆଣିଛି। କେନ୍ଦ୍ର ସରକାର ଡିଜିଟାଲ୍ ଇଣ୍ଡିଆ ଉପରେ ଗୁରୁତ୍ୱ ଦେଉଥିବାରୁ ଦେଶରେ ଆଇଟି/ଆଇଟିସି/ଓଏଫ୍‌ସି ପ୍ରକଳ୍ପଗୁଡ଼ିକ ଆରମ୍ଭ ହେଉଛି। ଏଥିପାଇଁ କାନାଡାର ଆଇବିଆଇ ଗ୍ରୁପ୍ ସହିତ ଗୁପ୍ତା ପାୱାର ହାତ ମିଳାଇଥିବା କହିଛନ୍ତି ଏହି ପ୍ରତିଷ୍ଠାନର ପରିଚାଳନା ନିର୍ଦ୍ଦେଶକ ମହେନ୍ଦ୍ର କୁମାର ଗୁପ୍ତା।**




**ମହେନ୍ଦ୍ର କୁମାର ଗୁପ୍ତା, ଏମ୍‌ଡି, ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ**

**➪ ବ୍ୟବସାୟ ପ୍ରତି କିପରି ଆଗ୍ରହୀ ହେଲେ ?**

ଏକ ବ୍ୟବସାୟୀ ପରିବାରରେ ମୋର ଜନ୍ମ। ପିତା ସ୍ୱର୍ଗତ ଜଗଦୀଶ ରାୟଜୀ ଗୁପ୍ତା ମୋତେ ଏଦିଗରେ ପ୍ରେରଣା ଯୋଗାଇଥିଲେ। ମୁଁ ତାଙ୍କ ପଥ ଅନୁସରଣ କରି ବ୍ୟବସାୟ ପ୍ରତି ଆଗ୍ରହୀ ହୋଇଥିଲି। ପାଠ ପଢ଼ା ଶେଷ ପରେ ପରିବାରର ହ୍ୱିଟ୍ ପ୍ରୋସେସିଂ ବ୍ୟବସାୟ ସମ୍ଭାଳୁଥିଲି। ୧୯୭୪ରେ ମୁଁ ଗୁପ୍ତା କେବୁଲ୍ସ ପ୍ରାଇଭେଟ୍ ଲିମିଟେଡ୍ (ବର୍ତ୍ତମାନ ଗୁପ୍ତା ପାୱାର୍ ଇନ୍‌ଫ୍ରାଷ୍ଟ୍ରକ୍ଚର ନାମରେ ପରିଚିତ)ର ଦାୟିତ୍ୱ ଗ୍ରହଣ କଲି।

**➪ ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ଆପଣଙ୍କୁ କି ପ୍ରକାର ସୁଯୋଗ ମିଳିଥିଲା?**

ମୁଁ କେବୁଲ୍ ବ୍ୟବସାୟରେ ଯୋଡ଼ିହେବା ସମୟରେ ଏହି ୟୁନିଟ୍ ଘରେ ବ୍ୟବହୃତ ତାର ଉତ୍ପାଦନ କରୁଥିଲା। ରାଜ୍ୟରେ ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ସୁଧାର ଆଣିବା ପାଇଁ ଅଧିକ ପୁଞ୍ଜିନିବେଶ କରାଯାଉଥିଲା। ତେଣୁ ମୋତେ 'କଣ୍ଡକ୍ଟର' ନିର୍ମାଣର ସୁଯୋଗ ମିଳିଥିଲା। ସେଇଠୁ ପଛକୁ ଫେରି ଚାହିଁ ନ ଥିଲି। ଆମେ ସର୍ବଦା ଉତ୍ପାଦଗୁଡ଼ିକରେ ସୁଧାର ଆଣିବାକୁ ଚେଷ୍ଟା କରୁଛୁ।

**➪ କେଉଁ ଘଟଣାକୁ ଆପଣ ବଡ଼ ସଫଳତା ଭାବରେ ବିବେଚନା କରନ୍ତି ?**

ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ପକ୍ଷରୁ କ୍ରମାଗତ ତିନିବର୍ଷ 'ଶ୍ରେଷ୍ଠ ଉଦ୍ୟୋଗୀ' ସମ୍ମାନରେ ସମ୍ମାନିତ ହେବା, ମୋର ଅନ୍ୟତମ ବଡ଼ ସଫଳତା। ଏହାଛଡ଼ା ମୋତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ବିଜ୍‌ନେସ୍ ଲିଡରଶିପ୍ ଆୱାର୍ଡ' ମଧ୍ୟ ପ୍ରଦାନ କରିଛନ୍ତି। କିଛିଦିନ ତଳେ ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିଃ ପକ୍ଷରୁ ଗୁପ୍ତା ପାୱାରକୁ 'ବେଷ୍ଟ ସପ୍ଲାୟର ଅଫ୍ ଏସ୍‌ସିଏସ୍ଆର୍ କଣ୍ଡକ୍ଟର' ମାନ୍ୟତା ଦିଆଯାଇଛି। ଆମଦାନୀ ଓ ରପ୍ତାନି କ୍ଷେତ୍ରରେ ଶ୍ରେଷ୍ଠ କମ୍ପାନୀ ଭାବରେ ରାଜ୍ୟ ସରକାରଙ୍କଠାରୁ ଆୱାର୍ଡ ମିଳିଛି। ଏସବୁକୁ ଜୀବନର ବଡ଼ ସଫଳତା ବିବେଚନା କରେ।

**➪ ଜୀବନରେ ଚ୍ୟାଲେଞ୍ଜକୁ କିପରି ସାମ୍ନା କରିଥିଲେ ?**

ବ୍ୟବସାୟରେ ପ୍ରତିଯୋଗିତା ହିଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ନିଜ ଉତ୍ପାଦର ଗୁଣବତ୍ତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଉଥିବାରୁ ସବୁ ଆହ୍ୱାନକୁ ସହଜରେ ଅତିକ୍ରମ କରିପାରିଛି। ସମୟ ସହିତ ତାଳଦେଇ ମୁଁ ଏବଂ ମୋ ଟିମ୍ ଧାତୁ ନିରୀକ୍ଷଣ ପାଇଁ ଅତ୍ୟାଧୁନିକ ମାଇକ୍ରୋପ୍ରୋସେସର–ଆଧାରିତ ଉପକରଣ, ନିରୀକ୍ଷଣ ସ୍ଥାନ ଏବଂ କମ୍ପ୍ୟୁଟରୀକୃତ ସ୍ପେକ୍ଟ୍ରୋମିଟର ଅପ୍‌ଗ୍ରେଡ୍ କରିଛୁ।

**➪ କେଉଁ କାର୍ଯ୍ୟକୁ ସବୁଠୁ ଅଧିକ ପସନ୍ଦ କରନ୍ତି?**

ମୁଁ ସର୍ବଦା ଗୁଣବତ୍ତାର ଉଚ୍ଚତମ ମାନକ ସ୍ଥାପନ ସହ ଆଗକୁ ବଢ଼ିବାକୁ ପ୍ରୟାସ କରେ। ନୂଆ ନୂଆ ଆହ୍ୱାନ ଦେଇ ସେଗୁଡିକୁ ଅତିକ୍ରମ କରେ। କାର୍ଯ୍ୟ ପ୍ରତି ଆଗ୍ରହ ନିଜ ବ୍ୟବସାୟରେ ନୂତନତ୍ୱ ଆଣିବାକୁ ଖୋରାକ ଯୋଗାଏ।

**➪ ଆପଣଙ୍କ ପ୍ରମୁଖ ସପ୍ଲାୟର୍ସ ଓ ସହଯୋଗୀଙ୍କ ସହିତ ସମ୍ପର୍କ କିଭଳି ବଜାୟ ରଖନ୍ତି?**

ବ୍ୟବସାୟିକ ବ୍ୟବସ୍ଥାର ସମସ୍ତ କ୍ଷେତ୍ର ସହିତ ସପ୍ଲାୟର୍ସ ଜଡ଼ିତ। ତେଣୁ ସପ୍ଲାୟର୍ସ ଏବଂ ଗ୍ରାହକଙ୍କ ପ୍ରତି ଆମର କର୍ତ୍ତବ୍ୟ ଉପରେ ଆମେ ସର୍ବଦା ସଜାଗ ରହିବା ଆବଶ୍ୟକ। ଏଥିସହିତ ସପ୍ଲାୟର୍ସଙ୍କ ସହ ଉତ୍ତମ ସମ୍ପର୍କ ଏବଂ ବୁଝାମଣା ରଖିବା ଦ୍ୱାରା ବ୍ୟବସାୟରେ ଲାଭ ହୋଇଥାଏ। ଉତ୍ପାଦର ମୂଲ୍ୟ, ଉତ୍ପାଦର ଗୁଣବତ୍ତା, ପେମେଣ୍ଟ ସର୍ତ୍ତ ଏବଂ ଚୁକ୍ତିନାମାର ଅବଧି ଉପରେ ବ୍ୟବସାୟୀ–ସପ୍ଲାୟର୍ସ ସମ୍ପର୍କ ନିର୍ଭର କରେ। ଆମେ ୱେଲ୍–ଡକ୍ୟୁମେଣ୍ଟେଡ୍ ଚୁକ୍ତିନାମା ଭିତ୍ତିକ ସପ୍ଲାୟର୍ସଙ୍କ ସହିତ କାର୍ଯ୍ୟ କରୁ। ଫଳସ୍ୱରୂପ ଉଭୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଏବଂ ଉତ୍ତମ ବୁଝାମଣା ରହିଥାଏ।

**➪ ଆପଣ ନିଜ ନେତୃତ୍ୱ ଶୈଳୀକୁ କିପରି ବର୍ଣ୍ଣନା କରିବେ?**

ମୁଁ ସଚ୍ଚୋଟତା ସହିତ କାର୍ଯ୍ୟ କରେ ଏବଂ ସର୍ବଦା ସତ୍ୟନିଷ୍ଠ, ବିଶ୍ୱାସ ତଥା ପାରଦର୍ଶିତା ପ୍ରତି ଦୃଢ଼ପରିକର। ଠିକ୍ ଭାବେ ନିଜର କାର୍ଯ୍ୟ କଲେ ବିଶ୍ୱାସ ଭାବ ବଢ଼େ ବୋଲି ମୁଁ ସବୁବେଳେ ନିଜ ଟିମ୍‌କୁ କୁହେ। ଗ୍ରାହକ ଓ ସହକର୍ମୀଙ୍କ ପ୍ରତି ସଚ୍ଚୋଟ ତଥା ସମ୍ମାନ ଭାବ ପ୍ରଦର୍ଶନ ଦ୍ୱାରା ବ୍ୟବସାୟର ଉତ୍ତରୋତ୍ତର ଉନ୍ନତି ଘଟେ। ଏହା ହିଁ ଜିପିଆଇଏଲ୍‌କୁ ୫ ଦଶନ୍ଧି ହେଲା ଆଗକୁ ବଢ଼ାଇଛି।

**➪ କୋଭିଡ୍ ମହାମାରୀ ଆପଣଙ୍କ ବ୍ୟବସାୟିକ ଯୋଜନାକୁ କେତେ ପ୍ରଭାବିତ କରିଛି?**

ମହାମାରୀ ଉଦ୍ୟୋଗୀମାନଙ୍କ ଯୋଜନାଗୁଡ଼ିକୁ ଧୂଳିସାତ୍ କରିଦେଇଛି। କିନ୍ତୁ ଏହି ଅସୁବିଧା ହିଁ କିଛି କ୍ଷେତ୍ର ପାଇଁ ସୁଯୋଗ ସୃଷ୍ଟି କରିଛି। ପରିଣାମସ୍ୱରୂପ ଟେଲିକମ୍ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଭିବୃଦ୍ଧି ଆସିଛି। ଅର୍ଥ ବ୍ୟବସ୍ଥାରେ ଅନେକ କ୍ଷତି ହେବା ସତ୍ତ୍ୱେ ଏହି ଦୁଇ ସେକ୍ଟର ଚାଲିଛି। ତେଣୁ ଏହି ସମୟରେ ଏଭଳି ଉଦ୍ୟୋଗ ସହିତ ଯୋଡ଼ିହେବାକୁ ମୁଁ ଯୋଜନା କରିଥିଲି ଏବଂ ଅପ୍ଟିକାଲ୍ ଫାଇବର୍ସ କେବୁଲ୍ସ ନିର୍ମାଣ ଆରମ୍ଭ କରିଥିଲି।

**ପଞ୍ଚାୟତ ନିର୍ବାଚନ ଫଳାଫଳରେ ବିଜେଡି ଆଗୁଆ।**



# ପଞ୍ଚଭୂତରେ ଲୀନ ହେମାନନ୍ଦଙ୍କ ପାର୍ଥିବ ଶରୀର

**ଝାରସୁଗୁଡ଼ା ଅଫିସ,୨୬।୨**


ଠାକୁରପଡ଼ା ଗ୍ରାମରେ ପାର୍ଥିବ ଶରୀରକୁ ଗାର୍ଡ ଅଫ୍ ଅନର ଦିଆଯାଉଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଥିଲା। ଶନିବାର ଝାରସୁଗୁଡ଼ା ସହରରେ ଏକ ମହାପ୍ରୟାଣ ଆମ୍ବୁଲାନ୍ସରେ ତାଙ୍କ ମରଶରୀର ପହଞ୍ଚିବା ପରେ ବିଭିନ୍ନ ଛକରେ ଜନସାଧାରଣ ଶେଷଦର୍ଶନ କରି ହେମାନନ୍ଦ ବିଶ୍ୱାଳ ଅମର ରହେ ଧ୍ୱନି ଦେଇଥିଲେ। ଅପରାହ୍ନରେ ତାଙ୍କ ପାର୍ଥିବ ଶରୀର ଜନ୍ମଭୂମି ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ୍ ଠାକୁରପଡ଼ା ଗ୍ରାମରେ ପହଞ୍ଚିବା ପରେ ବହୁ ନେତା, ପ୍ରଶାସନିକ ଅଧିକାରୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେଠାରେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତରଫରୁ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ପୂର୍ବତନ ବିଧାୟକ ବୀରେନ ପାଣ୍ଡେ, ଏଆଇସିସି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଡ. ଚେଲାକୁମାର, ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ବଣେଇ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, କଂଗ୍ରେସ ନେତା ମହେନ୍ଦ୍ର ନାୟକ, ଜିଲା କଂଗ୍ରେସ କମିଟି ସଭାପତି ଭରତ ଅଗସ୍ତି, ସାଧାରଣ ସମ୍ପାଦକ ମନୀଷ ବାଜପେୟୀ, ଟାଉନ ସଭାପତି ସଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ମରଶରୀରକୁ ଗ୍ରାମ ପରିକ୍ରମା ପରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

**East Point Public School**
841, Cuttack Puri Road, Rasulgarh,
Infront of Esplanade1, Bhubaneswar - 751010
**ADMISSION OPEN**
PLAY GROUP TO St. VII, CBSE CURICULUM
Mobile: 9439920321, 9437268949
E-mail: eastpointps53@gmail.com
www.eastpointpublicschool.org
Need Trained Teachers


ଅନ୍ତର୍ଜାତୀୟ ହକି ମହାସଂଘର ସଭାପତି ନରିନ୍ଦର ବାତ୍ରା ଶନିବାର ଜୁନିୟର ପୁରୁଷ ହକି ବିଶ୍ୱକପ୍ ଟ୍ରଫିର ଏକ ପ୍ରତିକୃତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କୁ ପ୍ରଦାନ କରୁଛନ୍ତି। ଓଡ଼ିଶାରେ ହକି ଖେଳର ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ଲକ୍ଷ୍ୟକୁ ପୂରଣ କରିବାରେ ପାଣ୍ଡିଆନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ, ଯାହାକି ଭାରତୀୟ ହକି ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବାରେ ସଫଳ ହୋଇଥିଲା।

# ଯବାନଙ୍କୁ ହତ୍ୟା କଲେ ମାଓବାଦୀ

**ମାଲକାନଗିରି,୨୬।୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀମାନେ ପୁଣି ହିଂସା ଘଟାଇଛନ୍ତି। ଛତିଶଗଡ଼ର ବିଜାପୁର ଜିଲା ସି.ଏ.ଏଫ୍.–୨୨ ବାଟାଲିୟନର ଯବାନ ଅର୍ଜୁନ କୁଡିଆମିଙ୍କୁ ହତ୍ୟା କରିଛନ୍ତି। ଗତ କିଛି ଦିନ ହେବ ସେ ଅସୁସ୍ଥ ଥାଇ ନିଜ ଗ୍ରାମ ଧନେରାରେ ରହୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଘରୁ ସେ କରବା ଗ୍ରାମକୁ ଚିକିତ୍ସା ପାଇଁ ଯାଉଥିବା ବେଳେ କେତେଜଣ ମାଓବାଦୀ ତାଙ୍କୁ ଅପହରଣ କରି ପରେ ହତ୍ୟା କରିଥିଲେ। ଗାଙ୍ଗୁଲୁର ଏରିଆ କମିଟି ପକ୍ଷରୁ ଘଟଣାସ୍ଥଳରେ ଏକ ଚିଠି ଛଡାଯାଇଛି। ଅର୍ଜୁନ ମାଓବାଦୀ ସଙ୍ଗଠନକୁ କ୍ଷତି ପହଞ୍ଚାଇବା ସହ ଆଦିବାସୀଙ୍କୁ ଧମକ ଚମକ ଦେଇ ଲୁଟ୍ କରୁଥିବାରୁ ତାଙ୍କୁ ହତ୍ୟା କରାଗଲା ବୋଲି ଚିଠିରେ ଉଲ୍ଲେଖ ରହିଛି। ତେବେ ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା ବିଜାପୁର ଏସ୍‌ପି କମଳଲୋଚନ କଶ୍ୟପ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ପୋଷ୍ଟମାଷ୍ଟରଙ୍କ ମୃତ୍ୟୁ

**ପାରଳାଖେମୁଣ୍ଡି,୨୬।୨(ଡି.ଏନ୍.ଏ.)**

ଗୋଷାଣୀ ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ମାଛମରା–ତୋଟାଗୁମୁଡା ଗ୍ରାମର ମୁଖ୍ୟ ରାସ୍ତାରେ ସଡ଼କ ଦୁର୍ଘଟଣାରେ ଜଣେ ପୋଷ୍ଟମାଷ୍ଟରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବି. ରାଙ୍ଗାରାଓ (୫୮)। ବି. ରାଙ୍ଗାରାଓ ତାଟିପେଟି ଗ୍ରାମରେ ଥିବା ପୋଷ୍ଟ ଅଫିସରେ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟ କରୁଥିଲେ। ସେ ଦୈନନ୍ଦିନ ଭଳି ନିଜ କାର୍ଯ୍ୟାଳୟ ଦାୟିତ୍ୱ ସାରି ଶୁକ୍ରବାର ସନ୍ଧ୍ୟାରେ ପାରଳାଖେମୁଣ୍ଡି ସହରରେ ଥିବା ତାଙ୍କ ବାସଭବନକୁ ସ୍କୁଟି ଯୋଗେ ଫେରୁଥିବା ବେଳେ ମୋହନାରୁ ପାରଳାଖେମୁଣ୍ଡିକୁ ଯାତାୟାତ କରୁଥିବା ଏକ ଘରୋଇ ବସ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ରାଙ୍ଗାରାଓଙ୍କ ମୃତ୍ୟୁ ଘଟିଥିଲା। ଗୁରାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଇଛି।

# ମୃତ ଖବରଦାତା ରୋହିତ ବିଶ୍ୱାଳଙ୍କ ପରିବାରକୁ ୪ ଲକ୍ଷ ସହାୟତା

**ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟଣା**

**ଭବାନୀପାଟଣା,୨୬।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ନିହତ ହୋଇଥିବା ଧରିତ୍ରୀ ଖବରଦାତା ରୋହିତ ବିଶ୍ୱାଳଙ୍କ ପରିବାରକୁ ପୋଲିସ ବିଭାଗ ପକ୍ଷରୁ ଶନିବାର ୪ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏସ୍‌ପି ଡା.ଶ୍ରବଣା ବିବେକ ଏମ ଜିଲାର ମୋହନଗିରି ଯାଇ ମୃତ ଖବରଦାତାଙ୍କ ସ୍ତ୍ରୀ ମାଧବୀ ବିଶ୍ୱାଳଙ୍କୁ ଏହି ଚେକ୍ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ, ମ.ରାମପୁର ଥାନା ଅନ୍ତର୍ଗତ ଦୁଲେନ ଛକ ନିକଟରେ ଗତ ୫ ତାରିଖ ଶନିବାର ଦିନ ଖବର ସଂଗ୍ରହ କରିବାକୁ ଯାଇ ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ରୋହିତଙ୍କ ପରଲୋକ ହୋଇଥିଲା ।


ଏସ୍‌ପି ମୃତ ଖବରଦାତାଙ୍କ ସ୍ତ୍ରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

# ଗୋଷ୍ଠୀ ସଂଘର୍ଷରେ ୫ ଆହତ

**ଆସିକା,୨୬।୨(ଡି.ଏନ୍.ଏ.)**

ଆସିକା ଥାନା ସିଦ୍ଧନଈ ପଞ୍ଚାୟତର ମହାରାଜପୁର ଗ୍ରାମରେ ଶନିବାର ରାତି ପ୍ରାୟ ୯.୩୦ରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷରେ ଉଭୟ ଗୋଷ୍ଠୀର ୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀର ବଳରାମ ବେହେରା ଓ ତାଙ୍କ ମା' ସୁନ୍ଦରୀ ବେହେରା ଆହତ ହୋଇ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ବଳରାମଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଅପରଗୋଷ୍ଠୀର ସଞ୍ଜୟ ପାତ୍ର ଓ ସୀମାଞ୍ଚଳ ପାତ୍ର ଆହତ ହୋଇଥିବା ଜଣାପଡିଛି। ଖବର ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ପ୍ରଶାନ୍ତ ସାହୁ ସୂଚନା ଦେଇଛନ୍ତି ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ଆଜିର ମନ୍ତବ୍ୟ**

ୟୁକ୍ରେନ୍‌ରୁ ଶେଷ ଭାରତୀୟଙ୍କୁ ଫେରାଇ ନ ଆଣିବା ପର୍ଯ୍ୟନ୍ତ ମିଶନ ସମ୍ପୂର୍ଣ୍ଣ ହେବ ନାହିଁ।

**-ରାହୁଲ ଶ୍ରୀବାସ୍ତବ, ରୋମାନିଆରେ ଭାରତୀୟ ରାଷ୍ଟ୍ରଦୂତ**

# ବଲିଉଡ୍‌ରେ ଅଗସ୍ତ୍ୟଙ୍କ ଏଣ୍ଟ୍ରି

**ମୁମ୍ବାଇ**

ବିଗ୍ ବି'ଙ୍କ ଝିଅ ଶ୍ୱେତା ନନ୍ଦାଙ୍କ ପୁଅ ତଥା ଅମିତାଭଙ୍କ ନାତି ଅଗସ୍ତ୍ୟ ସିନେ ଜଗତରେ ପାଦ ଥାପିବାକୁ ଯାଉଛନ୍ତି। ଜୋୟା ଅଖତରଙ୍କ ସିନେମା ଜରିଆରେ ବଲିଉଡ୍‌ରେ ସେ ଡେବ୍ୟୁ କରିବେ। କିଛିଦିନ ପୂର୍ବେ ଜୋୟାଙ୍କ ଅଫିସ ବାହାରେ ଅଗସ୍ତ୍ୟଙ୍କୁ ଦେଖିବାକୁ ମିଳିଥିଲା। ଯାହା ଫଳରେ ସେ ଖୁବ୍ ଶୀଘ୍ର ହିନ୍ଦୀ ଚଳଚ୍ଚିତ୍ର ଜଗତରେ ଏଣ୍ଟ୍ରି କରିବେ ବୋଲି ଅନୁମାନ କରାଯାଉଛି। ନିକଟରେ ବାଦ୍‌ଶାହ ଶାହରୁଖ ଖାନଙ୍କ ଝିଅ ସୁହାନା ବଲିଉଡ଼ରେ ଡେବ୍ୟୁ କରିବା ନେଇ ଖବର ପ୍ରସାରିତ ହୋଇଥିଲା। ସୂଚନାଯୋଗ୍ୟ ଜୋୟାଙ୍କ ଫିଲ୍ମରେ ଉଭୟ ନବାଗତ ସ୍କ୍ରିନ୍ ସେୟାର କରିବେ। ଫିଲ୍ମରେ ଅଗସ୍ତ୍ୟ ଆର୍ଚି ଭୂମିକାରେ ନଜରକୁ ଆସିବାକୁ ଥିବାବେଳେ ତାଙ୍କ ବିପକ୍ଷରେ ସୁହାନାଙ୍କୁ ଦେଖିବେ ଦର୍ଶକ।



# classifieds Everyday
0674-2580101, 2549302



MATRIMONIAL

## BRIDE WANTED

**Suitable qualified alliance invited for a handsome, 39 Khandayat divorce serving in a MNC High position father retired Govt. Servant based at BBSR. Tel: 7205886977.** D-70779

## GROOM WANTED

ଭୁବନେଶ୍ୱରସ୍ଥିତ Divorced ନିଃସନ୍ତାନ, 51 ବୟସ୍କା, Private ଚାକିରିଆ ବ୍ରାହ୍ମଣ ଝିଅଙ୍କୁ ଯେ କୌଣସି ଜାତିର ବର ଆବଶ୍ୟକ । 7608010434. D-23225

40 ବୟସ (୫'୪''- ଉଚ୍ଚତା) ସରକାରୀ Teacher, ଦରମା 54 ହଜାର, ମହିଳା ହେତୁ ବର ଦରକାର । ଘରଜ୍ୱାଇଁଙ୍କୁ ପ୍ରାଥମିକତା । (ସଭିଜାତି ସଭିମାନ୍ୟ ଅଟନ୍ତି)। ଯୋଗାଯୋଗ: 6232883900. D-23224

48 to 50 general caste groom for professor bride- 8917227438. D-71000

52 ବୟସ୍କା ଖଣ୍ଡାୟତ ବିଧବା Hostel Warden ଭାବେ କାର୍ଯ୍ୟରତ ଏକାକୀ ରହୁଥିବା ଝିଅଙ୍କୁ ଯୋଗ୍ୟ ବରପାତ୍ର ଆବଶ୍ୟକ। 7326057574. D-23261



## SALE

Plot for Sale at Chhatabar per sq.ft @99/-. 7381268181, 9583295832. D-23232

ଭୁବନେଶ୍ୱର **New Planning** ଏରିଆ ଜଇଶିପାଟଣା ଛକ ପାଖରେ ଅତିଶୀଘ୍ର ଘର କରିବା ପାଇଁ ସମସ୍ତ ସୁବିଧା ସହ ଘରବାଡ଼ି ପ୍ଲଟ୍ **30** ଫୁଟ ରୋଡ୍ ସହିତ ବିକ୍ରୟ ହେବା। ଯୋଗାଯୋଗ- **8144658008/ 7855949100.** D-23253

Immediate sale 1500 sqft land, Kalingabihar Housing project, Baliapanda, Puri, both side road, 1.5Km Seabeach (1600/- sqft.), # 9078533545. D-65928

3BHK flat, 2nd floor, 1850sqft., 2010 possession, near Jharapada Jail Square, Puri Cuttack main road side for resale @80lac including all. 7978584549. D-71950

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

Furnished 1BHK flat with AC double Bed, Almirah, Chair, Tables Etc. for sale Rs.-16.50lakh 1k.m. from Tankapani road Sai Temple Puri Highway Chhak, Bhubaneswar. 9776080988, 9238361409. D-70778

ନୀଳଚକ୍ର ନଗର, ପୁରୀରେ ଘରବାଡ଼ି ଜାଗା, ଘର ବିକ୍ରିହେବ। ଯୋଗାଯୋଗ- 9778822812. D-23066

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-23189

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 K.M. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71865

**30' Road, Gated society, Security guard, CCTV ଥାଇ ତୁରନ୍ତ ଘର କଲାଭଳି 3ଟି plot ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। 9437033320.** D-71798

3000sqft. gharabari land for sale in Lingipur, Sisupalgarh, Bhubaneswar. Rate @3200 p/sqft. 9437791962. D-71477

Government Employees ମାନେ ଲୋନ୍‌ରେ ପ୍ଲଟ୍ କିଣନ୍ତୁ। Maharaja College, Gangapada Bhubaneswar sqft.- 949/-, 9938016295. D-71800

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23190

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ **BSNL/ Fire Office** ନିକଟବର୍ତ୍ତୀ ଘରବାରି **boundary, road, electricpoll** ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। **9348673415, 6372694842.** D-71799

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71947

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## PURCHASE

ଭୁବନେଶ୍ୱରରେ ନିଜର ନୂଆ କିମ୍ବା ପୁରୁଣା flats duplexes ବିକିବାକୁ ଚାହୁଁଛନ୍ତି କି? 6371090682. D-68289



Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334



1st floor, 4BHK, Dining, Drawing, Balcony, Kitchen, 2 Toilets, Garage @ Pallashpalli BDA Duplex near Airport. Rent.14000/- Elect & Water bill separate. Contact 9178859842. D-70383

ଡୁମୁଡୁମାରେ 3rd ଫେଜ୍‌ରେ 3BHK (2ୟ ମହଲା) ଡୁପ୍ଲେକ୍ସ ଭଡ଼ା ଦିଆଯିବ, Rs.7,500/- । Contact: 7749047892, 9960698058. D-23235

Three Rooms, Dining, Kitchen, Veranda, near GGP Colony, Pandara road. 8249484647. D-23212



Newly open full body massage ladies and gents. 8327740003. D-71869

Refreshing your mind and body with the best therapy, 7873794731. D-23024

Newly opening SPA positively health benefits with expert therapist. 8917332216. D-71949

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

All types body massage with hiprofile smart lady room service available. 9142145769. D-71337

**One hour any therapy by expert therapist @999 only. 9078484455.** D-71474

Herbal full body relax massage by trend lady therapist. 7008773793. D-71476

## AFFIDAVIT

By virtue of an affidavit vide C F No - 27 / dt. 25. 02.2022, before the Executive Magistrate, Bhubaneswar, I Sri Sarat Chandra Sahoo, S/o Late Anam Charan Sahoo, declare that my name may be mentioned as "Sarat Chandra Sahoo" instead of "Sarata Chandra Sahoo" for all purposes, since both the names relate to one and the same person, i. e. myself. D-73203

By virtue of an affidavit sworn before the Notary Public, Bhubaneswar, declare that my son's actual name is Mivaan Agrawal as per his Birth Certificate & Aadhaar Card. But in Passport his name has been wrongly mentioned as Nijanand Agrawalla, I declared that Mivaan Agrawal and Nijanand Agrawalla is one and same person.
Ashok Kumar Agrawalla,
Deponent. D-23259

BEFORE the Notary Public, Bhubaneswar I Manaswini Panda, W/o- Dr. Udaya Shankar Panda, Address Plot No. 34-C, Jayadurganagar , Laxmisagar, PO-Budheswari, PS-Laxmisagar, Bhubaneswar-751006 do hereby solemnly affirms that before marriage my name was Manaswini Sarangi, D/o- Late. Rangadhar Sarangi that after got married I have changed my surname Sarangi to Panda. That the name Manaswini Sarangi and Manaswini Panda are same and one person. D-23265

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପ୍ରଥମ ପୃଷ୍ଠାରୁ...**

## ବିଜୟ ଯାତ୍ରାରେ ...

ମୟୂରଭଞ୍ଜରେ ଭୋଟରଙ୍କ ବିଶ୍ୱାସଭାଜନ ହୋଇପାରିନାହିଁ। ପ୍ରଥମ ଦିନ ଗଣତିରେ ୨୪ଟି ଜୋନ୍‌ରେ ବିଜେଡି ଆଗରେ ରହିଛି। ସେହିପରି ଭାଜପା ଗଡ଼ କୁହାଯାଉଥିବା ସୁନ୍ଦରଗଡ଼ରେ ମଧ୍ୟ ଭାଜପା ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଗଣତି ହେଉଥିବା ୧୭ଟି ଜୋନ୍ ମଧ୍ୟରୁ ୧୬ଟିରେ ବିଜେଡି ଆଗରେ ରହିଛି। ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କ ଗଡ଼ କୁହାଯାଉଥିବା ସମ୍ବଲପୁରରେ ମଧ୍ୟ ଦଳ ଭଲ ପ୍ରଦର୍ଶନ କରିପାରି ନାହିଁ। ଏହି ଜିଲାରେ ୯ଟି ଆସନରେ ବିଜେଡି ଆଗୁଆ ରହିଛି।

ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ମୋଟ ୮୫୩ ଜିଲା ପରିଷଦ ଜୋନ୍ ମଧ୍ୟରୁ ପ୍ରଥମ ଦିବସରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୩୧୫ଟି ଜୋନ୍‌ରେ ଗଣତି ହୋଇଥିବାବେଳେ ବିଜେଡି ୨୮୦ ଆସନରେ ଆଗୁଆ ରହିଛି। ଭାଜପା ପ୍ରାର୍ଥୀ ୧୪, କଂଗ୍ରେସ ୧୬, ଏବଂ ଅନ୍ୟାନ୍ୟ ୫ ସିଟ୍‌ରେ ଆଗୁଆ ରହିଛନ୍ତି। ପ୍ରତି ପଞ୍ଚାୟତ ପାଇଁ ଗଣତି ସକାଶେ ଗୋଟିଏ ଟେବୁଲ ବ୍ୟବସ୍ଥା ହୋଇଛି। ପ୍ରତି ଟେବୁଲରେ ଜଣେ କାଉଣ୍ଟିଂ ସୁପରଭାଇଜର ଓ ୨ ଜଣ ଲେଖାଏ କାଉଣ୍ଟିଂ ଆସିଷ୍ଟାଣ୍ଟ ଦାୟିତ୍ୱରେ ଅଛନ୍ତି। ସହାୟତା ପାଇଁ ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀ ମଧ୍ୟ ଅଛନ୍ତି। ରଙ୍ଗ ଅନୁସାରେ ବାଲଟ୍ ପେପର ସର୍ଟିଂ ପରେ ଗଣତି ଚାଲିଛି। ମୋଟ ୧ ଲକ୍ଷ ୫୬ ହଜାର ୭୫୩ ୱାର୍ଡମେମ୍ବର, ୩୨ ହଜାର ୮୬୦ ସରପଞ୍ଚ, ୨୭ ହଜାର ୩୪ ସମିତିସଭ୍ୟ ଓ ୩ ହଜାର ୩୩୯ ଜିଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଥିବାବେଳେ ରବିବାର ୩୦୭ ଓ ସୋମବାର ୨୨୯ ଜିଲା ପରିଷଦ ଜୋନ୍‌ରେ ଭୋଟ୍ ଗଣତି ହେବ।

୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡି ମୋଟ ଆସନରୁ ୪୭୩ଟି ସିଟ୍‌ରେ ବିଜୟ ହାସଲ କରିଥିବା ବେଳେ ଭାଜପା ୨୯୭ ଏବଂ କଂଗ୍ରେସ ୬୦ଟି ସିଟ୍‌ରେ ବିଜୟୀ ହୋଇଥିଲା। ତେବେ ବିଜେଡି ଗତ ନିର୍ବାଚନ ତୁଳନାରେ ଆହୁରି ଭଲ ପ୍ରଦର୍ଶନ କରିବା ସମ୍ଭାବନା ଥିବାବେଳେ ଭାଜପା ଓ କଂଗ୍ରେସ ନିଜ ଗଡ଼ ବଞ୍ଚାଇବା ପାଇଁ ସଂଘର୍ଷ କରୁଥିବା ଶନିବାର ଗଣନାରୁ ଜଣାପଡ଼ିଛି। ନିର୍ବାଚନ ଫଳାଫଳକୁ ନେଇ କଂଗ୍ରେସ ଓ ଭାଜପା ନେତାମାନେ ନିରୁତ୍ସାହିତ ହୋଇଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଫଳାଫଳରୁ ଯାହା ଜଣାପଡୁଛି ତାହା ଆଶ୍ଚର୍ଯ୍ୟଜନକ। କଂଗ୍ରେସ ପାଇଁ ଏହା ଦୁର୍ଭାଗ୍ୟଜନକ। ଓଡ଼ିଶାର ଜନସାଧାରଣ ଗଣତନ୍ତ୍ରିକ ପଦ୍ଧତି ଅବଲମ୍ବନ କରି ଏକଛତ୍ରବାଦ ପ୍ରତିଷ୍ଠା କରିବାକୁ ଚାହିଁଛନ୍ତି, ଯାହାକି ଗଣତନ୍ତ୍ର ପାଇଁ ବିପଦ। ସୁସ୍ଥ ଗଣତନ୍ତ୍ର ପାଇଁ ଏକ ଶକ୍ତିଶାଳୀ ବିରୋଧୀ ଦଳ ଆବଶ୍ୟକ। ନୀତି ଆଦର୍ଶରେ ଭୁଲ ରହିଲା ନା ସଂଗଠନରେ ଭୁଲ ରହିଲା, ଯେତେଦିନ ପର୍ଯ୍ୟନ୍ତ ତାହା ଖୋଜି ବାହାର କରିବାରେ ଆମେ ସକ୍ଷମ ହୋଇନାହୁଁ ସେ ପର୍ଯ୍ୟନ୍ତ କଂଗ୍ରେସ ଆଗେଇପାରିବ ନାହିଁ। ସେହିପରି ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି କହିଛନ୍ତି, ଏହି ଗଣନା ଆମ ପାଇଁ ନୂଆ ଅନୁଭବ। ପ୍ରଥମ ଦିନ ଗଣନା ହୋଇଛି। ଆଉ ଦୁଇଦିନ ଅପେକ୍ଷା କରିବାକୁ ପଡ଼ିବ। ତେବେ ପ୍ରଥମ ଦିବସରେ ଅପ୍ରତ୍ୟାଶିତ ଫଳ ହୋଇଛି। ଜନମତକୁ ଆମେ ସମ୍ମାନ ଦେଉଛୁ। କେଉଁଠି ତ୍ରୁଟି ରହିଲା ତାହାକୁ ନେଇ ସମୀକ୍ଷା କରାଯିବ।

## ନବୀନଙ୍କ ମ୍ୟାଜିକ୍...

ପରେ ମଧ୍ୟ ସେ ଜନମାନସରେ ଜଣେ ସର୍ବୋଚ୍ଚ ନେତା ହୋଇ ରହିଛନ୍ତି। ଦୁର୍ନୀତି ବିରୋଧୀ ଶାସନ, ସରଳ ଓ ନିରାଡ଼ମ୍ବର ଜୀବନ ତାଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇ ପାରିଛି। ତାଙ୍କ ମ୍ୟାଜିକ ଆଗରେ ପ୍ରମୁଖ ବିରୋଧୀ ଦଳ ନିଜର ସତ୍ତା ବଜାୟ ରଖିବାକୁ ସଂଘର୍ଷ କରୁଛନ୍ତି। ଯେତେ ଯାହା ରଣନୀତି ଆପଣାଇଲେ ମଧ୍ୟ ନବୀନଙ୍କ ଭାବମୂର୍ତ୍ତି ନିକଟରେ ବିରୋଧୀଙ୍କ ସମସ୍ତ ଉଦ୍ୟମ ଫେଲ୍ ମାରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ନବୀନ ୧୯୯୭ ଡିସେମ୍ବର ୨୬ ତାରିଖରେ ବିଜୁ ଜନତା ଦଳ ସ୍ଥାପନ କରିଥିଲେ। ନିଜର ଲୋକପ୍ରିୟତା ପାଇଁ କଂଗ୍ରେସକୁ ହଟାଇ ସେ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ସେବେଠାରୁ ଏ ପର୍ଯ୍ୟନ୍ତ ନବୀନଙ୍କ ବିଜୟଯାତ୍ରା ଜାରି ରହିଛି। ଏହି ଦୀର୍ଘ ସମୟ ଭିତରେ ଅନେକ ଝଡ଼ଝଞ୍ଜା ଆସିଥିଲେ ମଧ୍ୟ ନବୀନଙ୍କ ପ୍ରତିଭା ନିକଟରେ ସେସବୁ ଫିକା ପଡ଼ିଯାଇଛି। ନିଜର ଶାସନଶୈଳୀ ଯୋଗୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେବାରେ ସଫଳ ହୋଇଛନ୍ତି। ଏଥିପାଇଁ ଗାଁଗହଳିରେ ମତଦାତା ସ୍ଥାନୀୟ ପ୍ରତିନିଧିଙ୍କୁ ବାଛିବା ବେଳେ ନବୀନଙ୍କ ମୁହଁକୁ ଦେଖି ଭୋଟ ଦେଉଛନ୍ତି।

## ଜନବସତିରେ କ୍ଷେପଣାସ୍ତ୍ର ...

ରୁଷିଆର ୩,୫୦୦ ସୈନ୍ୟ ନିହତ ହୋଇଥିବା ୟୁକ୍ରେନ୍ କହିଛି। ଏହାସହ ମସ୍କୋର ୨୨ ଏୟାରକ୍ରାଫ୍ଟ, ୧୦୨ ଟ୍ୟାଙ୍କ, ୫୩୬ ଲାଇଟ୍ ଆର୍ମର୍ଡ ଭେହିକିଲ ନଷ୍ଟ କରାଯାଇଥିବା ୟୁକ୍ରେନ୍ ସଶସ୍ତ୍ରବାହିନୀର ଜେନେରାଲ ଷ୍ଟାଫ୍ ଫେସ୍‌ବୁକ୍ ପେଜ୍‌ରେ ପୋଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ୟୁକ୍ରେନ୍‌ର ୮ ଶହରୁ ଊର୍ଦ୍ଧ୍ୱ ସାମରିକ ଭିତ୍ତିଭୂମି ଥିବା ସାଇଟ୍‌କୁ ନଷ୍ଟ କରାଯାଇଥିବା ରୁଷିଆ ଦାବି କରିଛି। ଏହାସହ ୧୯ ମିଲିଟାରୀ ଏୟାର ଫିଲ୍ଡ, ୧୦ କମାଣ୍ଡ ପୋଷ୍ଟ, ୨୪ ଏସ୍-୩୦୦ ଆଣ୍ଟାଇ-ଏୟାରକ୍ରାଫ୍ଟ ମିଶାଇଲ ସିଷ୍ଟମ, ୪୮ ରାଡାର ଷ୍ଟେଶନ ସମେତ ୟୁକ୍ରେନ୍‌ର ୮ ନୌସେନା ଜାହାଜ ନଷ୍ଟ କରିଦିଆଯାଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ଆଇଗୋର୍ କୋନାଶେନ୍‌କୋଭ୍ କହିଛନ୍ତି।

ରୁଷିଆର ଆଗରେ ମୁଣ୍ଡ ନୁଆଇଁବାକୁ ପ୍ରସ୍ତୁତ ନ ଥିବା କହି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଶନିବାର ଏକାଧିକ ଭିଡିଓ ବାର୍ତ୍ତା ପଠାଇଛନ୍ତି। ଶୁକ୍ରବାର ରାତିରେ ତାଙ୍କୁ ଧରି ବନ୍ଦୀ କରିବା ସହ ୟୁକ୍ରେନ୍‌ରେ ନିଜ ନେତାଙ୍କୁ ସରକାରରେ ବସାଇବାକୁ ରୁଷିଆ ଯୋଜନା କରିଥିଲା। କିନ୍ତୁ ୟୁକ୍ରେନ୍ ସେନା ତାହାକୁ ପଣ୍ଡ କରିଦେଇଥିବା ଜେଲେନ୍‌ସ୍କି କହିଛନ୍ତି। କ୍ୱିଭ୍‌କୁ ରୁଷିଆ କବ୍‌ଜା କରିଥିବା କଥାକୁ ସେ ଖଣ୍ଡନ କରିଛନ୍ତି। ରାଜଧାନୀ ସମେତ ଏହାର ଆଖପାଖ ପ୍ରମୁଖ ସହରର ନିୟନ୍ତ୍ରଣ ୟୁକ୍ରେନ୍ ନିକଟରେ ଅଛି। ସବୁ ସହରରେ ରୁଷିଆ ଆକ୍ରମଣର ଜବାବ ଦିଆଯାଉଛି। ଆମେ ଅସ୍ତ୍ର ଛାଡ଼ିବୁ ନାହିଁ, ନିଜ ଦେଶକୁ ନିଜେ ରକ୍ଷା କରିବୁ ବୋଲି ଜେଲେନ୍‌ସ୍କି ଏକ ଭିଡିଓରେ କହିଛନ୍ତି। ଏହା ପୂର୍ବରୁ ଜେଲେନ୍‌ସ୍କି କ୍ୱିଭ୍ ରାସ୍ତାରେ ଛିଡ଼ା ହୋଇ ଆଉ ଏକ ଭିଡିଓ ଛାଡ଼ିଥିଲେ। ଜେଲେନ୍‌ସ୍କିଙ୍କୁ କ୍ୱିଭ୍‌ରୁ ଉଦ୍ଧାର ପାଇଁ ସହାୟତା କରିବାକୁ ଆମେରିକା ପ୍ରସ୍ତାବ ଦେଇଥିବାବେଳେ ସେ ତାହାକୁ ଗ୍ରହଣ କରିନାହାନ୍ତି। ଯୁଦ୍ଧଭୂମିରେ ନିଜର ଅଦ୍ଭୁଦ ସାହସିକତା ପ୍ରଦର୍ଶନ କରିଛନ୍ତି ଜଣେ ୟୁକ୍ରେନ ସୈନ୍ୟ। କ୍ରିମିଆ ଦ୍ୱୀପରୁ ୟୁକ୍ରେନ ଆଡ଼କୁ ଯିବାକୁ ଥିବା ଏକ ବ୍ରିଜ୍‌ରେ ରୁଷିଆ ଟ୍ୟାଙ୍କ୍‌କୁ ଅଟକାଇବାକୁ ଯାଇ ସେ ନିଜକୁ ବୋମାରେ ଉଡ଼ାଇ ଦେଇଛନ୍ତି। ବ୍ରିଜ୍ ଭାଙ୍ଗିଯିବା ଫଳରେ ରୁଷିଆ ଟ୍ୟାଙ୍କ୍ ୟୁକ୍ରେନ ମଧ୍ୟକୁ ପଶିବା କଷ୍ଟକର ହୋଇଛି। ଅପରପକ୍ଷେ କ୍ୱିଭ୍ ସମେତ ୟୁକ୍ରେନ୍‌ର ଦକ୍ଷିଣ-ପୂର୍ବ ସହର ମେଲିଟୋପୋଲ୍ ସହରକୁ ରୁଷିଆ କବ୍‌ଜା କରିସାରିଥିବା ଦାବି କରିଛି। ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ପଠାଇବା ପାଇଁ ବ୍ରିଟେନ ସମେତ ଅନ୍ୟ ୨୫ ଦେଶ ରାଜି ହୋଇଥିବା ବ୍ରିଟେନ୍‌ର ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ ଜେମ୍ସ ହିପେ କହିଛନ୍ତି। ସେହିପରି ସାମରିକ ସହାୟତା ଯୋଗାଇବା ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ଜେଲେନ୍‌ସ୍କିଙ୍କ ସହ କଥା ହୋଇଛନ୍ତି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ୪୮ ଘଣ୍ଟା ମଧ୍ୟରେ ୧ ଲକ୍ଷ ୨୦ ହଜାରରୁ ଅଧିକ ୟୁକ୍ରେନ୍‌ବାସୀ ଦେଶ ଛାଡ଼ି ପଳାଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ଆହୁରି ଲକ୍ଷ ଲକ୍ଷ ସଂଖ୍ୟାରେ ମହିଳା, ଶିଶୁ ବିଭିନ୍ନ ଦେଶ ଛାଡ଼ି ଯିବାକୁ ଉଦ୍ୟମ ଜାରି ରଖିଛନ୍ତି। ଶନିବାର ୟୁକ୍ରେନରୁ ରୋମାନିଆରେ ପହଞ୍ଚିଥିବା ୨୧୯ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଧରି ଏୟାର ଇଣ୍ଡିଆ ବିମାନ ମୁମ୍ବାଇରେ ପହଞ୍ଚିଛି।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୟୁକ୍ରେନ୍‌କୁ ୩୫୦ ମିଲିୟନ ଡଲାର (ପ୍ରାୟ ୨୬,୨୬,୯୩,୯୦,୦୦୦ ଟଙ୍କା) ସାମରିକ ସହାୟତା ଦେବା ନିମନ୍ତେ ଏକ ପ୍ରସ୍ତାବରେ ଦସ୍ତଖତ କରିଛନ୍ତି। ଏଥିସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ, ବହିର୍ବ୍ୟାପାର ମନ୍ତ୍ରୀ ସେର୍‌ଗି ଲାଭ୍‌ରୋଭ୍, ପ୍ରତିରକ୍ଷା ମନ୍ତ୍ରୀ ସେର୍‌ଗି ଶୋଇଗୁ, ଚିଫ୍ ଅଫ୍ ଜେନେରାଲ ଷ୍ଟାଫ୍ ଭାଲେରି ଗୋରାସିମୋଭ୍‌ଙ୍କ ଉପରେ ଆମେରିକା କଟକଣା ଲଗାଇଛି। ଏହାସହ ୟୁରୋପୀୟ ସଂଘ ଏବଂ ବ୍ରିଟେନ୍ ପୁଟିନ୍ ଓ ଲାଭ୍‌ରୋଭଙ୍କ ସମ୍ପତ୍ତି ସିଜ୍ କରିଛନ୍ତି। ଆମେରିକା-ପାଶ୍ଚାତ୍ୟ କଟକଣା ଉପରେ ପୁଟିନ ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ଦେଶ ପାଶ୍ଚାତ୍ୟ ଦେଶଗୁଡ଼ିକ ସହ କୌଣସି ପ୍ରକାର କୂଟନୈତିକ ସମ୍ପର୍କ ରଖିବାକୁ ଚାହୁଁ ନ ଥିବା ପୁଟିନ୍ କହିଛନ୍ତି। ସେଠାରୁ ନିଜର ସମସ୍ତ ଦୂତାବାସ ବନ୍ଦ କରିବାର ସମୟ ଆସିଯାଇଛି ବୋଲି ପୁଟିନ୍ ରୁଷିଆର ଏକ ସୋସିଆଲ ମିଡିଆ ନେଟ୍‌ୱର୍କରେ ପୋଷ୍ଟ କରିଛନ୍ତି।

## ଶେଷ ଯାଏ ଲଢ଼ିବି...

ଆର୍ମି ସଦସ୍ୟ ରହିଥିଲେ। ଜେଲେନ୍‌ସ୍କି ଆଇନରେ ଡିଗ୍ରୀ ହାସଲ କରିଥିଲେ ହେଁ ସେ ଏହି କ୍ଷେତ୍ରରେ କେବେ କାମ କରିନାହାନ୍ତି। ୨୦୧୯ ନିର୍ବାଚନରେ ସେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ନ ଥିଲେ ହେଁ ଏଥିରେ ବିଜୟ ହୋଇ ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ତାଙ୍କୁ ୭୩ ପ୍ରତିଶତ ଭୋଟ ମିଳିଥିଲା। ତେଣୁ ଜେଲେନ୍‌ସ୍କିଙ୍କୁ ଅନେକେ 'ଆକସ୍ମିକ ରାଷ୍ଟ୍ରପତି' ନାଁ ମଧ୍ୟ ଦେଇଥିଲେ। ରାଷ୍ଟ୍ରପତି ନିର୍ବାଚନବେଳେ ସେ ରୁଷିଆ ସହ ଲାଗି ରହିଥିବା ବିବାଦର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମନୋରଞ୍ଜନ ଦୁନିଆ ସହ ଜଡ଼ିତ ଥିବାରୁ ତାଙ୍କୁ କେହି କେହି ୟୁକ୍ରେନ୍‌ର ଡୋନାଲ୍ଡ ଟ୍ରମ୍ପ କହିଥାନ୍ତି। ୨୦୦୩ରେ ସେ ଓଲେନା ଜେଲେନ୍‌ସ୍କାଙ୍କୁ ବିବାହ କରିଥିଲେ। ତାଙ୍କର ଜଣେ ପୁଅ ଓ ଝିଅ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଜି କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହାକି ଅନର୍ଥର କାରଣ ହୋଇପାରେ। ଭଲ କାମ କଲେ ମଧ୍ୟ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ଆପଣଙ୍କୁ ଏକାଧାରରେ ଅର୍ଥ ଓ ସମ୍ମାନ ସାଙ୍ଗକୁ ପାରିବାରିକ ସୁଖ, ସୌହାର୍ଦ୍ଧ୍ୟ ମିଳିବ।

**ବୃଷ**



ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ ରହିବ। ସମୟୋପଯୋଗୀ ପଦକ୍ଷେପ ନେଇ ଅନ୍ୟଙ୍କୁ ସନ୍ତୁଷ୍ଟ କରିପାରିବେ। କୌଣସି ଅପୂରଣୀୟ ଅଭିଳାଷ ତଥା ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତ ରହିବ। ଦୀର୍ଘ ଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ବନ୍ଧୁଙ୍କ ସହାୟତାରେ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମିଥୁନ**



ପାରିବାରିକ ଓ କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲରେ ଅସୁବିଧା ହେବ ନାହିଁ। ରାଜନୀତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରେଇବାରେ ବିଳମ୍ବ ଘଟିପାରେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାରର ଅଯୌକ୍ତିକ କଥା କହିପାରନ୍ତି।

**କର୍କଟ**



ବିଭିନ୍ନ ସମସ୍ୟା ଦେଇ ଗତି କଲେ ମଧ୍ୟ ପଡ଼ୋଶୀଙ୍କ ସହଯୋଗର ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଉଦ୍ଦେଶ୍ୟମୂଳକ ଭାବରେ ନିର୍ମାଣାଧୀନ କାମ ଶେଷ ହେବାରେ ଅନ୍ୟମାନେ ସମସ୍ୟା ସୃଷ୍ଟି କରିପାରନ୍ତି। ଅର୍ଥ ସଂକଟ, ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ସିଂହ**



କୌଶଳପୂର୍ଣ୍ଣ କଥା କହି ପ୍ରତ୍ୟେକ କାର୍ଯ୍ୟକୁ ସଫଳତାର ସହ ସାଧନ କରିବେ। ନିଜ ଲୋକଟି ଶତ୍ରୁତା କରିବାକୁ ପଛାଇବ ନାହିଁ । ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ, ପରୋକ୍ଷ ଶତ୍ରୁତା, ବ୍ୟବସାୟିକ ସମସ୍ୟା ଦେଖାଦେବାର ସୂଚନା ମଧ୍ୟ ରହିଛି। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**କନ୍ୟା**



ଦେହ ଭଲ ରହିବ, ମାତ୍ର ଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। ସକାଳୁ ଶୁଭ ଖବର ମନକୁ ଆହ୍ଲାଦିତ କରିବ ଓ ଧର୍ମକାର୍ଯ୍ୟରେ ବ୍ୟୟ କିମ୍ବା ଦୂରଯାତ୍ରାର ମସୁଧା କରିବେ। ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିବେ। ମାଲି ମକଦ୍ଦମାରେ ସଫଳତା ହାସଲ କରିବେ ଏବଂ ସାମାଜିକ କ୍ଷେତ୍ର ସରଳୀକୃତ ରହିବ।

**ତୁଳା**



ବ୍ୟୟ ଭାର ବୃଦ୍ଧି ପାଇଲେ ସୁଦ୍ଧା କେତେକ ଅଧାପନ୍ତରିଆ କାମକୁ ପୂର୍ଣ୍ଣାଙ୍ଗ କରିବାର ସୂଚନା ରହିଛି। ସାମାଜିକ ସ୍ତରରେ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ଅଫିସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ ଓ ସମ୍ମାନିତ ମଧ୍ୟ ହେବେ। ପୂର୍ବ ଶତ୍ରୁତାକୁ ଦୋହରାଇ ନିଜ ଲୋକମାନେ ଅସୁବିଧାରେ ପକାଇ ପାରନ୍ତି।

**ବିଛା**



ଗତକାଲିର ଅଧୁରା କାମକୁ ଆଜି ସମ୍ପୂର୍ଣ୍ଣ କରିବାରେ ଲାଗିପଡ଼ିବେ ଏବଂ ଆଶା ମଧ୍ୟ ପୂରଣ ହୋଇଯିବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆର୍ଥିକ ସମସ୍ୟା ପାରିବାରିକ ଆବଶ୍ୟକତାକୁ ଅଟକାଇ ଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍‌ସିପ୍, ମାଲିମକଦ୍ଦମାରେ ସଫଳତା ପାଇବେ।

**ଧନୁ**



ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ, ଯାହାକି ନୂତନ ସମସ୍ୟାକୁ ଜନ୍ମ ଦେଇପାରେ। ଅବଶ୍ୟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆଲୋଚନା କ୍ଷେତ୍ରରେ ଏବଂ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ମକର**



ଆର୍ଥିକ ଅଭିବୃଦ୍ଧି, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ସାମାଜିକ ସମ୍ମାନ ଦାନରେ ସହାୟକ ହେବ। କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ ଓ ପ୍ରିୟ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସ୍ୱକୀୟ ବିଚାର ଆଲୋଚନାରେ କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି।

**କୁମ୍ଭ**



ସମସ୍ୟା ମଧ୍ୟରେ ସମୟ ଅତିବାହିତ କରୁଥିଲେ ମଧ୍ୟ ମୁହଁ ଜୋର ଓ ଆତ୍ମବିଶ୍ୱାସ ବଳରେ ପରିସ୍ଥିତିକୁ ସାମ୍ନା କରିପାରିବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇ ଦେଇ ପାରନ୍ତି। ଆଜି କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି।

**ମୀନ**



ଆଜି ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କାମକୁ ସାକାର କରିବାରେ ସମର୍ଥ ହେବେ। ସମସ୍ତ ସୁବିଧା ଥିଲେ ମଧ୍ୟ ନିଜ ଲୋକଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭାବପ୍ରବଣତାବଶତଃ ପରକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ଅଫିସ୍ ରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

କ୍ରମବିକାଶ ଶେଷ ହୋଇନାହିଁ। ତର୍କ ବୁଦ୍ଧି ବି ବିଚାର ବୁଦ୍ଧି ମଧ୍ୟ ଶେଷକଥା ନୁହଁ। ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ – ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍ଭବ ଯେପରି ପଶୁ ଭିତରୁ ହେଲା– ସେହିପରି ଏଇ ମଣିଷ ଭିତରୁ ହିଁ ଅତିମାନବର ଉଦ୍ଭବ ହେବ। –ଶ୍ରୀଅରବିନ୍ଦ



# ବାସ୍ତବ ନୀତି ନାହିଁ



ଆକାର ପଟେଲ

ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ନିନ୍ଦାକରି ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ଆଗତ ନିନ୍ଦା ପ୍ରସ୍ତାବରେ ଭୋଟିଂରୁ ଭାରତ ନିଜକୁ ଦୂରେଇ ରଖିଛି। ୟୁକ୍ରେନ୍‌ର ସାମ୍ପ୍ରତିକ ସ୍ଥିତିକୁ ନେଇ ବହୁତ ଚିନ୍ତିତ ବୋଲି ଭାରତ କହିଛି। ଏହା ବ୍ୟତୀତ ହିଂସା ସମାପ୍ତ କରାଯିବା ଲାଗି ଆହ୍ୱାନ ଦେଇଛି। ସମ୍ମାନ, ସାର୍ବଭୌମତା ଏବଂ ଆଞ୍ଚଳିକ ଏକତା ପାଇଁ ଭୋଟିଂରୁ ଦୂରେଇ ରହିଛି ବୋଲି ପ୍ରକାଶ କରିଛି। ରୁଷିଆର ଆକ୍ରମଣ ବିରୋଧରେ ବିଶ୍ୱର ସ୍ଥିତିକୁ ନେଇ ବାରମ୍ବାର ମୁହଁ ଖୋଲିଲେ ବି ଜାତିସଂଘ ସୁରକ୍ଷା ପରିଷଦର ଭୋଟିଂରୁ ଦୂରେଇ ରହିବା ଯୋଗୁ ଏଥିରେ କିଛି ରହସ୍ୟ ଥିବା ଭଳି ମନେହେଉଛି। ବାସ୍ତବତା ହେଉଛି ଭାରତ କୂଟନୀତିର ଏକ କଠିନ ସମୟକୁ ସାମ୍ନା କରିଛି। ଭାରତର ମିଲିଟାରି ଉପକରଣର ଅଧାରୁ ଅଧିକ ରୁଷିଆ ଯୋଗାଏ। ଦୃଷ୍ଟାନ୍ତ ସ୍ୱରୂପ, ଆମର ୯୭ ପ୍ରତିଶତ ଯୁଦ୍ଧ ଟ୍ୟାଙ୍କ ରୁଷିଆର। ଆମ ଏକମାତ୍ର ଏୟାରକ୍ରାଫ୍ଟ କ୍ୟାରିୟର ଏବଂ ଏକମାତ୍ର ଆଣବିକ ଶକ୍ତିଚାଳିତ ସବ୍‌ମେରାଇନ ରୁଷିଆର। ଆମ ଲଢୁଆ ବିମାନର ୭୧ ପ୍ରତିଶତ ଏବଂ ସମସ୍ତ ୬ଟି ଏୟାରଟ୍ୟାଙ୍କର ମଧ୍ୟ ରୁଷିଆର। ଏହି ତଥ୍ୟ ୟୁନାଇଟେଡ୍ ଷ୍ଟେଟ୍ସ କଂଗ୍ରେସନାଲ ରିସର୍ଚ୍ଚ ସର୍ଭିସରୁ ମିଳିଛି। ଯୁଦ୍ଧ ତଥା ଏସବୁ ମେସିନଗୁଡ଼ିକର ପ୍ରଶିକ୍ଷଣ ପାଇଁ ସ୍ପେୟାର୍ସ ଏବଂ ସର୍ଭିସିଂର ଆବଶ୍ୟକତା ରହିଥିବାରୁ ଭାରତ ରୁଷୀୟ ଯୋଗାଣକାରୀଙ୍କ ସହ ଲଗାତାର ଯୋଗାଯୋଗରେ ରହିବା ଦରକାର ବୋଲି ମନେକରୁଛି। ବିଶେଷଜ୍ଞଙ୍କ ମତରେ, ଲଦାଖରେ ଭାରତ ଓ ଚାଇନା ବିବାଦର ସମାଧାନ ପାଇଁ ରୁଷିଆ ମଧ୍ୟସ୍ଥ କାର୍ଯ୍ୟ କରୁଛି। ଏଣୁ ଆମେ କୌଣସି ପ୍ରକାରରେ ପୁଟିନ୍‌ଙ୍କୁ ଅସନ୍ତୁଷ୍ଟ କରିପାରିବା ନାହିଁ। ପରିଣାମ ସ୍ୱରୂପ ଭାରତର ଭୋଟ ବିଷୟ ବଡ଼ କଥା ହୋଇ ରହିଲା ନାହିଁ, କାରଣ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଭାବେ ରୁଷିଆ ପାଖରେ ଥିବା ଭିଟୋ ପ୍ରୟୋଗ କଲା ଓ ନିନ୍ଦା ପ୍ରସ୍ତାବ ବିଫଳ ହେଲା। ଆମ ଭଳି ଚାଇନା ମଧ୍ୟ ଭୋଟିଂରୁ ଦୂରେଇ ରହିଲା। ଏସବୁ ସତ୍ତ୍ୱେ ଜଣାପଡ଼େ ଯେ, ଏବକାର ସରକାରରେ ଭାରତର ବୈଦେଶିକ ନୀତି ଠିକ୍ ଠାକ୍ ଚାଲୁନାହିଁ। ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ଆମ ଇତିହାସକୁ ଯଦି ଦେଖିବା ତେବେ ଜାଣିପାରିବା ଯେ, ଭାରତ ବିଦେଶରେ ନିଜକୁ ଏକ ପୁରାତନ ସର୍ବଭୌମ ତଥା ଏକ ସମ୍ମିଳିତ ପରମ୍ପରାସମ୍ପନ୍ନ ରାଷ୍ଟ୍ର ଭାବେ ପ୍ରତିପାଦିତ କରିଆସିଛି। କିନ୍ତୁ ଏହି ସିଦ୍ଧାନ୍ତ ୨୦୧୪ ପରେ ବଦଳିଗଲା। ଅନୁଧ୍ୟାନରୁ ଜଣାପଡ଼େ ଯେ,୨୦୧୪ ପରେ ସରକାର ଭାରତର ହିନ୍ଦୁ ପରମ୍ପରାକୁ ବାହାରେ ପ୍ରକଟ କଲାଭଳି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବା ଲାଗି ରାଷ୍ଟ୍ରଦୂତମାନଙ୍କୁ ନିର୍ଦ୍ଦେଶ ଦେଲେ। ଏଥିରେ କେତେ ଜଣ ରାଷ୍ଟ୍ରଦୂତ ଅସନ୍ତୋଷ ପ୍ରକାଶ କରିବାରୁ ସେମାନଙ୍କୁ ପରିବର୍ତ୍ତନ କରି ଭାଜପାର ବିଚାରଧାରା ସହ ଚାଲିବା ଭଳି ରାଷ୍ଟ୍ରଦୂତଙ୍କୁ ସରକାର ନିଯୁକ୍ତ କଲେ। ଭାଜପା ସରକାରଙ୍କ ପ୍ରଥମ ପାଳିରେ ପରିବର୍ତ୍ତନରେ କିଛି ଫରକ ପଡ଼ିଲା ନାହିଁ, କାରଣ ଭାରତରେ ଏଭଳି ଚିନ୍ତାଧାରା ଏତେ ଅଧିକ ପ୍ରଖର ପାଉନଥିଲା।

୨୦୧୯ ପରେ ଏଭଳି ବିଚାରଧାରା ଆମ ସଂଖ୍ୟାଲଘୁଙ୍କ ବିରୋଧରେ ଏହାର ଭୟଙ୍କର ରୂପ ଦେଖାଇବା ଯୋଗୁ ସେବେଠୁ ବାହାରେ ରାଷ୍ଟ୍ରଦୂତମାନେ ପ୍ରତିରକ୍ଷାତ୍ମକ ସ୍ଥିତିରେ ରହିଆସିଛନ୍ତି। ଭାଜପା ୨୦୧୯ରେ ଦ୍ୱିତୀୟ ଥର ଜିତିବା ପରେ ବହୁ ଆଭ୍ୟନ୍ତରୀଣ ଝଟକାର ପ୍ରତିକ୍ରିୟା ବିଦେଶରେ ପ୍ରତିଧ୍ୱନିତ ହୋଇଥିଲା। ପ୍ରଥମଟି ଥିଲା ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ପରେ ୧୭ ମାସ ପାଇଁ କଶ୍ମୀରବାସୀ ଇଣ୍ଟରନେଟ ସୁବିଧାରୁ ବଞ୍ଚିତ ହେଲେ। ୨୦୨୦ରେ କଶ୍ମୀରର ସମସ୍ତ ପିଲା ଅନ୍‌ଲାଇନ ଶିକ୍ଷା ପାଇପାରିଲେ ନାହିଁ। କଶ୍ମୀରବାସୀଙ୍କ ବିରୋଧରେ ଭାରତର ପଦକ୍ଷେପ ଉପରେ ଆମେରିକା ପ୍ରତିନିଧି ସଭାରେ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା। ରିପବ୍ଲିକାନମାନଙ୍କ ପ୍ରଭାବ ଏବଂ ଡୋନାଲ୍ଡ ଟ୍ରମ୍ପ୍ ଆମ ବନ୍ଧୁ ହୋଇଥିବାରୁ ଏହି ପ୍ରସ୍ତାବ ଆଗକୁ ବଢିପାରିଲା ନାହିଁ। ଆମେରିକାରେ ବାଇଡେନ୍ ପ୍ରଶାସନ କ୍ଷମତାକୁ ଆସିବାର କିଛି ଦିନ ପରେ ଭାରତ ୧୭ ମାସର ଇଣ୍ଟର୍‌ନେଟ କଟକଣାକୁ ହଟାଇ ନେଇଥିଲା। ଅନୁଚ୍ଛେଦ ୩୭୦ ଉଚ୍ଛେଦର କିଛି ସପ୍ତାହ ପରେ ଭାଜପା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ପାସ୍ କରିଥିଲା, ଯାହାକୁ ନେଇ ବିଶ୍ୱ ଚିନ୍ତା ପ୍ରକଟ କରିଥିଲା। ୟୁରୋପିଆନ ପାର୍ଲାମେଣ୍ଟରେ ଏହା ବିରୋଧରେ ଏକ ନିନ୍ଦା ପ୍ରସ୍ତାବ ଅଣାଯାଇଥିଲା। ଏହା ପାସ୍ ହୋଇଯିବାର ସମ୍ଭାବନା ରହିଥିଲେ ବି ଭାରତର କୂଟନୀତି ଭୋଟିଂକୁ ସ୍ଥଗିତ ରଖିବାକୁ ସକ୍ଷମ ହେଲା। କିନ୍ତୁ ଏହା ବଦଳରେ ସିଏଏକୁ ଲାଗୁ ନ କରିବାକୁ କୁହାଗଲା, ଯାହା ଏଯାବତ କାର୍ଯ୍ୟକାରୀ କରାଯାଇନାହିଁ। ବ୍ୟତିକ୍ରମ ଯେ, ଆମେ ବାହାରେ ନିଜକୁ ସାର୍ବଭୌମ ଏବଂ ସର୍ବଧର୍ମବାଦୀ ଭାବେ ପ୍ରତିପାଦିତ କରୁଥିବାବେଳେ ଦେଶରେ ବିପରୀତ ଧାରାରେ କାର୍ଯ୍ୟ କରୁଛୁ।

ଲଦାଖରେ ପଡୋଶୀ ଚାଇନାର ଅନୁପ୍ରବେଶ ଭଳି ସମସ୍ୟାକୁ ଆମନ୍ତ୍ରଣ କରିଛୁ। ଆମେ ଚାଇନାକୁ ଉପେକ୍ଷା କରିପାରୁ, କିନ୍ତୁ ପାଶ୍ଚାତ୍ୟ ବିରୋଧରେ ଚାଇନା ସହ ରହିଥିବା ରୁଷିଆକୁ ବନ୍ଧୁ ଭାବେ ହୋଇ ରହିବୁ। ମିଲିଟାରି ଦୃଷ୍ଟିକୋଣରୁ ଆମେରିକା ସହ ଘନିଷ୍ଠ ହେବା ଲାଗି ୨୦୧୪ ପରେ ବହୁ ଚୁକ୍ତି ସ୍ୱାକ୍ଷର କରିଛୁ। ଆମ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି, ବିଶ୍ୱରେ ଗୋଟିଏ କି ଦୁଇଟି ଦେଶରେ ନୁହେଁ, ବରଂ ବହୁ ଦେଶ ମଧ୍ୟରେ କ୍ଷମତା ବା ଶକ୍ତି ବାଣ୍ଟି ହୋଇ ରହିଛି। ଏଣୁ ଭାରତ ସୁବିଧାବାଦୀ ହେବା ଉଚିତ ଏବଂ ଅତୀତର ସନ୍ଦେହାତ୍ମକ ସ୍ଥିତିଗୁଡ଼ିକରୁ ଅଲଗା ରହିବା ଦରକାର। ଏଥିରୁ ବୁଝାପଡୁଛି ଯେ, ଆମର ବାସ୍ତବ ସିଦ୍ଧାନ୍ତ ବା ନୀତି ନାହିଁ ଏବଂ ବିଶ୍ୱରେ କେମିତି କାମ କରିବା ସେ ସମ୍ପର୍କରେ ଧାରଣା ନାହିଁ। ଆମେ ଦେଶରେ ଯାହା କରିଛୁ ତାହା ପାଇଁ ଆମ ପ୍ରଭାବ ଓ ପ୍ରତିଷ୍ଠା ମଧ୍ୟ କମିଛି। ଅନ୍ୟପକ୍ଷରେ ଆମେ ନିମ୍ନଗାମୀ ହେବା ଦ୍ୱାରା ନୂଆ ବନ୍ଧୁ କିମ୍ବା ମେଣ୍ଟ ପାଇନାହୁଁ। ହିଜାବ, ନମାଜ ବିରୋଧକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଆମ ବିଶ୍ୱସ୍ତରୀୟ ଖ୍ୟାତି ଆମ ପାଇଁ ଗୌଣ ହୋଇଯାଇଛି।

Email:aakar.patel@gmail.com

## sudoku

Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 3 | 2 | | 4 | 7 | | | |
| | | | | | | | | |
| | | | | 6 | | | | 5 |
| 8 | 6 | 5 | 9 | 1 | | | 2 | |
| 9 | | 1 | | | 4 | | | |
| | | 3 | | 7 | | | | |
| | | | | | | 5 | | 4 |
| | | | | | 8 | | 7 | 1 |
| | | 6 | 5 | | | | 8 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 5 | 1 | 7 | 3 | 4 | 8 | 6 |
| 1 | 6 | 7 | 2 | 8 | 4 | 3 | 5 | 9 |
| 4 | 8 | 3 | 6 | 9 | 5 | 7 | 1 | 2 |
| 5 | 1 | 9 | 3 | 2 | 7 | 8 | 6 | 4 |
| 6 | 2 | 8 | 4 | 5 | 1 | 9 | 3 | 7 |
| 3 | 7 | 4 | 9 | 6 | 8 | 5 | 2 | 1 |
| 9 | 5 | 6 | 7 | 3 | 2 | 1 | 4 | 8 |
| 8 | 4 | 2 | 5 | 1 | 9 | 6 | 7 | 3 |
| 7 | 3 | 1 | 8 | 4 | 6 | 2 | 9 | 5 |

ଗତକାଲିର ଉତ୍ତର

# ଖାଦ୍ୟାଭାବ ବନାମ ଖାଦ୍ୟନଷ୍ଟ



ନିରଞ୍ଜନ ସାହୁ

କେତେ ଜଣ ଖାଦ୍ୟ ବିଷୟରେ ଟିକିଏ ନିୟନ୍ତ୍ରଣ ରଖିପାରନ୍ତି ନାହିଁ। ପାଖରେ କିଏ କିଛି ଖାଦ୍ୟ ଜିନିଷ ରଖିଦେଲେ ଅଜାଣତରେ ହାତଟି ସେଇଟିକୁ ଚାଲିଯାଏ। ପାଟିରୁ ଅକସ୍ମାତ କିଛି କ୍ଷରଣ ହୁଏ ଆଉ ଅବବୋଧ ହେବା ପୂର୍ବରୁ ଖାଦ୍ୟ ଜିନିଷଟି ପାଟିରେ ପଡ଼ିସାରିଥାଏ। କେତେକ ଅଛନ୍ତି ଖାଦ୍ୟରେ ସେମାନେ ଭାରି ମାପଚୁପ। ଖାଦ୍ୟଦ୍ରବ୍ୟଟିଏ ପରଷି ଦେଉ ଦେଉ ଏତେ ଜୋର୍‌ରେ ସେମାନେ ନାସ୍ତିବାଣୀ ଶୁଣାନ୍ତି ଯେ, ଆପଣ ହୁଏତ ଚିନ୍ତାରେ ପଡ଼ିବେ ଖାଦ୍ୟଦ୍ରବ୍ୟଟି ପୂରା ଫେରେଇନେବେ ବା କିଛି କମେଇଦେବେ; ମାତ୍ର ଟିକିଏ ବଳେଇ କି ଦେଲେ ସେମାନେ ବି ସେଥିରୁ ଟିକିନିଖି କରି ଖାଇଦେବେ। ଆଉ କେହି କେହି କବିବର ରାଧାନାଥଙ୍କ କବିତା ପ୍ରକାରେ ଅର୍ଥାତ୍ 'ଲୋଭୀ ଭୁଞ୍ଜେ ଯଥା ସ୍ୱ ମର୍ଯ୍ୟାଦା ଜାଗି, ପ୍ରତିବେଶୀ ପତ୍ରେ କହେ ଦେବା ଲାଗି।' ପଙ୍ଗତରେ ବସିଲା ବେଳେ ମହାଶୟ ଡାକିବେ ତାଙ୍କ ପାଖରେ ବସିଥିବା ଶ୍ରୀମାନଙ୍କୁ ଅମୁକ ଚିଜଟି ଦେବାକୁ। ତାଙ୍କୁ ଯେତେବେଳେ ସେଇ ଦ୍ରବ୍ୟଟି ପରଷାଯିବ, ସେତିକିବେଳେ ସେ ଖାଲି ଅଙ୍ଗୁଳି ବଢ଼େଇଦେବେ ନିଜ ପତ୍ର ଆଡ଼କୁ।

କେତେ ଜଣ ଖାଇବା ବେଳେ ଏତେ ମନ ଲଗେଇ ଖାଆନ୍ତି ଯେ, ଚାଟିଚୁଟି ସଫା କରି ଦିଅନ୍ତି ବାସନ। ରୋଷେଇ କରିଥିବା ଲୋକଟି ଦେଖିଲେ ଖୁସିପାଏ ଯେ ତା'ର ରୋଷେଇ ବୋଧହୁଏ ଉଚ୍ଚକୋଟୀର ହୋଇଛି। ମାତ୍ର ଆହୁରି ଦଳେ ଅଛନ୍ତି, ଯେଉଁମାନେ ଅନେକ ଖାଦ୍ୟ ନଷ୍ଟ କରନ୍ତି। ଫିଙ୍ଗା ଫୋପଡ଼ା କରନ୍ତି। କିଛି ବର୍ଷ ତଳେ ଆମେରିକାର ଜନୈକ ରାଷ୍ଟ୍ରପତି କହିଲେ ଯେ, ଭାରତୀୟମାନେ ଅଧିକ ଖାଉଥିବାରୁ ପୃଥିବୀରେ ଖାଦ୍ୟଦ୍ରବ୍ୟର ଅଭାବ ପଡୁଛି। ଏହା ସେତେବେଳେ ଅନେକ ଖବରର ଶିରୋନାମା ପାଲଟିଗଲା। କିଛିଦିନ ପରେ ଲୋକେ ସେକଥା ଭୁଲିଗଲେ। ପ୍ରଶ୍ନଟି କିନ୍ତୁ ଅମୀମାଂସିତ ରହିଗଲା। ଭାରତୀୟମାନେ ଗୋଟିଏ ଅତିଭୁକ୍ ଜାତି କି? ପ୍ରାୟ ଷାଠିଏ ବର୍ଷ ତଳେ ଆମ ଦେଶର ଲୋକମାନେ ଖାଦ୍ୟଶସ୍ୟ ଆବଶ୍ୟକତା ଅନୁଯାୟୀ ଉତ୍ପାଦନ କରିପାରୁ ନ ଥିଲେ। ସେଥିପାଇଁ ସେମାନେ ବିଦେଶରେ ହାତ ପାତୁଥିଲେ, ଏପରିକି ମାର୍କିନ ଗହମ ଯାହାକି 'କେୟାର' (ସେଣ୍ଟର ଫର୍ ଆମେରିକାନ୍ ରିଲିଫ୍ ଏଭ୍ରିହୋୟାର) ମାଧ୍ୟମରେ ଆମ ଦେଶର ଦୁଃଖୀରଙ୍କୀଙ୍କ ଭିତରେ ବଣ୍ଟା ହେଉଥିଲା। କ୍ରମେ ସବୁଜ ବିପ୍ଳବରେ ଆମ ଦେଶର କୃଷିଭିତ୍ତିକ ସାମର୍ଥ୍ୟ ବୃଦ୍ଧି ହେବା ପରେ ଆମେ ପ୍ରଧାନ ଖାଦ୍ୟଦ୍ରବ୍ୟ, ଧାନ ଗହମ ଆମଦାନୀରେ ବିଦେଶୀ ରାଷ୍ଟ୍ର ଉପରେ ଏତେ ନିର୍ଭରଶୀଳ ହେଲୁ ନାହିଁ। ଯଦିଓ ଏବେବି ତୈଳଜାତ ଦ୍ରବ୍ୟ ଏବଂ କିଛି ନିର୍ଦ୍ଦିଷ୍ଟ ଖାଦ୍ୟ ପଦାର୍ଥରେ ଆମେମାନେ ଏପର୍ଯ୍ୟନ୍ତ ଆତ୍ମନିର୍ଭରଶୀଳ ହୋଇ ପାରିନାହୁଁ।

ଭାରତୀୟମାନଙ୍କ ଭିତରୁ ଅନେକଙ୍କର ଖାଦ୍ୟଦ୍ରବ୍ୟ ନଷ୍ଟ କରିବା ଭଳି ବଦଭ୍ୟାସଟାଏ ରହିଯାଇଛି। ଯେତେବେଳେ ଅନ୍ୟ କେହି ମାଗଣା ଖାଦ୍ୟ ଦିଅନ୍ତି, ସେତେବେଳେ ଏଇ ପ୍ରବୃତ୍ତିଟି ଖୋଲାଖୋଲି ବାହାରିପଡ଼େ। ଫଳ ହୁଏ ଏତିକି ଯେ ଯେତିକି ଖାଦ୍ୟ ପ୍ରକୃତରେ ବ୍ୟବହୃତ ହୁଏ, ସେତିକି ହୁଏତ ନଷ୍ଟ ହୁଏ।

ଖାଦ୍ୟ ଖାଇବାର କିଛି ବିଧି ଅଛି। ଯେମିତି ସକାଳେ ଟିକିଏ ଅଧିକ ଖାଦ୍ୟ ଖାଇବା କଥା। ଦିନ ବେଳକୁ ତା'ଠାରୁ କମ୍ ଏବଂ ସନ୍ଧ୍ୟା ସାତଟା ପରେ ନ ଖାଇଲେ ଭଲ ଏବଂ ଖାଦ୍ୟକୁ ଭୋକ ହେଲେ ହିଁ ଖାଇବା କଥା। ଏକଥା କିଏ ବା ଆଜିକାଲି ମାନୁଛି! ଆଗ କାଳରେ କୁହାଯାଉଥିଲା ଯିଏ ଦିନରେ ଥରେ ଖାଏ, ସିଏ ହେଲା ଯୋଗୀ। ଯିଏ ଦୁଇଥର ଖାଏ, ସିଏ ଭୋଗୀ। ଯିଏ ତିନିଥର ଖାଏ, ସିଏ ରୋଗୀ। ଯିଏ ଚାରିଥର ଖାଏ, ସିଏ ଶିଶୁ ଏବଂ ଚାରିରୁ ଅଧିକ ଥର ଖାଉଥିବା ଲୋକ ପଶୁ। ପଶୁ କହିବାର ଅର୍ଥ ହେଲା ସେମାନଙ୍କର ଜିହ୍ୱା ଉପରେ ନିୟନ୍ତ୍ରଣ ନଥାଏ, ଯାହାକି ପଶୁ ସ୍ୱଭାବ ସହ ସମାନ।

ମଣିଷର ଖାଦ୍ୟ ସହିତ ତା'ର ନୀରୋଗ ରହିବାର ସମ୍ପର୍କ ରହିଛି। 'ନୀରୋଗ କିଏ'ର ଉତ୍ତର ଏକ ଚମତ୍କାର କାହାଣୀ ମାଧ୍ୟମରେ ଦିଆଯାଇଛି। କାହାଣୀଟି ଏହିପରି। ଦିନେ ଗୋଟିଏ ଅଜଣା ପକ୍ଷୀ ଗୋଟିଏ ଅଦ୍ଭୁତ ଶବ୍ଦ କରି ଉଡ଼ିଯାଉଥିଲା। ତାହା ଆଶ୍ରମର ଶିଷ୍ୟମାନେ ଶୁଣିପାରୁଥିଲେ – କୋଽରୁକ – କୋଽରୁକ – କୋଽରୁକ – ଅର୍ଥାତ୍ ନୀରୋଗ କିଏ? ଆଶ୍ରମର ସନ୍ନ୍ୟାସୀ ତାଙ୍କର ଶିଷ୍ୟମାନଙ୍କଠାରୁ ଏହି ପ୍ରଶ୍ନର ଉତ୍ତର ପୁଚ୍ଛା କରନ୍ତେ ଆଶାନୁରୂପ ଉତ୍ତର ନ ମିଳିବାରୁ ଋଷି ପୁଙ୍ଗବଙ୍କୁ ଏଇ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଥିଲା। ତାଙ୍କ ଭାଷାରେ ଏହାର ଉତ୍ତର ହେଲା – ହିତ୍‌ଭୁକ୍, ମିତଭୁକ୍ ଓ ଋତ୍‌ଭୁକ୍ – କ'ଣ ଏଇ ତିନୋଟି ଶବ୍ଦର ଅର୍ଥ– ତାହା ଥିଲା ସମସ୍ତଙ୍କର ଧାରଣାର ବାହାରେ। ସନ୍ନ୍ୟାସୀଙ୍କୁ ହିଁ କହିବାକୁ ପଡ଼ିଲା ସବୁକଥା ବିଶଦ ଭାବରେ। ମିତଭୁକ୍ ଅର୍ଥହେଲା ଯିଏ ଅଳ୍ପ ଖାଆନ୍ତି ବା ଯାହାଙ୍କୁ କୁହାଯାଏ ମିତାହାରି। କିଛି ଲୋକ ଆବଶ୍ୟକତାଠାରୁ ଅଧିକ ଖାଇଥାଆନ୍ତି। ସମସ୍ତେ ବୁଝିବା କଥା ଯେ, ଆମର ପାକସ୍ଥଳୀ ଖାଦ୍ୟର ଏକ ଗୋଦାମ ଘର ନୁହେଁ। ସେହିପରି ହିତ୍‌ଭୁକ୍ ହେଲେ ସେଇ ବ୍ୟକ୍ତି, ଯିଏକି ନିଜର ପରିଶ୍ରମ ଦ୍ୱାରା ଅର୍ଜିତ ଖାଦ୍ୟ ହିଁ ଖାଇଥା'ନ୍ତି। ନିଜର ଶ୍ରମ ଦ୍ୱାରା ଅର୍ଜିତ ଖାଦ୍ୟଦ୍ରବ୍ୟ ହିଁ ଶରୀରକୁ ପ୍ରକୃତ ପୁଷ୍ଟି ପ୍ରଦାନ କରେ ଏବଂ ଅନ୍ୟ କାହାରି ଦୟା, କାର୍ପଣ୍ୟ ଉପରେ ଏହା ନିର୍ଭରଶୀଳ ହୋଇ ନ ଥାଏ। ଏହା ଖାଦ୍ୟଶୃଙ୍ଖଳରେ ଶୃଙ୍ଖଳା ସୃଷ୍ଟି କରିଥାଏ ଏବଂ ଋତ୍‌ଭୁକ୍ ହେଲା ସେଇ ଖାଦ୍ୟଦ୍ରବ୍ୟ ବା ପନିପରିବା ବା ଫଳମୂଳ ଯାହା ନିର୍ଦ୍ଦିଷ୍ଟ ଋତୁରେ ଉପଲବ୍ଧ ହୋଇଥାଏ। ଅତଏବ ଏଇ ତିନି ଶ୍ରେଣୀୟ ବ୍ୟକ୍ତି ହିଁ ନୀରୋଗ ଜୀବନଯାପନ କରିଥା'ନ୍ତି।

ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମକୁ ଥରେ ତାଙ୍କର ଜଣେ ଝିଆରୀ ଆସିଥାଆନ୍ତି। ସେ ନିଜକୁ ଅତିଥି ଭାବୁଥାଆନ୍ତି ଏବଂ ତାଙ୍କର ଧାରଣା ଥାଏ ଯେ, ତାଙ୍କୁ କିଛି କାମ କରିବାର ଆବଶ୍ୟକତା ନାହିଁ, ଯେମିତିକି ସଚରାଚର ଆମର ଅତିଥିମାନେ ଭାବନ୍ତି। ଝିଆରୀ ଜଣକ ଦେଖିଲେ ତାଙ୍କୁ କେହି ଖାଇବାକୁ ଡାକୁନାହାନ୍ତି। ଏତିକିବେଳେ ସଚେତନ ହେଲେ କସ୍ତୁରବା ଯେ, ଆଶ୍ରମ ନିୟମ ଅନୁସାରେ ଜଣେ କିଛି କାମ ନ କଲେ ତାଙ୍କୁ ଖାଇବାକୁ ମିଳିବ ନାହିଁ। ତୁରନ୍ତ ସେ କିଛି ମୁଗଜାଇ ନେଇ ଝିଆରୀଙ୍କୁ ଦେଲେ ଏବଂ ତାଙ୍କୁ ସେତେକ ପେଷି ଦେବା ପାଇଁ ଅନୁରୋଧ କଲେ। ସେ ସେତେକ କାମ କରିଦେଲା ପରେ ତାଙ୍କୁ ଖାଦ୍ୟ ପରଷା ଯାଇଥିଲା। ଯେଉଁମାନେ ରୋଗୀ, ଶିଶୁ ଅଥବା ଜରାଜୀର୍ଣ୍ଣ ସେମାନେ ଏଇ ନିୟମର ଅନ୍ତର୍ଭୁକ୍ତ ନୁହନ୍ତି। ଅର୍ଥାତ୍ ଏହା ଏକ ଭଲ ଅଭ୍ୟାସ ଯେ, କର୍ମ କରିବା ଦ୍ୱାରା ଜଣେ ଖାଦ୍ୟ ଆହରଣ କଲେ ତାଙ୍କୁ ଖାଦ୍ୟ ହଜମରେ ଅସୁବିଧା ହୁଏ ନାହିଁ।

ପୃଥିବୀରେ ଅନେକ ଲୋକ ନିଜର ଦୈନନ୍ଦିନ ଖାଦ୍ୟ ପାଇପାରନ୍ତି ନାହିଁ; ମାତ୍ର ପୃଥିବୀରେ ଯେତେ ଖାଦ୍ୟ ଉତ୍ପାଦନ ହେଉଛି ତାହା ସମସ୍ତଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଯଥେଷ୍ଟ। ଆକଳନରୁ ଜଣାଯାଇଛି, ପୃଥିବୀର ସବୁ ଲୋକଙ୍କୁ ଖାଦ୍ୟଶସ୍ୟ କେବଳ ଚାଇନା ବା ଭାରତ କିମ୍ବା ବ୍ରାଜିଲ ଯୋଗାଇ ଦେଇପାରିବେ। ଆମର ଖାଦ୍ୟ ସମସ୍ତଙ୍କ ନିକଟରେ ପହଞ୍ଚୁ ନ ଥିବାର ଅନେକ କାରଣ ରହିଛି। ତା' ମଧ୍ୟରୁ ରାଷ୍ଟ୍ରର କିଛି ନୀତି ନିୟମର ତ୍ରୁଟି ସାଙ୍ଗକୁ ମଣିଷର ଲୋଭ ମୁଖ୍ୟତଃ ଦାୟୀ। ଗାନ୍ଧିଜୀ ଥରେ କହିଥିଲେ, ''ପେଟ ଭରୋ, ଲେକିନ୍ ପେଟୀ ମତ ଭରୋ– ଏକ୍ ପେଟୀ ଭରେଗେଁ ତୋ ସଇକୋଡ଼ୋ ଲୋଗ୍ ଭୂଖା ରହ୍ ଯାଏଗେଁ'' ଅର୍ଥାତ୍ ଠିକ୍ ସେଇକଥା ଯାହା କହିଥିଲେ ଲିଓ ଟଲ୍‌ଷ୍ଟୟ ଯେ, ପୃଥିବୀରେ ସମସ୍ତଙ୍କୁ ଉପଯୁକ୍ତ ଖାଦ୍ୟ ଯୋଗାଇବା ପାଇଁ ପର୍ଯ୍ୟାପ୍ତ ସମ୍ବଳ ରହିଛି; ମାତ୍ର ଜଣେ ଲୋକର କାର୍ପଣ୍ୟ ଏତେ ବେଶି ଯେ ସମଗ୍ର ପୃଥିବୀର ଧନ ତା' ପାଇଁ ବି ନିଅଣ୍ଟ। ମଣିଷର ଲୋଭ ଏତେ ବେଶି ଯେ, ତା'ର ଆବଶ୍ୟକତା ଏତେ ସେ ବଢ଼େଇ ଦେଇଛି ଯେ, ତା'ର ଭବିଷ୍ୟତ ପାଇଁ ଏତେ ଚିନ୍ତା ଯେ, ସେ ସବୁବେଳେ ଭାବୁଥାଏ ତାକୁ ନିଅଣ୍ଟ ହେଉଛି। ଏହା ବାସ୍ତବତା ନୁହେଁ, ବରଂ ଏକ ମାନସିକ ବ୍ୟାଧି।

ଖାଦ୍ୟ ଅଭାବର ଅନେକ କାରଣ ଭିତରୁ ଆଉ ଏକ ପ୍ରମୁଖ କାରଣ ଆମର ଖାଦ୍ୟ ପଦାର୍ଥକୁ ସଜେଇ ଗୋଦାମ ଘରେ ରଖିବା ଭିତରେ ମୂଷାମାନେ ସେଥିରେ ବଇରି ସାଧନ୍ତି। କେବଳ ଖାଦ୍ୟଦ୍ରବ୍ୟ ଖାଇବାରେ ସୀମିତ ନୁହେଁ, ସେମାନଙ୍କର କାର୍ଯ୍ୟ, ବରଂ ବହୁ ଖାଦ୍ୟ ନଷ୍ଟ କରିବାରେ ସେମାନଙ୍କର ଅସୀମ ଆନନ୍ଦ। ଏହାକୁ ଲକ୍ଷ୍ୟ କରି କିଛି ବର୍ଷତଳେ ମୂଷାମରା ଅଭିଯାନ ଆରମ୍ଭ ହୋଇଥିଲା ଗୋଟିଏ ଦେଶରେ; ମାତ୍ର ପରେ ତାହା ପ୍ରକୃତିର ସନ୍ତୁଳନକୁ ବିଗାଡ଼ି ଦେଇଥିଲା ବୋଲି ସମାଜ ବିଜ୍ଞାନୀମାନେ ମତ ଦେଇଥିଲେ। ଯେଉଁ ମୂଷାମାନେ ଖାଦ୍ୟଦ୍ରବ୍ୟ ନଷ୍ଟ କରନ୍ତି, ତା'ଠାରୁ ଶହେଗୁଣ ଭୟଙ୍କର କିଛି ଅସାଧୁ ଗୋଦାମ ଦାୟିତ୍ୱରେ ଥିବା ବାବୁମାନେ। ବୋଧହୁଏ ସେଇମାନଙ୍କୁ ଲକ୍ଷ୍ୟ କରି ଏକ ପ୍ରଜାତିର ମୂଷା ଭାବରେ ତାଙ୍କୁ ତାଚ୍ଛଲ୍ୟ କରାଯାଏ। ଇଂଲିଶ୍ ସେଇ ଶବ୍ଦଟି ହେଲା ବଣ୍ଡିକୁଟ– Bandicoot। ଏହାର ଆକ୍ଷରିକ ଅର୍ଥ ହେଲା – ବିରାଡ଼ି ଆକାରର ମୂଷା – (A rat as big as a cat)। ଏହି ମଣିଷ–ମୂଷାମାନଙ୍କୁ ସାବାଡ଼ କରାଯାଇ ନ ପାରିଲେ ଖାଦ୍ୟାଭାବ କ'ଣ ସତରେ କମିବ!

ଅନ୍ନ ଦ୍ୱାରା ଶରୀର ପୁଷ୍ଟ ହେଉଥିବାରୁ ଏବଂ ଅନ୍ନ ବିହୁନେ ମଣିଷର ଜ୍ଞାନ ଚେତନା ସବୁ ଲୋପ ପାଇବାର ସମ୍ଭାବନା ଥିବାରୁ ଅନ୍ନକୁ ବ୍ରହ୍ମ ସହିତ ତୁଳନା କରାଯାଇଛି। ସେଇ ଅନ୍ନ ବା ଖାଦ୍ୟ ସମ୍ଭାର ପାଇଁ ମଣିଷ ନିଜର ମଣିଷପଣିଆ ଦେଖାଇବା ଦରକାର। କିପରି ସମସ୍ତେ ଖାଦ୍ୟ ଖାଇବାକୁ ପାଇବେ, କେହି ଖାଦ୍ୟ ନଷ୍ଟ କରିବେ ନାହିଁ, ତାହା ଏକ ରାଷ୍ଟ୍ରଧର୍ମରେ ଅନ୍ତର୍ଭୁକ୍ତ ହେବା ଜରୁରୀ।

ସଦସ୍ୟ, ଓଡ଼ିଶା ଲୋକସେବା ଆୟୋଗ
ମୋ: ୯୪୩୮୪୮୨୯୧୧

# ନିର୍ଭୀକ ରାଷ୍ଟ୍ରପତି

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ବିଶ୍ୱ ଭୂରାଜନୈତିକ ସ୍ଥିତିରେ ଏବେ ଭୂକମ୍ପନ ସୃଷ୍ଟି କରିଛି। ୟୁକ୍ରେନ୍ ପଛରେ ଆମେରିକା ଓ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ)ର ସମର୍ଥନ ରହିଥିବା ବିଷୟ ଦୀର୍ଘ ଦିନ ହେବ ଆଲୋଚନା ହୋଇଆସୁଥିଲା। ସେଥିପାଇଁ ବିଶ୍ୱବାସୀ ଆଶ୍ୱସ୍ତ ଥିଲେ ଯେ ରୁଷିଆ ଓ ୟୁକ୍ରେନ୍ ଯୁଦ୍ଧ କେବଳ ରଣହୁଙ୍କାର ଦେଇ ଚାଲୁଥିବ। କାରଣ ରୁଷିଆ ତା' ବିପକ୍ଷରେ ଦୃଶ୍ୟମାନ ହେଉଥିବା ଶକ୍ତିସମୂହ ସହିତ ଲଢ଼ିବାକୁ ଚାହିଁବ ନାହିଁ। କିନ୍ତୁ ସମୟ ବିଗିଡ଼ିଗଲା। ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ତିକ୍ତତା ବଢ଼ିଗଲା ପରେ କିଏ ପ୍ରକୃତରେ ତା' ଶତ୍ରୁ ରାଷ୍ଟ୍ରକୁ ସାହାଯ୍ୟ କରୁଛି ତାହା ଜାଣିବା ପାଇଁ ମସ୍କୋ ଆକଳନ କରିବାକୁ ଲାଗିଲା। ତା' ଗୋଇନ୍ଦା ସୂଚନାକୁ ଭିତ୍ତିକରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସମ୍ଭବତଃ ଜାଣିଗଲେ ଯେ, ୟୁକ୍ରେନ୍‌କୁ ସହଯୋଗ କରିବାକୁ ଆମେରିକା ଓ ନାଟୋ ଆଗେଇ ଆସିବେ ନାହିଁ। ଫଳସ୍ୱରୂପ ୨୪ ଫେବୃୟାରୀ ୨୦୨୨ରେ ରୁଷିଆର ୟୁକ୍ରେନ ଆକ୍ରମଣ ଆରମ୍ଭ ହୋଇଗଲା। ଦୁଇ ଦିନ ଘମାଘୋଟ ଲଢ଼େଇ ପରେ ୟୁକ୍ରେନ୍ ସେନା ରୁଷିଆ ନିକଟରେ ଆତ୍ମସମର୍ପଣ କଲେ ଆଲୋଚନା ହୋଇପାରେ ବୋଲି ପୁଟିନ୍ କହିଥିଲେ। ହେଲେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ମୁଣ୍ଡ ନୁଆଁଇବାକୁ ମନା କରିଦେବା ପରେ ଏବେ ତାଙ୍କ ବ୍ୟକ୍ତିତ୍ୱ ଓ ସାହସିକ ପଦକ୍ଷେପ ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି।

ବ୍ୟକ୍ତିତ୍ୱ



ଭୋଲୋଡିମିର ଜେଲେନ୍‌ସ୍କି

ଜେଲେନ୍‌ସ୍କି ୨୫ ଜାନୁୟାରୀ ୧୯୭୮ରେ ୟୁକ୍ରେନ୍‌ର କ୍ରିଭି ରିହଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାତାପିତା ଥିଲେ ଇହୁଦୀ। ୟୁକ୍ରେନ୍ ଓ ଇଂଲିଶ ଭାଷାରେ ଦକ୍ଷ ଥିବା ଜେଲେନ୍‌ସ୍କି ୧୯୯୫ରେ କ୍ରିଭି ରିହ ଇକୋନୋମିକ୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଆଇନରେ ଡିଗ୍ରୀ ଅର୍ଜନ କରିଥିଲେ। ଆଇନ ବ୍ୟବସାୟ କରିବା ଲାଗି ସେ ଲାଇସେନ୍ସ ବାହାର କରିଦେଇଥିଲେ ମଧ୍ୟ ଭାଗ୍ୟ ତାଙ୍କ ପାଇଁ ନୂଆ ଉପହାର ସାଇତି ରଖିଥିଲା। ଜେଲେନ୍‌ସ୍କି ପିଲାବେଳୁ ଅଭିନୟ ପ୍ରତି ଆକର୍ଷିତ ଥିବାରୁ ସେ ସେହି ଦିଗରେ ଉତ୍କର୍ଷ କରିବେ ବୋଲି ପରିବାରବର୍ଗ ଭାବିଥିଲେ। ଛାତ୍ରାବସ୍ଥାରେ ସେ ଥିଏଟରରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ୧୯୯୭ରେ ସେ 'କେଭାର୍ଟାଲ ୯୫' ନାମରେ ଏକ ପର୍ଫମାନ୍ସ ଗ୍ରୁପ୍ ଗଢ଼ିଥିଲେ। ତାଙ୍କ ଅଭିନୀତ କମେଡି ଶୋ' 'କେଭିଏନ୍' ରୁଷୀୟ ଟେଲିଭିଜନରେ ଲୋକପ୍ରିୟତା ଅର୍ଜନ କରିବା ପରେ ସେ ଅଧିକ ଉତ୍ସାହିତ ହୋଇଯାଇଥିଲେ। ୨୦୦୩ ଯାଏ ସେହି ଶୋ' ଚାଲିଲା। ସେହିବର୍ଷ ଜେଲେନ୍‌ସ୍କି 'ଷ୍ଟୁଡିଓ କେଭାର୍ଟାଲ ୯୫' ନାମରେ ମନୋରଞ୍ଜନ କମ୍ପାନୀ ଗଢ଼ି ତା'ର ସହ–ପ୍ରତିଷ୍ଠାତା ହୋଇଥିଲେ। ପରେ ତା'ର ଆର୍ଟିଷ୍ଟିକ୍ ଡାଇରେକ୍ଟର ହୋଇ ସେ ଯେଉଁ ନୂଆ ଧରଣର ମନୋରଞ୍ଜନ ଦର୍ଶକଙ୍କୁ ଦେଇଚାଲିଲେ, ତାହା ଦ୍ୱାରା ଉକ୍ତ କମ୍ପାନୀ ବେଶ୍ ସଫଳତା ଅର୍ଜନ କଲା। ପରବର୍ତ୍ତୀ ସମୟରେ ସେ ୟୁକ୍ରେନୀୟ ଟେଲିଭିଜନ ଚ୍ୟାନେଲ 'ଇଣ୍ଟର ଟିଭି'ର ଜେନେରାଲ ପ୍ରଡ୍ୟୁସର ଭଳି ଶୀର୍ଷ ପଦବୀରେ ବସିପାରିଥିଲେ। ୨୦୧୨ରେ ଜେଲେନ୍‌ସ୍କି ଇଣ୍ଟର ଟିଭି ଛାଡ଼ିଦେଇଥିଲେ। ତେବେ ଏହି ସମୟ ମଧ୍ୟରେ ସେ କେତେକ ଫିଚର ଫିଲ୍ମରେ ଅଭିନୟ କରି ପ୍ରଶଂସା ସାଉଁଟି ଥିଲେ। ୨୦୧୩ରେ ତାଙ୍କ କ୍ୟାରିୟର ନୂଆ ମୋଡ଼ ନେଇଥିଲା। ସେ କେଭାର୍ଟାଲ ୯୫ର ଆର୍ଟିଷ୍ଟିକ୍ ଡାଇରେକ୍ଟର ହେବା ସହ ୟୁକ୍ରେନ୍ ରାଜନୀତିରେ ପାଦ ଦେଇଥିଲେ। ୨୦୧୪ରେ ୟୁକ୍ରେନ୍ ରାଜନୀତିରେ ଭୂକମ୍ପ ସୃଷ୍ଟି ହୋଇଥିଲା। ତତ୍‌କାଳୀନ ରାଷ୍ଟ୍ରପତି ଭିକ୍ଟୋର ୟାନୁକୋଭିଚ୍‌ଙ୍କ ବିରୋଧରେ ଦେଶବ୍ୟାପୀ ପ୍ରତିବାଦ ହେବାରୁ ତାଙ୍କୁ ପଦବୀ ହରାଇବାକୁ ପଡ଼ିଥିଲା। ସେହି ବର୍ଷ ମେ'ରେ ବିଲିୟନେୟାର ପେଟ୍ରୋ ପୋରେଶେଙ୍କୋ ୟୁକ୍ରେନ୍‌ର ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ହେଲେ ରୁଷିଆ ସମର୍ଥିତ ବିଦ୍ରୋହୀମାନେ ପୂର୍ବ ୟୁକ୍ରେନ୍‌ରେ ସକ୍ରିୟ ହେବା ଓ ଦେଶର ଅର୍ଥନୀତି ଦୁର୍ବଳ ହେବାରୁ ତାହାକୁ ସେ ସମ୍ଭାଳିବାରେ ସକ୍ଷମ ହେଲେ ନାହିଁ। ଦେଶର ରାଜନୈତିକ ସ୍ଥିତିକୁ ନେଇ କେଭାର୍ଟାଲ ୯୫ ଦ୍ୱାରା ୨୦୧୫ ଅକ୍ଟୋବରରେ ଜେଲେନ୍‌ସ୍କିଙ୍କ ପରିକଳ୍ପିତ ୟୁକ୍ରେନୀୟ ରାଜନୈତିକ ବିଦ୍ରୂପକାରୀ କମେଡି ଟେଲିଭିଜନ୍ ସିରିଜ୍ 'ସର୍ଭେଣ୍ଟ ଅଫ୍ ପିପୁଲ' ଯେତେବେଳେ ପ୍ରସାରିତ ହେଲା ସେତେବେଳେ ତାଙ୍କ ଲୋକପ୍ରିୟତା ଆହୁରି ବଢ଼ିଗଲା। ଏହି ସୁଯୋଗ ତାଙ୍କୁ ସମ୍ପୂର୍ଣ୍ଣ ରାଜନୀତିରେ ସାମିଲ ହେବାକୁ ମଧ୍ୟ ବାଟ ଦେଖାଇଦେଲା। ସେ ସର୍ଭେଣ୍ଟ ଅଫ୍ ପିପୁଲକୁ ରାଜନୈତିକ ପାର୍ଟି ଭାବେ ଦେଶରେ ପଞ୍ଜୀକୃତ କରିଦେଲେ। ଭାଗ୍ୟଦେବୀ ଜେଲେନ୍‌ସ୍କିଙ୍କୁ ସହାୟ ହେଲେ। ୨୦୧୯ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ପ୍ରଚାର ଶୈଳୀ ଅନ୍ୟମାନଙ୍କଠାରୁ ମଧ୍ୟ ନିଆରା ହେଲା। ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବା ଲାଗି ତାଙ୍କ କ୍ଷୁଦ୍ର ଭାଷଣ ଓ କମେଡି ଭିଡିଓ ୟୁଟ୍ୟୁବ୍ ଓ ଇନ୍‌ଷ୍ଟାଗ୍ରାମ୍‌ରେ ଛାଇଗଲା। ଶେଷରେ ସେ ୨୧ ଏପ୍ରିଲ ୨୦୧୯ରେ ୟୁକ୍ରେନ୍‌ର ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ୨୦ ମେ'ରେ ସେ ଦାୟିତ୍ୱ ଗ୍ରହଣ କଲେ।

ଅଭିନେତାରୁ ରାଜନେତା ପାଲଟିଥିବା ଜେଲେନ୍‌ସ୍କି ୨୦୦୩ରେ ଓଲେନାଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ରାଷ୍ଟ୍ରପତି ହେବା ପରେ ତାଙ୍କ ଅନେକ ପଦକ୍ଷେପ ଦେଶବାସୀଙ୍କୁ ସୁହାଇଥିଲା। ଅପରପକ୍ଷରେ ତାଙ୍କ ଗତିବିଧିକୁ ରୁଷିଆ ରାଷ୍ଟ୍ରପତି ପୁଟିନ୍ ସହ୍ୟ କରିପାରି ନ ଥିଲେ। କ୍ୱିଭ୍ ଉପରେ ରୁଷିଆ ବିଭିନ୍ନ ଦିଗରୁ କର୍ତ୍ତୃତ୍ୱ ଜାହିର କରିବାରୁ ଜେଲେନ୍‌ସ୍କି ତାହାକୁ ବିରୋଧ କରିଥିଲେ। ଏବେ ଯୁଦ୍ଧ ଶୀର୍ଷରେ ପହଞ୍ଚିଥିବା ବେଳେ ନା ନାଟୋ ନା ଆମେରିକା ଜେଲେନ୍‌ସ୍କିଙ୍କ ୟୁକ୍ରେନ୍‌କୁ ସୁରକ୍ଷା ଦେବାକୁ ସମର୍ଥ ହେଲେ! ତଥାପି ଦମ୍ଭ ଧରି ବିଶ୍ୱର ଅନ୍ୟତମ କ୍ଷମତାଶାଳୀ ତଥା ସମ୍ବଳ ଓ ସାମର୍ଥ୍ୟ ଦୃଷ୍ଟିରୁ ଭାରି ବୋଲି ଜଗତ ଜାଣିଥିବା ରୁଷିଆ ଆଗରେ ଏ ଯାଏ ଜେଲେନ୍‌ସ୍କି ମୁଣ୍ଡ ନୁଆଁଇ ନ ଥିବାରୁ ତାଙ୍କ ବ୍ୟକ୍ତିତ୍ୱ ପୁଟିନ୍‌ଙ୍କ ବିଶାଳ ପଦକ୍ଷେପକୁ ନ୍ୟୂନ କରିଦେଇଛି ବୋଲି କୁହାଯାଇପାରେ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଅସହାୟ ଗରିବ, ମାନସିକ ଓ ଶାରୀରିକ ଦିବ୍ୟାଙ୍ଗ ପିଲାମାନଙ୍କ ସାହାରା ପାଲଟିଛନ୍ତି ଗୁଜରାଟର କିରଣ ପିଠିୟା ଏବଂ ତାଙ୍କ ପତି ରମେଶ । ରାଜକୋଟର ଉପଲେଟା ବ୍ଲକ୍ ନିବାସୀ ଏହି ଦମ୍ପତି ବିବାହର ଠିକ୍ ପରେ ପରେ ଦିବ୍ୟାଙ୍ଗ ଶିଶୁମାନଙ୍କ ସେବା କରିବାକୁ ନିଷ୍ପତ୍ତି ନେଇଥିଲେ। ବାସ୍ତବରେ ଏଭଳି ପତି ପତ୍ନୀଙ୍କ ଜୀବନର ଲକ୍ଷ୍ୟ ଏକ ହେବା ଖୁବ୍ କମ୍ ଦେଖିବାକୁ ମିଳେ। ଏହି କାର୍ଯ୍ୟ ଲାଗି କିରଣ ଚାକିରି ଛାଡ଼ି ଦେଇଛନ୍ତି। ଉକ୍ତ ଦମ୍ପତି ପ୍ରଥମେ ୧୦ ଜଣ ପିଲାଙ୍କୁ ନେଇ ଏକ ଭଡ଼ାଘରେ ସେବା ଆରମ୍ଭ କରିଥିଲେ। ପରେ 'ଦିବ୍ୟ ଜ୍ୟୋତ ଦିବ୍ୟାଙ୍ଗ' ସଂସ୍ଥା ଗଢି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ରମେଶ ପିଲାଙ୍କୁ ଭୋକେଶନାଲ ଟ୍ରେନିଂ ଦେଉଛନ୍ତି ଓ ପଢ଼ାଉଛନ୍ତି। ଏବେ ତାଙ୍କ ପାଖରେ ୨୭ ଜଣ ଦିବ୍ୟାଙ୍ଗ ପିଲା ରହିଛନ୍ତି ଏବଂ ଅଧିକ ସୁବିଧା ହେଲେ ସେମାନେ ବେଶି ପିଲା ରଖିବାକୁ ଯୋଜନା କରିଛନ୍ତି ବୋଲି କହନ୍ତି କିରଣ। ଏ ବାବଦରେ ପ୍ରତି ମାସରେ ଖର୍ଚ୍ଚ ପାଇଁ ଆବଶ୍ୟକ ପାଖାପାଖି ୫୦ ହଜାର ଟଙ୍କା ଲୋକମାନଙ୍କଠାରୁ ଦାନ ସୂତ୍ରରେ ଯୋଗାଡ଼ ହେଉଛି। ପିଲାମାନଙ୍କ ଯତ୍ନ ନେବା ଲାଗି ସେମାନେ ଆଉ ତିନି ଜଣ ଲୋକଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଫେବୃୟାରୀ ୧୯୯୭

- ଶ୍ରୀଲଙ୍କାର ଉତ୍ତର–ପୂର୍ବାଞ୍ଚଳରେ ତାମିଲ ଗେରିଲା ଓ ସେନା ମଧ୍ୟରେ ସଂଘର୍ଷ ଘଟି ୧୧ ଗେରିଲାଙ୍କ ସମେତ ୪ ସେନା ନିହତ।
- ବିବାଦୀୟ ତାନ୍ତ୍ରିକ ଚନ୍ଦ୍ରସ୍ୱାମୀ ତାଙ୍କର ସଚିବ କେ.ଏନ୍. ଅଗ୍ରୱାଲ ଏବଂ ସହଯୋଗୀ ବିକ୍ରମ ସିଂଙ୍କୁ ଦିଲ୍ଲୀ ହାଇକୋର୍ଟ ମଞ୍ଜୁର କରିଥିବା ଆଗୁଆ ଜାମିନ ସୁପ୍ରିମ୍‌କୋର୍ଟରେ ଖାରଜ।
- ଗୁଜରାଟ ବିଧାନସଭାରୁ ୧୩ ଭାଜପା ବିଧାୟକଙ୍କୁ ସସ୍‌ପେଣ୍ଡ କରାଯିବା ପ୍ରତିବାଦରେ ଦଳର ସବୁ ସଦସ୍ୟଙ୍କ ବିଧାନସଭା ବର୍ଜନ।

## ଚିରନ୍ତନୀ

ସେ ନିଶ୍ଚେ ମୋହରି ତାରା ମୋ ପ୍ରାଣ–ଆଲୋକ
ମୋ ଗଗନେ ଉଇଁ ଉଠେ ନାଶି ଦୁଃଖ ଶୋକ,
ସେ ନିଶ୍ଚେ ମୋହରି ଜାତି,
ମୋର ଆକାଶର ସାଥୀ
ମୋହ ପାଇଁ ବୁଲାଏ ସେ ଚକ୍ଷୁ ତିନି ଲୋକ।
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶା ବନାନ ସାର୍ବଜନୀନ ହେଉ

ମହାଶୟ,

ନିକଟରେ ଓରିଶାର ବନାନ କେବଳ ଓଡ଼ିଶା ହାଇକୋର୍ଟର ସଂଶୋଧନ ପାଇଁ ବ୍ୟବହୃତ କରିବା ନିମନ୍ତେ ବିଜେଡିର ରାଜ୍ୟ ସଭାରେ ଦାବି ଉପସ୍ଥାପନା ହୋଇଥିଲା। କାରଣ ଏହି ଓରିଶାର ବନାନ ପ୍ରାୟ ବହୁବର୍ଷ ଧରି ଚଳିଆସୁଥିଲା। ପରିଶେଷରେ ୨୦୧୧ରେ ସମ୍ବିଧାନର ୧୧୧ତମ ସଂଶୋଧନାତ୍ମକ ବିଲ୍ ପାରିତ ହୋଇଥିଲା ଏବଂ ଓରିଶାରୁ ଓଡ଼ିଶାକୁ ପରିବର୍ତ୍ତନ କରାଯାଇଥିଲା। ଏହାପରେ ସରକାରୀ ସ୍ତରରେ ରେକର୍ଡପତ୍ର ମଧ୍ୟ ତଦନୁସାରେ ବଦଳାଯାଇଥିଲା। କିନ୍ତୁ ପ୍ରକାରାନ୍ତରେ ଓରିଶା ଶବ୍ଦର ବ୍ୟବହାର ଅଦ୍ୟାବଧି ପ୍ରାୟ ଅଧିକାଂଶ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ବ୍ୟବହୃତ ହେଉଥିବାର ନଜରକୁ ଆସୁଛି। ଏହା ବାସ୍ତବିକ ପରିତାପର ବିଷୟ। କାରଣ ଏହି କ୍ରମରେ ଆମ୍ଭେ ସବୁ ଓଡ଼ିଆ ହୋଇ ମଧ୍ୟ ଆମ ଜାତିର ମାତୃଭାଷାକୁ ଠିକ୍ ରୂପେ ଉପସ୍ଥାପନା କରିପାରୁ ନାହୁଁ। ଏହା ଆମ ମାତୃଭାଷା ପ୍ରତି ଘୋର ଅସମ୍ମାନ ସୂଚକ । ସରକାର ମଧ୍ୟ ଏହି ଓଡ଼ିଶା ଶବ୍ଦକୁ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ବ୍ୟବହାର କରିବା ପାଇଁ କଡ଼ାକଡ଼ି ନିୟମ ପାଳନ କରିବା ଜରୁରୀ ।

–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ଯୁଦ୍ଧ ଦୁର୍ଦ୍ଦଶା





ରୁଷିଆ ଆକ୍ରମଣରେ ୟୁକ୍ରେନ୍ ରାଜଧାନୀ କିଭ୍‌ର ଏକ ଆପାର୍ଟମେଣ୍ଟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।



ୟୁକ୍ରେନ୍-ହଙ୍ଗେରି ସୀମାସ୍ଥିତ ଏକ ଚେକ୍ ପଏଣ୍ଟରେ ଅତିକ୍ରମ ପାଇଁ ସହାୟତା ଅପେକ୍ଷାରେ ଦୁଇ ଭଉଣୀ।



ଯୁଦ୍ଧବାହନରେ ୟୁକ୍ରେନ୍ ସୈନିକ ସ୍ଥାନୀୟ ନାଗରିକଙ୍କୁ ଅଭିବାଦନ ଜଣାଉଛନ୍ତି।




ନରୱେ ରାଜଧାନୀ ଓସ୍‌ଲୋ ପାର୍ଲାମେଣ୍ଟ ସମ୍ମୁଖରେ ୟୁକ୍ରେନ୍ ସପକ୍ଷବାଦୀମାନେ ଯୁଦ୍ଧ ପ୍ରଭାବିତଙ୍କ ଉଦ୍ଦେଶ୍ୟରେ ବିଶାଳ ଶୋଭାଯାତ୍ରା କରୁଛନ୍ତି।



କିଭ୍‌ରେ ବାସଚ୍ୟୁତ ଜଣେ ବୃଦ୍ଧା ଦୁଃଖରେ ଭାଙ୍ଗିପଡ଼ିଛନ୍ତି।



ମୋର୍ଟାର ମାଡ଼ରେ ଲୁହାନ୍‌ସ୍କରେ ଥିବା ଏକ ବିଲ୍ଡିଂ ଜଳୁଛି।




ୟୁକ୍ରେନ୍‌ରେ ଫସିଥିବା ଭାରତୀୟଙ୍କୁ ସୁରକ୍ଷିତ ଫେରାଇଆଣିବା ଦାବିରେ ନୂଆଦିଲ୍ଲୀରେ ଯୁଦ୍ଧ ବିରୋଧୀଙ୍କ ସ୍ଲୋଗାନ୍ 'ନୋ ଟୁ ୱାର୍'।




ନୂଆଦିଲ୍ଲୀସ୍ଥିତ ୟୁକ୍ରେନ୍ ଦୂତାବାସ ଆଗରେ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି।



ୟୁକ୍ରେନ୍‌ରେ ଜଣେ ବୃଦ୍ଧା ଭଙ୍ଗା ଝରକା ଦେଇ ଅନାଇଛନ୍ତି।



କିଭ୍ ରାସ୍ତାରେ କାରଗୁଡ଼ିକ ଜଳି ଉଠୁଥିବାବେଳେ ମୁତୟନ ୟୁକ୍ରେନ୍ ସୁରକ୍ଷାବଳ।



ହଙ୍ଗେରି ସୀମାନ୍ତ ଜାହୋନୀରେ ଏକ ଟ୍ରେନ୍‌ରୁ ଓହ୍ଲାଉଛନ୍ତି ୟୁକ୍ରେନ୍ ଶରଣାର୍ଥୀ।



ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ନିଜ ସ୍ମାର୍ଟ ଫୋନ୍‌ରୁ ଦେଶବାସୀଙ୍କୁ ସମ୍ବୋଧନ କରୁଛନ୍ତି।



କିଭ୍‌ରେ ଏକ କୋଠା ଜଳିଯାଉଥିବାବେଳେ ଅଗ୍ନିଶମ ବାହିନୀ ନିଆଁ ଲିଭାଉଛନ୍ତି।



ରୁଷିଆର କ୍ଷେପଣାସ୍ତ୍ର ମାଡ଼ରେ ଧ୍ୱସ୍ତବିଧ୍ୱସ୍ତ କିଭ୍‌ରେ ୟୁକ୍ରେନ୍ ସୈନ୍ୟ ଅଫୁଟା ବୋମା ଅନ୍ୱେଷଣ କରୁଛନ୍ତି।

## ସଂକ୍ଷେପରେ

### ବୋମାମାଡ଼ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

**ଖଣ୍ଡପଡ଼ା,୨୬।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅଧୀନ ବଡ଼ବୋଦସା ଗ୍ରାମରେ ଘଟିଥିବା ବୋମାମାଡ଼ରେ ସ୍ଥାନୀୟ ଅଞ୍ଚଳର ଯୁବକ ପ୍ରଶାନ୍ତ କୁମାର ତାରେଣିଆ(୩୩)ଙ୍କ ମୃତ୍ୟୁ ହୋଇଥିଲା। ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ନରେଶ ମାଝିଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ନରେଶ ଖଣ୍ଡପଡ଼ା ଥାନା ଅଧୀନ ବେଣାଗାଡିଆ ପଞ୍ଚାୟତର ବରକୋଳି ଗ୍ରାମର ଏକ ଛେଳି ଗୁହାଳରେ ଲୁଚିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ବିଶ୍ୱଜିତ୍ ରାଉତରାୟ ସଦଳବଳ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ। ଘଟଣା ଦିନ ନରେଶ ୨ ବୋମାମାଡ଼ କରିଥିଲେ। ଗୋଟିଏ ବୋମା ତଳେ ପଡି ଫୁଟିଥିବା ବେଳେ ୨ୟ ବୋମାଟି ପ୍ରଶାନ୍ତଙ୍କ ମୁଣ୍ଡରେ ବାଜିବାରୁ ସେଠାରେ ସେ ଟଳି ପଡିଥିଲେ। ପୋଲିସ ଦ୍ୱାରା ଗିରଫ ମୁଖ୍ୟ ଅଭିଯୁକ୍ତ ନରେଶ ଏକାଧିକ ଅପରାଧ ମାମଲାରେ ଜଡିତ ଥିବା ନେଇ ପୋଲିସ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ, ଏହି ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ୧୦ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ ଶନିବାର ସୁଦ୍ଧା ୫ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ଜଣାଯାଇଛି।

### ବାରହା ମାଂସ ଜବତ, ଶିକାରୀ ଗିରଫ

**ଓଡ଼ଗାଁ, ୨୬।୨ (ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ବନ ବିଭାଗ କର୍ମଚାରୀ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ବନାଞ୍ଚଳ ଅଧୀନ ବାହାଡ଼ାଝୋଲା ସେକ୍ସନ ବେରୁଆଁବାରୀ-ସୁନାମୁହିଁ ରାସ୍ତାରେ ଜଣେ ଶିକାରୀଙ୍କଠାରୁ ୧୭ କେଜି ବାରହା ମାଂସ ଜବତ କରିଛନ୍ତି। ଏହି ଘଟଣାରେ ଆଦର୍ଶ ଥାନା ଅଧୀନ ଗିରିଡ଼ିପଲ୍ଲୀ ପଞ୍ଚାୟତ ଖଙ୍ଗାରପଲ୍ଲୀ ଗ୍ରାମର ତ୍ରିନାଥ ସେଠୀ(୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଘଟଣାଦିନ ତ୍ରିନାଥ ବାରହା ମାଂସ ନେଇ ଆସୁଥିବା ବନାଞ୍ଚଳ ଅଧିକାରୀ ଅମ୍ରିତ କୁମାର ସୂଚନା ପାଇଥିଲେ। ବନପାଳ ସନାତନ ସ୍ୱାଇଁ, ବନରକ୍ଷୀ ଧରଣୀଧର ନାୟକ ଓ ସୁନୀଲ ନାୟକ ସେଡି ରାସ୍ତାରୁ ତ୍ରିନାଥଙ୍କୁ କାବୁ କରିବା ସହିତ ଏକ ମୋପେଡ (ନଂ.ଓଡି୨୫ସି ୫୨୦୭), ୧୬ ପଲିଥିନ ପ୍ୟାକେଟରେ ପ୍ୟାକ ହୋଇଥିବା ୧୭ କେଜି ବାରହା ମାଂସ ଜବତ କରିଛନ୍ତି। ଏଥିସହିତ ବ୍ୟବହୃତ ଫାଶ,ଛୁରୀ ଓ ମୋପେଡ ଜବତ କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

### ସାପ ଧରାଳି ଆହତ

**ଆଠଗଡ଼,୨୬।୨(ସ୍ୱ.ପ୍ର.):** ସାପ କାମୁଡ଼ାରେ ଆଠଗଡ଼ର ଜଣାଶୁଣା ସାପ ଧରାଳି ସୁଶାନ୍ତ ପାତ୍ର ଆହତ ହୋଇଛନ୍ତି। ଆଠଗଡ଼ ଝରଣ ଛକ ଆନନ୍ଦ ନଗରଠାରେ ସତ୍ୟଜିତ ମିଶ୍ରଙ୍କ ଘରେ ଶନିବାର ଏକ ବୋଡ଼ା ସାପ ପଶିଯାଇଥିଲା। ଘରଲୋକେ ଏନେଇ ପାତ୍ରଙ୍କୁ ଫୋନ କରିଥିଲେ। ପାତ୍ର ସେଠାରେ ପହଞ୍ଚି ସାପକୁ ଧରିବାବେଳେ ହଠାତ୍ ସାପଟି କାମୁଡ଼ି ଦେଇଥିଲା। ତୁରନ୍ତ ତାଙ୍କୁ ଆଠଗଡ଼ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଏଥିସହ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ବଜେଟ୍ ଆଲୋଚନା

**କଟକ ଅଫିସ,୨୬।୨:** ଏଥର ବଜେଟ୍‌ରେ ଦେଶର ଅର୍ଥନୀତିରେ ପ୍ରଗତିର ଚିତ୍ର ରହିଛି। କରୋନା ମହାମାରୀ ଯୋଗୁ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି ଅଧିକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଦେଶର ୮୪ ଭାଗ ଲୋକଙ୍କ ଆୟ କମିଛି। ଏହାକୁ ଲକ୍ଷ୍ୟ କରି ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରକୁ ଅଧିକ ପ୍ରାଧାନ୍ୟ ଦେଇ ଜାତୀୟ ଶିକ୍ଷାନୀତିକୁ ସଫଳ କରିବା ଉଚିତ୍ ବୋଲି ବିହାରୀବାଗସ୍ଥିତ ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୩୫୦ତମ ପାଠଚକ୍ରରେ ବଜେଟ୍ ୨୦୨୨-୨୩କୁ ନେଇ ଆଲୋଚନାରେ ଯୋଗଦେଇଥିବା ଅତିଥିମାନେ କହିଥିଲେ। ପ୍ରଜାତନ୍ତ୍ର ପ୍ରଚାର ସମିତି ଅଧ୍ୟକ୍ଷ ତଥା ଏମ୍‌ପି ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇଥିଲେ। ଡା. ମନୋଜ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ସାହୁ, ଡା. ଅମରେନ୍ଦ୍ର ଦାସ, ଡା. ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ ପତି କାର୍ଯ୍ୟକ୍ରମ ପରିଚାଳନା ଓ ସଂଯୋଜକ ଡା. ରବି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ଶୃଙ୍ଖଳିତ ନିର୍ବାଚନ ପାଇଁ ବିଏମ୍‌ସିର ବ୍ଲୁ ପ୍ରିଣ୍ଟ

**ଭୁବନେଶ୍ୱର, ୨୬।୨ (ବ୍ୟୁରୋ)**

- ୩୬ ସେକ୍ଟର ପାଇଁ ନିୟୋଜିତ ହେବେ ୩୬ ଅଫିସର
- ଏଡିଏମ୍‌ଙ୍କ ନେତୃତ୍ୱରେ ଗଠନ ହେବ ସ୍ୱତନ୍ତ୍ର ଟିମ୍
- ବିଜେବି କଲେଜରେ ହେବ ଇଭିଏମ୍ ଟ୍ରେନିଂ, ଭୋଟ୍ ଗଣତି

ଆସନ୍ତା ୨୪ ତାରିଖରେ ରାଜ୍ୟରେ ପୌର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଚଳିତ ବର୍ଷ ମେୟର ଓ ଡେପୁଟୀ ମେୟରଙ୍କୁ ଭୁବନେଶ୍ୱରବାସୀ ସିଧାସଳଖ ଭୋଟ ଦେଉଥିବାରୁ ନିର୍ବାଚନ ପରିଚାଳନା ଚ୍ୟାଲେଞ୍ଜପୂର୍ଣ୍ଣ ହେବ। ତେଣୁ ଏବେଠୁ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳଙ୍କ ନେତୃତ୍ୱରେ କସରତ ଆରମ୍ଭ ହୋଇଯାଇଛି। ନାମାଙ୍କନ ଦାଖଲଠାରୁ ଇଭିଏମ୍ ପରିଚାଳନା ଓ ଭୋଟ୍ ଗଣତି ପର୍ଯ୍ୟନ୍ତ ସବୁକିଛି କିପରି ଶାନ୍ତିଶୃଙ୍ଖଳାର ସହ ହେବ ସେନେଇ ବ୍ଲୁ ପ୍ରିଣ୍ଟ ତିଆରି ହୋଇଛି।

ସମୁଦାୟ ୭୦୫ ବୁଥ୍‌ରେ ମତଦାନ ହେବ। ପ୍ରତି ବୁଥ୍‌ରେ ଦୁଇଟି ଲେଖାଏ ଇଭିଏମ୍ ଆବଶ୍ୟକ ପଡ଼ିବ। ତେଣୁ ୧୪ଶହ ଇଭିଏମ୍ ସହିତ ଅତିରିକ୍ତ ଭାବେ ୧୦ ପ୍ରତିଶତ ପ୍ରସ୍ତୁତ ରହିବ। ସେହିପରି ଇଭିଏମ୍‌ର ତ୍ରୁଟିମୁକ୍ତ ପରିଚାଳନା ପାଇଁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ତାଲିମ୍ କାର୍ଯ୍ୟକ୍ରମ କରାଯିବ। ପ୍ରତି ବୁଥ୍‌ରୁ ୫ଜଣ ଅଧିକାରୀ ଏହି ଟ୍ରେନିଂରେ ସାମିଲ ହେବେ। ଇଲେକ୍ସନ ଅଫିସର, ପ୍ରିଜାଇଡିଂ ଅଫିସର ଏବଂ ଫାଷ୍ଟ ପୋଲିଂ ଅଫିସରଙ୍କୁ ତାଲିମ୍ ଦିଆଯିବ। ଏହା ବ୍ୟତୀତ ଡିସ୍‌ପୋଜାଲ୍ ସେଣ୍ଟର ଏବଂ ଭୋଟ୍ ଗଣତି ମଧ୍ୟ ବିଜେବି ମହାବିଦ୍ୟାଳୟରେ କରାଯିବ ବୋଲି ଏଡିଏମ୍ ପ୍ରଫୁଲ୍ଲ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ନିର୍ବାଚନ ସମୟରେ ଭୋଟରମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପାଇଁ ମଧ୍ୟ ସୁବ୍ୟବସ୍ଥା କରାଯାଇଛି। ମହାନଗରର ୬୭ଟି ୱାର୍ଡକୁ ୩୬ଟି ସେକ୍ଟରରେ ବିଭକ୍ତ କରାଯାଇ ୩୬ଜଣ ସେକ୍ଟର ଅଫିସର ନିୟୋଜିତ ହେବେ। ଜଣେ ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯିବ। ଏଥିସହ ସମସ୍ତ ୱାର୍ଡରେ ନାମାଙ୍କନପତ୍ର ଦାଖଲ କିପରି ଶୃଙ୍ଖଳାର ସହ ହୋଇପାରିବ ସେନେଇ ଏଡିଏମ୍‌ଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ପୌର ନିର୍ବାଚନ ପାଇଁ ୨ ତାରିଖରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହେଉଥିବାରୁ ସୋମବାର ୨୮ ତାରିଖରେ ନିର୍ବାଚନ ଅଧିକାରୀ ଏ ନେଇ ବିଜ୍ଞପ୍ତି ପ୍ରକାଶ କରିବେ। ମାର୍ଚ୍ଚ ୨ରୁ ୭ ପର୍ଯ୍ୟନ୍ତ ଦିନ ୧୧ଟାରୁ ଅପରାହ୍ନ ୩ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯିବ। ୯ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇ ୧୦ ତାରିଖରେ ବୈଧ ନାମାଙ୍କନ ତାଲିକା ପ୍ରକାଶ ପାଇବ। ମାର୍ଚ୍ଚ ୧୪ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବ ଏବଂ ଉକ୍ତଦିନ ସନ୍ଧ୍ୟା ସୁଦ୍ଧା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମାର୍ଚ୍ଚ ୨୪ରେ ଭୋଟ୍ ହୋଇ ୨୬ରେ ଭୋଟ୍ ଗଣତି କରାଯିବ। ଚଳିତଥର ମ୍ୟୁନିସିପାଲିଟି/ଏନ୍‌ଏସି ଅଧ୍ୟକ୍ଷ ଏବଂ ମହାନଗର ନିଗମର ମେୟର ପଦବୀ ପାଇଁ ସିଧାସଳଖ ଭୋଟ୍ ଦେବେ। ଏସବୁ ପଦବୀ ନିମନ୍ତେ ହଳଦିଆ ଏବଂ କାଉନ୍‌ସିଲର ଓ କର୍ପୋରେଟରଙ୍କ ପାଇଁ ଗୋଲାପୀ ରଙ୍ଗର ବାଲଟ ପେପର ଉଦ୍ଦିଷ୍ଟ ରହିବ। ସେହିପରି ପୌର ନିର୍ବାଚନରେ ଭୋଟରଙ୍କ ପାଇଁ ପ୍ରଥମଥର ନୋଟା (ନନ୍ ଅଫ୍ ଦି ଏବଭ୍) ବ୍ୟବସ୍ଥା ରହିବ।

## 'ବୋଉ ତ କେବଳ ବୋଉ' କବିତା ପାଠ

**ପୁରୀ ଅଫିସ,୨୬।୨**

ସର୍ବୋଦୟ ସାହିତ୍ୟ ସଂସଦର ନିର୍ବିକଳ୍ପ ସଭାଗୃହରେ ଏକ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ କବିତାର ଶୀର୍ଷକ 'ବୋଉତ କେବଳ ବୋଉ' ଥିଲା। ଉକ୍ତ ଉତ୍ସବରେ ସଂସଦର ପ୍ରତିଷ୍ଠାତା ଡ.ବଳରାମ ଦାସ, ସମ୍ପାଦକ ଇଂ ମୀନକେତନ, ସଭାପତି ପଲ୍ଲୀ ପ୍ରାଣ ଆର୍ତ୍ତତ୍ରାଣ ମାନସିଂହ, କବି ମଧୁସୂଦନ ଦାଶ, ବଦ୍ରି ମିଶ୍ର, ଆଲୋକ ପ୍ରଧାନ, ଉମାକାନ୍ତ ମହାପାତ୍ର, ସୁଚିତ୍ର ରଥ, ବିଚିତ୍ର ଦାଶ ଆଦି ଅନେକ ସାରସ୍ୱତ ସାଧକ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ କବି ବଳରାମ ଦାସ ଓ ପ୍ରଶାସକ କବି ମଧୁସୂଦନ ଦାଶ ମା'ର ଅନନ୍ୟ ତ୍ୟାଗ ଓ ନିର୍ବିକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। କଣ୍ଠଶିଳ୍ପୀ ଡ. ସନ୍ତୋଷ ଦାଶ, ଦେବାଂଶୀ ଦାଶ ଓ ରାଜେନ୍ଦ୍ର ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। କବି ତଥା ସଂଗଠକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

# ୯ ଜୋନ୍‌ରେ ବିଜେଡି ଆଗୁଆ



ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଭୋଟ ଗଣତି କେନ୍ଦ୍ର ବୁଲି ଦେଖୁଛନ୍ତି।

**ଖୋର୍ଦ୍ଧା ଅଫିସ,୨୬।୨**

ପଞ୍ଚାୟତ ନିର୍ବାଚନର ଭୋଟ୍‌ଗଣତିର ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲାରେ ବିଜେଡି ଏକପାଖିଆ ଆଗରେ ରହିଛି। ପୁଣି ଥରେ ବିଜେଡି ଜିଲା ପରିଷଦ ପ୍ରାର୍ଥୀଙ୍କ ଉପରେ ଭୋଟର ଆସ୍ଥା ପ୍ରକଟ କରିଛନ୍ତି। ଶନିବାର ୧୦ ଜୋନରେ ଭୋଟ୍‌ଗଣତି କରାଯାଇଥିଲା। ରାତି ୧୧ଟା ସୁଦ୍ଧା ୯ଟି ଜୋନରେ ବିଜେଡି ପ୍ରାର୍ଥୀ ଆଗୁଆ ରହିଥିବା ବେଳେ ଗୋଟିଏ ଜୋନରେ ଭାଜପା ପ୍ରାର୍ଥୀ ଆଗୁଆ ରହିଥିବା ଜଣାପଡ଼ିଛି। କଂଗ୍ରେସ ତୃତୀୟ ସ୍ଥାନରେ ରହିଛି।

ଖୋର୍ଦ୍ଧା ବ୍ଲକ ୧ନମ୍ବର ଜୋନରେ ବିଜେଡି ଜିଲାପରିଷଦ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ଦଳାଇ ୮୦୪୯ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପାର ପ୍ରବୀଣା ପ୍ରିୟଭଞ୍ଜଦେଓ ୪୭୭୯ଖଣ୍ଡ ଭୋଟ୍ ପାଇଛନ୍ତି। ୨୫୮୧ ଭୋଟରେ ବିଜେଡି ପ୍ରାର୍ଥୀ ଦଳାଇ ୩୦୭୦ ଭୋଟରେ ଆଗୁଆ ରହିଛନ୍ତି। ସେହିପରି ଚିଲିକା ବ୍ଲକ ୪ନଂ. ଜୋନର ଭାଜପା ପ୍ରାର୍ଥୀ ସୁକାନ୍ତି ଦେଈଙ୍କ ଠାରୁ ବିଜେଡି ପ୍ରାର୍ଥୀ ମମତା ପାଇକରାୟ ୫୬୮ ଭୋଟରେ ଆଗୁଆ ରହିଛନ୍ତି। ଜଟଣୀ ବ୍ଲକ ୭ନଂ. ଜୋନର ଭାଜପା ପ୍ରାର୍ଥୀ ସଙ୍ଗୀତା ଜେନାଙ୍କ ଠାରୁ ବିଜେଡି ପ୍ରାର୍ଥୀ ମୋହିନୀ ନାୟକ ୩୮୬୬ଭୋଟରେ ଆଗୁଆ ରହିଛନ୍ତି। ଟାଙ୍ଗୀ ବ୍ଲକ ୯ନଂ. ଜୋନର ଭାଜପା ପ୍ରାର୍ଥୀ ଆଶିଷ କୁମାର ବରିସଲଙ୍କ ଠାରୁ ବିଜେଡି ପ୍ରାର୍ଥୀ ମିତାଞ୍ଜଳି ବଳିୟାରସିଂ ୨୬୪୨ ଭୋଟରେ ଆଗୁଆ ରହିଛନ୍ତି। ବାଣପୁର ବ୍ଲକ ୧୩ନଂ. ଜୋନରେ ବିଜେଡି ପ୍ରାର୍ଥୀ ସସ୍ମିତା ପ୍ରଧାନଙ୍କ ଠାରୁ ଭାଜପା ପ୍ରାର୍ଥୀ ଟିକି ଶବର ୫୪୨ ଭୋଟରେ ଆଗୁଆ ରହିଛନ୍ତି। ବାଲିଅନ୍ତା ବ୍ଲକ ୧୬ନଂ. ଜୋନର ଭାଜପା ପ୍ରାର୍ଥୀ ସିଦ୍ଧେଶ୍ୱର ନାଥଙ୍କ ଠାରୁ ବିଜେଡି ପ୍ରାର୍ଥୀ ମହେଶ୍ୱର ଦାସ ୬୪୨ ଭୋଟରେ ଆଗୁଆ ରହିଛନ୍ତି। ବାଲିପାଟଣା ବ୍ଲକ ୧୯ନଂ. ଜୋନର ଭାଜପା ପ୍ରାର୍ଥୀ ପ୍ରସନ୍ନ କୁମାର ଭୋଇଙ୍କ ଠାରୁ ବିଜେଡି ପ୍ରାର୍ଥୀ ଗଙ୍ଗାଧର ମଲ୍ଲିକ ୩୦୩୦ଭୋଟରେ ଆଗୁଆ ରହିଛନ୍ତି। ବେଗୁନିଆ ବ୍ଲକ ୨୨ନଂ. ଜୋନର ଭାଜପା ପ୍ରାର୍ଥୀ ସରୋଜ ମହାପାତ୍ରଙ୍କ ଠାରୁ ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ସାହୁ ୯୬୯୫ ଭୋଟରେ ଆଗୁଆ ରହିଛନ୍ତି। ବୋଲଗଡ଼ ବ୍ଲକ ୨୫ନଂ. ଜୋନର ଭାଜପା ପ୍ରାର୍ଥୀ ସୁନିତା ରାଣୀ ଦାସଙ୍କ ଠାରୁ ବିଜେଡି ପ୍ରାର୍ଥୀ ସୁନନ୍ଦିତା ସାହୁ ୮୦୬୯ ଭୋଟରେ ଆଗୁଆ ରହିଛନ୍ତି। ଭୁବନେଶ୍ୱର ବ୍ଲକ ୨୮ନଂ. ଜୋନର ଭାଜପା ପ୍ରାର୍ଥୀ ବିଶ୍ୱନାଥ ପିଙ୍ଗୁଆଙ୍କ ଠାରୁ ବିଜେଡି ପ୍ରାର୍ଥୀ ପ୍ରଭାତ ପରିଡ଼ା ୩୪୩ ଭୋଟରେ ଆଗୁଆ ରହିଛନ୍ତି। ସୂଚନାଥାଉ କି, ୨୦୧୭ରେ ଖୋର୍ଦ୍ଧା ଜିଲାର ୩୦ଜିଲା ପରିଷଦ ଆସନର ବିଜେଡି ୨୦ଟି ଆସନରେ ବିଜୟ ଲାଭ କରିଥିବା ବେଳେ ଭାଜପା ୧୦ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। କଂଗ୍ରେସ ଖାତା ଖୋଲିପାରିନଥିଲା।

## ବିଜେଡିକୁ ଟକ୍କର ଦେଉଛନ୍ତି ସ୍ୱାଧୀନ ପ୍ରାର୍ଥୀ

**ବାଲିଅନ୍ତା,୨୬।୨(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୧୬ନଂ. ଜିଲା ପରିଷଦ ଜୋନ ପାଇଁ ଭୋଟ ଗଣତି ପ୍ରକ୍ରିୟା ଜାରି ରହିଛି। ରାତି ୧୧ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ବିଜେଡି ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ ୬୪୨ ଖଣ୍ଡ ଭୋଟରେ ଆଗୁଆ ଅଛନ୍ତି। ଏହି ଭୋଟ ଗଣତି ଉକ୍ତ ଜୋନ ଅଧୀନ ବେଣ୍ଣୁପୁର ପଞ୍ଚାୟତରେ ଭୋଟ ଶେଷ ହୋଇଥିଲେ ମଧ୍ୟ ବାଲିଅନ୍ତା, ବଇଁଚୁଆ, ଜଗନ୍ନାଥପୁର ପଞ୍ଚାୟତରେ ଆଉ ୬ରୁ ୮ ରାଉଣ୍ଡ ଭୋଟ ଗଣତି ବାକି ରହିଛି। ତେବେ ବିଜେଡି ଗଡ଼ ରୂପେ ପରିଚିତ ଏହି ଜୋନରେ ସ୍ୱାଧୀନ ପ୍ରାର୍ଥୀ ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେଉଥିବା ଦେଖିବାକୁ ମିଳିଛି। ଭୋଟ ଗଣତିରେ ଉଭୟ ପ୍ରାର୍ଥୀଙ୍କ ପ୍ରାୟ ପାଖାପାଖି ସଂଖ୍ୟା ରହୁଛି।

## ବେଣ୍ଣୁପୁର ସରପଞ୍ଚ ପ୍ରାର୍ଥୀ ହୃଷୀକେଶ ପାତ୍ର ଆଗରେ

**ବାଲିଅନ୍ତା,୨୬।୨(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅଧୀନ ବେଣ୍ଣୁପୁର ପଞ୍ଚାୟତର ନିର୍ବାଚନର ଫଳାଫଳ ଶନିବାର ରାତି ୧୦ଟା ସୁଦ୍ଧା ଘୋଷିତ ହୋଇଛି। ବେସରକାରୀ ଭାବେ ମିଳିଥିବା ସୂଚନା ଅନୁଯାୟୀ, ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ହୃଷୀକେଶ ପାତ୍ର ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅନ୍ୟ ପ୍ରାର୍ଥୀଙ୍କଠାରୁ ଆଗୁଆ ଅଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଚ୍ଚିଦାନନ୍ଦ ଜେନାଙ୍କୁ ୫୦ଖଣ୍ଡ ଭୋଟ ବ୍ୟବଧାନରେ ଆଗୁଆ ଥିବା ସୂଚନା ମିଳିଛି। ଏହା ଏକପ୍ରକାର ବିଜୟୀ ହୋଇଥିବା ନେଇ ହୃଷୀକେଶଙ୍କ ସମର୍ଥକମାନେ ଘୋଷଣା କରିଛନ୍ତି। ହୃଷୀକେଶଙ୍କ ସ୍ତ୍ରୀ ରଶ୍ମିତା ପାତ୍ର ଗତ ନିର୍ବାଚନରେ ସରପଞ୍ଚ ରୂପେ ବିଜୟୀ ହୋଇଥିଲେ। ସେହିପରି ବେଣ୍ଣୁପୁରର ସମିତିସଭ୍ୟ ରୂବେ ଦୁର୍ଯ୍ୟୋଧନ ପରିଡ଼ା ମାତ୍ର ୧୪ଖଣ୍ଡ ଭୋଟରେ ଆଗୁଆ ଥିବା ସୂଚନା ମିଳିଛି।

## ଅପରାଧୀଙ୍କୁ ଶରଣ ଦେଇ ୭ ଗିରଫ



### ଗୋଟିଏ ବନ୍ଧୁକ, ଗୁଳି, ୩ ବାଇକ୍, ଟଙ୍କା ଜବତ

**ପୁରୀ ଅଫିସ, ୨୬।୨**

ବଳିଆପଣ୍ଡା ଥାନା ଅନ୍ତର୍ଗତ ବିରଳା ଛକ ନିକଟ ଏକ ହୋଟେଲରେ ୫ଜଣ ଅପରାଧୀଙ୍କୁ ବିନା ପ୍ରମାଣପତ୍ରରେ ରଖିବା ଅଭିଯୋଗରେ ପୋଲିସ ୫ ଅପରାଧୀଙ୍କ ସମେତ ସମ୍ପୃକ୍ତ ହୋଟେଲର ମ୍ୟାନେଜର, କେୟାର ଟେକରଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାସେଲିସାହି ଥାନା ବିମାନବନ୍ଧୁ ସାହିର ପୂର୍ଣ୍ଣଚନ୍ଦ୍ର ଦାସ(୪୮), ମାଟିତୋଟା ଚତୁର୍ଥ ଲେନର ଭବାନୀ ଶଙ୍କର ଦାସ(୨୪), ଟାଉନଥାନା ଅନ୍ତର୍ଗତ ତଲୁଛ ସାହିର ଲୋକନାଥ ମିଶ୍ର(୩୧), ଦଇତାପଡା ସାହିର ରବି ଗୋସ୍ୱାମୀ, କୁମ୍ଭାରପଡା ଥାନା ଅନ୍ତର୍ଗତ ଶିବ ପ୍ରସାଦ ସାହୁ (୩୨), ଅବକାଶ ଲେନର ରାଜେଶ ସ୍ୱାଇଁ, ହୋଟେଲ ଲେଡି ମ୍ୟାନେଜରଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଅଭିଯୁକ୍ତଠାରୁ ଗୋଟିଏ ୯ ଏମ୍‌ଏମ୍ ବନ୍ଧୁକ, ଦୁଇଟି ୯ ଏମ୍‌ଏମ ଗୁଳି, ୩ଟି ବାଇକ୍, ମୋବାଇଲ ଫୋନ ଏବଂ ନଗଦ ୭୨ ହଜାର ଟଙ୍କା ଜବତ କରିଛି। ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତମାନେ ବନ୍ଧୁକ ଓ ଛୁରି ଦେଖାଇ ଯାତ୍ରୀ ଓ ଯାତ୍ରୀବାହୀ ଗାଡିଠାରୁ ବଟି ଆଦାୟ କରୁଥିଲେ। ସେମାନେ ବିନା ପ୍ରମାଣପତ୍ର ସହ ବିନା ରେଜିଷ୍ଟ୍ରେଶନ ବିରଳା ଛକ ନିକଟ ହୋଟେଲରେ ରହିଥିଲେ। ବିଶ୍ୱସ୍ତସୂତ୍ରରୁ ଖବର ପାଇ ପୋଲିସ ରେଜିଷ୍ଟର ଯାଞ୍ଚ କରିବା ବେଳେ ଅପରାଧୀମାନେ ନାମ ଲେଖି ନ ଥିବା ଜାଣିପାରିଥିଲେ। ପରେ ଅପରାଧୀଙ୍କୁ ଗିରଫ କରିବା ସହ ସମ୍ପୃକ୍ତ ହୋଟେଲ କର୍ମଚାରୀଙ୍କୁ ଗିରଫ କରିଛି। ପରେ ସେମାନଙ୍କୁ ଥାନାକୁ ଆଣି ପ୍ରାଥମିକ ତଦନ୍ତ କରିବା ସହ ଶନିବାର କୋର୍ଟଚାଲାଣ କରିଛି।

## ପଥଭ୍ରଷ୍ଟ ଯୁବ ସମାଜ ପାଇଁ ସଂସ୍କାର ଆବଶ୍ୟକ

**କଟକ ଅଫିସ, ୨୬।୨**

ବିଦ୍ୟାଧରପୁରସ୍ଥିତ କଟକ ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ପ୍ରଶାସନିକ ଅଧିକାରୀ ମେଜର ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ଯୁବ ସଂସ୍କାର କାର୍ଯ୍ୟକ୍ରମର ଆବଶ୍ୟକତା ଓ ଏହାର ଉପକାରିତା ଛାତ୍ରୀଛାତ୍ରଙ୍କ ଉପରେ ନିଶ୍ଚୟ ପ୍ରଭାବ ପକାଇବ ବୋଲି କହିଥିଲେ। ସେହିପରି ପ୍ରାଧାପିକା ରାଜଲକ୍ଷ୍ମୀ ମହାପାତ୍ର ଓ ପ୍ରାଧାପିକା ପ୍ରଣତୀ ପଟ୍ଟନାୟକ ଯୋଗଦେଇ ପଥଭ୍ରଷ୍ଟ ଯୁବ ସମାଜ ନିମନ୍ତେ ଯୁବ ସଂସ୍କାର ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସନ୍ଧ୍ୟା କାନୁନ୍‌ଗୋଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ସଂଯୋଜନା କରିଥିଲେ। ଏଥିରେ ରେଡ୍‌କ୍ରସ ସ୍ୱେଚ୍ଛାସେବୀ କୁଳଦୀପ ମହାନ୍ତି, ସ୍ୱାତୀ ଶୁଭଙ୍କରୀ ମଲ୍ଲିକ, ମାନସ ରଞ୍ଜନ ପରିଡ଼ା, ଦୀପକ ସାହୁ, ସତ୍ୟଜିତ୍ ପୃଷ୍ଟି, ସିଦ୍ଧାର୍ଥ ସାହୁ, ସରିତା ରାଉତଙ୍କ ସମେତ ଏନ୍‌ସିସି, ରେଡ୍‌କ୍ରସ, ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## କଲ୍ୟାଣ ମଣ୍ଡପରେ ଦାଖଲ ହେବ ପ୍ରାର୍ଥୀପତ୍ର

**କଟକ ଅଫିସ,୨୬।୨**

### ସିଏମ୍‌ସିର ପୌର ନିର୍ବାଚନ ପ୍ରସ୍ତୁତି

ପୌର ନିର୍ବାଚନ ତାରିଖ ଘୋଷଣା ପରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଆସନ୍ତା ୨୮ ତାରିଖରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପରେ ମାର୍ଚ୍ଚ ୨ରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ପ୍ରାର୍ଥୀପତ୍ର ଦାଖଲ ପାଇଁ ଚୌଧୁରୀ ବଜାରସ୍ଥିତ ସିଏମ୍‌ସି କଲ୍ୟାଣ ମଣ୍ଡପରେ ୧୧ଟି କାଉଣ୍ଟର ଖୋଲାଯିବ। ପ୍ରାର୍ଥୀପତ୍ର ଦାଖଲବେଳେ କାଉଣ୍ଟର ଭିତରକୁ ଜଣେ ପ୍ରାର୍ଥୀଙ୍କ ସମେତ ୪ ଜଣଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିବ। ଏଥିସହ ଶନିବାର ରାଜ୍ୟ ନିର୍ବାଚନ କମିଶନରୁ ପ୍ରାର୍ଥୀପତ୍ର ଦାଖଲ ଫର୍ମ ଆସିଯାଇଛି ବୋଲି ସିଏମସି ନିର୍ବାଚନ ଆୟୋଗ ଯୁଗ୍ମ କମିଶନର ସୁମିତା ସରକାର କହିଛନ୍ତି। ସେହିପରି ନିର୍ବାଚନ ଅଧିକାରୀ ଅମିୟ କୁମାର ପଣ୍ଡା କହିଛନ୍ତି, ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ବନ୍ଦୋବସ୍ତ କରାଯାଉଛି। ଶାନ୍ତିଶୃଙ୍ଖଳାରେ ପ୍ରାର୍ଥୀମାନେ ଯେଭଳି ନାମାଙ୍କନପତ୍ର ଦାଖଲ କରିପାରିବେ ସେଥିପ୍ରତି ଆମେ ଗୁରୁତ୍ୱ ଦେଉଛୁ। କୋଭିଡ୍ କଟକଣାରେ ନିର୍ବାଚନ ସହ ସୁରକ୍ଷା ବନ୍ଦୋବସ୍ତ ଓ ଗାଡି ପାର୍କିଂ ବ୍ୟବସ୍ଥା ଆଦି କରାଯିବ। ଏଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି ବୋଲି ସେ କହିଛନ୍ତି।

## ଜିଲା ଆଇନସେବା ପ୍ରାଧିକରଣ ସଚେତନତା ଶିବିର

**ପୁରୀ ଅଫିସ, ୨୬।୨**

ଜିଲା ଆଇନସେବା ପ୍ରାଧିକରଣ ପୁରୀ ଆନୁକୂଲ୍ୟରେ ମହାମାରୀ ନିରୋଧ ଆଇନ ଓ କୋଭିଡ୍ ପୀଡ଼ିତଙ୍କ ପାଇଁ ସରକାରଙ୍କ ଦ୍ୱାରା ଅନୁମୋଦିତ ଆଇନ ଏବଂ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା ଶିବିର ଜିଲା ସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଧନେଶ୍ୱର ମଲ୍ଲିକଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାଧିକରଣ ସଚିବ ଦେବାଶିଷ ଦାଶଙ୍କ ଅଧ୍ୟକ୍ଷତାରେ ଉକ୍ତ ସଚେତନ ଶିବିର ଅନୁଷ୍ଠିତ ହୋଇଥିଲା। ମାଗଣାରେ ଆଇନସେବା ବା ସହାୟତା ସମ୍ପର୍କରେ ସୂଚନା ଦିଆଯିବା ସହ କୋଭିଡ୍-୧୯ର ସରକାରଙ୍କ ନିର୍ଦ୍ଦେଶନାମା ଏବଂ କୋଭିଡ୍ ପୀଡ଼ିତମାନଙ୍କ ପାଇଁ ଥିବା ସମସ୍ତ କଲ୍ୟାଣମୂଳକ ଯୋଜନାର ସୁଫଳ କିପରି ପାଇପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ସାମ୍ବିଧାନିକ ଅଧିକାର ପରିସରଭୁକ୍ତ ବୋଲି ମତ ଦେବା ସହ ଆଇନ ବ୍ୟବସ୍ଥା ସମ୍ପର୍କରେ ଅଧିକ ସଚେତନତା ଆବଶ୍ୟକ ବୋଲି ସଚିବ ଦାଶ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆପତ୍‌କାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର ଯୋଗଦେଇ ମହାମାରୀ ନିରୋଧ ଆଇନ ଓ କୋଭିଡ୍-୧୯ର ନିର୍ଦ୍ଦେଶାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କୋଭିଡ୍ ପୀଡ଼ିତଙ୍କ ପାଇଁ ସରକାରଙ୍କ ଦ୍ୱାରା ଅନୁମୋଦିତ ଆଇନ ଓ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ବିଦ୍ୟାର୍ଥୀ ଆଇନ ସାକ୍ଷରତା କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ ଅରୁଣ କୁମାର ଭଟ୍ଟାଚାର୍ଯ୍ୟ, ଅଭିଜ୍ଞ ଉଦ୍ଧାରକାରୀ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଧର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଆତ୍ମା, ପରମାତ୍ମାର ରାସପୀଠ ଜଗନ୍ନାଥ ଧାମ

**ପୁରୀ ଅଫିସ,୨୬।୨**

- ରାଜ୍ୟସ୍ତରୀୟ ଆଲୋଚନାଚକ୍ର
- ୬ ଜଣଙ୍କୁ ଶ୍ରୀଗୁଣ୍ଡିଚା ସେବା ସମ୍ମାନ

ପୁରୀର ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ରାଣୀସତୀ ଭବନ ପରିସରରେ ରାସ ପରମ୍ପରା ଓ ଶ୍ରୀଜଗନ୍ନାଥ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଅଶ୍ୱିନୀ ଦାସଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ରରେ ଅତିଥି ଭାବେ ଦଇତାପତି ସେବକ ରଘୁନାଥ ଦାସ ମହାପାତ୍ର ଯୋଗଦେଇ କହିଥିଲେ, ଭାରତ ବର୍ଷର ଶାଶ୍ୱତୀୟ ରାସକ୍ଷେତ୍ର ଗୁଣ୍ଡିଚ ପୀଠ ଥିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାରତ ବର୍ଷର ପରମ ଦେବତା ରୂପେ ଗୃହୀତ। ଆତ୍ମା ଓ ପରମାତ୍ମା ଯଥା ଭକ୍ତ ଭଗବାନଙ୍କର ମିଳନ ବଡ଼ଦାଣ୍ଡରେ ହେଉଥିବାରୁ ଶ୍ରୀଜଗନ୍ନାଥ ଧାମ ଏକ ରାସପୀଠ ବୋଲି ବିବେଚନା ହୁଏ। ସେହିପରି ଚୂନରା ସେବକ ଡା. ଶରତ ଚନ୍ଦ୍ର ମହାନ୍ତି ଓ ସୁପକାର ସେବକ ଭଗବାନ ସୁଆର କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ଶରତ ରାସ ଓ ବସନ୍ତ ରାସ ଅପେକ୍ଷା ଆଷାଢ଼ ରାସ ଭକ୍ତ ମନରେ ମୋକ୍ଷ ମାର୍ଗ ସୃଷ୍ଟି କରେ। ସମ୍ମାନିତ ବକ୍ତା ଡ. ହରପ୍ରସାଦ ମିଶ୍ର ଯୋଗଦେଇ ମାଦଳା ପାଞ୍ଜି ଆଧାରରେ କାର୍ତ୍ତିକ ରାସରେ ଠାକୁରଙ୍କ ରାଜରାଜେଶ୍ୱର ବେଶ ତ୍ରୟୋଦଶ ଶତାବ୍ଦୀ ନିଶଙ୍କ ଭାନୁ ଦେବଙ୍କ ସମୟରେ ପ୍ରଚଳିତ ହୋଇଛି ବୋଲି କହିଥିଲେ। ଏଥିରେ ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା, ଉପଦେଷ୍ଟା ପୁଷ୍କର ମହାପାତ୍ର, ସଦସ୍ୟା ଶାନ୍ତିଲତା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଶ୍ରୀ ଗୀତଗୋବିନ୍ଦ ପରିବେଷଣ କରାଯାଇଥିଲା। ଡ. ଚନ୍ଦ୍ରଶେଖର ଦାସ ସ୍ୱାଗତ ଭାଷଣ ଓ ଶିବସୁନ୍ଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଟ୍ରଷ୍ଟ ମୁଖପତ୍ରର ମୁଖ୍ୟ ସମ୍ପାଦକ ମଦନ ମୋହନ ମହାପାତ୍ର, ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଡ. ପ୍ରମୋଦ ପଣ୍ଡା, ପ୍ରତିଭା ତ୍ରିପାଠୀ, ବିଜୟଲକ୍ଷ୍ମୀ ସାହୁ, ବୀଣାପାଣି ଚୌଧୁରୀ, ଡ. କାର୍ତ୍ତିକ ଦାସ, ଡ. ରଜନୀ ରଣସିଂ, ଡ. ବଳରାମ ଦାସ, ରତିକାନ୍ତ ପ୍ରତିହାରୀ ଏବଂ ଜୁପିଟର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଟ୍ରଷ୍ଟର ମୁଖପତ୍ର 'ଶ୍ରୀଗୁଣ୍ଡିଚାର ଶକ୍ତି' ବିଶେଷାଙ୍କ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସେହିପରି ଟ୍ରଷ୍ଟ ପକ୍ଷରୁ ଅଧ୍ୟାପକ ପ୍ରମୋଦ ପଣ୍ଡା, କୈଳାସ ଚନ୍ଦ୍ର ସାହୁ, କ୍ରିଷ୍ଣା ମହାପାତ୍ର, ଡ. କମଳାକାନ୍ତ ମିଶ୍ର, ଡ. ରଜନୀ ରଣସିଂ ଓ କ୍ରିଷ୍ଣା ଦେବୀ ପ୍ରମୁଖଙ୍କୁ ଶ୍ରୀଗୁଣ୍ଡିଚା ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଓ ତପନ ସେଠୀ ସହଯୋଗ କରିଥିବାବେଳେ ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଗହଣରେ ଅତିଥିମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୨।୨୦୨୨

| | |
|---|---|
| ୬,୮୯,୪୫୪ ଟଙ୍କା | |
| ସୁନା | ୨.୪୦୦ ଗ୍ରାମ |
| ରୁପା | ୧୩ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଆଖିରେ ଆକାଶ' ପୁସ୍ତକ ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୯, ପୂର୍ବାହ୍ନ ୧୧ଟା।
- 'କାହାଣୀ' ପୁସ୍ତକ ଉନ୍ମୋଚନ ସମାରୋହ, ବୁଦ୍ଧ ମନ୍ଦିର ପରିସର, ହାଉସିଂ ବୋର୍ଡ ଛକ, ୟୁନିଟ-୯, ଅପରାହ୍ନ ୫ଟା।
- ଶ୍ୱେତ ସଂକେତ ସାରସ୍ୱତ ମଞ୍ଚର ମାସିକ ସାହିତ୍ୟ ଆସର, ରାଜଧାନୀ କଳା ସଂସଦ ଗୃହ, ଅପରାହ୍ନ ୫ଟା ୩୦।
- ଜି ସାର୍ଥକ ସଂସାର ଆୱାର୍ଡ ୨୦୨୨, ତମାଣ୍ଡୋ ମିନି ଷ୍ଟାଡିୟମ, ତମାଣ୍ଡୋ, ସନ୍ଧ୍ୟା ୬ଟା।

**କଟକ**

- ଗୃହପାଳିତ ପଶୁମାନଙ୍କ ସ୍ୱାସ୍ଥ୍ୟ ସଚେତନତା ଶିବିର, ପଶୁ ସେବା ସଦନ, ରାଣୀହାଟ, ପୂର୍ବାହ୍ନ ୧୦ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଫେସର ନବକିଶୋର ପୃଷ୍ଟିଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ପୂର୍ବାହ୍ନ ୧୦ଟା ୩୦।
- ଜିଲା ବିଚାରପତିଙ୍କ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବ, ଜଷ୍ଟିସ ଜି.କେ. ମିଶ୍ର ଅଡିଟୋରିୟମ, ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିସର, ଅପରାହ୍ନ ୧ଟା।

# ଗୁପ୍ତ କୋଠରିରେ ପଶିଲା ମହିଳା ପୋଲିସ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

## ନକଲି ଡାକ୍ତରଙ୍କ କାମାକ୍ଷାନଗର, ନରସିଂହପୁର କ୍ଲିନିକରେ ଚଢ଼ାଉ



- କିଛି ଗୁପ୍ତ ତଥ୍ୟ ମିଳିଥିବା ସୂଚନା
- ଜେରକ୍ସ ମେଶିନରେ ଏକ୍ସ-ରେ ଘଟଣାର ଯାଞ୍ଚ
- ଅସ୍ତ୍ରୋପଚାର ପରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ଲୁଟିବା ସହ ଚାକିରି ଓ ନାମଲେଖା ଠକେଇ ଅଭିଯୋଗରେ ଗିରଫ ହୋଇଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ କମିଶନରେଟ ପୋଲିସ ଦ୍ୱିତୀୟଥର ରିମାଣ୍ଡରେ ଆଣି ମାରାଥନ ଜେରା କରୁଛି। ୩ଦିନିଆ ରିମାଣ୍ଡର ଶନିବାର ଥିଲା ଦ୍ୱିତୀୟ ଦିବସ। ପଚରାଉଚରାବେଳେ ତାଙ୍କଠାରୁ ଆଉ କିଛି ଅଧିକ ତଥ୍ୟ ପୋଲିସ ପାଇଛି। ଅନ୍ୟପକ୍ଷରେ ଡାକ୍ତରୀ ପାଠ ନ ପଢ଼ି କ୍ଲିନିକ୍ ଖୋଲି ରୋଗୀ ଚିକିତ୍ସା ଘଟଣାର ଅଧିକ ଖୋଳତାଡ଼ ଆରମ୍ଭ କରିଛି। ସ୍ୱତନ୍ତ୍ର ତଦନ୍ତ ପାଇଁ ଗଠିତ ହୋଇଥିବା ମହିଳା ପୋଲିସ ଟିମ୍ ପୂର୍ବାହ୍ନରେ ରମେଶଙ୍କ ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ଘରେ ଥିବା କ୍ଲିନିକ୍‌ରେ ଚଢ଼ାଉ କରିଥିଲା। ତେବେ କ୍ଲିନିକ୍‌ରେ ଥିବା ସେହି ବର୍ଜିତ ଭୂତଳ ଗୁପ୍ତ କୋଠରି ଭିତରକୁ ପୋଲିସ ଯାଇ ତନ୍ନ ତନ୍ନ କରି ଯାଞ୍ଚ କରିଥିଲା। ଏଥିସହ ପରିଚାଳନା ଦାୟିତ୍ୱରେ ଥିବା କେୟାର ଟେକରଙ୍କୁ ବିଭିନ୍ନ ଦିଗକୁ ନେଇ ପଚରାଉଚରା କରି ତଥ୍ୟ ହାସଲ କରିଥିଲା। ପରେ କ୍ଲିନିକ୍‌ରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ପୋଲିସ ଜବତ କରି ସାଙ୍ଗରେ ଆଣିଥିଲା। ସନ୍ଧ୍ୟାରେ ଉକ୍ତ ଟିମ୍ କଟକ ଜିଲା ବଡ଼ମ୍ବା ବ୍ଲକ ନରସିଂହପୁରରେ ରମେଶଙ୍କ ଆଉ ଏକ କ୍ଲିନିକ୍‌ରେ ଚଢ଼ାଉ କରିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ସେଠାରେ ଯାଞ୍ଚ ଚଳାଇଥିବାବେଳେ ସ୍ଥାନୀୟ ଲୋକଙ୍କୁ ପଚରାଉଚରା ଜାରି ରଖିଥିଲା।ତେବେ କାମାକ୍ଷାନଗର କ୍ଲିନିକ୍‌ରେ ନକଲି ଡାକ୍ତର ଅସ୍ତ୍ରୋପଚାର କରୁଥିଲେ ବୋଲି ଅଭିଯୋଗ ଉଠିଥିଲା। ପୋଲିସ ଚଢ଼ାଉ କଥା ଶୁଣି ସେଠାରେ ପହଞ୍ଚିଥିବା ଜଣେ ବ୍ୟକ୍ତି ଗଣାମଧ୍ୟମକୁ କହିଛନ୍ତି, ତାଙ୍କ ସ୍ତ୍ରୀଙ୍କ ପେଟ କାଟିବାରୁ ରମେଶଙ୍କ ପାଖରେ ପରୀକ୍ଷା କରାଇଥିଲେ। ପେଟରେ ଘା ହୋଇଥିବା କହି ରମେଶ ଅସ୍ତ୍ରୋପଚାର କରାଇଥିଲେ। ଏହାର ୬ ଦିନ ପରେ ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ସେଠାରେ ଥିବା ଏକ ଜେରକ୍ସ ମେଶିନ୍‌ରେ ରମେଶ ଏକ୍ସ-ରେ କରୁଥିବା ଅଭିଯୋଗର ସତ୍ୟତା କେତେ ତାହାକୁ ଯାଞ୍ଚ କଲାପରେ ଜଣାପଡ଼ିବ ବୋଲି ଏହି ମାମଲାର ତଦନ୍ତ ଦାୟିତ୍ୱରେ ଥିବା ଭୁବନେଶ୍ୱର ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି। ଏଥିସହ ଆବଶ୍ୟକ ପଡ଼ିଲେ ଅଧିକ ତଦନ୍ତ ପାଇଁ ରମେଶଙ୍କ ଭଉଣୀ ରଶ୍ମିତାଙ୍କୁ ରିମାଣ୍ଡରେ ଅଣାଯାଇପାରେ। ଭାଇଙ୍କ ପ୍ରତାରଣା ଓ ଠକେଇ କେଳେଙ୍କାରିରେ ସମ୍ପୃକ୍ତି ଅଭିଯୋଗରେ ସେ ଗିରଫ ହୋଇ ଏବେ ଜେଲ୍‌ରେ ଅଛନ୍ତି।

ସୂଚନାଯୋଗ୍ୟ, ରମେଶ ନିଜକୁ ଡାକ୍ତର କହି ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ଟଙ୍କା, ସୁନା ଓ ସମ୍ପତ୍ତି ହାତେଇବା ପରେ ଆଉଜଣଙ୍କୁ ବିବାହ କରି ସମାନ ଢଙ୍ଗରେ ଲୁଟୁଥିଲେ। ଏଥିରେ ତାଙ୍କୁ ଭଉଣୀ ରଶ୍ମିତା ଓ ଭିଣୋଇ ଗଣେଶ୍ୱର ବେହୁରା ସହଯୋଗ କରୁଥିଲେ। ତେବେ ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ରମେଶଙ୍କ କଳାକାରନାମା ପଦାକୁ ଆସିଥିଲା। ଏହାପରେ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ନେଇ ଅଭିଯୋଗ ଫର୍ଦ୍ଦ ଲମ୍ବିତ ଚାଲିଛି। ଗତ ମଙ୍ଗଳବାର ପୋଲିସ କେନ୍ଦ୍ରାପଡ଼ା ଜିଲା ଈଶ୍ୱରପୁରରେ ଚଢ଼ାଉ କରି ଭଉଣୀ ରଶ୍ମିତାଙ୍କୁ ଗିରଫ କରିଥିବାବେଳେ ଭିଣୋଇ ଗଣେଶ୍ୱର ଖସି ପଳାଇଥିଲେ।



କୋଣାର୍କ ଇକୋ ରିଟ୍ରିଟ୍ ପରିସରରେ ଅନୁଷ୍ଠିତ 'ମାଇଁ ସିଟିଲିଙ୍କ୍ କର୍ପୋରେଟ ଆଇକନ ଆୱାର୍ଡ' ଉତ୍ସବରେ ଯୋଗଦେଇଥିବା ବଲିଉଡ୍ ଅଭିନେତ୍ରୀ ମନ୍ଦିରା ବେଦୀ, ଅନ୍ତର୍ଜାତୀୟ ସ୍ତରର ଗୀତିକାର ରତ୍ନୁରାଜ ମହାନ୍ତି ଓ ଅନ୍ୟ ଅତିଥିମାନେ।

# ଓଡ଼ିଆ ଭାଷା ଏକ ଉଚ୍ଛୁଳା ନଦୀ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ଭାଷା ଏକ ନଦୀ ହେଲେ ଓଡ଼ିଆ ଭାଷା ହେଉଛି ଉଚ୍ଛୁଳା ନଦୀ। ଶନିବାର ପ୍ରବାସୀ ଓଡ଼ିଆ ସଙ୍ଗଠନ 'ଉତ୍କଳିକା କାତାର' ପକ୍ଷରୁ ଭର୍ଚୁଆଲରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ଏପରି ମତପ୍ରକାଶ ପାଇଛି। 'ମାତୃଭାଷାର ପ୍ରଚାର ଓ ପ୍ରସାରରେ ଯୁବପିଢ଼ୀର ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଭାଷାବିତ୍ ତଥା ଓଡ଼ିଶା ଭାଷା ପ୍ରତିଷ୍ଠାନର ସଂଯୋଜକ ଡ. ଫଣିନ୍ଦ୍ର ଭୂଷଣ ନନ୍ଦ ଓଡ଼ିଆ ଭାଷାର ଉଦ୍‌ଗମ, ଐତିହ୍ୟ ତଥା ପରମ୍ପରା ସମ୍ବନ୍ଧରେ ଆଲୋକପାତ କରିବା ସହ ମାତୃଭାଷା ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କାତାରସ୍ଥିତ ଇଣ୍ଡିଆନ ୱିମେନ୍ସ ଆସୋସିଏଶନର ପୂର୍ବତନ ସଭାପତି ତଥା ସାହିତ୍ୟିକା ସୁସ୍ମିତା ପଟ୍ଟନାୟକ। 'ଉତ୍କଳିକା କାତାର'ର ସଭାପତି ଡ. ବସନ୍ତ କୁମାର କବି, ଉପସଭାପତି ନିହାର ରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ଅବିନାଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଓଡ଼ିଆଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ବିଦେଶରେ ଓଡ଼ିଆ ଭାଷାର ପ୍ରସାରରେ କାତାରସ୍ଥିତ ପ୍ରବାସୀ ଓଡ଼ିଆଙ୍କ ସହଯୋଗ ସମ୍ପର୍କରେ କହିଥିଲେ।

# ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

ସାଲେପୁର,୨୬।୨(ଡି.ଏନ୍.ଏ)

ସାଲେପୁର ଥାନା ବାଲିସାହି ପଞ୍ଚାୟତ ଅନ୍ତର୍ଗତ ରାଘବପୁର ଗ୍ରାମର ଏକ ପୋଖରୀରୁ ଶନିବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଛି। ସେ ହେଲେ ଗ୍ରାମର ଦିପୁନା ସାମଲ। ୩ ଦିନ ହେବ ସେ ନିଖୋଜ ଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ସ୍ଥାନୀୟ ଲୋକେ ଦିପୁନାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୪/୨୨) ରୁଜୁ କରାଯାଇଛି ବୋଲି ଆଇଆଇସି ମୃଣ୍ମୟ କୁମାର ସେନାପତି ସୂଚନା ଦେଇଛନ୍ତି।

# ବିଶ୍ୱ କର୍ପୋରେଟ ଜଗତରେ ଓଡ଼ିଶାର ପରିଚୟ ସ୍ୱତନ୍ତ୍ର

କୋଣାର୍କ,୨୬।୨(ଡି.ଏନ୍.ଏ.)

## ମାଇଁ ସିଟି ଲିଙ୍କ୍ କର୍ପୋରେଟ ଆଇକନ ଆୱାର୍ଡ

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଶନିବାର ସନ୍ଧ୍ୟାରେ କୋଣାର୍କସ୍ଥିତ ଇକୋ-ରିଟ୍ରିଟ୍ ପରିସରରେ 'ମାଇଁ ସିଟିଲିଙ୍କ୍ କର୍ପୋରେଟ ଆଇକନ ଆୱାର୍ଡ'ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କର୍ପୋରେଟ ଜଗତରେ ମୁଖ୍ୟତଃ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଆଣିଥିବା କିମ୍ବା କିଛି ନୂଆକରି ଓଡ଼ିଶା ରାଜ୍ୟ ତଥା ଓଡ଼ିଶା ମାଟି ପାଇଁ ପରିବର୍ତ୍ତନ ଆଣିବାରେ ଯେଉଁମାନେ ପ୍ରୟାସ ଜାରି ରଖିଛନ୍ତି ସେହିଭଳି ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ମାଇଁ ସିଟି ଲିଙ୍କସ୍‌ର ଏହା ହେଉଛି ଅଭିନବ ପ୍ରୟାସ। କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ ତଥା ଫ୍ୟାଶନ୍ ଡିଜାଇନର୍ ଏବଂ ଟେଲିଭିଜନ ଉପସ୍ଥାପିକା ମନ୍ଦିରା ବେଦୀ, ଓଡ଼ିଶାର ଖ୍ୟାତିସମ୍ପନ୍ନ ଜାତୀୟ ଅନ୍ତର୍ଜାତୀୟ ସ୍ତରର ଗୀତିକାର ରକଷ୍ଟାର ରତ୍ନୁରାଜ ମହାନ୍ତି ଓ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସ୍ୱତନ୍ତ୍ର ଅତିଥି ଭାବେ ସନ୍ଧ୍ୟାର ଆକର୍ଷଣ ସାଜିଥିଲେ। ଏଥିସହ ଉତ୍ସବର ବିଶେଷତ୍ୱ ଉପରେ ଆଲୋକପାତ କରିବା ସହ କର୍ପୋରେଟ୍ ଜଗତରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର ବୋଲି ଅତିଥିମାବେ ମତବ୍ୟକ୍ତ କରିଥିଲେ।

ଚଳିତ ବର୍ଷ ବିଭିନ୍ନ ବର୍ଗରେ ଓଟିଡିସି, ପିପିଏଲ୍, ଜିନ୍ଦଲ, ଗୁପ୍ତା କମ୍ପାନୀ, ସୋଆ ବିଶ୍ୱବିଦ୍ୟାଳୟ ଆଦି କ୍ଷେତ୍ରରୁ ରଶ୍ମି ସାହୁ, ଡା. ପ୍ରିୟା ପ୍ରିୟଦର୍ଶିନୀ ନାୟକ, ଆନୀ ବର୍ମନ, ରାଜୀବ ଶେଖର ସାହୁ, ଅୟସକାନ୍ତ ମହାନ୍ତି, ପ୍ରିୟଦର୍ଶୀ ମହାପାତ୍ର ଏକ୍ସପ୍ଲୋର୍ ଓଡ଼ିଶା (ନ୍ୟୁଜ୍ ୭), ଦିଲୀପ ରାୟ, ଓଡ଼ିଶା ତଥା ଅନ୍ତର୍ଜାତୀୟ ଧାବିକା ଦ୍ୟୁତୀ ଚାନ୍ଦ, କିରୁଥିକା ପ୍ରଭାକରନ୍ ଏବଂ ତପନ କୁମାର ଚାନ୍ଦ ଅନ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହାପରେ ଆୟୋଜକ ପକ୍ଷରୁ ସମସ୍ତ ୧୦ଜଣ ଅତିଥିଙ୍କୁ କର୍ପୋରେଟ୍ ଆଇକନ୍ ଆୱାର୍ଡ ୨୦୨୨ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସୃଜନଶୀଳ ଉଦ୍ୟମିତା ଏବଂ ଇକୋ ପର୍ଯ୍ୟଟନ ବର୍ତ୍ତମାନ ଏବଂ ଭବିଷ୍ୟତ ଶୀର୍ଷକ ୨ଟି ଅଧିବେଶନ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିକୁ



@ ଅନୁପମା



@ ବିଷ୍ଣୁ



@ ହାପି



@ ଅନୁପମା



@ ଅଫସର୍

# ସାହିତ୍ୟିକ ଚନ୍ଦ୍ରଶେଖର ରଥ ଆଦର୍ଶ, ଦିଗ୍‌ଦର୍ଶକ ହୋଇ ରହିବେ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

## 'ଚନ୍ଦ୍ରଶେଖର ରଥଙ୍କ ନିର୍ବାଚିତ ଗଳ୍ପ', 'ଇରସ୍ ଓ ଥାନାଟସ୍' ପୁସ୍ତକ ଲୋକାର୍ପିତ

ଚନ୍ଦ୍ରଶେଖର ରଥଙ୍କ ଅମ୍ଳାନ ସ୍ମୃତି ଦିବସରେ ୪ର୍ଥ ସ୍ମାରକୀ ଅଭିଭାଷଣ ଶନିବାର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଗବେଷକ ତଥା ସମାଲୋଚକ ପ୍ରଫେସର ଦେବେନ୍ଦ୍ର କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ସ୍ୱର୍ଗତ ରଥ ଏକାଧାରାରେ ସାହିତ୍ୟିକ ଓ ଅନ୍ୱେଷକ ଥିଲେ। ତାଙ୍କପରି ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଆମ ପାଇଁ ସର୍ବଦା ଆଦର୍ଶ ଓ ଦିଗଦର୍ଶକ ହୋଇ ରହିବେ। ସଭାରେ ଚିତ୍ରକର ଲଲାଟେନ୍ଦୁ ରଥଙ୍କ ଅଙ୍କିତ ସ୍ୱର୍ଗତ ରଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗାଳ୍ପିକା ଡ. ପ୍ରବୀଣା ମହାନ୍ତି ସ୍ୱର୍ଗତ ରଥଙ୍କ ରଚିତ କବିତା ଆବୃତ୍ତି କରିଥିଲେ। ଏଥିରେ ଶିଶୁ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଦାଶଙ୍କୁ ସ୍ୱର୍ଗତ ରଥଙ୍କ ସ୍ତ୍ରୀ ଚାରୁଲତା ରଥ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଦୁଇଟି ପୁସ୍ତକ ଦୁର୍ଗାପ୍ରସାଦ ମିଶ୍ରଙ୍କ ଇଂଲିଶ ଅନୁବାଦିତ 'ଚନ୍ଦ୍ରଶେଖର ରଥଙ୍କ ନିର୍ବାଚିତ ଗଳ୍ପ' ଓ ଶଶି ଭୂଷଣ ରଥଙ୍କ ଇଂଲିଶ କବିତା ସଂକଳନ 'ଇରସ୍ ଓ ଥାନାଟସ୍' ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ଡ. ବାନାମ୍ବର ରାୟ, ଗୀତି କବି ଅନ୍ତର୍ଯ୍ୟାମୀ ମିଶ୍ର, ଅଧ୍ୟାପକ ମଦନ ମୋହନ ସାହୁ, ଡ. ପ୍ରସନ୍ନ କୁମାର ମହାନ୍ତି, ବିଶିଷ୍ଟ ଅନୁବାଦକ ବଙ୍ଗାଳୀ ନନ୍ଦ, ଡ. ପୀତବାସ ରାଉତରାୟ, ଡ. ଅସିତ୍ ମହାନ୍ତି, ଏନେକ ସାହିତ୍ୟିକ, ଖବରଦାତା, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଡ. ପ୍ରବୀଣା ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ସଂଘମିତ୍ରା ରଥ, ନିବେଦିତା ଶତପଥୀ, ଉଷା ମିଶ୍ର ସହାୟତା କରିଥିଲେ।

# ଯୁଦ୍ଧ ସମାପ୍ତି ପାଇଁ ଶାନ୍ତି ଶୋଭାଯାତ୍ରା

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ରୁଷିଆ, ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ ପାଇଁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଭୁବନେଶ୍ୱରଠାରେ ଶନିବାର ଶାନ୍ତି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନରୁ ବାହାରି ଲୋୟର ପିଏମ୍‌ଜିରେ ପହଞ୍ଚିଥିଲା। ଯୁଦ୍ଧ ସମାଧାନର ରାସ୍ତା ଯୁଦ୍ଧ ନୁହେଁ, ସ୍ଥାୟୀ ବିଶ୍ୱଶାନ୍ତି ଆମର ଦାବି, ବିଶ୍ୱକୁ ଯୁଦ୍ଧ ମୁହଁକୁ ଠେଲିବା ବନ୍ଦ କର ଆଦି ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଥିଲେ, ଯୁଦ୍ଧ ବିରୋଧରେ ତମାମ ଦୁନିଆରେ ଜନମତ ସଂଗଠିତ ହେବା ଦରକାର। ଶାନ୍ତି ସପକ୍ଷରେ ଜନମତ ଅଧିକ ସଂଗଠିତ ହେଲେ ରୁଷ ଉପରେ ନୈତିକ ଚାପ ପଡ଼ିବ। ସେହିଭଳି ନାଟୋଠାରୁ ୟୁଏନ୍ ପର୍ଯ୍ୟନ୍ତ ସମସ୍ତେ ଯୁଦ୍ଧ ବିରତି ପାଇଁ ତତ୍ପର ହେବାର ଆବଶ୍ୟକତା ରହିଛି। ଏନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକ ପତ୍ରରେ ରୁଷିଆ ତୁରନ୍ତ ଯୁଦ୍ଧ ବନ୍ଦ କରୁ ଓ ୟୁକ୍ରେନର ସାର୍ବଭୌମ ଓ ବ୍ୟକ୍ତି ସ୍ୱାଧୀନତା ରକ୍ଷା କରାଯାଉ ବୋଲି ଦାବି କରାଯାଇଛି।




ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ଶନିବାର ଚନ୍ଦ୍ରଶେଖର ରଥଙ୍କ ସ୍ମାରକୀ ଅଭିଭାଷଣରେ ଅତିଥିମାନେ 'ଚନ୍ଦ୍ରଶେଖର ରଥଙ୍କ ନିର୍ବାଚିତ ଗଳ୍ପ'ଓ 'ଇରସ୍ ଓ ଥାନାଟସ୍' ପୁସ୍ତକ ଉନ୍ମୋଚନ କରୁଛନ୍ତି।







ରୁଷିଆ, ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ ପାଇଁ ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ବିକ୍ଷୋଭ ଓ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବାହାରିଥିବା ଶାନ୍ତି ଶୋଭାଯାତ୍ରା।

## ସଂକ୍ଷେପରେ

### ଦି ଓଡିଶା ବିଜ୍ଞାନ ମଣ୍ଡଳର ଆଜାଦୀ କା ଅମୃତ ମହୋତ୍ସବ

**ଭୁବନେଶ୍ୱର,୨୬।୨(ବ୍ୟୁରୋ):** ଭାରତର ସ୍ୱାଧୀନତା ସଂଗ୍ରାମ କେବଳ ବ୍ରିଟିଶ ସରକାରଙ୍କ ହାତରୁ ରାଜନୈତିକ ସ୍ୱାଧୀନତା ପାଇବା ମଧରେ ସୀମିତ ନଥିଲା, ବରଂ ଭାରତ କିପରି ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ସ୍ୱାଧୀନତା ପାଇବ ସେଥିପାଇଁ ଭାରତର ନେତୃମଣ୍ଡଳୀ ଚେଷ୍ଟା କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ବୈଜ୍ଞାନିକମାନେ ମଧ ନିଜସ୍ୱ ଶୈଳୀରେ ଭାଗ ନେଇଥିଲେ। ସେମାନଙ୍କ ମଧରେ ଜ୍ୟୋର୍ତିବିଜ୍ଞାନୀ ପଠାଣୀ ସାମନ୍ତ, ଓଡିଶାରେ ଚିନି କଳ ସ୍ଥାପନ କରିଥିବା ଆମେରିକା ଫେରନ୍ତା ରସାୟନବିତ୍ ସାରଙ୍ଗଧର ଦାସ, ହାତବାରି କୁଷ୍ଠାଶ୍ରମକୁ ବିଶ୍ୱବିଖ୍ୟାତ କରିଥିବା ଗାନ୍ଧୀବାଦୀ ଗବେଷକ ଡ. ଆଇଜାକ ସାନ୍ତରା, ରାସାୟନବିତ୍ ଦାୟାନିଧି ପଟ୍ଟନାୟକ, ଓଡିଶାରେ କୃଷି ସମ୍ବନ୍ଧୀୟ ମୂଳଦୁଆ ପକାଇଥିବା ବିଶ୍ୱନାଥ ସାହୁ, କଟକରେ ଦୂରବିକ୍ଷଣ ଯନ୍ତ୍ର ସ୍ଥାପନ କରିଥିବା ଗାନ୍ଧୀବାଦୀ ମନମୋହନ ଚୌଧୁରୀ ପ୍ରଭୃତିଙ୍କ କୃତି ଉପରେ ଶନିବାର 'ଦ ଓଡିଶା ବିଜ୍ଞାନ ମଣ୍ଡଳ' ଆନୁକୂଲ୍ୟରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତୀ ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସ୍ୱାଧୀନତା ପୂର୍ବର ପାଣିପାଗ ଆକଳନ ପଦ୍ଧତି ଓ ସ୍ୱାଧୀନତା ପରେ ଆମ ସ୍ଥିତି ବିଷୟରେ ଆଲୋଚନା କରିଥିଲେ। ବିଶିଷ୍ଟ ବକ୍ତା ଭାବେ ବିଜ୍ଞାନ ଭାରତୀର ଏହି କାର୍ଯ୍ୟକ୍ରମର ଅଖିଳ ଭାରତୀୟ ସହସଂଯୋଜକ ପ୍ରଫେସର ରୁଚିର ଗୁପ୍ତା ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିବା ଭାରତୀୟ ବୈଜ୍ଞାନିକ ଜଗଦୀଶ ବୋଷ, ଆଚାର୍ଯ୍ୟ ଚନ୍ଦ୍ର ରାୟ, ଚନ୍ଦ୍ରଶେଖର ଭେଙ୍କଟରମଣ ଓ ଅନେକ ବିଦ୍ୱାନଙ୍କ ଯୋଗଦାନ ଉପରେ ବର୍ଣ୍ଣନା କରିଥିଲେ। ବିଜୁ ପଟ୍ଟନାୟକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚିତ୍ତ ରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧରେ ପ୍ରଫେସର ହରିହର ମିଶ୍ର, ଗୌରାଙ୍ଗ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଟେରାକୋଟା ସଂସ୍କୃତିର ବାର୍ତ୍ତାବହ

**ଭୁବନେଶ୍ୱର,୨୬।୨(ବ୍ୟୁରୋ):** ପ୍ରାଚୀନ କାଳରୁ ଟେରାକୋଟା ସଂସ୍କୃତିର ବାର୍ତ୍ତାବହ ହୋଇ ଆସିଛି। ଛାତ୍ରୀଛାତ୍ରମାନେ କୋଟା ମାଧମକୁ ନିଜର କଳାତ୍ମକ ଶୈଳୀରେ ବଳିଷ୍ଠ କରିବାର ଆବଶ୍ୟକତା ରହିଛି। ଶନିବାର ଶାନ୍ତିସ୍ତୂପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଟେରାକୋଟା ଭାସ୍କର୍ଯ୍ୟ ଶିବିରରେ ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ତଥା ଚିତ୍ର ଶିଳ୍ପୀ ପଞ୍ଚାନନ ସାମଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହା କହିଛନ୍ତି। ଆଧୁନିକ କଳା କ୍ଷେତ୍ରରେ ଟେରାକୋଟା କିପରି ନିଜର ସ୍ଥାନ ବଜାୟ ରଖି ପାରିବ ସେଥିପାଇଁ ଯୁବଶିଳ୍ପୀଙ୍କୁ ପ୍ରୟାସ କରିବା ଆବଶ୍ୟକ ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ତେଲଙ୍ଗାନାର ଶିଳ୍ପୀ ଏମ.ରମେଶ, ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀ ସେରାମିକ ବିଭାଗର ନିରୀକ୍ଷକ ଶିଳ୍ପୀ ସରୋଜ କୁମାର ରାଉତ କହିଛନ୍ତି। ଟେରାକୋଟାର ଭାସ୍କର୍ଯ୍ୟକୁ ଆଧୁନିକ ଘରର ସାଜସଜ୍ଜା ଓ ବଗିଚାରେ ରଖାଯାଇ ସୌନ୍ଦର୍ଯ୍ୟକରଣ କରାଯାଇପାରିବ ବୋଲି ସେମାନେ କହିଥିଲେ। ଅଧକ୍ଷ ଚନ୍ଦନ କୁମାର ସାମଲ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏହି ଶିବିରରେ ରଣଜିତ କୁମାର ପାଣି, ନୀଳମଣି ଗୌଡ, ଲିପ୍ସା ପ୍ରଧାନ, ନେହା ପ୍ରିୟଦର୍ଶିନୀ, ଗତିକୃଷ୍ଣ ନାୟକ, ରାକେଶ ବିଶ୍ୱାଳ, ସିନୁଲତା ଦାସ, ଗୋପାଳକୃଷ୍ଣ ନାୟକ, ଶଶିକାନ୍ତ ବେହେରା , ସୋନାଲୀ ନାୟକ, ଶିବ ମଣ୍ଡଳ, ଦୀପ୍ତିମୟୀ ଚମ୍ପତି , ଲେଙ୍କା ପରାଶର ହର୍ଷବର୍ଦ୍ଧନ, କ୍ଷେତ୍ରବାସୀ ମହାରଣା,ସୋନାଲି ବିଶ୍ୱାଳ,ସୁବ୍ରତ କୁମାର ମୁଦୁଲି ଓ ସୁଭଦ୍ରା ମହାନ୍ତି ପ୍ରମୁଖ ୧୮ ଜଣ ଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଏହା ମାର୍ଚ୍ଚ ୨ ପର୍ଯ୍ୟନ୍ତ ଚାଲିବ।

# ଅସଲି ଖୋଳରେ ନକଲି ଧୂପକାଠି

## କଟକରେ ଚଢ଼ାଉ

- ୨୫ ଲକ୍ଷ ଟଙ୍କାର ନକଲି ଧୂପକାଠି ଜବତ
- ମାଲିକଙ୍କ ସମେତ ୪ ଅଟକ

**କଟକ ଅଫିସ,୨୬।୨**



ଜବତ ହୋଇଥିବା ବିଭିନ୍ନ ବ୍ରାଣ୍ଡ୍‌ର ଧୂପ ଖୋଳ ଓ ଅନ୍ୟାନ୍ୟ ସାମଗ୍ରୀ।



ଅଧିକାରୀମାନେ ଜବତ ଧୂପକୁ ଯାଞ୍ଚ କରୁଛନ୍ତି।

କଟକ ଜିଲା ଲାଲବାଗ ଥାନା ଅଧୀନ ଗଙ୍ଗା ମନ୍ଦିର ଅଞ୍ଚଳରେ ଥିବା ଡି.ଆର. ଟ୍ରେଡର୍ସ ନାମକ ଧୂପକାଠି କାରଖାନା ଶନିବାର ଠାବ କରାଯାଇଛି। ସେଠାରୁ ପ୍ରାୟ ୨୫ ଲକ୍ଷ ଟଙ୍କାର ନକଲି ଧୂପକାଠି, ଧୂପକାଠି ପ୍ରସ୍ତୁତ ପାଇଁ ସରଞ୍ଜାମ ଓ ନାମୀଦାମୀ ବ୍ରାଣ୍ଡ୍‌ର ଖୋଳ ଜବତ କରାଯାଇଛି। ଏହି ଘଟଣାରେ କାରଖାନା ମାଲିକଙ୍କ ସମେତ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଲାଲବାଗ ଥାନା ଅଧିକାରୀ ରବିନାରାୟଣ ଭଞ୍ଜ କହିଛନ୍ତି।

ଭଞ୍ଜଙ୍କ ସୂଚନା ଅନୁଯାୟୀ, ପ୍ରାୟ ୧୦ ବର୍ଷ ହେବ ଉକ୍ତ କାରଖାନାରେ ଏଭଳି ବେଆଇନ କାରବାର ଚାଲିଥିଲା। ମାଲିକ କଲିକତାରୁ ନକଲି ଧୂପକାଠି ଓ ଅତର କିଣି ଆଣୁଥିଲେ। ପରେ କାରଖାନାରେ ଉକ୍ତ ଧୂପକାଠିରେ ମୋକ୍ଷ ସମାଜ କମ୍ପାନୀର ଧୂପକାଠି ଭଳି ବାସ୍ନା ଦେବା ପାଇଁ ଅତର ମିଶାଉଥିଲେ । ଏହାକୁ ଉକ୍ତ କମ୍ପାନୀର ଖୋଳରେ ଭର୍ତ୍ତିକରି ବିକ୍ରି ପାଇଁ ବଜାରକୁ ଛାଡୁଥିଲେ। ଏ ସମ୍ପର୍କରେ ଖବର ମିଳିବା ପରେ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏହି ଧୂପକାଠି କେଉଁ ସ୍ଥାନକୁ ଯାଉଥିଲା ଓ ଏହି ଘଟଣାର ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ସେ ସମ୍ପର୍କରେ ତଦନ୍ତ ଜାରି ରହିଥିବା ଭଞ୍ଜ କହିଛନ୍ତି।

ସୂଚନାଯୋଗ୍ୟ, ଗତ କିଛି ମାସ ମଧ୍ୟରେ କଟକ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ନକଲି ସିମେଣ୍ଟ, ଜର୍ଦ୍ଦା, ଅପମିଶ୍ରିତ ସସ୍, ମସଲା, ଘିଅ ଓ ତେଲ କାରଖାନା ଠାବ କରାଯାଇଛି। ସେଠାରୁ ବିପୁଳ ପରିମାଣର ନକଲି ଓ ଅପମିଶ୍ରିତ ସାମଗ୍ରୀ ମଧ ଜବତ ହୋଇଛି। କେତେକ ଘଟଣାରେ କାରଖାନା ମାଲିକଙ୍କୁ ଗିରଫ କରାଯାଇଛି। କାରଖାନା ମାଲିକମାନେ ଅଧିକ ଲାଭ ଆଶାରେ ଅପମିଶ୍ରିତ ସାମଗ୍ରୀ ବିକ୍ରି କରି ଲାଭବାନ୍ ହେଉଥିବାବେଳେ ଲୋକମାନେ ଏହାକୁ ଖାଇ ରୋଗରେ ପଡୁଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଲୋକଦେଖାଣିଆ ଚଢାଉ କରି କାରଖାନାରୁ ନକଲି ଓ ଅପମିଶ୍ରିତ ସାମଗ୍ରୀ ଜବତ କରିବା ସହ ସିଲ୍ କରୁଛି। ହେଲେ ଏହି ବେଆଇନ କାରବାରକୁ ସମ୍ପୂର୍ଣ୍ଣ ରୋକିବାରେ ବିଫଳ ହେଉଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଅପମିଶ୍ରଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଦାବି କରିଛନ୍ତି।

### ସାହିତ୍ୟରେ ସ୍ଥାନୀୟତା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

ସାହିତ୍ୟରେ ସ୍ଥାନୀୟତା ପ୍ରସଙ୍ଗ ପାଠକଙ୍କ ନିମନ୍ତେ ଅତ୍ୟନ୍ତ ଉପାଦେୟ ହୋଇଥାଏ। ସ୍ଥାନକୁ ଆଧାରକରି କାବ୍ୟକବିତା ତଥା ବିଭିନ୍ନ ଗଦ୍ୟ ରଚନା ପାଠକଙ୍କୁ ସେହି ସ୍ଥାନର ପରିବେଶ, ଲୋକସଂସ୍କୃତି, ଜନଜୀବନ ଓ ସମସ୍ୟା ବିଷୟରେ ଅବଗତ କରାଇବା ସହିତ ସ୍ଥାନଗୁଡ଼ିକର ପ୍ରସିଦ୍ଧି ବୃଦ୍ଧି କରିଥାଏ। ତେଣୁ ସାହିତ୍ୟରେ ସ୍ଥାନୀୟତା ଗୁରୁତ୍ୱପୂର୍ଣ୍ଣ ବୋଲି ଗବେଷକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ପ୍ରକାଶ କରିଛନ୍ତି।

ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଶନିବାର ସୂଚନା ଭବନରେ ଅନୁଷ୍ଠିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ପ୍ରଫେସର ମହାପାତ୍ର ଯୋଗଦେଇ 'ଓଡ଼ିଆ ସାହିତ୍ୟରେ ସ୍ଥାନୀୟତା' ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଟ୍ରଷ୍ଟର ଉପସଭାପତି କବି ରକ୍ଷକ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ସ୍ୱପ୍ନା ମିଶ୍ର 'ଏ ମାସର କବି' ଭାବରେ ଯୋଗଦେଇ କବିତା ପାଠ କରିଥିଲେ। ଅଧ୍ୟାପିକା ମାନିନୀ ଜେନାଙ୍କ ସଂଯୋଜନାରେ ପଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଭାପତି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଅନ୍ୟତମ ଉପସଭାପତି ବିନତି ଦାଶ ଧନ୍ୟବାଦ ଦେଇଥିଲେ।



ବିଧାନସଭା ପରିସରରେ ଶନିବାର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ମରଶରୀର ପହଞ୍ଚିବା ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଓ ଅନ୍ୟମାନେ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# କୋଟିଏ ଠକେଇ, ବ୍ୟାଙ୍କରେ ଯୋଜନା

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

- ୨୦ଲକ୍ଷ ହରାଇଲେ ଅବସରପ୍ରାପ୍ତ କର୍ମଚାରୀ
- ଅଭିଯୁକ୍ତ ଗିରଫ, ସନ୍ଦେହରେ ତତ୍‌କାଳୀନ ମ୍ୟାନେଜର



ଅଧିକ ଲାଭର ଲୋଭ ଦେଖାଇ ମ୍ୟୁଚୁଆଲ୍ ଫଣ୍ଡରେ ବିନିଯୋଗ ନାଁରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ହୋଇଛି। ତେବେ ଠକେଇର ଶିକାର ହୋଇଥିବା ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମଦନମୋହନ ସ୍ୱାଇଁଙ୍କ ଅଭିଯୋଗକ୍ରମେ ମଞ୍ଚେଶ୍ୱର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ କରଞ୍ଜପୁରର ସୁବ୍ରତ କୁମାର ମହାନ୍ତି। ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ଏକ ଜାତୀୟକରଣ ବ୍ୟାଙ୍କ୍‌ରେ ଏହି ଠକେଇ ଯୋଜନା ହୋଇଥିବାବେଳେ ତତ୍‌କାଳୀନ ମ୍ୟାନେଜରଙ୍କ ଉପରେ ସନ୍ଦେହ ବଢ଼ିଛି।

ଅଭିଯୋଗ ଅନୁଯାୟୀ, ମଦନମୋହନ ମଞ୍ଚେଶ୍ୱର ଅଞ୍ଚଳରେ ରୁହନ୍ତି। ଗତବର୍ଷ ସେ ସରକାର ଚାକିରିରୁ ଅବସର ନେଇଥିଲେ। ଅବସରକାଳୀନ ଅର୍ଥକୁ ସେ ଉକ୍ତ ଜାତୀୟକରଣ ବ୍ୟାଙ୍କରେ ଥିବା ଖାତାରେ ଡିପୋଜିଟ କରିଥିଲେ। ହେଲେ ତତ୍‌କାଳୀନ ବ୍ୟାଙ୍କ ମ୍ୟାନଜର ତାଙ୍କୁ ମ୍ୟୁଚୁଆଲ ଫଣ୍ଡରେ ଉକ୍ତ ଟଙ୍କା ନିବେଶ କଲେ ଅଧିକ ସୁଧ ମିଳିବ ବୋଲି କହିଥିଲେ। ଏଥିସହ ନିଜ ଚାମ୍ବରରେ ବସାଇ ଅଭିଯୁକ୍ତ ସୁବ୍ରତଙ୍କୁ ଡାକି କଥା କରାଇଥିଲେ। ଶାଖା ପରିଚାଳକଙ୍କ ପରାମର୍ଶକ୍ରମେ ମଦନମୋହନ ୨୦ ଲକ୍ଷ ଟଙ୍କା ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିଥିଲେ। ପରବର୍ତ୍ତୀ ସମୟରେ ତାହାକୁ ଉଠାଇ ପୁଣି ନିବେଶ କରିଥିଲେ। ଅବଧି ଶେଷ ହେବା ପରେ ତାହା ବ୍ୟାଙ୍କ୍ ଆକାଉଣ୍ଟକୁ ଫେରି ଆସିବାର ଥିଲା। ହେଲେ ମଦନମୋହନ ବ୍ୟାଙ୍କକୁ ଯାଇ ଆକାଉଣ୍ଟରେ କିଛି ଟଙ୍କା ଜମା ହୋଇ ନ ଥିବା ଦେଖି ସୁବ୍ରତଙ୍କୁ ଯୋଗଯୋଗ କରିଥିଲେ। ସୁବ୍ରତ ତାଙ୍କୁ ୩୦ ଲକ୍ଷ ଟଙ୍କାର ଗୋଟିଏ ଚେକ ଦେଇଥିଲେ ମଧ ତାହା ବାଉନ୍‌ସ ହୋଇଯାଇଥିଲା। ଏହାପରେ ସୁବ୍ରତ ଆଉ ଧରାଛୁଆଁ ଦେଇ ନ ଥିଲେ। ଏପରିକି ବ୍ୟାଙ୍କ୍ ମ୍ୟାନେଜର ମଧ ତାଙ୍କୁ ଅଣଦେଖା କରିବା ସହ ବ୍ୟାଙ୍କ୍ ଭିଜିଲାନ୍ସରେ ଅଭିଯୋଗ କରିବାକୁ କହି ଶୁଣି ନ ଥିଲେ। ମାସ ପରେ ମାସ ବିତିଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଏହା ଭିତରେ ସମ୍ପୃକ୍ତ ବ୍ୟାଙ୍କ୍ ମ୍ୟାନେଜର ମଧ ବଦଳି ହୋଇଯାଇଥିଲେ। ଏପରି ଅନେକ ବ୍ୟକ୍ତି ଠକେଇର ଶିକାର ହୋଇଥିବା ଜାଣିବା ପରେ ମଦନମୋହନ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଅଭିଯୁକ୍ତ ସୁବ୍ରତଙ୍କୁ ଗିରଫ କରିବା ସହ ମାମଲା ନଂ.୫୭/୨୨ରେ କୋର୍ଟ ଚାଲାଣ କରିଛି।

# ବିଧାନସଭାରେ ହେମାନନ୍ଦଙ୍କୁ ଗାର୍ଡ ଅଫ୍ ଅନର

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ତଥା ଆଦିବାସୀ ନେତା ହେମାନନ୍ଦ ବିଶ୍ୱାଳଙ୍କର ଶୁକ୍ରବାର ଭୁବନେଶ୍ୱରଠାରେ ପରଲୋକ ଘଟିଥିଲା। ଶନିବାର ସକାଳେ ତାଙ୍କ ମରଶରୀରକୁ ବିଧାନସଭା ପରିସରକୁ ନିଆଯିବା ପରେ ସେଠାରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ନେତୃବୃନ୍ଦ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସ୍ୱର୍ଗତ ବିଶ୍ୱାଳଙ୍କ ପାର୍ଥିବ ଶରୀର କଂଗ୍ରେସ ଭବନଠାରେ ପହଞ୍ଚିଥିଲା। ଏହାପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ନିଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଜି. ରୁଦ୍ର ରାଜୁଙ୍କ ସମେତ ବହୁ କଂଗ୍ରେସ ନେତା ସ୍ୱର୍ଗତ ବିଶ୍ୱାଳଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଉପସ୍ଥିତ ନେତୃବୃନ୍ଦ ହେମାନନ୍ଦଙ୍କ ରାଜନୈତିକ ଦକ୍ଷତା, ନୀତି ଓ ଆଦର୍ଶ ସମ୍ପର୍କରେ କହିଥିଲେ।



ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

### କଂଗ୍ରେସ ଭବନରେ ଶ୍ରଦ୍ଧାଞ୍ଜଳି

ପରେ ପୂର୍ବାହ୍ନ ସାଢ଼େ ୧୦ଟାରେ ପିସିସି ସଭାପତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ବିଶ୍ୱାଳଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ନେତୃବୃନ୍ଦ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧରେ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆ, ବିଧାୟକ ସୁରେଶ କୁମାର ରାଉତରାୟ, ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଶରତ ରାଉତ, ଶିବାନନ୍ଦ ରାୟ, ଜଗନ୍ନାଥ ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ, ଗିରିବାଳା ବେହେରା, ଜିଆଉଲ ହକ, ୟାସିର ନୱାଜ, ବାଙ୍କନିଧି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସମାଜ ସୁଧାରର ବାର୍ତ୍ତା ଦେଲା 'ଜ୍ୟୋତିର୍ମୟୀ'

**ଭୁବନେଶ୍ୱର,୨୬।୨(ବ୍ୟୁରୋ):** ଅଖିଳ ଭାରତୀୟ ମାରୱାଡି ମହିଳା ସମିତିର ପଞ୍ଚଦଶ ଅଧିବେଶନ 'ଜ୍ୟୋତିର୍ମୟୀ' ଚନ୍ଦ୍ରଶେଖରପୁରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜ ସୁଧାର ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ସମିତିର ରାଷ୍ଟ୍ରୀୟ ଅଧକ୍ଷା ଶାରଦା ଲାଖୋଟିଆ, ପୂର୍ବତନ ରାଷ୍ଟ୍ରୀୟ ଅଧକ୍ଷା ପୁଷ୍ପା ଖୈତାନଙ୍କ ସମେତ ଓଡ଼ିଶା ପ୍ରାନ୍ତର ସମସ୍ତ ଅଧକ୍ଷା ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପ୍ରାନ୍ତର ଅଧକ୍ଷା ତଥା ଭୁବନେଶ୍ୱର ଶାଖାର ଆୟୋଜିକା ଲଳିତା ଅଗ୍ରୱାଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସଂଚାଳିତ ହୋଇଥିଲା। ବ୍ୟକ୍ତିର ମୃତ୍ୟୁ ପରେ ସମାଜରେ 'ମତ୍ୟୁଭୋଜ' ବା ଦଶାହ, ଏକାଦଶାହ ଭୋଜି ଦିଆଯିବା ପ୍ରଥାର ବିଲୋପ ଘଟିବା ସହ ଏହାକୁ କେବଳ ମୃତବ୍ୟକ୍ତିର ପରିବାର ଭିତରେ ସୀମିତ ରଖାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିସହ ଅନ୍ୟଏକ ପ୍ରସ୍ତାବ ମଧ ରହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସୁନାଫୁଲ ଦେଲି ପରକୁ**
**କୁଣ୍ଡି ଭୁଷଣ୍ଡି ଆଣିଲି ଘରକୁ।**

ଭଲକୁ ଛାଡ଼ି ମନ୍ଦକୁ ଆପଣେଇବାର ପରିଣତି ଅନେକ ସମୟରେ ବିଷମ ହୋଇଥାଏ। ରୂପଠାରୁ ଗୁଣର ମହତ୍ୱ କାହିଁ କେତେ ଗୁଣରେ ଅଧିକ। ଗୁଣ ନ ଚିହ୍ନି ରୂପରେ ମୋହିବାର ଫଳ ସର୍ବଦା ମନ୍ଦ ହିଁ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ସୁସଙ୍ଗରେ ସଙ୍ଗିତା**
**ସୁନା କଣ୍ଠି ଲମ୍ବିତା**
**କୁସଙ୍ଗରେ ସଙ୍ଗୀ ହେଲେ**
**କାଠ ଘଣ୍ଟି ଲମ୍ବିତା।**

ଉତ୍ତମ ବ୍ୟକ୍ତିଙ୍କ ସଙ୍ଗେ ବନ୍ଧୁତା କରିବା ସବୁଠାରୁ ବୁଦ୍ଧିମାନର କାର୍ଯ୍ୟ। ସେମାନଙ୍କର ସୁପରାମର୍ଶ ଅନେକ ପ୍ରକାର ବିପଦରୁ ରକ୍ଷା କରିଥାଏ। ପରନ୍ତୁ କୁ-ବନ୍ଧୁ ଯୋଗୁ ସମାଜରେ ତିରସ୍କାର ମିଳିବା ସହ ଦୁର୍ଭାଗ୍ୟକୁ ହିଁ ଅର୍ଜିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଭୁବନେଶ୍ୱରସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟଠାରେ ଶନିବାର ଆରମ୍ଭ ହୋଇଥିବା ଟେରାକୋଟା ଭାସ୍କର୍ଯ୍ୟ ଶିବିରରେ ଛାତ୍ରୀଛାତ୍ରମାନେ ପ୍ରଶିକ୍ଷଣ ନେଉଛନ୍ତି।



ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଶନିବାର ଅନୁଷ୍ଠିତ ଅଖିଳ ଭାରତୀୟ ମାରୱାଡି ମହିଳା ସମିତିର ପଞ୍ଚଦଶ ଅଧିବେଶନ 'ଜ୍ୟୋତିର୍ମୟୀ'ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।




ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ସୁଫିଆନା ଓ ଭକ୍ତି ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସମର୍ପଣ'ର ଶନିବାର ସନ୍ଧ୍ୟାରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# DISTRICT OFFICE KALAHANDI

## LAND ACQUISITION OFFICER AND COMPETENT AUTHORITY, NH- 26 PROJECT, KALAHANDI, DIST- KALAHANDI

## PUBLIC NOTICE

In exercise of the powers vested under Section 3D (1) and (2) of National Highways Act 1956 (Act N0. 48 of 1956) the Central Government vide their Gazette Notification No. **S.O. 31 (E), Dated 4th January, 2022** have acquired the lands indicated in the Schedule here under for building (Widening/four laning etc.) maintenance, management and operation of National Highway No. 26 on the Stretch of land from Km.171.8 to Km. 182.39 (Kalahandi Bypass ) in the state of Odisha.

Under the provisions of Section 3G(1), (2), (3) & (4) of the National Highways Act. 1956 (Act N0 48 of 1956) it is hereby informed to the land owners and other interested persons whose lands are acquired for building (Widening/ four laning etc.) maintenance, management and operation of National Highway No.26 on the Stretch of land Km.171.8 to Km. 182.39 (Kalahandi Bypass ) in the state of Odisha to appear and to submit their claims along with the copies of the relevant documents VIZ, (1) Sale/ Partition/Other Deeds of Title. (2) Mutations and Tax Paid Receipts. (3) RTC's, (4) Conversion Certificate etc. in person or through Agents or through Advocates to the Land Acquisition Officer and Competent Authority, NH-26 Project, Kalahandi and to State their respective interest on such lands.

**Sd/- Land Acquisition Officer and Competent Authority**
**NH-26 Project, Kalahandi**

**MINISTRY OF ROAD TRANSPORT AND HIGHWAYS**

**NOTIFICATION**

**New Delhi, the 4th January, 2022**

**S.O. 31(E).-** Whereas by the notification of the Government of India in the Ministry of Road Transport and Highways, number S.O.1985 (E) dated.24.05.2021, published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening / four laning,etc.) Maintenance, management and operation of NH26 on the stretch of land from Km 171.8 to Km 182.39 (Bhawanipatna Bypass) in the district of KALAHANDI in the state of ODISHA

And whereas the substance of the said notification has been published in "Dharitri" and "Sambad" both dated 9th August 2021; under sub-section (3) of section 3A of the said Act;

And whereas objections have been received and the same have been considered and disallowed by the competent Authority;

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

**SCHEDULE**

**Brief description of the land to be acquired, with or without structure, falling within the NH26 in the stretch of land from NH26 (Bhawanipatna Bypass) in the district of KALAHANDI in the state of ODISHA**

State : ODISHA District : KALAHANDI

| Sl. No. | Survey No. | Type of land | Nature of land | Area (in Hectare) | Name of the land owner/ interested persons |
|---|---|---|---|---|---|
| 1 | 2 | 3 | 4 | 5 | 6 |
| TALUK : KALAHANDI | | | | | |
| VILLAGE : BORABHATA | | | | | |
| 1 | 1000 | Private | AAT | 0.0275192 | Bidyadhar Majhi, Lakshmi Majhi, S/o- Ramchandra Majhi |
| 2 | 1001 | Private | BAHALA | 0.0376366 | Bidyadhar Majhi, Lakshmi Majhi, S/o- Ramchandra Majhi |
| 3 | 1002 | Government | SAGARA | 0.0469446 | Rakshita (Govt. of Odisha) |
| 4 | 811 | Private | MAL | 0.0615136 | Nilamani Naik, S/o- Bhagatram Naik |
| 5 | 812 | Private | AAT | 0.0825577 | Nilamani Naik, S/o- Bhagatram Naik |
| 6 | 813 | Private | MAL | 0.1351679 | Bimbadhar Naik, S/o- Bhagatram Naik |
| 7 | 814 | Private | MAL | 0.0857952 | Dambarudhar Naik, S/o- Bhagatram Naik |
| 8 | 842 | Private | AAT | 0.0060704 | Kaibalya Rana, S/o- Gajindra Rana |
| 9 | 843 | Private | AAT | 0.2533387 | Bhaskar Rana, Brushav Rana, Kanhei Rana, Krushna Rana, S/o- Nakul Rana |
| 10 | 844 | Private | AAT | 0.076892 | Nilamani Naik, S/o- Bhagatram Naik |
| 11 | 845 | Private | AAT | 0.2521246 | Jabradhar Rana, S/o- Agasti Rana |
| 12 | 846 | Private | AAT | 0.2444355 | Dambarudhar Naik, S/o- Bhagatram Naik |
| 13 | 867 | Government | KATA | 0.354917 | Rakshita (Govt. of Odisha) |
| 14 | 868 | Private | BAHAL | 0.0716309 | Bimbadhar Naik, S/o- Bhagatram Naik |
| 15 | 869 | Private | AAT | 0.1659247 | Bimbadhar Naik, S/o- Bhagatram Naik |
| 16 | 870 | Private | AAT | 0.1521651 | Nilamani Naik, S/o- Bhagatram Naik |
| 17 | 876 | Private | BAHALA | 0.1121004 | Dambarudhar Naik, S/o- Bhagatram Naik |
| 18 | 877 | Private | AADI | 0.0246864 | Dambarudhar Naik, S/o- Bhagatram Naik |
| 19 | 878/1132 | Private | MAL | 0.0732497 | kshama Rana, S/o- Dhanmat Rana |
| 20 | 879 | Private | BAHALA | 0.2108458 | Bhagatram Naik, S/o- Padmanabh Naik |
| 21 | 880 | Government | SAGARA | 0.0485633 | Rakshita (Govt. of Odisha) |
| 22 | 881 | Government | SAGARA | 0.0178066 | Rakshita (Govt. of Odisha) |
| 23 | 882 | Private | BAHALA | 0.0064751 | Jayadeb Naik, S/o- Raghunath Naik |
| 24 | 890 | Government | SAGARA | 0.9409146 | Rakshita (Govt. of Odisha) |
| 25 | 954 | Private | MAL | 0.0080939 | Sundarmani Jani, S/o- Bhim Jani |
| 26 | 955 | Private | MAL | 0.3832456 | Sundarmani Jani, S/o- Bhim Jani |
| 27 | 956 | Private | AAT | 0.0526103 | Chamaru Majhi, Bishnu Majhi, S/o- Mohan Majhi, Sobhabati Majhi, W/o- Mohan Majhi |
ମୁମ୍ବାଇ: ବର୍ତ୍ତମାନ ଫିଲ୍ମ ଅପେକ୍ଷା ନିଜ ପର୍ସନାଲ ଲାଇଫ୍‌କୁ ନେଇ ଖୁବ୍ ଚର୍ଚ୍ଚାରେ ଅଛନ୍ତି ବଲିଉଡ୍ ହାଣ୍ଡସମ୍ ହଙ୍କ୍ ହ୍ରିତିକ୍ ରୋଶନ୍। ପ୍ରଥମ ସ୍ତ୍ରୀ ସୁଜେନ୍‌ଙ୍କୁ ଛାଡ଼ପତ୍ର ଦେବା ପରେ ପୁଣିଥରେ ପ୍ରେମରେ ପଡ଼ିଛନ୍ତି ହ୍ରିତିକ୍। କିଛିଦିନ ହେବ ଅଭିନେତ୍ରୀ ତଥା ଲେଖିକା ସବା ଆଜାଦଙ୍କ ସହ ପ୍ରେମ କାହାଣୀଙ୍କୁ ନେଇ ବି-ଟାଉନରେ ଚର୍ଚ୍ଚା ଜୋର ଧରିଛି। ଏବେ ହ୍ରିତିକ୍ ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ପ୍ରଥମ ଥର ପାଇଁ ସବାଙ୍କ ଫଟୋ ଶେୟାର କରିଛନ୍ତି, ଯାହା ଏବେ ଦ୍ରୁତ ବେଗରେ ଭାଇରାଲ ହେବାରେ ଲାଗିଛି। ଶୁକ୍ରବାର ପୁନେରେ ସବାଙ୍କ ପ୍ରତିଯୋଗିତା ଥିଲା। ତାଙ୍କୁ ଉତ୍ସାହିତ କରିବା ପାଇଁ ହ୍ରିତିକ୍ ନିଜ ଅନ୍ଦାଜରେ ତାଙ୍କୁ ଶୁଭକାମନା ଜଣାଇଛନ୍ତି। କ୍ୟାପସନ୍‌ରେ ଲେଖିଛନ୍ତି, 'କମାଲ କରିଦେଲ।' ହ୍ରିତିକ୍‌ଙ୍କ ଏହି ପୋଷ୍ଟ ପୁଣିଥରେ ଦୁହିଁଙ୍କ ସମ୍ପର୍କର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନିକଟରେ ଦୁହେଁ ଏକାଠି ଡିନର କରୁଥିବାର ନଜରକୁ ଆସିଥିଲେ। ପରେ ସବାଙ୍କୁ ହ୍ରିତିଙ୍କ ଘରେ ମଧ୍ୟ ଦେଖିବାକୁ ମିଳିଥିଲା। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ହ୍ରିତିକ୍ ସବାଙ୍କୁ ନେଇ ବହୁତ ସିରିୟସ୍ ଅଛନ୍ତି।

# ଫୋନ୍ ଛାଡ଼ିବାରୁ ମିଳିଲା ପୁରସ୍କାର

## ମା'ଙ୍କ ନିଆରା ସର୍ତ୍ତ



**ନୂଆଦିଲ୍ଲୀ:** ପିଲାଙ୍କୁ ସ୍ମାର୍ଟ ଫୋନ୍‌ଠାରୁ ଦୂରେଇ ରଖିବା ଆଜିକାଲିର ଯେମିତି ଏକ ଅସମ୍ଭବ କାମ। ସେଥିପାଇଁ ତ ସୋସିଆଲ ମିଡିଆଠାରୁ ଦୂରେଇ ରହିଥିବା ପିଲାଙ୍କୁ ମିଳୁଛି କୋଟି କୋଟି ଟଙ୍କାର ପୁରସ୍କାର। କଥାଟା ଶୁଣି ବିଶ୍ୱାସ ହେଉନାହିଁ ନା! ହେଲେ ଏମିତି ଏକ ଘଟଣା ଏବେ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରିଛି।

ବର୍ଷ ବର୍ଷ ଧରି ସୋସିଆଲ ମିଡିଆ ବ୍ୟବହାର କରୁ ନ ଥିବାରୁ ଜଣେ ମାଆ ତାଙ୍କ ପୁଅକୁ ପୁରସ୍କାର ସ୍ୱରୂପ ୧୮୦୦ ଡଲାର ଦେଇଛନ୍ତି। ଲୋର୍ନା ଗୋଲ୍ଡଷ୍ଟ୍ରାଣ୍ଡ କ୍ଲେଫାଶ୍ ନାମକ ଜଣେ ମହିଳା ଏବେ ତାଙ୍କ ପୁଅକୁ ୧୮୦୦ ଡଲାର ପୁରସ୍କାର ସ୍ୱରୂପ ଦେଇଥିବା ଇନ୍‌ଷ୍ଟାଗ୍ରାମ୍‌ର ଏକ ପୋଷ୍ଟରେ ଶେୟାର କରି କହିଛନ୍ତି। ଅର୍ଥାତ୍ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସେ ତାଙ୍କ ପୁଅକୁ ଦେଇଛନ୍ତି। ଏତେ ଗୁଡ଼ାଏ ଟଙ୍କା ସେ ତାଙ୍କ ପୁଅକୁ ଦେବାର କାରଣ ହେଉଛି ୬ ବର୍ଷ ହେଲାଣି ତାଙ୍କ ପୁଅ ସୋସିଆଲ ମିଡିଆ ବ୍ୟବହାର କରୁ ନ ଥିଲେ। ସେତେବେଳେ ତାଙ୍କ ପୁଅକୁ ୧୨ ବର୍ଷ ହୋଇଥିଲା। ସ୍ମାର୍ଟଫୋନ୍‌ରେ ସୋସିଆଲ ମିଡିଆ ବ୍ୟବହାର କରି ପିଲାମାନେ ଖରାପ ହେଉଥିବାର ଅନୁଭବ କରିବା ପରେ ସେ ତାଙ୍କ ପୁଅ ପାଖରେ ସର୍ତ୍ତ ରଖିଥିଲେ କି ତାଙ୍କ ପୁଅ ଯଦି ୧୮ ବର୍ଷ ହେବା ପର୍ଯ୍ୟନ୍ତ ସୋସିଆଲ ମିଡିଆ ବ୍ୟବହାର କରିବ ନାହିଁ, ତେବେ ସେ ତାକୁ ୧୮୦୦ ଡଲାର ପୁରସ୍କାର ଦେବେ। ବର୍ତ୍ତମାନ ସମୟରେ ସମସ୍ତଙ୍କ ପାଇଁ ଏହା ନିଶ୍ଚିତଭାବେ ଏକ ଅତ୍ୟନ୍ତ କଷ୍ଟକର କାମ। କିନ୍ତୁ ୬ ବର୍ଷ ତଳେ ତାଙ୍କ ପୁଅ ତାଙ୍କର ଏହି ସର୍ତ୍ତରେ ରାଜି ହୋଇ ଯାଇଥିଲେ ଏବଂ ଆଦୌ ସୋସିଆଲ ମିଡିଆ ବ୍ୟବହାର କରୁ ନ ଥିଲେ। ଏବେ ୧୮ ବର୍ଷ ହେବା ପରେ ସେ ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲିଛନ୍ତି। ତେଣୁ କଥା ରଖିଥିବାରୁ ଲୋର୍ନା ତାଙ୍କ ପୁଅକୁ ଏହି ପୁରସ୍କାର ରାଶି ଦେଇଛନ୍ତି। ଇନ୍‌ଷ୍ଟାଗ୍ରାମରେ ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ, ଜୀବନକାଳ ମଧ୍ୟରେ ସେ ଖର୍ଚ୍ଚ କରିଥିବା ଟଙ୍କା ମଧ୍ୟରେ ଏହା ହେଉଛି ସବୁଠୁ ଉପଯୁକ୍ତ ଖର୍ଚ୍ଚ। ସେ ତାଙ୍କ ପୁଅର କିଛି ଫଟୋ ସହିତ ଏହି ଖବର ଶେୟାର କରିବା ପରେ ଏହା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଲୋକେ ଏହି କାମକୁ ଖୁବ୍ ପ୍ରଶଂସା କରୁଛନ୍ତି। ସେଥିପାଇଁ ଏବେ ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଦାମୀ ଯୋଡ଼ି: ଭାଗ୍ୟଶ୍ରୀ-ହିମାଳୟ

ମୁମ୍ବାଇ:

ଷ୍ଟାର୍ ପ୍ଲସ୍ ଚ୍ୟାନେଲରେ 'ସ୍ମାର୍ଟ ଯୋଡ଼ି' ନାମରେ ଏକ ନୂଆ ଶୋ' ଆରମ୍ଭ ହୋଇଯାଇଛି। ଏହି ଶୋ'ରେ ପ୍ରତ୍ୟେକ ସେଲିବ୍ରିଟି ନିଜର ରିୟଲ୍ ଲାଇଫ୍ ପାର୍ଟନରଙ୍କ ସହ ସାମିଲ ହେଉଛନ୍ତି। ଏହି ଶୋ'ରେ ଭାଗ ନେଇଥିବା ସବୁ ସେଲିବ୍ରିଟି ଯୋଡ଼ିଙ୍କ ମଧ୍ୟରୁ ବଲିଉଡ୍ ନାୟିକା ଭାଗ୍ୟଶ୍ରୀ ଅଧିକ ଟଙ୍କା ନେଇଛନ୍ତି। ଶୋ' ପାଇଁ ସେ ୧୦ ଲକ୍ଷ ନେଇଥିବାବେଳେ ତାଙ୍କ ସ୍ୱାମୀ ହିମାଳୟ ମଧ୍ୟ ବଲିଉଡ୍ ଦୁନିଆର ଜଣେ ଜଣାଶୁଣା ଚେହେରା ଅଟନ୍ତି। ଏହି କପୁଲଙ୍କ ପଛକୁ ଅଛନ୍ତି ପବିତ୍ର ରିସ୍ତା ଫେମ୍ ଅଙ୍କିତା ଏବଂ ସ୍ୱାମୀ ଭିକି ଜୈନ। ଯେ ଏହି ଶୋ' ପାଇଁ ୭ ଲକ୍ଷ ଟଙ୍କା ନେଇଛନ୍ତି।

# ବରଫରେ ବିଦ୍ୟୁତ୍‌ଙ୍କ ଷ୍ଟଣ୍ଟ



**ମୁମ୍ବାଇ:** ବଲିଉଡ୍ ଆକ୍ସନ୍ ଷ୍ଟାର ତଥା କଣ୍ଟ୍ରି ବୟ ଭାବେ ପରିଚିତ ବିଦ୍ୟୁତ ଜାମୱାଲଙ୍କ ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି। -୮ ଡିଗ୍ରୀ ତାପମାତ୍ରା ବରଫରେ ଷ୍ଟଣ୍ଟ କରୁଛନ୍ତି ସେ। ସେ ବରଫର ମୋଟା ଚାଦର ତଳେ ଜମି ରହିଥିବା ପାଣି ଭିତରକୁ ଯାଇ ବସୁଥିବାର ଏହି ଭିଡ଼ିଓରେ ଦେଖିବାକୁ ମିଳିଛି। ଭିଡିଓରେ ବିଦ୍ୟୁତ କହିଛନ୍ତି, 'ଏଠାର ତାପମାତ୍ରା -୮ଡିଗ୍ରୀ ରହିଛି, ଏହି ପାଣିରେ ରହିବା ଅତ୍ୟନ୍ତ ସହଜ, ଯଦି ନିଜ ଚିନ୍ତାଧାରାକୁ ବଦଳାଇ ପାରିବେ ତେବେ ଆପଣ ମଧ୍ୟ ଏପରି କରିପାରିବେ। ଭିଡିଓକୁ ଟ୍ୟାଗ କରି ବିଦ୍ୟୁତ 'ପୁନର୍ଜନ୍ମ' ବୋଲି ଲେଖିଛନ୍ତି। ସୋସିଆଲ ମିଡିଆରେ ୟୁଜର ବିଦ୍ୟୁତଙ୍କ ଏହି ଷ୍ଟଣ୍ଟ ଭିଡିଓ ଦେଖି ତାଙ୍କୁ ପ୍ରଶଂସା କରିଛନ୍ତି। ଫିଟ୍‌ନେସ୍‌କୁ ନେଇ ବିଦ୍ୟୁତ ସର୍ବଦା ଚର୍ଚ୍ଚାରେ ରୁହନ୍ତି। ସୋସିଆଲ ମିଡିଆରେ ସର୍ବଦା ଆକ୍ଟିଭ ରହୁଥିବା ବିଦ୍ୟୁତ ନିକଟରେ ଏକ ଭିଡିଓ ପାଇଁ ପୁଣିଥରେ ଚର୍ଚ୍ଚାର କେନ୍ଦ୍ର ପାଲଟିଛନ୍ତି।

# GOVERNMENT OF ODISHA FOREST, ENVIRONMENT & CLIMATE CHANGE DEPARTMENT

No. FE-DIV-FLD-0002-2022-3894/FE&CC, Bhubaneswar, dated the 23.02.2022
10F(CONS)03/2022

No.CAD-2304

# ORDER

**Sub: Proposal for prospecting of minerals over 1.439 ha of forest land in Thakurani Iron Ore Block by Odisha Mineral Exploration Corporation Limited (OMECL), under Keonjhar Forest Division of Keonjhar District, Odisha**

WHEREAS, the Director (Geology), Odisha Mineral Exploration Corporation Limited (OMECL), 3rd Floor, Bayan Bhawan, Unit-III, Pandit Jawaharlal Nehru Marg, Bhubaneswar has applied for according permission for prospecting over 1.493 ha of forest land out of total block area of 139.929 ha of forest land for exploration of iron ore in Thakurani Iron Ore Block of Keonjhar District under Keonjhar Forest Division for undertaking exploration drilling of 24 no of boreholes in 0.480 ha of forest land of 4" dia and 0.959 ha in forest land for access path in Thakurani Iron Ore Block assigned by State Government, Department of Steel and Mines to Odisha Mineral Exploration Corporation Limited (OMECL).

And whereas, the Govt. of India, MoEF &CC, Integrated Regional Office, Bhubaneswar Vide their letter No.5-ORB499/2022-BHU dtd.11.02.2022 in consideration of relevant proposal of the state Government furnished vide letter no.1248/FE&CC dtd. 18.01.2022 have communicated their approval to carry out prospecting of minerals in forest land over 1.493 ha pertaining to pertaining to Thakurani Iron Ore Block within the total Block area of 139.929 ha for undertaking exploratory drilling (24 boreholes of 4" dia each 0.480 ha and 0.959 ha for temporary approach road) in Keonjhar Forest Division by M/s. Odisha Mineral Exploration Corporation Ltd. (OMECL) subject to fulfillment of certain conditions as laid down therein **(Annexure-I)**

Now, therefore, Govt. of Odisha do hereby allow the User Agency to carry out prospecting of mineral in forest land over 1.439 ha pertaining Thakurani Iron Ore Block within the total Block area of 139.929 ha for undertaking exploratory drilling (24 boreholes of 4" dia each 0.480ha and 0.959 ha for temporary approach road) in Keonjhar Forest Division by M/s. Odisha Mineral Exploration Corporation Ltd.(OMECL) and as per the proposal received from PCCF & HoFF, Odisha Vide their letter No.450 dtd.06.01.2022. The statement showing the coordinates of proposed boreholes indicted and duly authenticated as received from PCCF & HoFF, Odisha vide their letter No.450 dtd.06.01.2022 is appended herewith as **Annexure-II.**

The Collector, Keonjhar and Divisional Forest Officer, Keonjhar Forest Division, as the case may be are authorized to allow for use of forest land in question for the purpose of prospecting of minerals subject to having valid permission and compliance of Court's order if any, following due procedure of law. Before allowing the use of Forest land to the use agency it shall be ensured that the compensatory levies as due for this project is deposited, in full at applicable rates.

The Divisional Forest Officer, Keonjhar Forest Division is also directed to monitor compliance to the conditions stipulated for such exploration in the respective forest clearance order and to report violations, if any, to the Nodal Officer O/o- the PCCF & HoFF Odisha and to Forest, Environment & Climate Change Department.

Execution of project activities will be subject to having availability of all other statutory clearances required under revenant Act/Rules for exploration drilling, deposit of requisite funds and compliance of Court's order if any.

**By Order of Governor**
**Sd./- (Lingaraj Otta)**
**OSD-cum-Special Secretary to Government**

Memo No. 3895/ FE&CC Date 23.02.2022

Copy along with the copy of Annexure-I and Annexure-II as above forwarded to the Principal Chief Conservator of Forest & HoFF, Odisha for kind information and necessary follow up action.

Appropriate instruction to the Divisional Forest Officer,Keonjhar Forest Division and user agency may be imparted for required follow up action at their end. It may be ensured by the Divisional Forest Officer, Keonjhar Forest Division that Net Present Value of the forest land involved in the project of the user agency is deposited by them in appropriate head in full, at applicable rates. The user agency may also be instructed to furnish compliance to the conditions of Forest/Wildlife clearance pertaining to the project in every quarter to the Divisional Forest Officer, Keonjhar Forest Division for facilitating monitoring of compliances.

OSD-cum-Special Secretary to Government

Memo No. 3896/ FE&CC Date 23.02.2022

Copy along with the copy of Annexures as above forwarded to the Asst. Inspector General of Forests, Government of India, MoEFF &CC (FC Division), Indira Paryavaran Bhawan, Jor bagh, Aliganj Road, New Delhi, Pin-110003/Deputy Director General of Forests (Central), MoEF&CC, Government of India, IRO,A/3, Chandrasekharpur, Bhubaneswar for kind information and necessary follow up action in compliance to the order of Hon'ble NGT dtd. 07.11.2012 in Appeal no.07/2012 communicated by MoEF, Government vide letter F .No.7-23/2012-FC dtd 24.07.2013.

OSD-cum-Special Secretary to Government

Memo No. 3897/ FE&CC Date 23.02.2022

Copy along with the copy of Annexures as above forwarded to the Principal Chief Conservator of Forests (Wildlife) & Chief Wildlife Warden, Odisha/ Principal Chief Conservator of Forest (FD & NO), FC Act, O/o-PCCF & HoFF, Odisha / Director, Environment-cum- Special Secretary to Government, Forest, Environment & Climate Change Department/ Member Secretary , State Pollution Control Board, Odisha for information and necessary action.

OSD-cum-Special Secretary to Government

Memo No.3898/ FE&CC Date 22.02.2022

Copy along with copy of Annexures as above forwarded to the Regional Chief Conservator of Forests, Rourkela Circle/ Divisional Forest Officer, Keonjhar Forest Division for information and immediate necessary compliance. It may be ensured by the Divisional Forest officer, Keonjhar Forest Division that Net Present Value of Forest land involved in this project for the user agency shall be deposited by them in full, at applicable rates in appropriate head before handing over the forest land to the user agency. Besides, funds, if any, due to be deposited by the user agency for this project shall also be deposited by the project proponent before the forest land is handed over to them. The user agency may also be instructed to furnish compliance to the conditions of forest/ wildlife clearance pertaining to the project in every quarter to the Divisional Forest Officer, Keonjhar Forest Division for facilitating monitoring compliances by them.

The Divisional Forest Officer, Keonjhar Forest Division is also instructed to ensure that the directions given to the user agency is executed immediately.

OSD-cum-Special Secretary to Government

Memo No. 3899/ FE&CC Date 23.02.2022

Copy along with copy of Annexures as above forwarded to Steel & Mines Department/ Director of Mines, Odisha / Collector, Keonjhar for information and necessary follow up action.

OSD-cum-Special Secretary to Government

Memo No.3900/ FE&CC Date 23.02.2022

Copy along with copy of Annexures as above forwarded to the Private Secretary to Minister of Forest, Environment & Climate Change for Kind information of Hon'ble Minister.

OSD-cum-Special Secretary to Government

Memo No.3901/ FE&CC Date 22.02.2022

Copy along with copy of the Annexures forwarded to the Director (Geology) , Odisha Mineral Exploration Corporation Limited(OMECL), 3rd Floor, Bayan Bhawan, Unit-III, Pandit Jawaharlal Nehru Marg, Bhubaneswar for information and immediate necessary action.

The user agency is asked to take following actions immediately as per orders of Hon'ble National Green Tribunal dtd. 07.11.2012 in Appeal no.07/2012 communicated by the MoEF, Government of India vide letter F.No.7-23/2012-FC dtd 24.07.2013.

***i. They shall publish the entire forest clearance granted in verbatim along with condition and safeguards imposed by Central Government in their approval order in two widely circulated daily newspapers, one in vernacular language and the other in English language so as to make people aware of the permission granted to the Project for use of forest land for nonforest purposes.***

***ii. They shall submit the copies of forest clearance orders granted by the Central Government / State Government to the Heads of local bodies, Panchayats and Municipal bodies along with relevant offices of the State Government, who in turn, shall display the same for 30 days from the date of receipt.***

***iii. Detailed action taken in compliance to the above order of state Government shall be intimated to the DFO, Keonjhar Forest Division / RCCF,Rourkela Circle/ PCCF & HoFF, Odisha, Forest Environment & Climate Change Department for reference.***

***Besides the above, the user agency is also asked to deposit Net Present Value of the forest land for this project in full, if not deposited yet, at applicable rates. Requisite funds due for deposit by the user agency on account of this project shall also be deposited under appropriate head. The user agency shall furnish compliances to the conditions prescribed in the forest / wildlife clearance order to the Divisional Forest Officer, Keonjhar Forest Division in every quarter, for purpose of monitoring by him.***

OSD-cum-Special Secretary to Government

Memo No.3902/ FE&CC Date 23.02.2022

Copy with copy of Annexures forwarded to the Head, State Portal, I.T Centre, Odisha Secretariat, Bhubaneswar for information and necessary action. He is requested to upload this order along with its enclosures in the website of Forest, Environment & Climate Change Department **immediately** for information of all concerned. **This is required in compliance to orders of Hon'ble National Green Tribunal dtd. 07.11.2012 in Appeal no.07/2012. Hence this may be done unfailingly.**

OSD-cum-Special Secretary to Government

Memo No.3903/ FE&CC Date 23.02.2022

Copy with copy of Annexures forwarded to the Under Secretary to Government, Office Establishment Section, Forest, Environment & Climate Change Department for information and necessary action with reference to their letter No.12939/F &E dtd. 16.07.2016

OSD-cum-Special Secretary to Government

## Government of India
## Ministry of Environment, Forest and Climate Change
### Integrated Regional Office
### A/3, Chandrasekharpur
### Bhubaneswar - 751023, Odisha

**Telephone: 0674-2301213, 2302432, 2301248, 2302452, 2302453**
**E-mail: roez.bsr-mef@nic.in**

**No.5-ORC499/2022-BHU** **11th February, 2021**

To,
The Addl. Chief Secretary,
Forest & Environment Deptt., Govt of Odisha, Bhubaneswar

**Sub: Proposal for prospecting of minerals over 1.439 ha of forest land in Thakurani Iron Ore Block by Odisha Mineral Exploration Corporation Limited (OMECL) under Keonjhar Forest Division of Keonjhar District, Odisha**

Madam,

I am to refer State Govt. letter No. 10F (Cons)03/2022-1248/ FE&CC dated 18.01.2022 on the above mentioned subject seeking prior approval of the Ministry of Environment, Forest & Climate Change under section 2of Forest (Conservation) Act, 1980.

2. After due consideration of the proposal of the State Government and on the basis of approval of Regional Empowered Committee meeting held on 09.02.2022, the Ministry of Environment, Forest & Climate Change hereby conveys approval to carry out prospecting of minerals in forest land over 1.439 ha pertaining to Thakurani Iron Ore Block within the total Block area of 139.929 ha for undertaking exploratory drilling (24 boreholes of 4" dia each 0.480 ha and 0.959 ha for temporary approach road) in Keonjhar Forest Division by M/s. Odisha Mineral Exploration Corporation Ltd. (OMECL), subject to fulfillment of following conditions.

i. The user agency shall be allowed exploratory drilling of maximum 24 boreholes of 4" dia each 0.480 ha of forest land and 0.959 ha of forest land for temporary approach road.
ii. As per Ministry's letter No.5-3/2007-FC dated 17.11.2020, NPV, in respect of prospecting /exploration shall be charged on borehole basis. It is noted that for each borehole an area approximately 0.1 ha is impacted with various activities that are undertaken during prospecting /exploration. Any variation from 0.1 ha area per borehole shall be informed by the user agency to State Govt. NPV of the above proposal may be realized from the user agency as per MoEF&CC 's letter No.5-3/2011-FC (Vol-I) dated 06.01.2022 & 19.01.2022.
iii. Any amount of NPV deposited in the stipulated Government account is non-refundable. However, the NPV deposited for prospecting in the area, will be adjusted against the estimated NPV to be levied , in case the approval is obtained for diversion of the same forest land for mineral extraction , under section 2 of Forest (Conservation) Act, 1980
iv. Permission for carrying out prospecting /exploration / seismic survey or any payment of NPV deposit for such operation will not confer any right with user agency to get forest clearance of that particular land under section 2 of Forest (Conservation) Act, 1980. All decisions will be taken as per procedure in Forest (Conservation) Rules 2003 (as amended up to date) and on merit.
v. The user agency shall prepare a plan to plant 110 tall trees per borehole/ 2 tall plants per shot hole as the case may be. The cost of preparation of plan and plantation shall be borne by the user agency. The state Govt, shall ensure that the plants are raised on abandoned borehole area or degraded forest land as per prescription of working plan.
vi. The State Government shall intimate the site of plantation of 2640 tall tress (in lieu of 24 boreholes along with list of dominate species to be planted) to IRO, Bhubaneswar and its period monitoring report.
vii. Charges towards NPV and payments towards planting of trees shall be realized by the State Govt. from the user agency & deposited in CAMPA fund through e-portal.
viii. The user agency shall submit complete plan of operation for prospecting/ exploration/ seismic survey in the entire forest area prior to start of work to the Nodal Officer of the state.
ix. The Forest Department will intimate the information regarding movement of elephant in the proposed site to the user agency. The prospecting work should be stopped by the user agency during the movement of elephants in the proposed site. Adequate precautionary measures shall be taken by the user agency to ensure that prospecting activities don't harm the wildlife in the area. Any damage done in this context, shall dealt as per rule thereof by the concerned DFO/ State Govt.
x. The user agency shall take mitigative measures to minimize soil erosion during the construction of new access road/path to borehole point.
xi. The user agency shall seek permission of concerned Divisional Forest Officer before entering in to forest area and borehole shall be dug with prior permission of the concerned Divisional Forest Officer and also furnish detailed report thereof on completion of the project.
xii. Proper plugging of boreholes shall be made after exploration activities are complete to the satisfaction of the concerned Divisional Forest Officer.
xiii. No tree felling shall be undertaken for exploration activities as proposed by state Govt. Project activities shall be restricted to clearing of bushes and lopping of tree branches if any for the purpose of site preparation.
xiv. The user agency shall re-locate to boreholes to avoid tree felling and minimum impact of forest floor.
xv. The user agency shall be responsible for any loss to flora and fauna in the surrounding. Any damage done in this regard shall be compensated by the user agency from the project cost as per assessment of the concerned Divisional Forest Officer.
xvi. No other new road shall be constructed by the user agency for transporting prospecting tools and machines beyond what permitted. The user agency may use the existing / proposed forest road/path with prior information to the concerned Divisional Forest Officer. The use of existing/proposed road/path during the prospecting work shall be restored to its original status of forest after completion of prospecting work.
xvii. No other construction activities shall be done by the user agency on forest land.
xviii. Any change in diameter of borehole and number of boreholes will be reported to the concerned Regional office in advance for consideration and recommendation to Central Govt.
xix. No labour camp shall be established on the forest land and no work shall be allowed after sunset.
xx. In case the right over the forest land proposed to be used for prospecting purpose, has already been settled in favour of eligible claimants as per provision of the Forest Right Act, 2006, the claimants shall either be compensated, or location of boreholes be suitably relocated.
xxi. Initially the permission of prospecting will be granted for two years from the date of issue of this approval which can be extended for one more year with convincing justification from the State Govt. for extension.
xxii. In case of violations of conditions by the user agency, the permission for prospecting of minerals shall be suspended by the concerned Divisional Forest Officer. Further, it shall be enquired by the Nodal Officer (FCA) of the State Govt. and report to be submitted to the concerned Regional Office for appropriate action.
xxiii. The samples collected during the prospecting shall be used purely for investigation purpose and shall in no case be used for trade or commerce purpose.
xxiv. To minimize disturbance to the wildlife, the user agency shall take all possible measures to minimize noise during prospecting operations and halt the prospecting activities during night and during such period in the day as may be advised by the concerned Chief Wildlife Warden, concerned State Forest Department.
xxv. The user agency and State Govt. shall ensure compliance to provision of the MoEF&CC Guidelines F.No.11-96/2009-FC dated 4th July 2014 issued by the Ministry regarding drilling in the forest land.
xxvi. Violations of any of these conditions will be dealt as per para 1.21(iii) of chapter-1 of Handbook of Guidelines issued under F.C Act ,1980 vide Ministry's letter No.5-2/2017-FC dated 28.03.2019
xxvii. The state Govt. and the user agency shall comply with any other conditions that the concerned Regional Office or the Ministry may stipulate in the interest of conservation, protection and development of forest & wildlife.
xxviii. The state Govt. and the user agency shall comply the provisions of the all Acts, Rules, Regulations, Guidelines, NGT Order(s) & Hon'ble Court Order(s) pertaining to this project, if any for the time being in force, as applicable to the project .

3. The user agency shall submit 6 monthly compliance report through the State Govt. of conditions stipulated in the paragraph -2 above to the Regional Office.

Yours faithfully,
**(M.R. Prasad)**
**Scientist 'C'**

**Copy to:**
1. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar -751023
2. The Managing Director, M/s. Odisha Mineral Exploration Corporation Limited. (OMECL), OMC House, Bhubaneswar-751001, Odisha
3. Guard File

**Scientist 'C'**

# ଓଡ଼ିଶା ସରକାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

ତା23.02.2022ରିଖ ପତ୍ର ସଂଖ୍ୟା FE-DIV-FLD-0002-2022-3894/FE&CC, ଭୁବନେଶ୍ୱର 10F (Cons)03/2022

# ନିର୍ଦ୍ଦେଶନାମା

**ବିଷୟ: ଓଡିଶା ମିନେରାଲ ଏକ୍ସପ୍ଲୋରେସନ୍ କର୍ପୋରେସନ ଲିମିଟେଡ ଦ୍ୱାରା ଓଡିଶାର କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ କେନ୍ଦୁଝର ବନଖଣ୍ଡ ଅଧୀନରେ ଠାକୁରାଣୀ ଲୁହାପଥର ବ୍ଲକରେ ୧.୪୩୯ ହେକ୍ଟର ଜଙ୍ଗଲ ଜମିରେ ଖଣିଜ ପଦାର୍ଥର ଅନୁସନ୍ଧାନ ନିମିତ୍ତ ପ୍ରସ୍ତାବ ।**

ଯେହେତୁ, ନିର୍ଦ୍ଦେଶକ (ଭୂବିଜ୍ଞାନ), ଓଡିଶା ମିନେରାଲ ଏକ୍ସପ୍ଲୋରେସନ୍ କର୍ପୋରେସନ୍ ଲିମିଟେଡ୍ (ଓଏମଇସିଏଲ) ତୃତୀୟ ମହଲା ବୟନ ଭବନ, ୟୁନିଟ-୩, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର ରାଜ୍ୟ ସରକାରଙ୍କର ଇସ୍ପାତ ଏବଂ ଖଣି ବିଭାଗ ଦ୍ୱାରା ଦିଆଯାଇଥିବା, ଓଡିଶାର କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ କେନ୍ଦୁଝର ବନଖଣ୍ଡ ଅଧୀନରେ ଠାକୁରାଣୀ ଲୁହାପଥର ବ୍ଲକର ସମୁଦାୟ ବ୍ଲକ କ୍ଷେତ୍ର ୧୩୯,୯୨୯ ହେକ୍ଟର ଜଙ୍ଗଲ ଜମି ରୁ ୧.୪୩୯ ହେକ୍ଟର ଜଙ୍ଗଲ ଜମିରେ ୨୪ଟି ୪ ଇଂଚ ବିଶିଷ୍ଟ ବୋରହୋଲର ଅନୁସନ୍ଧାନ ଡ୍ରିଲିଂ କରିବା ପାଇଁ ୦.୪୮୦ ହେକ୍ଟର ଜଙ୍ଗଲଜମି ଏବଂ ପ୍ରବେଶ ପଥ ପାଇଁ ୦.୯୫୯ ହେକ୍ଟର ଜଙ୍ଗଲ ଜମି ବ୍ୟବହାର କରିବା ପାଇଁ ଆବେଦନ କରିଥିଲେ ।

ଏବଂ ଯେହେତୁ, ଓଡିଶା ସରକାରଙ୍କ ଦ୍ୱାରା ପତ୍ର ସଂଖ୍ୟା ୧୨୪୮/FE&CC ତା.୧୮.୦୧.୨୦୨୨ ରିଖ ଦ୍ୱାରା ଦିଆଯାଇଥିବା ରାଜ୍ୟ ସରକାରଙ୍କ ପ୍ରଯୁଜ୍ୟ ପ୍ରସ୍ତାବକୁ ଦୃଷ୍ଟିରେ ରଖି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ପତ୍ର ସଂଖ୍ୟା-୫-ORC୪୯୯/୨୦୨୨-BHU ତା.୧୧.୦୨.୨୦୨୨ ରିଖ ଅନୁସାରେ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ କେନ୍ଦୁଝର ବନଖଣ୍ଡ ଅଧୀନରେ ଠାକୁରାଣୀ ଲୁହାପଥର ବ୍ଲକର ସମୁଦାୟ ବ୍ଲକ କ୍ଷେତ୍ର ୧୩୯.୯୨୯ ହେକ୍ଟର ଜମିରୁ ୧.୪୩୯ ହେକ୍ଟର ଜମିରେ ୨୪ଟି ଛିଦ୍ରପାଇଁ ପ୍ରତ୍ୟେକ ୪ ଇଞ୍ଚ ବ୍ୟାସାର୍ଦ୍ଧ ହିସାବରେ ୦.୪୮୦ ହେକ୍ଟର ଏବଂ ୦.୯୫୯ ହେକ୍ଟର ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ) ଓଡିଶା ମିନେରାଲ ଏକ୍ସପ୍ଲୋରେସନ କର୍ପୋରେସନ ଲିମିଟେଡ୍ ଦ୍ୱାରା ଖଣିଜ ପଦାର୍ଥର ଅନ୍ୱେଷଣ ନିମିତ୍ତ ଅନୁସନ୍ଧାନକାରୀ ଖନନ ପାଇଁ ସର୍ତ୍ତାବଳୀ ସହ ଅନୁମୋଦନ ପ୍ରଦାନ କରାଗଲା (ପରିଶିଷ୍ଟ-୧)

ବର୍ତ୍ତମାନ, ତେଣୁ, ସରକାର ଏହା ଦ୍ୱାରା ଉପଭୋକ୍ତା ଏଜେନ୍ସିକୁ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ କେନ୍ଦୁଝର ବନଖଣ୍ଡ ଅଧୀନରେ ଠାକୁରାଣୀ ଲୁହାପଥର ବ୍ଲକର ସମୁଦାୟ ବ୍ଲକ କ୍ଷେତ୍ର ୧୩୯.୯୨୯ ହେକ୍ଟର ଜମିରୁ ୧.୪୩୯ ହେକ୍ଟର (୨୪ଟି ଛିଦ୍ର ପାଇଁ ପ୍ରତ୍ୟେକ ୪ ଇଞ୍ଚ ବ୍ୟାସାର୍ଦ୍ଧ ହିସାବରେ ୦.୪୮୦ ହେକ୍ଟର ଏବଂ ୦.୯୫୯ ହେକ୍ଟର ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ) ଜଙ୍ଗଲ ଜମିରେ ଖଣିଜ ପଦାର୍ଥର ଅନୁସନ୍ଧାନ ଡ୍ରିଲ କରିବା ପାଇଁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ଜଙ୍ଗଲ ଫୋର୍ସର ମୁଖ୍ୟ, ଓଡିଶାଙ୍କଠାରୁ ପତ୍ର ସଂଖ୍ୟା ୪୫୦ ତା ୦୬.୦୧.୨୦୨୨ ରିଖ ଅନୁସାରେ ମିଳିଥିବା ପ୍ରସ୍ତାବକୁ ଅନୁମତି ପ୍ରଦାନ କରାଗଲା । ପ୍ରସ୍ତାବିତ ଛିଦ୍ର ଗର୍ତ୍ତର GPS coordinates ଯାହା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ଜଙ୍ଗଲ ଫୋର୍ସର ମୁଖ୍ୟ, ଓଡିଶାଙ୍କ ଠାରୁ ପତ୍ର ସଂଖ୍ୟା ୪୫୦ ତା.୦୬.୦୧.୨୦୨୨ ରିଖରେ ଗ୍ରହଣ କରାଯାଇଛି ତାହା ପରିଶିଷ୍ଟ –୨ ହିସାବରେ ସଂଲଗ୍ନ କରାଗଲା ।

ଆଇନର ଉପଯୁକ୍ତ ପଦ୍ଧତି ଅନୁସରଣ କରି ଏବଂ ଯଦି ଅଦାଲତର କିଛି ଆଦେଶ ଥାଏ ତାହା ପାଳନ କରି, ଜିଲ୍ଲାପାଳ କେନ୍ଦୁଝର ଏବଂ ବନଖଣ୍ଡ ଅଧିକାରୀ, କେନ୍ଦୁଝର ବନଖଣ୍ଡ, ଖଣିଜ ପଦାର୍ଥର ଅନୁସନ୍ଧାନ ଉଦ୍ଦେଶ୍ୟରେ ଜଙ୍ଗଲ ଜମି ବ୍ୟବହାର କରିବାକୁ ଅନୁମତି ଦେବାପାଇଁ ସ୍ୱୀକୃତିପ୍ରାପ୍ତ ଅଧିକାରୀ ଅଟନ୍ତି । ଉପଭୋକ୍ତା ଏଜେନ୍ସିକୁ ଜଙ୍ଗଲ ଜମି ବ୍ୟବହାର କରିବାକୁ ଅନୁମତି ଦେବା ପୂର୍ବରୁ ଏହା ନିଶ୍ଚିତ ହେବ ଯେ ଏହି ପ୍ରକଳ୍ପ ପାଇଁ କ୍ଷତିପୂରଣ ଆଦାୟ ପ୍ରଯୁଜ୍ୟ ହାରରେ ସମ୍ପୂର୍ଣ୍ଣ ଜମା ହେବ ।

କେନ୍ଦୁଝର ବନଖଣ୍ଡର ବନଖଣ୍ଡ ଅଧିକାରୀ, ମଧ୍ୟ ସମ୍ପୃକ୍ତ ଜଙ୍ଗଲ କ୍ଲିୟରାନ୍ସ ଅର୍ଡରରେ ଏହିପରି ଅନୁସନ୍ଧାନ ପାଇଁ ଧାର୍ଯ୍ୟ ସର୍ତ୍ତ ଗୁଡିକର ଅନୁପାଳନ ଉପରେ ନଜର ରଖିବାକୁ ଏବଂ ଯଦି ଉଲ୍ଲଙ୍ଘନ ହୁଏ, ନୋଡାଲ ଅଧିକାରୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ଜଙ୍ଗଲ ଫୋର୍ସର ମୁଖ୍ୟ, ଓଡିଶା ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ଉଲ୍ଲଙ୍ଘନ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ପ୍ରକଳ୍ପ ଅନୁସନ୍ଧାନର କାର୍ଯ୍ୟକାରିତା ଏହି ଅନୁସନ୍ଧାନ ଡ୍ରିଲିଂ ପାଇଁ ଆବଶ୍ୟକ ଆଇନ/ନିୟମାବଳୀ ଅନୁଯାୟୀ ଆବଶ୍ୟକ ଅନ୍ୟ ସମସ୍ତ ବିଧିଗତ କ୍ଲିୟରାନ୍ସର ଉପଲବ୍ଧତା, ଆବଶ୍ୟକ ପାଣ୍ଠିର ଜମା ଏବଂ ଯଦି କିଛି କୋର୍ଟଙ୍କ ଆଦେଶ ଥାଏ ତାହାର ଅନୁପାଳନ ହେବ ।

ରାଜ୍ୟପାଳଙ୍କ ନିର୍ଦ୍ଦେଶରେ
**(ଲିଙ୍ଗରାଜ ଓତା)**
**ଓଏସଡି ଓ ସ୍ୱତନ୍ତ୍ର ଶାସନ ସଚିବ**

ଜ୍ଞାପକ ସଂଖ୍ୟା ୩୮୯୫/FE&CC ତା.୨୩.୦୨.୨୦୨୨

ଏହାର ଏକକିତା ନକଲ ପରିଶିଷ୍ଟ ୧ ଓ ପରିଶିଷ୍ଟ ୨ ସହିତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ଜଙ୍ଗଲ ଫୋର୍ସର ମୁଖ୍ୟ, ଓଡିଶାଙ୍କ ସଦୟ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ବନଖଣ୍ଡ ଅଧିକାରୀ, କେନ୍ଦୁଝର ବନଖଣ୍ଡ ଏବଂ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଏ ସମ୍ପର୍କରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ । ଏହା ଡିଭିଜନାଲ ଫରେଷ୍ଟ ଅଫିସର, କେନ୍ଦୁଝର ଡିଭିଜନ ଦ୍ୱାରା ନିଶ୍ଚିତ ହୋଇପାରେ ଯେ ଉପଭୋକ୍ତା ଏଜେନ୍ସିର ପ୍ରକଳ୍ପରେ ଜଡିତ ଜଙ୍ଗଲ ଜମିର ନେଟ ପ୍ରେଜେଣ୍ଟ ମୂଲ୍ୟ ସେମାନଙ୍କ ଦ୍ୱାରା ଉପଯୁକ୍ତ ପାଣ୍ଠିରେ, ପ୍ରଯୁଜ୍ୟ ହାରରେ ପୂର୍ଣ୍ଣ ରୂପେ ଜମା ହେବ । ଜଙ୍ଗଲ ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀର ତ୍ରୈମାସିକ ଅନୁପାଳନ ପତ୍ର ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଡିଭିଜନାଲ ଫରେଷ୍ଟ ଅଫିସର, କେନ୍ଦୁଝର ଡିଭିଜନଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେବେ ।

ଓଏସଡି ଓ ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା ୩୮୯୬/FE&CC ତା.୨୩.୦୨.୨୦୨୨

ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ତା.୨୪.୦୭.୨୦୧୩ ରିଖ ପତ୍ର ସଂଖ୍ୟା F.No.୭-୨୩/୨୦୧୨-FC ଦ୍ୱାରା ପ୍ରେରିତ ମାନ୍ୟବର ଜାତୀୟ ସବୁଜ ପ୍ରାଧିକରଣଙ୍କ ଅପିଲ ସଂଖ୍ୟା ୭/୨୦୧୨ ର ତା.୭.୧୧.୨୦୧୨ ଆଦେଶକ୍ରମେ ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ସହକାରୀ ବନ ମହାନିରୀକ୍ଷକ, ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ବନ ସଂରକ୍ଷଣ ଡିଭିଜନ) ଇନ୍ଦିରା ପର୍ଯ୍ୟାବରଣ ଭବନ, ଜୋରବାଗ, ଆଲିଗଞ୍ଜ ରୋଡ, ନୂଆଦିଲ୍ଲୀ ୧୧୦୦୦୩/ ଉପ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦ୍ରୀୟ), ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, A/୩, ଚନ୍ଦ୍ରଶେଖରପୁର, ଭୁବନେଶ୍ୱରଙ୍କ ସଦୟ ଅବଗତି ଓ କାର୍ଯାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଓଏସଡି ଓ ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା ୩୮୯୭/FE&CC ତା.୨୩.୦୨.୨୦୨୨

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ (ବନ୍ୟପ୍ରାଣୀ) ଓଡିଶା/ପ୍ରଧାନ ମୁଖ୍ୟ ବନସଂରକ୍ଷକ (ଏଫଡି & ଏନଓ), ଏଫ ସି ଆକ୍ଟ O/o.PCCF & HoFF, ଓଡ଼ିଶା/ନିର୍ଦ୍ଦେଶକ ପରିବେଶ ଓ ସ୍ୱତନ୍ତ୍ର ଶାସନ ସଚିବ/ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶାଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଓଏସଡି ଓ ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା ୩୮୯୮/FE&CC ତା.୨୩.୦୨.୨୦୨୨

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ଜଙ୍ଗଲର ଆଞ୍ଚଳିକ ମୁଖ୍ୟ ସଂରକ୍ଷଣକାରୀ, ରାଉରକେଲା/ଡିଭିଜନାଲ ଫରେଷ୍ଟ ଅଫିସର, କେନ୍ଦୁଝର ଡିଭିଜନଙ୍କ ଅବଗତି ଓ ତୁରନ୍ତ ଆଜ୍ଞାପାଳନ ନିମନ୍ତେ ପ୍ରେରଣ କରାଗଲା ।

ଜଙ୍ଗଲ ଜମିକୁ ଅଣଜଙ୍ଗଲ ବ୍ୟବହାର ପାଇଁ ଦେବା ପୂର୍ବରୁ ଏହି ଜଙ୍ଗଲ ଜମିର ସମସ୍ତ ନେଟ ପ୍ରେଜେଣ୍ଟ ମୂଲ୍ୟ ଉପଯୁକ୍ତ ପାଣ୍ଠିରେ ବ୍ୟବହାରକାରୀ ସଂସ୍ଥାଙ୍କ ତରଫରୁ ପଇଠ ହେବା ଡିଭିଜନାଲ ଫରେଷ୍ଟ ଅଫିସର, କେନ୍ଦୁଝର ଡିଭିଜନ ସୁନିଶ୍ଚିତ କରାଇବେ । ଏହା ବ୍ୟତୀତ, ଯଦି ଏହି ପ୍ରକଳ୍ପ ପାଇଁ ଉପଭୋକ୍ତା ଏଜେନ୍ସି ଦ୍ୱାରା ବକେୟା ରାଶି ଜମା କରିବାକୁଥାଏ, ତେବେ ଏହା ଜଙ୍ଗଲ ଜମି ସେମାନଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ପ୍ରକଳ୍ପ ପ୍ରସ୍ତାବକଙ୍କ ଦ୍ୱାରା ଜମା କରାଯିବ । ଜଙ୍ଗଲ ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀର ତ୍ରୈମାସିକ ଅନୁପାଳନ ପତ୍ର ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା, ଡିଭିଜନାଲ ଫରେଷ୍ଟ ଅଫିସର, କେନ୍ଦୁଝର ଡିଭିଜନଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେବେ, ଯଦ୍ୱାରା ସମସ୍ତ ସର୍ତ୍ତାବଳୀର ଅନୁପାଳନ ହୋଇପାରିବ ।

ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାଙ୍କ ପ୍ରତି ଥିବା ସମସ୍ତ ନିର୍ଦ୍ଦେଶ ତୁରନ୍ତ ପାଳନ ହେବା ସୁନିଶ୍ଚିତ କରିବା ପାଇଁ ଡିଭିଜନାଲ ଫରେଷ୍ଟ ଅଫିସର, କେନ୍ଦୁଝର ଡିଭିଜନଙ୍କୁ ନିର୍ଦ୍ଦେଶ ଦିଆଗଲା ।

ଓଏସଡି ଓ ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା ୩୮୯୯/FE&CC ତା.୨୩.୦୨.୨୦୨୨

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ଇସ୍ପାତ ଓ ଖଣି ବିଭାଗ/ଖଣି ନିର୍ଦ୍ଦେଶକ, ଓଡିଶା/କେନ୍ଦୁଝର ଜିଲ୍ଲାପାଳଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଓଏସଡି ଓ ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା ୩୯୦୦/FE&CC ତା.୨୩.୦୨.୨୦୨୨

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ମାନ୍ୟବର ମନ୍ତ୍ରୀଙ୍କ ଅବଗତି ନିମନ୍ତେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା ।

ଓଏସଡି ଓ ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା ୩୯୦୧/FE&CC ତା.୨୩.୦୨.୨୦୨୨

ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ, ନିର୍ଦ୍ଦେଶକ (ଭୂବିଜ୍ଞାନ), ଓଡିଶା ମିନେରାଲ ଏକ୍ସପ୍ଲୋରେସନ କର୍ପୋରେସନ ଲିମିଟେଡ, ତୃତୀୟ ମହଲା, ବୟନ ଭବନ, ୟୁନିଟ-୩, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱରଙ୍କ ଅବଗତି ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ତା.୨୪.୦୭.୨୦୧୩ ରିଖ ପତ୍ର ସଂଖ୍ୟା F.No.୭-୨୩/୨୦୧୨-FC ଦ୍ୱାରା ପ୍ରେରିତ ମାନ୍ୟବର ଜାତୀୟ ସବୁଜ ପ୍ରାଧିକରଣଙ୍କ ଅପିଲ ସଂଖ୍ୟା ୭/୨୦୧୨ ର ତା.୦୭.୧୧.୨୦୧୨ ଆଦେଶକ୍ରମେ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ତୁରନ୍ତ ନିମ୍ନଲିଖିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ–

i. ଜଙ୍ଗଲ ଜମି ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଦିଆଯାଇଥିବା ଅନୁମୋଦନ କେନ୍ଦ୍ର ସରକାରଙ୍କ ଅନୁମୋଦନରେ ଦିଆଯାଇଥିବା ସମସ୍ତ ସର୍ତ୍ତାବଳୀକୁ, ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ, ଦୁଇଟି ବହୁଳ ପ୍ରସାରିତ ସମ୍ବାଦପତ୍ରରେ, ଗୋଟିଏ ଇଂରାଜୀ ଓ ଅନ୍ୟଟିରେ ସ୍ଥାନୀୟ ଭାଷାରେ ପ୍ରକାଶିତ କରିବେ ।
ii. କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଜଙ୍ଗଲ ମଞ୍ଜୁରୀ ଆଦେଶର ନକଲକୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ମୁଖ୍ୟ, ମୁନିସିପାଲିଟି ମୁଖ୍ୟ ଓ ଏ ସମ୍ପର୍କିତ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ପ୍ରେରଣ କରିବେ ଏବଂ ସେମାନେ ଏହାକୁ ୩୦ ଦିନ ପର୍ଯ୍ୟନ୍ତ ପ୍ରଦର୍ଶିତ କରାଇବେ ।
iii. ରାଜ୍ୟ ସରକାରଙ୍କ ଉପରୋକ୍ତ ଆଦେଶର ଅନୁପାଳନ ପତ୍ର ଡିଭିଜନାଲ ଫରେଷ୍ଟ ଅଫିସର,କେନ୍ଦୁଝର ଡିଭିଜନ/ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ, ରାଉରକେଲା/ପ୍ରଧାନ ମୁଖ୍ୟ ବନସଂରକ୍ଷକ ଏବଂ ଜଙ୍ଗଲ ଫୋର୍ସର ମୁଖ୍ୟ, ଓଡିଶା/ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରିବେ ।

ଏ ସମସ୍ତ ବ୍ୟତୀତ, ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ସମସ୍ତ ନେଟ ପ୍ରେଜେଣ୍ଟ ମୂଲ୍ୟ ଲାଗୁ ହୋଇଥିବା ଦରରେ ପୂର୍ଣ୍ଣ ରୂପେ, ପ୍ରଦାନ କରିବେ । ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦେବାକୁ ଥିବା ସମସ୍ତ ପାଣ୍ଠି ଉପଯୁକ୍ତ Head of Account ରେ ପ୍ରଦାନ କରିବେ ।

ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଜଙ୍ଗଲ ଓ ବନ୍ୟପ୍ରାଣୀ ଅନୁମୋଦନରେ ଦିଆଯାଇଥିବା ସମସ୍ତ ସର୍ତ୍ତାବଳୀର ତ୍ରୈମାସିକ ଅନୁପାଳନ ପତ୍ର ଡିଭିଜନାଲ ଫରେଷ୍ଟ ଅଫିସର, କେନ୍ଦୁଝର ଡିଭିଜନଙ୍କୁ ପ୍ରେରଣ କରାଯିବ ।

ଓଏସଡି ଓ ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା ୩୯୦୨/FE&CC ତା.୨୩.୦୨.୨୦୨୨

ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ମୁଖ୍ୟ, ସୂଚନା ଓ ପ୍ରଯୁକ୍ତି ବିଭାଗ, ରାଜ୍ୟ ସଚିବାଳୟ, ଭୁବନେଶ୍ୱରଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସମସ୍ତଙ୍କ ସୂଚନା ନିମନ୍ତେ ଭାରତ ସରକାରଙ୍କ ପରିବେଶ ଓ ବନ ମନ୍ତ୍ରଣାଳୟଙ୍କ ଅନୁମୋଦନ ପତ୍ର ସହିତ ଏହି ପତ୍ରକୁ ଜଙ୍ଗଲ ଓ ପରିବେଶ ବିଭାଗର websiteରେ ତୁରନ୍ତ ସ୍ଥାନିତ କରିବା ପାଇଁ ଅନୁରୋଧ କରାଗଲା । ମାନ୍ୟବର ଜାତୀୟ ସବୁଜ ପ୍ରାଧିକରଣଙ୍କ ଅପିଲ ନମ୍ବର ୭/୨୦୧୨ ର ତା.୦୭.୧୧.୨୦୧୨ ରିଖରେ ଦିଆଯାଇଥିବା ଆଦେଶ ମୁତାବକ ଏହା ଆବଶ୍ୟକ, ତେଣୁ ଏହା ନିଶ୍ଚିତ ରୂପେ କରାଯିବାକୁ ଅନୁରୋଧ ।

ଓଏସଡି ଓ ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା ୩୯୦୩/FE&CC ତା.୨୩.୦୨.୨୦୨୨

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ଉପ ଶାସନ ସଚିବ, କାର୍ଯ୍ୟାଳୟ ସଂସ୍ଥାପନ ଶାଖା, ଜଙ୍ଗଲ ଓ ପରିବେଶ ବିଭାଗଙ୍କ ପତ୍ର ସଂଖ୍ୟା ୧୨୯୩୯/F&E ତା.୧୬.୦୭.୨୦୧୬ ରିଖ ସମ୍ବନ୍ଧରେ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଓଏସଡି ଓ ସ୍ୱତନ୍ତ୍ର ଶାସନ ସଚିବ

## ଭାରତ ସରକାର
## ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
## ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟ
## A/୩,ଚନ୍ଦ୍ରଶେଖରପୁର
## ଭୁବନେଶ୍ୱର-୭୫୧୦୨୩, ଓଡିଶା

Telephone: ୦୬୭୪-୨୩୦୧୨୧୩, ୨୩୦୨୪୩୨, ୨୩୦୧୨୪୮, ୨୩୦୨୪୫୨, ୨୩୦୨୪୫୩
Email:roez.bsr-mef@nic.in

**ନଂ.୫-ଓଆରବି୪୯୯/୨୦୨୨-ବିଏଚୟୁ ତା.୧୧ ଫେବୃଆରୀ ୨୦୨୨**

ପ୍ରାପ୍ତେଷୁ
ଅତିରିକ୍ତ ପ୍ରଧାନ ସଚିବ,
ଜଙ୍ଗଲ ଓ ପରିବେଶ ବିଭାଗ
ଓଡିଶା ସରକାର
ଭୁବନେଶ୍ୱର

**ବିଷୟ: ଓଡ଼ିଶା ମିନେରାଲ ଏକ୍ସପ୍ଲୋରେସନ କର୍ପୋରେସନ ଲିମିଟେଡ ଦ୍ୱାରା ଓଡିଶାର କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ କେନ୍ଦୁଝର ବନଖଣ୍ଡ ଅଧୀନରେ ଠାକୁରାଣୀ ଲୁହାପଥର ବ୍ଲକରେ ୧.୪୩୯ ହେକ୍ଟର ଜଙ୍ଗଲ ଜମିରେ ଖଣିଜ ପଦାର୍ଥର ଅନୁସନ୍ଧାନ ନିମିତ୍ତ ପ୍ରସ୍ତାବ ।**

ମହାଶୟା,

ମୋତେ ଉପର ବର୍ଣ୍ଣିତ ରାଜ୍ୟ ସରକାରଙ୍କପତ୍ର ସଂଖ୍ୟା ୧୦ ଏଫ (କନସ) ୦୩/୨୦୨୨-୧୨୪୮/ଏଫଇ & ସିସି, ତା.୧୮.୦୧.୨୦୨୨ ଅନୁସାରେ ଜଙ୍ଗଲ (ସଂରକ୍ଷଣ) ଅଧିନିୟମ ୧୯୮୦ ର ଧାରା ୨ ଅଧୀନରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପୂର୍ବାନୁମୋଦନ ବିଷୟରେ ଉଲ୍ଲେଖ କରିବାକୁ କୁହାଯାଇଛି ।

୨. ରାଜ୍ୟ ସରକାରଙ୍କ ଉକ୍ତ ପ୍ରସ୍ତାବ ଉପରେ ଉପଯୁକ୍ତ ବିଚାର ଏବଂ ୦୯.୦୨.୨୦୨୨ ଅନୁଷ୍ଠିତ ହୋଇଥିବା ଆଞ୍ଚଳିକ ସଶକ୍ତୀକରଣ କମିଟି ବୈଠକରେ ଅନୁମୋଦନ ଆଧାରରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏତଦ୍ୱାରା ନିମ୍ନଲିଖିତ ବ୍ୟବସ୍ଥାବଳୀ ପୂରଣ ଭିତ୍ତିରେ ଓଡିଶା ମିନେରାଲ ଏକ୍ସପ୍ଲୋରେସନ୍ କର୍ପୋରେସନ୍ ଲିମିଟେଡ (ଓ ଏମ

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...



# ସନ୍‌ଗ୍ଲାସ୍‌: ଫ୍ୟାଶନ ସହ ସୁରକ୍ଷା

**କମି ଆସିଲାଣି ଶୀତର ପ୍ରକୋପ ଏବଂ ପଦାର୍ପଣ କରିବାକୁ ପ୍ରସ୍ତୁତ ହେଲାଣି ଗ୍ରୀଷ୍ମ। ଧୀରେ ଧୀରେ ବଢ଼ୁଥିବା ଖରାର ପ୍ରକୋପ ସାଙ୍ଗକୁ ବଢ଼ିବାରେ ଲାଗିଛି 'ସନ୍‌ଗ୍ଲାସ୍‌' ବା କଳା ଚଷମାର ବ୍ୟବହାର, ଯାହାକି ଫ୍ୟାଶନେବଲ୍ ଲୁକ୍ ସାଙ୍ଗକୁ ସୂର୍ଯ୍ୟଙ୍କର ପ୍ରଖର କିରଣର ତେଜସ୍କ୍ରିୟ ରଶ୍ମିରୁ ଆଖିକୁ ସୁରକ୍ଷା ପ୍ରଦାନ କରିଥାଏ। ତେବେ ଏହାକୁ ବ୍ୟବହାର କରୁଥିଲେ ଠିକ୍ ଫାଇଦା ଉଠାଇବା ଲାଗି କେତେକ ଦିଗ ପ୍ରତି ସଚେତନ ହେବା ଆବଶ୍ୟକ...**

ଡା. ସୋନାଲି ଷଡ଼ଙ୍ଗୀ

**ଖ**ରାରୁ ଆଖିକୁ ସୁରକ୍ଷା ଦେବା ଲାଗି ପିଲାଠୁ ବୟସ୍କଙ୍କ ପର୍ଯ୍ୟନ୍ତ ଅଧିକାଂଶ ବ୍ୟବହାର କରିଥାଆନ୍ତି ସନ୍‌ଗ୍ଲାସ୍ ବା ଗଗଲସ୍। ହେଲେ ଯୁବପିଢ଼ିଙ୍କଠାରେ ଏହାର କ୍ରେଜ୍ ସବୁଠୁ ଅଧିକ। କାରଣ ଏହା ବିନା ସେମାନଙ୍କ ଫ୍ୟାଶନ୍ ଯେମିତି ଅଧୁରା। ଷ୍ଟାଇଲିସ୍ ଲୁକ୍ ପାଇଁ ସେମାନେ ବିଭିନ୍ନ ରଙ୍ଗର, ଭଳିକି ଭଳି ଆକୃତିର ତଥା ଆଇକ୍ୟାଚି ଡିଜାଇନର ଗଗଲସ୍ ପିନ୍ଧିଥା'ନ୍ତି। ତେବେ ଏ ତ' ଗଲା ଷ୍ଟାଇଲ୍‌ର କଥା। ଏବେ ବିଚାର କରିବା ସୂର୍ଯ୍ୟ କିରଣରେ ଥିବା ବିଭିନ୍ନ କ୍ଷତିକାରକ ରଶ୍ମି କିଭଳି ଭାବରେ ଆଖିକୁ ନଷ୍ଟ କରିଥାଏ ଏବଂ ଆମେ ସନ୍‌ଗ୍ଲାସ୍







ବ୍ୟବହାର କରି କିପରି ତା'କୁ ସୁରକ୍ଷା ଦେଇପାରିବା। ସୂର୍ଯ୍ୟ ରଶ୍ମିରୁ ଆସୁଥିବା ହାଇ ଏନର୍ଜି ନୀଳ ଆଲୋକ (ବ୍ଲୁ ଲାଇଟ୍) ସିଧା ଆଖି ଭିତରକୁ ଯାଇ ବିଭିନ୍ନ ପ୍ରକାର କ୍ଷତି କରାଇଥାଏ। କଳା ଡୋଳାରେ 'ଫଟୋ କେରାଟାଇଟିସ୍' କରିଥାଏ। ବେଳେବେଳେ ବରଫରେ ପ୍ରତିବିମ୍ବିତ ହୋଇ ଆଖିଡୋଳାରେ ପଡୁଥିବା ରଶ୍ମି ଦୃଷ୍ଟିଶକ୍ତିକୁ ପ୍ରଭାବିତ କରିଥାଏ, ଯାହାକୁ ଆମେ 'ସ୍ନୋ ବ୍ଲାଇଣ୍ଡନେସ୍' କହିଥାଉ। ଏହା ଦ୍ୱାରା ଆଖି ନାଲି ପଡ଼ିଯାଏ ଓ ଶୁଖିଲା ହୋଇଯାଏ ଏବଂ ସୂର୍ଯ୍ୟକିରଣରେ ଥିବା ନୀଳ ରଶ୍ମି ଧଳା ମୋତିଆବିନ୍ଦୁ (କାଟାରାକ୍ଟ) କରିଥାଏ। ଏହା ରେଟିନା ବା ଆଖିର ପର୍ଦ୍ଦାରେ ମଧ୍ୟ 'ମାକ୍ୟୁଲାର ଡିଜେନେରେଶନ' କରାଇଥାଏ। ଆଖି ପରଦାରେ ମାଂସ ବୃଦ୍ଧି କରି 'ଟେରିଜିୟମ' କରିଥାଏ। ସୂର୍ଯ୍ୟ ରଶ୍ମି ଆଖି ଚାରିପଟେ କର୍କଟରୋଗ ବା ବାସାଲ ସେଲ କାର୍ସିନୋମା ମଧ୍ୟ କରିଥାଏ। ଏମିତିରେ ସନ୍‌ଗ୍ଲାସ୍ ବ୍ୟବହାର କେତେ ଉପକାରୀ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...

**ସନ୍‌ଗ୍ଲାସ୍‌ର ଉପକାରିତା:**

୧. ଏହା ଦୃଷ୍ଟିଶକ୍ତି ବଢ଼ାଇଥାଏ ଏବଂ ସୂର୍ଯ୍ୟରଶ୍ମିଜନିତ କଷ୍ଟରୁ ଆଖିକୁ ଆରାମ ଦେଇଥାଏ। ପୋଲା ରାଇଜିଂ ସନ୍‌ଗ୍ଲାସେସ୍ ପିନ୍ଧିଲେ ଆହୁରି ଆରାମ ମିଳିଥାଏ।

୨. ସୂର୍ଯ୍ୟ କିରଣରୁ ବାହାରୁଥିବା ଅଲଟ୍ରା ଭାଓଲେଟ୍‌ରେ 'ଏ' ଓ 'ବି'ର ପ୍ରଭାବରୁ ଆଖିକୁ ସୁରକ୍ଷା ପ୍ରଦାନ କରିବା ସହ ମୋତିଆବିନ୍ଦୁ ଓ କର୍କଟ ରୋଗ ହେବାର ଆଶଙ୍କା କମାଇଥାଏ। ତେବେ ଏଭଳି ସମସ୍ୟାରୁ ସୁରକ୍ଷା ପାଇଁ ୟୁଭିକେ ଲେବଲ୍ ଥିବା ସନ୍‌ଗ୍ଲାସ୍ ବ୍ୟବହାର କରିବା ଉଚିତ।

୩. ଯେଉଁମାନଙ୍କର ମୋତିଆବିନ୍ଦୁ (କାଟାରାକ୍ଟ) ଅସ୍ତ୍ରୋପଚାର ହୋଇଥାଏ, ସେମାନେ ଡିସ୍‌ପୋଜେବଲ କଳା ଚଷମା ବ୍ୟବହାର କରିବା ଭଲ।

୪. ଅଧିକାଂଶ ଯୁବପିଢ଼ିଙ୍କୁ କଲେଜ, ଜବ୍ ଆଦି ପାଇଁ ଡ୍ରାଇଭିଂ କରିବାକୁ ହୋଇଥାଏ। ସେମାନଙ୍କୁ ରାସ୍ତାରେ ଗାଡ଼ି ଚଳାଇବା ବେଳେ ସୂର୍ଯ୍ୟକିରଣ ପଡ଼ି ଆଖି ଜାଲୁଜାଲୁଆ ଦିଶେ, ଯେଉଁଥିରୁ ରକ୍ଷା ପାଇବା ଲାଗି ସନ୍‌ଗ୍ଲାସ୍ ପିନ୍ଧିବା ସବୁଠୁ ଭଲ ବିକଳ୍ପ। ଏହା ଆଖିକୁ ଆରାମ ଦେଇଥାଏ।

୫. ଟିଣ୍ଟେଡ୍ ଗ୍ଲାସ ବା ଫଟୋ କ୍ରୋମାଟିକ୍ ଗ୍ଲାସ ଅନ୍ଧାରରେ ହାଲୁକା ରଙ୍ଗ ଦିଶୁଥିବା ବେଳେ ଖରାକୁ ଗଲେ ଏହା ବେଶି ଗାଢ଼ ରଙ୍ଗ ବା କଳା ରଙ୍ଗ ହୋଇଯାଏ, ଯାହାକି ଗାଡ଼ି ଚଳାଇବା ବେଳେ ବ୍ୟବହାର କଲେ ଭଲ। କାର ଡ୍ରାଇଭିଂ କଲାବେଳେ ଗ୍ରାଜୁଏଟେଡ ଲେନ୍ସ ବ୍ୟବହାର କରିବା ଉଚିତ। ଅନେକ ସନ୍‌ଗ୍ଲାସରେ ଆଲୁଅ ପଡ଼ିଲେ ଏଥିରେ ପ୍ରତିଫଳନ ନ ହେବା ପାଇଁ ଚଷମାରେ ଆଣ୍ଟି ରିଫ୍ଲେକ୍ଟିଂ କୋଟ ଦିଆଯାଇଥାଏ। ଅଧିକ ସମୟ ଖରାରେ ରହିବାକୁ ହେଉଥିଲେ ଏପରି ଗ୍ଲାସ୍ ପନ୍ଧିବା ଚକ୍ଷୁ ପାଇଁ ସୁରକ୍ଷିତ। ପାଇଲଟ୍ ଏରୋପ୍ଲେନ୍ ଚଳାଉଥିବା ବେଳେ କଳା ଚଷମା ନିହାତି ବ୍ୟବହାର କରିବା ଆବଶ୍ୟକ, କାରଣ ସୂର୍ଯ୍ୟକିରଣରୁ ଆସୁଥିବା ଅଲଟ୍ରା ଭାଓଲେଟ ରଶ୍ମି ବେଶି ଉଚ୍ଚତାରେ ଅତ୍ୟଧିକ ବିକିରଣ ହୋଇଥାଏ। ପାଣି ଭିତରେ 'ସର୍ଫ ଗଗଲସ୍' ବ୍ୟବହାର କରିବା ଦରକାର। କାରଣ ପାଣି ଭିତରେ ଏହାର ପ୍ଲାବତା (ବୋୟାନ୍ସି) ବେଶି। ପର୍ବତ ଆରୋହଣ କରିବା ବେଳେ 'ଗ୍ଲାସିଅର ଗ୍ଲାସେସ୍' ବ୍ୟବହାର କରିବା ଦରକାର।

**ସନ୍‌ଗ୍ଲାସର ରଙ୍ଗ:** ଷ୍ଟାଇଲିସ୍ ଏବଂ ଗ୍ଲାମର୍ସ ଲୁକ୍ ପାଇଁ ମାର୍କେଟ୍‌ରେ ଅସଂଖ୍ୟ ଡିଜାଇନ ଓ ଭଳିକି ଭଳି ରଙ୍ଗର ସନ୍‌ଗ୍ଲାସ୍ ମାର୍କେଟ୍‌ରେ ଉପଲବ୍ଧ, ଯାହା ଯୁବପିଢ଼ି ବେଶି ବ୍ୟବହାର କରୁଛନ୍ତି। ହେଲେ ସାଧାରଣତଃ ବ୍ଲାକ୍, ରେଡ୍, ଗ୍ରେ, ଗ୍ରୀନ୍ ଓ ବ୍ରାଉନ୍ କଲର ସନ୍‌ଗ୍ଲାସ ପ୍ରାୟତଃ ବ୍ୟବହାର କରାଯାଇଥାଏ। ସୁରକ୍ଷା ଦୃଷ୍ଟିରୁ ଏସବୁ ରଙ୍ଗ ବ୍ୟବହାର କରିବା ଭଲ। ସନ୍‌ଗ୍ଲାସ କାଚ କିମ୍ବା ପ୍ଲାଷ୍ଟିକ୍ (ଆକ୍ରିଲିକ୍)ରୁ ତିଆରି ହୋଇଥାଏ। ହେଲେ ପଲି କାର୍ବୋନେଟ୍ ପ୍ଲାଷ୍ଟିକ୍ ଲେନ୍ସ ବହୁତ ହାଲୁକା ଓ ସହଜରେ ଭାଙ୍ଗି ନ ଥାଏ, ତେଣୁ ଏହା ବ୍ୟବହାର କରିବା ଭଲ। ସେହିପରି ସନ୍‌ଗ୍ଲାସ୍‌ର ଫ୍ରେମ୍ ମଧ୍ୟ ହାଲୁକା ହେବା ଦରକାର।

ଅଧିକାଂଶଙ୍କ ମନରେ ଏକ ଧାରଣା ଯେ, ସନ୍‌ଗ୍ଲାସ କେବଳ ଜିରୋପାୱାରର ହୋଇଥାଏ। ହେଲେ ଯେଉଁମାନଙ୍କର ଆଖି ଖରାପ ବା' ଚକ୍ଷୁଦୋଷ ଅଛି, ସେମାନେ ଚକ୍ଷୁ ପରୀକ୍ଷା କରାଇ ପାୱାର ସହ ସନ୍‌ଗ୍ଲାସ ବ୍ୟବହାର କରିବା ଉତ୍ତମ।

– ଚକ୍ଷୁରୋଗ ବିଶେଷଜ୍ଞ, କଟକ
ମୋ–୭୯୭୮୯୪୫୫୫୨

### କେତେବେଳେ ପିନ୍ଧିବେ

**ଏ**ମିତିରେ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସୁଥିଲେ ସନ୍‌ଗ୍ଲାସ୍ ବ୍ୟବହାର କରିବା ଦରକାର। ହେଲେ ସକାଳ ୮ରୁ ୧୦ ଓ ୨ରୁ ୪ଟା ମଧ୍ୟରେ କ୍ଷତିକାରକ ଅଲଟ୍ରା ଭାଓଲେଟ୍ ରଶ୍ମି ବେଶି ବିକିରଣ ହେଉଥିବାରୁ ସନ୍‌ଗ୍ଲାସ ନିଶ୍ଚିତ ଭାବରେ ବ୍ୟବହାର କରିବା ଆବଶ୍ୟକ।

### କେଉଁ ସନ୍‌ଗ୍ଲାସ ବ୍ୟବହାରଯୋଗ୍ୟ

**ସୁ**ରକ୍ଷା ଦୃଷ୍ଟିରୁ ପୋଲାରାଇଜଡ୍ ଲେନ୍ସ ଏବଂ ଗ୍ରାଡିଏଣ୍ଟ ଗ୍ଲାସେସ୍ ସବୁଠୁ ଭଲ। ଧୂସର ବର୍ଣ୍ଣର ସନ୍‌ଗ୍ଲାସ୍‌ରେ ବେଶି ଭଲ ଦେଖାଯାଏ। ସୁନ୍ଦର ଲୁକ୍ ପାଇଁ ମୁହଁର ଆକୃତି ଓ ଆକାର ଦେଖି ସନ୍‌ଗ୍ଲାସ ବ୍ୟବହାର କରିପାରିବେ।



## ଜାଣନ୍ତୁ ଦୁନିଆ

# ଡେନ୍‌ମାର୍କ: ଦ କ୍ଲିନେଷ୍ଟ କଣ୍ଟ୍ରି

**୨୦୨୧ ମସିହାରେ 'ଏନ୍‌ଭାଇରନ୍‌ମେଣ୍ଟାଲ୍ ପର୍‌ଫର୍‌ମାନ୍ସ ଇଣ୍ଡେକ୍ସ' ତରଫରୁ ହୋଇଥିବା ସର୍ବେକ୍ଷଣରୁ ଡେନ୍‌ମାର୍କ ପୃଥିବୀର ସବୁଠୁ କ୍ଲିନେଷ୍ଟ ସିଟି ଭାବେ ଘୋଷିତ ହୋଇଛି। କୋପେନ୍‌ହାଗେନ୍ ଏହାର ରାଜଧାନୀ, ଯାହା ଜିଲ୍ୟାଣ୍ଡ ଏବଂ ଆମାଗେର୍ ଦ୍ୱୀପରେ ଅବସ୍ଥିତ। ହାପିଏଷ୍ଟ୍ କଣ୍ଟ୍ରି ଭାବେ ମଧ୍ୟ ଡେନ୍‌ମାର୍କ ପରିଚିତ। ତେବେ ଏସବୁ କଥା ପ୍ରାୟ ସମସ୍ତଙ୍କୁ ଜଣା ଥାଇପାରେ, ହେଲେ ଏହି ଦେଶ ସମ୍ପର୍କରେ ଆହୁରି ଅନେକ ରୋଚକ ତଥ୍ୟ ରହିଛି, ଜାଣନ୍ତୁ ସେ ସମ୍ପର୍କରେ...**

➔ ପୃଥିବୀର ସବୁଠୁ ଓଲ୍ଡ ଫ୍ଲାଗ୍ ହେଉଛି ଡେନ୍‌ମାର୍କର ଫ୍ଲାଗ୍ ''ଡାନେବ୍ରଗ୍''। ପ୍ରାୟ ୧୦୦୦ ବର୍ଷ ତଳେ ଅର୍ଥାତ୍ ୧୨୧୯ ମସିହାରେ ତିଆରି ହୋଇଥିବା ଏହି ଫ୍ଲାଗ୍ ଆଜିଯାଏଁ ବି ଏଠାରେ ରହିଆସିଛି।

➔ ଏଠାରେ କୌଣସି ପାହାଡ ପର୍ବତ ନାହିଁ। ଶୀତଦିନେ ପ୍ରାୟ ୭୫ ପ୍ରତିଶତ ଲୋକ ଏଠାରେ ବାଇକ୍ ଚଳାଇଥାନ୍ତି। ଏଠାରେ ୧୨ ହଜାରରୁ ଅଧିକ ସାଇକେଲ୍ ଟ୍ରାକ୍ ରହିଛି। ଯେଉଁଥିପାଇଁ ଏହା 'ବାଇସାଇକେଲ୍ ଫ୍ରେଣ୍ଡଲି' ସିଟି ଭାବେ ମଧ୍ୟ ପରିଚିତ।

➔ ଏଠାରେ ୪୪୪ଟି ଆଇଲ୍ୟାଣ୍ଡ ରହିଛି, ଯାହା ମଧ୍ୟରୁ ୭୬ଟି ଆଇଲ୍ୟାଣ୍ଡରେ ମଣିଷ ବାସ କରନ୍ତି ନାହିଁ। ଏଠାକାର ସବୁଠୁ ପପୁଲାର ଆଇଲ୍ୟାଣ୍ଡ ମଧ୍ୟରେ ରହିଛି 'ବର୍ନହଲ୍ମ'।

➔ ଡେନ୍‌ମାର୍କ ହେଉଛି ପ୍ରଥମ ଦେଶ, ଯେଉଁଠି ୧୯୮୯ ମସିହାରେ ପ୍ରଥମ ଥର ପାଇଁ 'ସେମ୍–ସେକ୍ସ ୟୁନିୟନ୍'କୁ ବିରୋଧ କରାଯାଇଥିଲା। ହେଲେ, ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୨ରେ ଏଠାରେ ପୁଣି ଏହାକୁ ଗ୍ରାଣ୍ଟ କରାଯାଇଥିଲା।



➔ ଟର୍‌ବାଇନ୍ ଦ୍ୱାରା ପବନ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଡେନ୍‌ମାର୍କର ଭେଷ୍ଟସ୍ ସହର ପ୍ରଥମ ସ୍ଥାନରେ ରହିଛି। ଏଠାରୁ ୩୯% ଇଲେକ୍ଟ୍ରିସିଟି ପବନରୁ ହିଁ ଆସୁଛି।

➔ ଅନ୍‌ଅଫିସିଆଲ୍ ଭାବେ ଏଠାରେ ଏକ ଲ' ପ୍ରଚଳିତ ହୋଇଆସୁଛି, ଯାହାକୁ 'ଜାଣ୍ଟେଲୋଭେନ୍' କୁହାଯାଏ। ଏହାର ଅର୍ଥ ହେଉଛି 'ନୋ ୱାନ୍ ଇଜ୍ ବେଟର୍ ଦ୍ୟାନ୍ ଦ ଅଦର୍' ଅର୍ଥାତ୍ ଏଠାରେ ସମସ୍ତେ ସମାନ।

➔ ଏଠାକାର ଅଧିବାସୀମାନେ ମ୍ୟୁଜିକ୍ ପ୍ରିୟ ହୋଇଥା'ନ୍ତି। ଉଭୟ ପପ୍ ଓ କ୍ଲାସିକାଲ୍ ମ୍ୟୁଜିକ୍‌କୁ ଏମାନେ ଭଲ ପାଆନ୍ତି।

➔ ଡେନ୍‌ମାର୍କର ସ୍କାଣ୍ଡିନାଭିଆରେ ଏକ ସୁନ୍ଦର ସର୍ଫିଙ୍ଗ୍ ବିଚ୍ ରହିଛି, ଯାହାକୁ 'କୋଲ୍ଡହାୱାଲି' କୁହାଯାଏ। ଅଧିକାଂଶ ସମୟ ଏଠାରେ ଲୋକମାନଙ୍କର ଗହଳି ଦେଖିବାକୁ ମିଳେ।

## ଏ ସପ୍ତାହର ପ୍ରଶ୍ନ

୧– ୨୦୨୨ ମସିହାର ପୃଥିବୀର ସର୍ବାଧିକ ଷ୍ଟିଲ୍ ଉତ୍ପାଦନକାରୀ ଦେଶ..... ?
୨– ଜିଓମାରା କ୍ୟାଷ୍ଟ୍ରୋ.......... ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ?
୩– ଲର୍ଡ୍ସ ରେଜିଷ୍ଟାନ୍ସ ଆର୍ମି ...... ଦେଶରେ ଦେଖିବାକୁ ମିଳେ ?
୪– ଟେବୁଲ୍ ମାଉଣ୍ଟେନ୍ ନ୍ୟାଶନାଲ୍ ପାର୍କ ........ ଦେଶରେ ଅବସ୍ଥିତ ?
୫– ଖରାଦିନ ଯାକ ରହିଲୁ ବସି ଚତୁର୍ମାସିଆକୁ............. ?

## ଗତ ଥରର ଉତ୍ତର

୧ ତେଲଙ୍ଗାନା
୨ ମହାତ୍ମା ଗାନ୍ଧୀ
୩ ବାହାଦୁରଶାହ ୨
୪ ବ୍ରିଜେନ୍ଦ୍ର ରେହି
୫ ନ୍ୟାଶନାଲ୍ ଡିଜାଷ୍ଟର ରେସ୍‌ପନ୍ସ ଫୋର୍ସ

## ଉତ୍ତରଦାତା



ସହଜ ରାଉତ, କଟକ | ଶେଖ୍ ୟାକୁବ୍, ଗୋପ | ସୁନୀଲ ବେହେରା, ବ୍ରହ୍ମପୁର | ସୁନୀଲ କୁମାର ରାଓ, ଛତ୍ରପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ବିଳାସପୂର୍ଣ୍ଣ ଟ୍ରେନ୍



(୧)................................ ଭେନିସ୍ ସିମ୍ପଲନ୍ ଓରିଏଣ୍ଟ ଏକ୍ସପ୍ରେସ୍
(୨)........................ ପ୍ୟାଲେସ୍ ଅନ୍ ହ୍ୱିଲ୍ସ
(୩) ..........ଇଷ୍ଟର୍ନ ଆଣ୍ଡ ଓରିଏଣ୍ଟାଲ୍ ଏକ୍ସପ୍ରେସ୍
(୪)........................ ଦି ଡେକାନ୍ ଓଡିସୀ
(୫) ........................ଦି ଫ୍ଲାଇଂ ସ୍କଟ୍ସମ୍ୟାନ୍
(୬) ........................ଗୋଲ୍ଡେନ୍ ଚ୍ୟାରିଅଟ୍
(୭) ..................................ବେଲ୍‌ମଣ୍ଡ ରୟାଲ୍ ସ୍କଟ୍ସମ୍ୟାନ୍
(୮) .........................ଗୋଲ୍ଡେନ୍ ଇଗଲ୍ ଟ୍ରାନ୍ସ ସାଇବେରିଆନ୍ ଏକ୍ସପ୍ରେସ୍
(୯) ......................................ମହାରାଜାସ୍ ଏକ୍ସପ୍ରେସ୍
(୧୦) ......................................ଦି ପ୍ରାଇଡ୍ ଅଫ୍ ଆଫ୍ରିକା

## ୟୁଥ୍ ଫ୍ୟାଶନ୍

# ଲୋଫର୍ ଶୁଜ୍

**ଅଫିସ୍‌ରେ ସିମ୍ପଲ୍ ଏବଂ ଫର୍ମାଲ୍ ଆଉଟ ଫିଟ୍ ହିଁ ଭଲ ମାନିଥାଏ। ତାହା ସହ ମ୍ୟାଚିଂ ଶୁଜ୍ ବି ପିନ୍ଧିବାକୁ ପଡ଼େ। ଏହା ଆପଣଙ୍କ ଲୁକ୍ ସହ ପର୍ସନାଲିଟିକୁ ମଧ୍ୟ ବଢ଼ାଇଥାଏ। ତେବେ ଅଫିସ୍‌ରେ ଷ୍ଟାଇଲିଶ୍ ଦେଖାଯିବା ପାଇଁ ଲୋଫର୍ ଶୁଜ୍‌କୁ ଥରେ ଟ୍ରାଏ କରନ୍ତୁ। ଯଦି ଆପଣ ହିଲ୍ସ କିମ୍ବା ବୁଟ୍ ପିନ୍ଧି ବୋର୍ ହୋଇଗଲେଣି, ତେବେ ଏହା ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ...**



➤ ଏହି ଶୁଜ୍ ବିନା ଲେସ୍‌ବାଲା ହୋଇଥାଏ। ତେଣୁ ଏହାକୁ ସ୍ଲିପ୍ ଅନ୍ ଶୁ' ମଧ୍ୟ କୁହାଯାଏ। ଏହି ଶୁଜ୍‌କୁ ଆପଣ କୌଣସି ଅଫିସିଆଲ ଗେଟ୍‌ଅପ୍‌ରେ ବି ପିନ୍ଧିପାରିବେ। ଲୋଫର ଶୁଜ୍ ଅଫିସିଆଲ ଓ ଫର୍ମାଲ ଲୁକ୍ ପାଇଁ ପରଫେକ୍ଟ ଲୁକ୍ ଦେଇଥାଏ। ଟ୍ରାଉଜର୍ କିମ୍ବା ପେନ୍ସିଲ୍ ସ୍କର୍ଟ ସହ ଟିମ ଅପ୍ କରି ଆପଣ ଷ୍ଟାଇଲିସ୍ ଲୁକ୍ ପାଇପାରିବେ। ଲୋଫର୍ ପିନ୍ଧି ଚାଲିବା ସମୟରେ କମ୍ଫର୍ଟ ଫିଲ୍ କରିବେ।



➤ ଯେକୌଣସି ଟ୍ରିପ୍ କିମ୍ବା ଫଙ୍କସନ୍ ଆଟେଣ୍ଡ କରିବାକୁ ଯାଉଥିଲେ ଲୋଫର୍ ଶୁଜ୍‌କୁ ଜିନ୍ସ, ଜର୍ଗସ କିମ୍ବା ଶର୍ଟ୍ସ ସହ ଟିମ୍‌ଅପ୍ କରିପାରିବେ। ଏହି ସମୟରେ କଲରଫୁଲ୍ ଲୋଫର୍ ପିନ୍ଧିଲେ ଆପଣ ୟୁନିକ୍ ଦେଖାଯିବେ।

➤ ଅଫିସ୍ ପାଇଁ ଲେଦର କିମ୍ବା ପ୍ଲେନ୍ ଡିଜାଇନ୍‌ର ଲୋଫର ପିନ୍ଧନ୍ତୁ। ବ୍ରାଇଟ୍ କଲର୍ ଲୋଫର ସହ ଫର୍ମାଲ ଡ୍ରେସ ଟିମ୍‌ଅପ୍ କରିପାରିବେ।

➤ କାଜୁଆଲ ଲୁକ୍ ପାଇଁ ମଧ୍ୟ ଲୋଫର ଶୁଜ୍ ବ୍ୟବହାର କରିପାରିବେ। ଲୋଫର୍ ଶୁଜ୍ ସହ ଟି ଶାର୍ଟ ଓ ଜିନ୍ସ ମ୍ୟାଚ୍ କରି ପିନ୍ଧିପାରିବେ। ଖରାଦିନେ ଏହାକୁ ପିନ୍ଧି ଆପଣ କମ୍ଫର୍ଟେବଲ ବି ଫିଲ୍ କରିପାରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୭/୨୦୨୨ Bhubaneswar, Sunday, February 27/ 2022


ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ଉପଭୋଗ କରୁଛନ୍ତି ଦର୍ଶକ।

# ଭାରତର ଚମକପ୍ରଦ ବିଜୟ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

**ଭୁବନେଶ୍ୱର, ୨୬।୨**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଏକ ରୋମାଞ୍ଚକ ମ୍ୟାଚରେ ଭାରତୀୟ ପୁରୁଷ ହକି ଦଳ ଦୃଢ ପ୍ରତ୍ୟାବର୍ତ୍ତନ ସହ ସ୍ପେନକୁ ୫-୪ ଗୋଲରେ ପରାସ୍ତ କରିଛି। ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ବିପକ୍ଷରେ ବିଶ୍ୱର ୯ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ସ୍ପେନ ଏକଦା ୪-୧ ଗୋଲ୍‌ରେ ଅଗ୍ରଣୀ ଲାଭ କରିଥିଲା। ଦଳ ପକ୍ଷରୁ ଅଧିନାୟକ ମାର୍କ ମିରାଲେସ୍ (୨୦ତମ, ୨୩ତମ ଓ ୪୦ତମ ମିନିଟ୍) ହ୍ୟାଟ୍ରିକ ଗୋଲ ସ୍କୋର କରିଥିବା ବେଳେ ଅନ୍ୟ ଗୋଲଟିକୁ ପାଉ କୁନିଲ ୧୪ତମ ମିନିଟ୍‌ରେ ଦେଇଥିଲେ। କିନ୍ତୁ ହରମନପ୍ରୀତ ସିଂ (୧୫ତମ, ୬୦ତମ), ଶିଳାନନ୍ଦ ଲାକ୍ରା (୪୧ତମ ମିନିଟ), ସମଶେର ସିଂ (୪୩ତମ ମିନିଟ୍) ଓ ବରୁଣ କୁମାର (୫୫ତମ) ଗୋଲ ସ୍କୋର କରି ଭାରତକୁ ଚମକପ୍ରଦ ବିଜୟ ଆଣିଦେଇଥିଲେ। ଖେଳର ଇତିହାସରେ ଏହା ଅନ୍ୟତମ ସ୍ମରଣୀୟ ପ୍ରତ୍ୟାବର୍ତ୍ତନ। ଭାରତ ବର୍ତ୍ତମାନ ଏଫ୍‌ଆଇଏଚ ପ୍ରୋ ଲିଗ୍‌ର ୫ଟି ମ୍ୟାଚ ଖେଳି ସେଥିରୁ ୪ଟିରେ ବିଜୟ ହାସଲ କରିଛି।


ଭାରତ ଓ ସ୍ପେନ୍ ପୁରୁଷ ହକି ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

# ଫଲୋଅନ୍ ପରେ ଓଡ଼ିଶା ୧୧୫/୫

**ଅହମଦାବାଦ, ୨୬।୨:** ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମ ଗ୍ରାଉଣ୍ଡ-ବି'ରେ ଚାଲିଥିବା ସୌରାଷ୍ଟ୍ର ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ଫଲୋଅନ ହୋଇଛି। ପରେ ଦଳ ଏହାର ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ଯାଇ ଶନିବାର ଷ୍ଟମ୍ପ ଅପସାରଣ ବେଳକୁ ୫ ଉଇକେଟ ବିନିମୟରେ ୧୧୫ରନ କରିଛି। ଅନୁରାଗ ଷଡ଼ଙ୍ଗୀ ୭ ଓ ଦେବାଶିଷ ସାମନ୍ତରାୟ ୯ ରନ କରି ଆଉଟ ହୋଇଥିବା ବେଳେ ଶାନ୍ତନୁ ମିଶ୍ର ୧୯ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୨ ରନ କରି ଅପରାଜିତ ରହିଛନ୍ତି। ସକାଳେ ପୂର୍ବ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୫୨/୩ ରୁ ଖେଳ ଆରମ୍ଭ କରି ଓଡ଼ିଶା ୬୦ ଓଭରରେ ମାତ୍ର ୧୬୫ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ତଥା ଉଇକେଟକିପର ରାଜେଶ ଧୂପର ୫୧ ରନ ଏବଂ ଅଭିଷେକ ରାଉତ ୨୯ ରନ କରିଥିଲେ। ସୌରାଷ୍ଟ୍ର ପକ୍ଷରୁ ଜୟଦେବ ଉନାଡକଟ ଓ ଧର୍ମେନ୍ଦ୍ର ସିଂ ଜାଡେଜା ୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ରବିବାର ହେଉଛି ମ୍ୟାଚର ଅନ୍ତିମ ଦିବସ ।

**ସଂକ୍ଷିପ୍ତ ସ୍କୋର**

ସୌରାଷ୍ଟ୍ର ପ୍ରଥମ ଇନିଂସ: ୫୦୧/ଅଲ୍‌ଆଉଟ (ଚିରାଗ ଜାନି-୨୩୫, ଶେଲଡନ ଜ୍ୟାକସନ-୭୫, ଅର୍ପିତ ବାସବଦା-୬୧, ଜୟନ୍ତ ବେହେରା-୪/୧୪୮, ବସନ୍ତ ମହାନ୍ତି-୨/୮୨, ଦେବବ୍ରତ ପ୍ରଧାନ-୧/୭୨, ଅଭିଷେକ ରାଉତ-୧/୫୨, ଶୁଭ୍ରାଂଶୁ ସେନାପତି-୧/୨୪)। **ଓଡ଼ିଶା ପ୍ରଥମ ଇନିଂସ:** ୬୦ ଓଭରରେ ୧୬୫/ଅଲଆଉଟ (ରାଜେଶ ଧୂପର-୫୧, ଅଭିଷେକ ରାଉତ-୨୯; ଧର୍ମେନ୍ଦ୍ର ସିଂ ଜାଡେଜା-୪/୪୮, ଜୟଦେବ ଉନାଡକଟ-୪/୫୦)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୧୫/୫।

# ମହିଳା ଦଳର ବିଜୟ ଧାରା ଜାରି

**ଭୁବନେଶ୍ୱର,୨୬।୨(ପି.ଟି.)**

ଏଫ୍‌ଆଇଏଚ୍ (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ହକି) ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳ ଏହାର ବିଜୟ ଧାରା ଜାରି ରଖିଛି। ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ସ୍ପେନ୍ ବିପକ୍ଷରେ ଖେଳାଯାଇଥିବା ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସେମାନେ ୨-୧ ଗୋଲରେ ବିଜୟୀ ହୋଇଛନ୍ତି। ବିଶ୍ୱର ୬ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ସ୍ପେନ୍ ୧୮ତମ ମିନିଟ୍‌ରେ ମାର୍ଟା ସେଗୁଙ୍କ ଏକ ଫିଲ୍ଡ ଗୋଲ ଜରିଆରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ଭାରତ ଜ୍ୟୋତିଙ୍କ ଏକ ଫିଲ୍ଡ ଷ୍ଟ୍ରାଇକ କରିଆରେ ତୁରନ୍ତ ଜବାବ ଦେଇଥିଲା। ପରେ ନେହା ଗୋୟଲ ୫୨ତମ ମିନିଟ୍‌ରେ ଅନ୍ୟ ଏକ ଫିଲ୍ଡ ଗୋଲ ସ୍କୋର କରି ଦଳକୁ ଜିତାଇଥିଲେ। ମ୍ୟାଚ ଆରମ୍ଭରେ ଭାରତ ଧିମା ଖେଳ ପ୍ରଦର୍ଶନ କରିଥିଲା। ମାତ୍ର ପରେ ଛନ୍ଦିମ୍‌କୁ ଫେରିଥିଲା। ଚତୁର୍ଥ ଓ ଫାଇନାଲ କ୍ୱାର୍ଟରରେ ସ୍ପେନ୍ ଭାରତୀୟ ଡିଫେନ୍ସ ଉପରେ କ୍ରମାଗତ ଆକ୍ରମଣ କରି ଚାପ ପକାଇଥିଲା। ମାତ୍ର କୌଣସି କ୍ଷତି ଘଟାଇପାରି ନ ଥିଲା। ଚଳିତ ମାସରେ ଭାରତ ଓମାନର ମସ୍କଟଠାରେ ଏହାର ଦୁଇ ଓପନିଂ ମ୍ୟାଚରେ ଚାଇନାକୁ ୭-୧ ଓ ୨-୧ ଗୋଲରେ ପରାସ୍ତ କରିଛି। ଭାରତ ଡବଲ ଲେଗ୍ ଟାଇ ଅନ୍ତର୍ଗତ ସ୍ପେନ୍ ବିପକ୍ଷ ଏହାର ଦ୍ୱିତୀୟ ମ୍ୟାଚ ରବିବାର ଖେଳିବ।



ସ୍ପେନ୍ ବିପକ୍ଷ ମ୍ୟାଚ୍ ଜିତିବା ପରେ ପଡ଼ିଆ ଛାଡୁଛନ୍ତି ଭାରତୀୟ ଖେଳାଳି।

# ନନ୍ଦିନୀଙ୍କୁ ବ୍ରୋଞ୍ଜ ପଦକ

**ନୂଆଦିଲ୍ଲୀ, ୨୬।୨ (ପି.ଟି.):** ସୋଫିଆରେ ଚାଲିଥିବା ଷ୍ଟ୍ରାଣ୍ଡଜା ମେମୋରିଆଲ ବକ୍ସିଂ ଟୁର୍ନାମେଣ୍ଟରେ ଭାରତୀୟ ବକ୍ସର ନନ୍ଦିନୀ (୮୧କେଜି+) ବ୍ରୋଞ୍ଜ ପଦକ ସହ ଅଭିଯାନ ଶେଷ କରିଛନ୍ତି। ସେମିରେ ସେ କାଜାଖସ୍ତାନର ଲଜତ କୁଙ୍ଗେଇବାୟେଭାଙ୍କଠାରୁ ୦-୫ରେ ହାରିଯାଇଛନ୍ତି। ବର୍ତ୍ତମାନ କେବଳ ଦୁଇ ଭାରତୀୟ ପୂର୍ବତନ ୟୁଥ୍ ୱାର୍ଲ୍ଡ ଚାମ୍ପିୟନ ନିଖତ ଜରିନ୍ ଓ ନୀତୁ ପ୍ରତିଯୋଗିତାରେ ତିଷ୍ଠି ରହିଛନ୍ତି।




# ଦକ୍ଷିଣ ଆଫ୍ରିକା ୩୬୪: ନ୍ୟୁଜିଲାଣ୍ଡ ୧୫୭/୫


କଲିନ ଡି' ଗ୍ରାଣ୍ଡହୋମ୍

**ଖ୍ରିଷ୍ଟଚର୍ଚ୍ଚ,୨୬।୨(ଏପି):** ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଏକ ଇନିଂସ ଓ ୨୭୬ ରନରେ ଶୋଚନୀୟ ପରାଜୟ ବରଣ କରିଥିବା ଦକ୍ଷିଣ ଆଫ୍ରିକା କିନ୍ତୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଛି। ହାଗ୍‌ଲେ ଓଭାଲଠାରେ ଭ୍ରମଣକାରୀ ଦଳ ସକାଳେ ଏହାର ପୂର୍ବଦିନର ଅସମାପ୍ତ ସ୍କୋର ୨୩୮/୩ରୁ ଖେଳ ଆରମ୍ଭ କରି ୩୬୪ ରନରେ ଅଲଆଉଟ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ଇନିଂସର ୯ମ ଉଇକେଟରେ କେଶବ ମହାରାଜ ଓ ମାର୍କୋ ଜାନ୍‌ସେନଙ୍କ ମଧ୍ୟରେ ୬୨ରନର ପାର୍ଟନରଶିପ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ କାଗିସୋ ରାବାଡା ଟପ୍ ଅର୍ଡରରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସେ ଉଭୟ ଓପନର ଅଧିନାୟକ ଟମ୍ ଲଥାମ (୦) ଓ ୱିଲ୍ ୟଙ୍ଗ(୩)ଙ୍କୁ ଆଉଟ କରି ଶୀଘ୍ର ପ୍ୟାଭିଲିୟନ ପଠାଇ ଦେଇଥିଲେ। ତେବେ କଲିନ ଡି' ଗ୍ରାଣ୍ଡହୋମ୍ (୫୪ ନଟ ଆଉଟ) ଓ ଡେରିଲ ମିଚେଲ (୨୯ ନଟ ଆଉଟ)ଙ୍କ ଅପରାଜିତ ପାର୍ଟନରଶିପ୍ ଦଳର ବ୍ୟାଟିଂ ସ୍ଥିତିରେ କିଛିଟା ସୁଧାର ଆଣିପାରିଛି। ଗ୍ରାଣ୍ଡହୋମ୍ ୩୬ଟି ବଲ୍‌ରେ ତାଙ୍କ ଅର୍ଦ୍ଧଶତକ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୩୬୪/ଅଲ ଆଉଟ (ସରେଲ ଏର୍ୱି-୧୦୮, ଏଡେନ ମାର୍କ୍ରାମ-୪୨, ମାର୍କୋ ଜାନସେନ-୩୭*, ନିଲ୍ ୱାଗନର-୪/୧୦୨, ମ୍ୟାଟ୍ ହେନ୍‌ରୀ ୩/୯୦, କାଇଲ ଜେମିସନ-୨/୭୪)। **ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୧୫୭/୫ (କଲିନ ଡି' ଗ୍ରାଣ୍ଡହୋମ୍-୫୩*, କାଗିସୋ ରାବାଡା-୩/୩୭, ମାର୍କୋ ଜାନସେନ-୨/୪୮)।

# ମେଡଭେଡେଭଙ୍କୁ ଦୁଇ ସେଟ୍‌ରେ ହରାଇଲେ ନାଡାଲ

**ଆକାପୁଲ୍‌କୋ (ମେକ୍ସିକୋ), ୨୬।୨ (ଏପି):** ଡାନିଲ ମେଡଭେଡେଭଙ୍କୁ ୬-୩, ୬-୩ ସିଧାସଳଖ ସେଟ୍‌ରେ ପରାସ୍ତ କରି ରାଫାଲ ନାଡାଲ ମେକ୍ସିକାନ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ଖେଳାଳିଙ୍କ ମଧ୍ୟରେ ୫ ସେଟ୍ ବିଶିଷ୍ଟ ଅଷ୍ଟ୍ରେଲିଆନ ଓପନ ଫାଇନାଲର ରିମ୍ୟାଚ ଦେଖିବାକୁ ମିଳିବ ବୋଲି ଅନେକ ଆଶା କରିଥିଲେ। ମାତ୍ର ନାଡାଲ ଦୁଇ ସେଟ୍‌ରେ ଅତି ସହଜରେ ଏହି ମ୍ୟାଚ ଜିତି ନେଇଥିଲେ। ୩୫ ବର୍ଷୀୟ ନାଡାଲ ମାସକ ତଳେ ଅଷ୍ଟ୍ରେଲିଆରେ ମେଡଭେଡେଭଙ୍କୁ ପରାସ୍ତ କରି ତାଙ୍କ ରେକର୍ଡ ୨୧ତମ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ଚଳିତ ସିଜନରେ ବର୍ତ୍ତମାନ ସୁଦ୍ଧା ସେ ଖେଳିସାରିଥିବା କ୍ରମାଗତ ୧୪ଟି ମ୍ୟାଚରେ ଅପରାଜେୟ ରହିଛନ୍ତି। ସ୍ପେନ୍‌ର ଏହି ତାରକା ଟେନିସ ଖେଳାଳି ଏଠାରେ ଫାଇନାଲରେ ବ୍ରିଟେନର କାମେରନ ନୋରିଙ୍କୁ ଭେଟିବେ।


ରାଫାଲ ନାଡାଲ

# ଟି୨୦ ସିରିଜ ଜିତିଲା ଭାରତ

**ଧର୍ମଶାଳା, ୨୬।୨ (ପି.ଟି.)**

ଶ୍ରେୟାସ ଆୟାରଙ୍କ ଆକର୍ଷଣୀୟ ଅପରାଜିତ ଅର୍ଦ୍ଧଶତକ (୪୪ ବଲ୍‌ରୁ ୭୪ରନ,୬ ଚୌକା ୪ ଛକା) ସହାୟତାରେ ଭାରତ ସ୍ଥାନୀୟ ହିମାଚଳ ପ୍ରଦେଶ କ୍ରିକେଟ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କାକୁ ୭ଉଇକେଟରେ ପରାସ୍ତ କରିଛି। ଭ୍ରମଣକାରୀ ଦଳ ଦ୍ୱାରା ଧାର୍ଯ୍ୟ ୧୮୪ ରନର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ୧୭.୧ ଓଭରରେ ୩ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ଭାରତର ଓପନର ଅଧିନାୟକ ରୋହିତ ଶର୍ମା (୧ରନ) ଓ ଇଶାନ କିଶନ (୧୬) ଶୀଘ୍ର ଆଉଟ ହୋଇଯାଇଥିଲେ। ଆୟାର ଓ ସଞ୍ଜୁ ସାମସନ (୩୯ରନ) ୩ୟ ଉଇକେଟରେ ୧୧୯ରନ ଯୋଗ କରି ବିଜୟ ପଥ ସୁଗମ କରିଥିଲେ। ରବୀନ୍ଦ୍ର ଜାଡେଜା ଦ୍ରୁତ ୪୫ ରନ (୧୮ବଲ୍, ୭ ଚୌକା ଓ ୧ ଛକା) କରି ଅପରାଜିତ ରହିଥିଲେ। ଶନିବାର ଏହି ବିଜୟ ଦ୍ୱାରା ୨-୦ରେ ଅଗ୍ରଣୀ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ଓପନର ପାଥୁମ ନିଶାଙ୍କାଙ୍କ ୫୩ ବଲ୍‌ରୁ ଦ୍ରୁତ ୭୫ ରନ (୧୧ଚୌକା) ସହାୟତାରେ ଶ୍ରୀଲଙ୍କା ଭାରତ ପାଇଁ ୧୮୪ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ନିଶାଙ୍କାଙ୍କ ବ୍ୟତୀତ ଅଧିନାୟକ ଦାସୁନ ଶାନକା ୧୯ ବଲ୍‌ରୁ ୪୭ ରନ (୨ ଚୌକା, ୫ ଛକା) କରି ଅପରାଜିତ ରହିଥିଲେ, ଯାହାଫଳରେ ଶ୍ରୀଲଙ୍କା ୪.୨ ଓଭରରୁ ୫୮ରନ ଯୋଗ କରିବା ସହ ୧୭୦ ଅଙ୍କ ଅତିକ୍ରମ କରିଥିଲା। ଦଳ ଶେଷ ୪ ଓଭରରେ ୭୨ରନ ସଂଗ୍ରହ କରିଥିଲା। ଭାରତ ତରଫରୁ ଯଶପ୍ରୀତ ବୁମ୍‌ରା ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରି ମାତ୍ର ୨୪ ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ବୋଲିଂ କରିଥିବା ଅନ୍ୟ ସମସ୍ତ ବୋଲର ଯଥା ଭୁବନେଶ୍ୱର କୁମାର, ହର୍ଷଲ ପଟେଲ, ୟୁଜବେନ୍ଦ୍ର ଚହଲ ଓ ରବୀନ୍ଦ୍ର ଜାଡେଜା ପ୍ରମୁଖ ଗୋଟିଏ ଲେଖାଏ ଉଇକେଟ ସଫଳତା ପାଇଥିଲେ। ଭ୍ରମଣକାରୀ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୮୩ ରନ ସଂଗ୍ରହ କରିଥିଲା।


ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶ୍ରେୟାସ ଆୟାର।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ଇନିଂସ: ୨୦ ଓଭରରେ ୧୮୩/୫ (ପାଥୁମ ନିଶାଙ୍କା-୭୫, ଦାସୁନ ସାନକା-୪୭*, ଦାନୁଷ୍କା ଗୁଣତିଳକା-୩୮; ଯଶପ୍ରୀତ ବୁମ୍‌ରା-୧/୨୪)। ଭାରତ ଇନିଂସ: ୧୭.୧ ଓଭରରେ ୧୮୬/୩ (ଶ୍ରେୟାସ ଆୟାର-୭୪*, ରବୀନ୍ଦ୍ର ଜାଡେଜା-୪୫*, ସଞ୍ଜୁ ସାମସନ-୩୯; ଲାହିରୁ କୁମାରା-୨/୩୧)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ - ତଥାଗତ ସତପଥୀ

## ସଂକ୍ଷେପରେ

### ବୋମାମାଡ଼ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

**ଖଣ୍ଡପଡ଼ା,୨୬।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅଧୀନ ବଡ଼ବୋଦସା ଗ୍ରାମରେ ଘଟିଥିବା ବୋମାମାଡ଼ରେ ସ୍ଥାନୀୟ ଅଞ୍ଚଳର ଯୁବକ ପ୍ରଶାନ୍ତ କୁମାର ତାରେଣିଆ(୩୩)ଙ୍କ ମୃତ୍ୟୁ ହୋଇଥିଲା। ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ନରେଶ ମାଝିଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ନରେଶ ଖଣ୍ଡପଡ଼ା ଥାନା ଅଧୀନ ବେଣାଗାଡିଆ ପଞ୍ଚାୟତର ବରକୋଳି ଗ୍ରାମର ଏକ ଛେଳି ଗୁହାଳରେ ଲୁଚିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ବିଶ୍ୱଜିତ୍ ରାଉତରାୟ ସଦଳବଳ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲେ। ଘଟଣା ଦିନ ନରେଶ ୨ ବୋମାମାଡ଼ କରିଥିଲେ। ଗୋଟିଏ ବୋମା ତଳେ ପଡି ଫୁଟିଥିବା ବେଳେ ୨ୟ ବୋମାଟି ପ୍ରଶାନ୍ତଙ୍କ ମୁଣ୍ଡରେ ବାଜିବାରୁ ସେଠାରେ ସେ ଟଳି ପଡିଥିଲେ। ପୋଲିସ ଦ୍ୱାରା ଗିରଫ ମୁଖ୍ୟ ଅଭିଯୁକ୍ତ ନରେଶ ଏକାଧିକ ଅପରାଧ ମାମଲାରେ ଜଡିତ ଥିବା ନେଇ ପୋଲିସ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ, ଏହି ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ୧୦ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ ଶନିବାର ସୁଦ୍ଧା ୫ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ଜଣାଯାଇଛି।

### ବାର୍‌ହା ମାଂସ ଜବତ, ଶିକାରୀ ଗିରଫ

**ଓଡ଼ଗାଁ, ୨୬।୨ (ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ବନ ବିଭାଗ କର୍ମଚାରୀ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ବନାଞ୍ଚଳ ଅଧୀନ ବାହାଡ଼ାଝୋଲା ସେକ୍ସନ ବେରୁଆଁବାରୀ-ସୁନାମୁହିଁ ରାସ୍ତାରେ ଜଣେ ଶିକାରୀଙ୍କଠାରୁ ୧୭ କେଜି ବାରହା ମାଂସ ଜବତ କରିଛନ୍ତି। ଏହି ଘଟଣାରେ ଆଦର୍ଶ ଥାନା ଅଧୀନ ଗିରିଡ଼ିପଲ୍ଲୀ ପଞ୍ଚାୟତ ଖଙ୍ଗାରପଲ୍ଲୀ ଗ୍ରାମର ତ୍ରିନାଥ ସେଠୀ(୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଘଟଣାଦିନ ତ୍ରିନାଥ ବାରହା ମାଂସ ନେଇ ଆସୁଥିବା ବନାଞ୍ଚଳ ଅଧିକାରୀ ଅମୃତ କୁମାର ସୂଚନା ପାଇଥିଲେ। ବନପାଳ ସନାତନ ସ୍ୱାଇଁ, ବନରକ୍ଷୀ ଧରଣୀଧର ନାୟକ ଓ ସୁନୀଲ ନାୟକ ସେଡି ରାସ୍ତାରୁ ତ୍ରିନାଥଙ୍କୁ କାବୁ କରିବା ସହିତ ଏକ ମୋପେଡ (ନଂ.ଓଡି୨୫ସି ୫୨୦୭), ୧୬ ପଲିଥିନ ପ୍ୟାକେଟରେ ପ୍ୟାକ ହୋଇଥିବା ୧୭ କେଜି ବାରହା ମାଂସ ଜବତ କରିଛନ୍ତି। ଏଥିସହିତ ବ୍ୟବହୃତ ଫାଶ,ଛୁରୀ ଓ ମୋପେଡ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ବିରୋଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

### ସାପ ଧରାଳି ଆହତ

**ଆଠଗଡ଼,୨୬।୨(ସ୍ୱ.ପ୍ର.):** ସାପ କାମୁଡ଼ାରେ ଆଠଗଡ଼ର ଜଣାଶୁଣା ସାପ ଧରାଳି ସୁଶାନ୍ତ ପାତ୍ର ଆହତ ହୋଇଛନ୍ତି। ଆଠଗଡ଼ ଝରଣ ଛକ ଆନନ୍ଦ ନଗରଠାରେ ସତ୍ୟଜିତ ମିଶ୍ରଙ୍କ ଘରେ ଶନିବାର ଏକ ବୋଡ଼ା ସାପ ପଶିଯାଇଥିଲା। ଘରଲୋକେ ଏନେଇ ପାତ୍ରଙ୍କୁ ଫୋନ କରିଥିଲେ। ପାତ୍ର ସେଠାରେ ପହଞ୍ଚି ସାପକୁ ଧରିବାବେଳେ ହଠାତ୍ ସାପଟି କାମୁଡ଼ି ଦେଇଥିଲା। ତୁରନ୍ତ ତାଙ୍କୁ ଆଠଗଡ଼ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଏଥିସହ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ବଜେଟ୍ ଆଲୋଚନା

**କଟକ ଅଫିସ,୨୬।୨:** ଏଥର ବଜେଟ୍‌ରେ ଦେଶର ଅର୍ଥନୀତିରେ ପ୍ରଗତିର ଚିତ୍ର ରହିଛି। କରୋନା ମହାମାରୀ ଯୋଗୁ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି ଅଧିକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଦେଶର ୮୪ ଭାଗ ଲୋକଙ୍କ ଆୟ କମିଛି। ଏହାକୁ ଲକ୍ଷ୍ୟ କରି ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରକୁ ଅଧିକ ପ୍ରାଧାନ୍ୟ ଦେଇ ଜାତୀୟ ଶିକ୍ଷାନୀତିକୁ ସଫଳ କରିବା ଉଚିତ୍ ବୋଲି ବିହାରୀବାଗସ୍ଥିତ ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୩୫୦ତମ ପାଠଚକ୍ରରେ ବଜେଟ୍ ୨୦୨୨-୨୩କୁ ନେଇ ଆଲୋଚନାରେ ଯୋଗଦେଇଥିବା ଅତିଥିମାନେ କହିଥିଲେ। ପ୍ରଜାତନ୍ତ୍ର ପ୍ରଚାର ସମିତି ଅଧ୍ୟକ୍ଷ ତଥା ଏମ୍‌ପି ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇଥିଲେ। ଡା. ମନୋଜ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ସାହୁ, ଡା. ଅମରେନ୍ଦ୍ର ଦାସ, ଡା. ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ ପତି କାର୍ଯ୍ୟକ୍ରମ ପରିଚାଳନା ଓ ସଂଯୋଜକ ଡା. ରବି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ୯ ଜୋନ୍‌ରେ ବିଜେଡି ଆଗୁଆ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଗଣତି ଜାରି**

**ଖୋର୍ଦ୍ଧା ଅଫିସ,୨୬।୨**

ପଞ୍ଚାୟତ ନିର୍ବାଚନର ଭୋଟ୍‌ଗଣତିର ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲାରେ ବିଜେଡି ଏକପାଖିଆ ଆଗରେ ରହିଛି। ପୁଣି ଥରେ ବିଜେଡି ଜିଲା ପରିଷଦ ପ୍ରାର୍ଥୀଙ୍କ ଉପରେ ଭୋଟର ଆସ୍ଥା ପ୍ରକଟ କରିଛନ୍ତି। ଶନିବାର ୧୦ ଜୋନରେ ଭୋଟ୍‌ଗଣତି କରାଯାଇଥିଲା। ରାତି ୧୧ଟା ସୁଦ୍ଧା ୯ଟି ଜୋନରେ ବିଜେଡି ପ୍ରାର୍ଥୀ ଆଗୁଆ ରହିଥିବା ବେଳେ ଗୋଟିଏ ଜୋନରେ ଭାଜପା ପ୍ରାର୍ଥୀ ଆଗୁଆ ରହିଥିବା ଜଣାପଡ଼ିଛି। କଂଗ୍ରେସ ତୃତୀୟ ସ୍ଥାନରେ ରହିଛି।

ଖୋର୍ଦ୍ଧା ବ୍ଲକ ୧ନମ୍ବର ଜୋନରେ ବିଜେଡି ଜିଲାପରିଷଦ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ଦଳାଇ ୮୦୪୯ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରବୀଣା ପ୍ରିୟଭଞ୍ଜଦେଓ ୪୯୭୯ଖଣ୍ଡ ଭୋଟ୍ ପାଇଛନ୍ତି। ୨୫୮୧ ଭୋଟରେ ବିଜେଡି ପ୍ରାର୍ଥୀ ଦଳାଇ ୩୦୭୦ ଭୋଟରେ ଆଗୁଆ ରହିଛନ୍ତି। ସେହିପରି ଚିଲିକା ବ୍ଲକ ୪ନଂ. ଜୋନର ଭାଜପା ପ୍ରାର୍ଥୀ ସୁକାନ୍ତି



ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଭୋଟ ଗଣତି କେନ୍ଦ୍ର ବୁଲି ଦେଖୁଛନ୍ତି।

ଦେଇଙ୍କ ଠାରୁ ବିଜେଡି ପ୍ରାର୍ଥୀ ମମତା ପାଇକରାୟ ୫୬୮ ଭୋଟରେ ଆଗୁଆ ରହିଛନ୍ତି। ଜଟଣୀ ବ୍ଲକ ୭ନଂ. ଜୋନର ଭାଜପା ପ୍ରାର୍ଥୀ ସଙ୍ଗୀତା ଜେନାଙ୍କ ଠାରୁ ବିଜେଡି ପ୍ରାର୍ଥୀ ମୋହିନୀ ନାୟକ ୩୮୬୬ଭୋଟରେ ଆଗୁଆ ରହିଛନ୍ତି। ଟାଙ୍ଗୀ ବ୍ଲକ ୯ନଂ. ଜୋନର ଭାଜପା ପ୍ରାର୍ଥୀ ଆଶିଷ କୁମାର ବରିସଲଙ୍କ ଠାରୁ ବିଜେଡି ପ୍ରାର୍ଥୀ ମିତାଞ୍ଜଳି ବଳିୟାରସିଂ ୨୬୪୨ ଭୋଟରେ ଆଗୁଆ ରହିଛନ୍ତି। ବାଣପୁର ବ୍ଲକ ୧୩ନଂ. ଜୋନରେ ବିଜେଡି ପ୍ରାର୍ଥୀ ସସ୍ମିତା ପ୍ରଧାନଙ୍କ ଠାରୁ ଭାଜପା ପ୍ରାର୍ଥୀ ଟିକି ଶବର ୫୪୨ ଭୋଟରେ ଆଗୁଆ ରହିଛନ୍ତି। ବାଲିଅନ୍ତା ବ୍ଲକ ୧୬ନଂ. ଜୋନର ଭାଜପା ପ୍ରାର୍ଥୀ ସିଦ୍ଧେଶ୍ୱର ନାଥଙ୍କ ଠାରୁ ବିଜେଡି ପ୍ରାର୍ଥୀ ମହେଶ୍ୱର ଦାସ ୬୪୨ ଭୋଟରେ ଆଗୁଆ ରହିଛନ୍ତି। ବାଲିପାଟଣା ବ୍ଲକ ୧୯ନଂ. ଜୋନର ଭାଜପା ପ୍ରାର୍ଥୀ ପ୍ରସନ୍ନ କୁମାର ଭୋଇଙ୍କ ଠାରୁ ବିଜେଡି ପ୍ରାର୍ଥୀ ଗଙ୍ଗାଧର ମଲ୍ଲିକ ୩୦୩୦ଭୋଟରେ ଆଗୁଆ ରହିଛନ୍ତି। ବେଗୁନିଆ ବ୍ଲକ ୨୨ନଂ. ଜୋନର ଭାଜପା ପ୍ରାର୍ଥୀ ସରୋଜ ମହାପାତ୍ରଙ୍କ ଠାରୁ ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ସାହୁ ୯୬୯୫ ଭୋଟରେ ଆଗୁଆ ରହିଛନ୍ତି। ବୋଲଗଡ଼ ବ୍ଲକ ୨୫ନଂ. ଜୋନର ଭାଜପା ପ୍ରାର୍ଥୀ ସୁନିତା ରାଣୀ ଦାସଙ୍କ ଠାରୁ ବିଜେଡି ପ୍ରାର୍ଥୀ ସୁନନ୍ଦିତା ସାହୁ ୮୦୬୯ ଭୋଟରେ ଆଗୁଆ ରହିଛନ୍ତି। ଭୁବନେଶ୍ୱର ବ୍ଲକ ୨୮ନଂ. ଜୋନର ଭାଜପା ପ୍ରାର୍ଥୀ ବିଶ୍ୱନାଥ ପିଙ୍ଗୁଆଙ୍କ ଠାରୁ ବିଜେଡି ପ୍ରାର୍ଥୀ ପ୍ରଭାତ ପରିଡ଼ା ୩୪୩ ଭୋଟରେ ଆଗୁଆ ରହିଛନ୍ତି। ସୂଚନାଥାଉ କି, ୨୦୧୭ରେ ଖୋର୍ଦ୍ଧା ଜିଲାର ୩୦ଜିଲା ପରିଷଦ ଆସନର ବିଜେଡି ୨୦ଟି ଆସନରେ ବିଜୟ ଲାଭ କରିଥିବା ବେଳେ ଭାଜପା ୧୦ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। କଂଗ୍ରେସ ଖାତା ଖୋଲିପାରିନଥିଲା।

# ୪୨ ପ୍ରାର୍ଥୀଙ୍କ ଆଜି ଭାଗ୍ୟ ପରୀକ୍ଷା

**୨ୟ ପର୍ଯ୍ୟାୟ ଭୋଟ ଗଣତି**

**ଖୋର୍ଦ୍ଧା ଅଫିସ,୨୬।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ଦିବସ ଭୋଟ ଗଣତି ସରିଛି। ରବିବାର ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ୧୦ଟି ବ୍ଲକରେ ୬୭ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ୯୩୦ ୱାର୍ଡର ୱାର୍ଡମେମ୍ବର ଏବଂ ୪୨ଜିଲାପରିଷଦ ପ୍ରାର୍ଥୀଙ୍କ ନିମନ୍ତେ ଭୋଟଗଣତି କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ଭୋଟଗଣତି ଲାଗି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭୋଟଗଣତି କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଜୋନସ୍ତରୀୟ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ କରାଯିବ। ସମ୍ପୃକ୍ତ ଜୋନ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ୱାର୍ଡମେମ୍ବର, ସରପଞ୍ଚ ଓ ସମିତି ସଭ୍ୟଙ୍କ ଭୋଟ ଗଣାଯାଇ ଫଳପ୍ରକାଶ ପାଇବ। ଭୋଟ ଗଣତି କେନ୍ଦ୍ରକୁ କେହି ମୋବାଇଲ ଫୋନ, ପାଣି ବୋତଲ ଏବଂ ଖାଦ୍ୟ ପୁଡିଆ ନେବା ଉପରେ ବାରଣ ରହିଛି। ରାଜ୍ୟ ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ ଅନୁସାରେ ଭୋଟଗଣତି କରାଯିବ। ଏନେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, ପ୍ରଥମ ଦିବସରେ ଭୋଟଗଣତି ଜିଲାରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ବିଡିଓ ନିର୍ବାଚନ ଅଧିକାରୀ ରହିଥିବା ବେଳେ ଭୋଟଗଣତି କେନ୍ଦ୍ରଗୁଡିକ ଦାୟିତ୍ୱରେ ଜିଲାସ୍ତରୀୟ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଛି। ଭୋଟଗଣତି କେନ୍ଦ୍ରର ଶହେ ମିଟର ଅଞ୍ଚଳକୁ ନିଷେଧାଞ୍ଚଳ ଘୋଷଣା କରାଯାଇଛି।

# ୨ ପଞ୍ଚାୟତର ଫଳ ପ୍ରକାଶ

**ବେଗୁନିଆ/ବୋଲଗଡ଼, ୨୬।୨(ଡି.ଏନ୍.ଏ)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ କଲ୍ୟାଣୀ ମିଶ୍ର ରାତି ୧୧ଟା ସୁଦ୍ଧା ଆଗୁଆ ରହିଥିବା ବେଳେ ବାଘମାରୀ ପଞ୍ଚାୟତର ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ ଓ ସମିତି ସଭ୍ୟା ବିଜୟଲକ୍ଷ୍ମୀ ମହାନ୍ତି ଆଗୁଆ ରହିଛନ୍ତି। ସିମୋର ପଞ୍ଚାୟତର ସରପଞ୍ଚ ହାଡିବନ୍ଧୁ ମହାପାତ୍ର ଓ ସମିତି ସଭ୍ୟ ଅଜୟ କୁମାର ମାର୍ଥା ଆଗୁଆ ଅଛନ୍ତି। ପୋତାଡିହ ପଞ୍ଚାୟତର ସରପଞ୍ଚ ଲତା ସେଠୀ ଓ ସମିତି ସଭ୍ୟ ଅଲେଖ ବେହେରା ଆଗୁଆ ଅଛନ୍ତି। ପଙ୍ଗାରସିଂହ ପଞ୍ଚାୟତର ସରପଞ୍ଚ ଲାବଣ୍ୟ ଜୟସିଂହ ଓ ସମିତି ସଭ୍ୟା ସଞ୍ଜୟ ଦେଉରୀ ଆଗୁଆ ଅଛନ୍ତି। ସେହିପରି ବଡବେରଣା ପଞ୍ଚାୟତ ସରପଞ୍ଚ ଅସିତ୍ ତ୍ରିପାଠୀ ଓ ସମିତି ସଭ୍ୟା ମିନତୀଲତା ମହାପାତ୍ର ବିଜୟୀ ହୋଇଛନ୍ତି। କଣ୍ଟାବାଡ ପଞ୍ଚାୟତ ସରପଞ୍ଚ ବିଳାସ ବେହେରା ଓ ସମିତି ସଭ୍ୟା ମାମା ନାୟକ ବିଜୟୀ ହୋଇଛନ୍ତି। ବୋଲଗଡ଼ ବ୍ଲକ ଅନ୍ତର୍ଗତ ବୋଲଗଡ଼ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଗୀତାଞ୍ଜଳି ସାହୁ ୯୮୭ ଭୋଟ ପାଇ ଆଗରେ ଥିବାବେଳେ ଦଳେଇସାହି ପଞ୍ଚାୟତର ସତ୍ୟଭାମା ଦେଇ ୧୨୩୬ ଭୋଟ ପାଇ ଆଗରେ ରହିଛନ୍ତି। ଖଙ୍ଗୁରିଆ ପଞ୍ଚାୟତର ଜଳଧର ମହାନ୍ତି ୧୮୫୬ ଭୋଟ ପାଇଥିବା ବେଳେ, ଫସିଓଦା ପଞ୍ଚାୟତର ନିର୍ମଳା ସାମନ୍ତରାୟ ୧୩୬୩ ଖଣ୍ଡ ଭୋଟ, ଡାବରଧୁଆ ପାଟଣା ପଞ୍ଚାୟତର ବିଜୟ ସେଠି ୧୨୭୨ ଭୋଟ, କଳାଙ୍ଗ ପଞ୍ଚାୟତର ସରୋଜିନୀ ପରିଡା ୧୬୪୩ ଭୋଟ ପାଇ ଆଗରେ ଥିବା ଜଣାପଡିଛି।





ୟୁକ୍ରେନ ଉପରେ ଆକ୍ରମଣ ବନ୍ଦ କରି ରୁଷିଆ ତା'ର ସୈନ୍ୟ ପ୍ରତ୍ୟାହାର କରିବା ଦାବିରେ ଏସ୍‌ୟୁସିଆଇ(ସି) ପକ୍ଷରୁ କଟକ କଲେଜ ଛକଠାରେ ଶନିବାର ବିକ୍ଷୋଭ ପ୍ରଦର୍ଶନ।

# ଭୋଟ ଗଣତି କେନ୍ଦ୍ର ଆଗରେ ଫୁଟାଇଲେ ବାଣ

**ଖୋର୍ଦ୍ଧା ଅଫିସ,୨୬।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆର୍ଦଶ ଆଚରଣ ବିଧି ଲାଗୁ ହୋଇଛି। କୌଣସି ବିଜୟୀ ପ୍ରାର୍ଥୀ କିମ୍ବା ତାଙ୍କ ସମର୍ଥକ କୌଣସି ଶୋଭାଯାତ୍ରା କି ବାଣ ଫୁଟାଇ ପାରିବେ ନାହିଁ। ରବିବାର ପୋଲିସ ଉପସ୍ଥିତିରେ ୧ନମ୍ବର ଜୋନର ବିଜେଡି ସମର୍ଥକମାନେ ଭୋଟଗଣତି କେନ୍ଦ୍ର ଆଗରେ ବାଣ ଫୁଟାଇଥିଲେ। ଭୋଟଗଣତି ପାଇଁ ୨ପ୍ଲାଟୁନ ଫୋର୍ସ ମୁତୟନ ରହିଥିବା ସତ୍ତ୍ୱେ ବାଣ ଫୁଟାଇଥିଲେ। ସୂଚନା ମୁତାବକ, ଖୋର୍ଦ୍ଧା ବ୍ଲକ ପାଇଁ ବିଜେବି ହାଇସ୍କୁଲରେ ଭୋଟ ଗଣତି ଚାଲିଥିଲା। ରାତି ୧୧ଟା ସୁଦ୍ଧା ଖୋର୍ଦ୍ଧା ଜୋନ-୧ ଅଷ୍ଟମ ରାଉଣ୍ଡରେ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ଦଳାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ଆଗରେ ରହିଥିବା ଘୋଷଣା ହୋଇଥିଲା। ଏହି ସମୟରେ ଭୋଟ ଗଣତି କେନ୍ଦ୍ର ଆଗରେ ଛିଡ଼ା ହୋଇଥିବା ସମର୍ଥକମାନେ ବାଣ ଫୁଟାଇଥିଲେ।

## 'ବୋଉ ତ କେବଳ ବୋଉ' କବିତା ପାଠ

**ପୁରୀ ଅଫିସ,୨୬।୨**

ସର୍ବୋଦୟ ସାହିତ୍ୟ ସଂସଦର ନିର୍ବିକଳ୍ପ ସଭାଗୃହରେ ଏକ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ କବିତାର ଶୀର୍ଷକ 'ବୋଉତ କେବଳ ବୋଉ' ଥିଲା। ଉକ୍ତ ଉତ୍ସବରେ ସଂସଦର ପ୍ରତିଷ୍ଠାତା ଡ.ବଳରାମ ଦାସ, ସମ୍ପାଦକ ଇଂ ମୀନକେତନ, ସଭାପତି ପଲ୍ଲୀ ପ୍ରାଣ ଆର୍ତ୍ତତ୍ରାଣ ମାନସିଂହ, କବି ମଧୁସୂଦନ ଦାଶ, ବଦ୍ରି ମିଶ୍ର, ଆଲୋକ ପ୍ରଧାନ, ଉମାକାନ୍ତ ମହାପାତ୍ର, ସୁଚିତ୍ର ରଥ, ବିଚିତ୍ର ଦାଶ ଆଦି ଅନେକ ସାରସ୍ୱତ ସାଧକ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ କବି ବଳରାମ ଦାସ ଓ ପ୍ରଶାସକ କବି ମଧୁସୂଦନ ଦାଶ ମା'ର ଅନନ୍ୟ ତ୍ୟାଗ ଓ ନିର୍ବିକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। କଣ୍ଠଶିଳ୍ପୀ ଡ. ସନ୍ତୋଷ ଦାଶ, ଦେବାଂଶୀ ଦାଶ ଓ ରାଜେନ୍ଦ୍ର ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। କବି ତଥା ସଂଗଠକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

# ଅପରାଧୀଙ୍କୁ ଶରଣ ଦେଇ ୭ ଗିରଫ



**ଗୋଟିଏ ବନ୍ଧୁକ, ଗୁଳି, ୩ ବାଇକ୍, ଟଙ୍କା ଜବତ**

**ପୁରୀ ଅଫିସ, ୨୬।୨**

ବଳିଆପଣ୍ଡା ଥାନା ଅନ୍ତର୍ଗତ ବିରଳା ଛକ ନିକଟ ଏକ ହୋଟେଲରେ ୫ଜଣ ଅପରାଧୀଙ୍କୁ ବିନା ପ୍ରମାଣପତ୍ରରେ ରଖିବା ଅଭିଯୋଗରେ ପୋଲିସ ୫ ଅପରାଧୀଙ୍କ ସମେତ ସମ୍ପୃକ୍ତ ହୋଟେଲର ମ୍ୟାନେଜର, କେୟାର ଟେକରଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାସେଳିସାହି ଥାନା ବିମାନବନ୍ଧୁ ସାହିର ପୂର୍ଣ୍ଣଚନ୍ଦ୍ର ଦାସ(୪୮), ମାଟିତୋଟା ଚତୁର୍ଥ ଲେନର ଭବାନୀ ଶଙ୍କର ଦାସ(୨୪), ଟାଉନଥାନା ଅନ୍ତର୍ଗତ ତଲୁଛ ସାହିର ଲୋକନାଥ ମିଶ୍ର(୩୧), ଦଇତାପଡା ସାହିର ରବି ଗୋସ୍ୱାମୀ, କୁମ୍ଭାରପଡା ଥାନା ଅନ୍ତର୍ଗତ ଶିବ ପ୍ରସାଦ ସାହୁ (୩୨), ଅବକାଶ ଲେନର ରାଜେଶ ସ୍ୱାଇଁ, ହୋଟେଲ ଲେଡି ମ୍ୟାନେଜରଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଅଭିଯୁକ୍ତଠାରୁ ଗୋଟିଏ ୯ ଏମ୍‌ଏମ୍ ବନ୍ଧୁକ, ଦୁଇଟି ୯ ଏମ୍‌ଏମ ଗୁଳି, ୩ଟି ବାଇକ୍, ମୋବାଇଲ ଫୋନ ଏବଂ ନଗଦ ୭୨ ହଜାର ଟଙ୍କା ଜବତ କରିଛି। ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତମାନେ ବନ୍ଧୁକ ଓ ଛୁରି ଦେଖାଇ ଯାତ୍ରୀ ଓ ଯାତ୍ରୀବାହୀ ଗାଡିଠାରୁ ବଟି ଆଦାୟ କରୁଥିଲେ। ସେମାନେ ବିନା ପ୍ରମାଣପତ୍ର ସହ ବିନା ରେଜିଷ୍ଟ୍ରେଶନ ବିରଳା ଛକ ନିକଟ ହୋଟେଲରେ ରହିଥିଲେ। ବିଶ୍ୱସ୍ତସୂତ୍ରରୁ ଖବର ପାଇ ପୋଲିସ ରେଜିଷ୍ଟର ଯାଞ୍ଚ କରିବା ବେଳେ ଅପରାଧୀମାନେ ନାମ ଲେଖି ନ ଥିବା ଜାଣିପାରିଥିଲେ। ପରେ ଅପରାଧୀଙ୍କୁ ଗିରଫ କରିବା ସହ ସମ୍ପୃକ୍ତ ହୋଟେଲ କର୍ମଚାରୀଙ୍କୁ ଗିରଫ କରିଛି। ପରେ ସେମାନଙ୍କୁ ଥାନାକୁ ଆଣି ପ୍ରାଥମିକ ତଦନ୍ତ କରିବା ସହ ଶନିବାର କୋର୍ଟଚାଲାଣ କରିଛି।

# ଆଜି ଲୋକନାଥ ପୀଠରେ ପଙ୍କୋଦ୍ଧାର ନୀତି

**ମହାଦେବଙ୍କ ଲିଙ୍ଗକୁ ପ୍ରତ୍ୟକ୍ଷ ଦର୍ଶନ କରିବେ ଭକ୍ତ**

**ପୁରୀ ଅଫିସ,୨୬।୨**

ପ୍ରଭୁ ଶ୍ରୀଲୋକନାଥ ଦେବଙ୍କ ମନ୍ଦିରରେ ପବିତ୍ର ଫାଲଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ରବିବାର ପଙ୍କୋଦ୍ଧାର ନୀତି ଅନୁଷ୍ଠିତ ହେବ। ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ବର୍ଷତମାମ୍ ଠାକୁରଙ୍କ ପ୍ରତ୍ୟକ୍ଷ ଲିଙ୍ଗ ସର୍ବଦା ପାଣିରେ ବୁଡ଼ି ରହିଥାନ୍ତି। ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଦର୍ଶନ କରିଥାନ୍ତି। ପଙ୍କୋଦ୍ଧାର ଏକାଦଶୀରେ ଗମ୍ଭୀରାରୁ ପଙ୍କ ବାହାର କରାଯାଏ। ବର୍ଷର ଏହି ଗୋଟିଏ ଦିନ ପ୍ରଭୁ ଲୋକନାଥଙ୍କ ଗମ୍ଭୀରା ଭିତରକୁ ଯାଇ ଭକ୍ତ ଓ ଶ୍ରଦ୍ଧାଳୁ ମହାଦେବଙ୍କ ଲିଙ୍ଗକୁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ଶ୍ରୀମନ୍ଦିର ସହ ପ୍ରତ୍ୟକ୍ଷ ସମ୍ପୃକ୍ତ ଥିବା ଶ୍ରୀଲୋକନାଥ ମନ୍ଦିରରେ ମହାଶିବରାତ୍ରିର ଗୋଟିଏ ଦିନ ପୂର୍ବରୁ ପଙ୍କୋଦ୍ଧାରର ସ୍ୱତନ୍ତ୍ର ନୀତି କରାଯାଇଥାଏ। ବର୍ଷତମାମ ଫୁଲ, ବେଲପତ୍ର, କ୍ଷୀର, କଦଳୀ, ଦହି, ସୁନାରୁପାରେ ଆଚ୍ଛାଦିତ ହୋଇ ରହୁଥିବା ମହାପ୍ରଭୁ ଶ୍ରୀଲୋକନାଥଙ୍କ ଏହି ସମସ୍ତ ସାମଗ୍ରୀକୁ ଏକଦଶୀ ଦିନ ବାହାର କରାଯାଏ। ଯାହାକୁ ପଙ୍କୋଦ୍ଧାର ନୀତି କୁହାଯାଏ।

ନୀତି ନିର୍ଘଣ୍ଟ ଅନୁସାରେ ରାତ୍ର ୨ଟାରୁ ଦ୍ୱାର ଫିଟା ସହ ପରେ ବିଭିନ୍ନ ନୀତିକାନ୍ତି ବଡ଼ି ସକାଳ ୮ଟାରୁ ପଙ୍କୋଦ୍ଧାର କରାଯିବ। ଏହାପରେ ଦିନ ୧୨ଟାରୁ ସାଧାରଣ ଭକ୍ତ ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରିପାରିବେ। ପଙ୍କୋଦ୍ଧାର ଓ ଜାଗର ଅବସରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥାରେ ସାମିଲ ହେବାକୁ ଚାହୁଁଥିବା ଭକ୍ତମାନଙ୍କ ପାଇଁ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ଟୋକନ ବ୍ୟବସ୍ଥା କରାଯାଇଛି। ପଙ୍କୋଦ୍ଧାର ଏକାଦଶୀ ଦିନ ୨ହଜାର ସ୍ୱତନ୍ତ୍ର ଦର୍ଶନ ଟିକେଟ ବିକ୍ରି ହୁଏ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ ଦର୍ଶନ ସମୟରେ ଭକ୍ତମାନେ ସମାଜିକ ଦୂର୍‌ତା ରକ୍ଷା କରିବା ସହ ମାସ୍କ ପରିଧାନ କରିବେ। ଭକ୍ତମାନେ ଗୋଟିଏ ରାସ୍ତାଦେଇ ପ୍ରବେଶ କରି ଅନ୍ୟ ରାସ୍ତାରେ ପ୍ରସ୍ଥାନ କରିବେ। ସେହିପରି ପଙ୍କୋଦ୍ଧାର ଅବସରରେ ସର୍ବ ବୃହତ ଜାଗର ଦୀପ ପ୍ରଜ୍ୱଳନ କରାଯିବ। ପଙ୍କୋଦ୍ଧାର ଏକାଦଶୀଠାରୁ ମହାଶିବ ରାତ୍ରିରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଏହି ପ୍ରଜ୍ୱଳିତ ହୋଇଥାଏ।

## ମହିଳାଙ୍କ ବିକାଶକୁ ଗୁରୁତ୍ୱ

**ଅସ୍ତରଙ୍ଗ, ୨୬।୨(ଡି.ଏନ୍.ଏ.)**

ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ତୃଣମୂଳ ସ୍ତରରୁ ସଶକ୍ତ ଏବଂ ରୋଜଗାରକ୍ଷମ କରିବାକୁ ସମସ୍ତେ ଅଣ୍ଟା ଭିଡିଛନ୍ତି। ଏହି ପରିପ୍ରେକ୍ଷୀରେ କାକଟପୁର ଏବଂ ଅସ୍ତରଙ୍ଗ ଅଞ୍ଚଳରେ ଗ୍ରାମାଞ୍ଚଳ ମହିଳାଙ୍କ ବିକାଶ ପାଇଁ ଏକ ଭିନ୍ନ ଉଦ୍ୟମ କରାଯାଇଛି। ଅସ୍ତରଙ୍ଗ ବ୍ଲକର ଦୈବୀପୀଠ ଗଙ୍ଗା ଦେବୀ ପୀଠ ପରିସରରେ ମା' କଲରାଇ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଏକ ଟ୍ରେନିଂ ପ୍ରୋଗ୍ରାମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାରୀମାନେ କିଭଳି ରୋଜଗାରକ୍ଷମ ହୋଇପାରିବେ ଏବଂ ଆତ୍ମନିର୍ଭର କ୍ଷେତ୍ରରେ ସକ୍ଷମତା ହାସଲ ହୋଇପାରିବ ସେ ବିଷୟରେ ଟ୍ରଷ୍ଟର ସମ୍ପାଦକ ରଞ୍ଜିତ ସ୍ୱାଇଁ ଆଲୋଚନା କରିଥିଲେ। ପରେ ଟ୍ରଷ୍ଟ ତରଫରୁ ଧୂପକାଠିର ପ୍ରସ୍ତୁତି, ସଂଗ୍ରହ ଏବଂ ବିକ୍ରୟ ସମ୍ବନ୍ଧୀୟ ତାଲିମ ଦିଆଯାଇଥିଲା। ଶେଷରେ ଟ୍ରଷ୍ଟ ତରଫରୁ ମାସ୍କ ଏବଂ ଖାଦ୍ୟ ପୁଡିଆ ବଣ୍ଟନ କରାଯାଇଥିଲା।

# ଜିଲା ଆଇନସେବା ପ୍ରାଧିକରଣ ସଚେତନତା ଶିବିର

**ପୁରୀ ଅଫିସ, ୨୬।୨**

ଜିଲା ଆଇନସେବା ପ୍ରାଧିକରଣ ପୁରୀ ଆନୁକୂଲ୍ୟରେ ମହାମାରୀ ନିରୋଧ ଆଇନ ଓ କୋଭିଡ୍ ପୀଡ଼ିତଙ୍କ ପାଇଁ ସରକାରଙ୍କ ଦ୍ୱାରା ଅନୁମୋଦିତ ଆଇନ ଏବଂ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା ଶିବିର ଜିଲା ସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଧନେଶ୍ୱର ମଲ୍ଲିକଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାଧିକରଣ ସଚିବ ଦେବାଶିଷ ଦାଶଙ୍କ ଅଧ୍ୟକ୍ଷତାରେ ଉକ୍ତ ସଚେତନ ଶିବିର ଅନୁଷ୍ଠିତ ହୋଇଥିଲା। ମାଗଣାରେ ଆଇନସେବା ବା ସହାୟତା ସମ୍ପର୍କରେ ସୂଚନା ଦିଆଯିବା ସହ କୋଭିଡ୍-୧୯ର ସରକାରଙ୍କ ନିର୍ଦ୍ଦେଶନାମା ଏବଂ କୋଭିଡ୍ ପୀଡ଼ିତମାନଙ୍କ ପାଇଁ ଥିବା ସମସ୍ତ କଲ୍ୟାଣମୂଳକ ଯୋଜନାର ସୁଫଳ କିପରି ପାଇପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ସାମ୍ବିଧାନିକ ଅଧିକାର ପରିସରଭୁକ୍ତ ବୋଲି ମତ ଦେବା ସହ ଆଇନ ବ୍ୟବସ୍ଥା ସମ୍ପର୍କରେ ଅଧିକ ସଚେତନତା ଆବଶ୍ୟକ ବୋଲି ସଚିବ ଦାଶ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆପତ୍‌କାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର ଯୋଗଦେଇ ମହାମାରୀ ନିରୋଧ ଆଇନ ଓ କୋଭିଡ୍-୧୯ର ନିର୍ଦ୍ଦେଶାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କୋଭିଡ୍ ପୀଡ଼ିତଙ୍କ ପାଇଁ ସରକାରଙ୍କ ଦ୍ୱାରା ଅନୁମୋଦିତ ଆଇନ ଓ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ବିଦ୍ୟାର୍ଥୀ ଆଇନ ସାକ୍ଷରତା କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ ଅରୁଣ କୁମାର ଭଟ୍ଟାଚାର୍ଯ୍ୟ, ଅଭିଜ୍ଞ ଉଦ୍ଧାରକାରୀ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଧର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଆତ୍ମା, ପରମାତ୍ମାର ରାସପୀଠ ଜଗନ୍ନାଥ ଧାମ

**ପୁରୀ ଅଫିସ,୨୬।୨**



ଆଲୋଚନାଚକ୍ରରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଗହଣରେ ଅତିଥିମାନେ।

- ରାଜ୍ୟସ୍ତରୀୟ ଆଲୋଚନାଚକ୍ର
- ୬ ଜଣଙ୍କୁ ଶ୍ରୀଗୁଣ୍ଡିଚା ସେବା ସମ୍ମାନ

ପୁରୀର ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ରାଣୀସତୀ ଭବନ ପରିସରରେ ରାସ ପରମ୍ପରା ଓ ଶ୍ରୀଜଗନ୍ନାଥ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଅଶ୍ୱିନୀ ଦାସଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ରରେ ଅତିଥି ଭାବେ ଦଇତାପତି ସେବକ ରଘୁନାଥ ଦାସ ମହାପାତ୍ର ଯୋଗଦେଇ କହିଥିଲେ, ଭାରତ ବର୍ଷର ଶାଶ୍ୱତୀୟ ରାସକ୍ଷେତ୍ର ଗୁଣ୍ଡିଚ ପୀଠ ଥିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାରତ ବର୍ଷର ପରମ ଦେବତା ରୂପେ ଗୃହୀତ। ଆତ୍ମା ଓ ପରମାତ୍ମା ଯଥା ଭକ୍ତ ଭଗବାନଙ୍କର ମିଳନ ବଡ଼ଦାଣ୍ଡରେ ହେଉଥିବାରୁ ଶ୍ରୀଜଗନ୍ନାଥ ଧାମ ଏକ ରାସପୀଠ ବୋଲି ବିବେଚନା ହୁଏ। ସେହିପରି ଚୂନରା ସେବକ ଡା. ଶରତ ଚନ୍ଦ୍ର ମହାନ୍ତି ଓ ସୁପକାର ସେବକ ଭଗବାନ ସୁଆର କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ଶରତ ରାସ ଓ ବସନ୍ତ ରାସ ଅପେକ୍ଷା ଆଷାଢ଼ ରାସ ଭକ୍ତ ମନରେ ମୋକ୍ଷ ମାର୍ଗ ସୃଷ୍ଟି କରେ। ସମ୍ମାନିତ ବକ୍ତା ଡ. ହରପ୍ରସାଦ ମିଶ୍ର ଯୋଗଦେଇ ମାଦଳା ପାଞ୍ଜି ଆଧାରରେ କାର୍ତ୍ତିକ ରାସରେ ଠାକୁରଙ୍କ ରାଜରାଜେଶ୍ୱର ବେଶ ତ୍ରୟୋଦଶ ଶତାବ୍ଦୀ ନିଶଙ୍କ ଭାନୁ ଦେବଙ୍କ ସମୟରେ ପ୍ରଚଳିତ ହୋଇଛି ବୋଲି କହିଥିଲେ। ଏଥିରେ ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା, ଉପଦେଷ୍ଟା ପୁଷ୍କର ମହାପାତ୍ର, ସଦସ୍ୟା ଶାନ୍ତିଲତା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଶ୍ରୀ ଗୀତଗୋବିନ୍ଦ ପରିବେଷଣ କରାଯାଇଥିଲା। ଡ. ଚନ୍ଦ୍ରଶେଖର ଦାସ ସ୍ୱାଗତ ଭାଷଣ ଓ ଶିବସୁନ୍ଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଟ୍ରଷ୍ଟ ମୁଖପତ୍ରର ମୁଖ୍ୟ ସମ୍ପାଦକ ମଦନ ମୋହନ ମହାପାତ୍ର, ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଡ. ପ୍ରମୋଦ ପଣ୍ଡା, ପ୍ରତିଭା ତ୍ରିପାଠୀ, ବିଜୟଲକ୍ଷ୍ମୀ ସାହୁ, ବୀଣାପାଣି ଚୌଧୁରୀ, ଡ. କାର୍ତ୍ତିକ ଦାସ, ଡ. ରଜନୀ ରଣସିଂ, ଡ. ବଳରାମ ଦାସ, ରତିକାନ୍ତ ପ୍ରତିହାରୀ ଏବଂ ଜୁପିଟର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଟ୍ରଷ୍ଟର ମୁଖପତ୍ର 'ଶ୍ରୀଗୁଣ୍ଡିଚାର ଶକ୍ତି' ବିଶେଷାଙ୍କ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସେହିପରି ଟ୍ରଷ୍ଟ ପକ୍ଷରୁ ଅଧ୍ୟାପକ ପ୍ରମୋଦ ପଣ୍ଡା, କୈଳାସ ଚନ୍ଦ୍ର ସାହୁ, କ୍ରିଷ୍ଣା ମହାପାତ୍ର, ଡ. କମଳାକାନ୍ତ ମିଶ୍ର, ଡ. ରଜନୀ ରଣସିଂ ଓ କ୍ରିଷ୍ଣା ଦେବୀ ପ୍ରମୁଖଙ୍କୁ ଶ୍ରୀଗୁଣ୍ଡିଚା ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଓ ତପନ ସେଠୀ ସହଯୋଗ କରିଥିବାବେଳେ ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଜିଲା ଆଇନସେବା ପ୍ରାଧିକରଣର ସଚେତନତା ଶିବିର

ପୁରୀ ଅଫିସ, ୨୬।୨- ଜିଲା ଆଇନସେବା ପ୍ରାଧିକରଣ ପୁରୀ ଆନୁକୂଲ୍ୟରେ ମହାମାରୀ ନିରୋଧ ଆଇନ ଓ କୋଭିଡ୍ ପୀଡ଼ିତଙ୍କ ପାଇଁ ସରକାରଙ୍କ ଦ୍ୱାରା ଅନୁମୋଦିତ ଆଇନ ଏବଂ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା ଶିବିର ଜିଲା ସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଧନେଶ୍ୱର ମଲ୍ଲିକଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାଧିକରଣ ସଚିବ ଦେବାଶିଷ ଦାଶଙ୍କ ଅଧ୍ୟକ୍ଷତାରେ ଉକ୍ତ ସଚେତନ ଶିବିର ଅନୁଷ୍ଠିତ ହୋଇଥିଲା। ମାଗଣାରେ ଆଇନସେବା ବା ସହାୟତା ସମ୍ପର୍କରେ ସୂଚନା ଦିଆଯିବା ସହ କୋଭିଡ୍-୧୯ର ସରକାରଙ୍କ ନିର୍ଦ୍ଦେଶନାମା ଏବଂ କୋଭିଡ୍ ପୀଡ଼ିତମାନଙ୍କ ପାଇଁ ଥିବା ସମସ୍ତ କଲ୍ୟାଣମୂଳକ ଯୋଜନାର ସୁଫଳ କିପରି ପାଇପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ସାମ୍ବିଧାନିକ ଅଧିକାର ପରିସରଭୁକ୍ତ ବୋଲି ମତ ଦେବା ସହ ଆଇନ ବ୍ୟବସ୍ଥା ସମ୍ପର୍କରେ ଅଧିକ ସଚେତନତା ଆବଶ୍ୟକ ବୋଲି ସଚିବ ଦାଶ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆପତ୍‌କାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର ଯୋଗଦେଇ ମହାମାରୀ ନିରୋଧ ଆଇନ ଓ କୋଭିଡ୍-୧୯ର ନିର୍ଦ୍ଦେଶାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କୋଭିଡ୍ ପୀଡ଼ିତଙ୍କ ପାଇଁ ସରକାରଙ୍କ ଦ୍ୱାରା ଅନୁମୋଦିତ ଆଇନ ଓ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ବିଦ୍ୟାର୍ଥୀ ଆଇନ ସାକ୍ଷରତା କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ ଅରୁଣ କୁମାର ଭଟ୍ଟାଚାର୍ଯ୍ୟ, ଅଭିଜ୍ଞ ଉଦ୍ଧାରକାରୀ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ବିଦ୍ୟାଧର ମିଶ୍ର ଧନ୍ୟବାଦ ଦେଇଥିଲେ।

### ୩ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ବିଜୟୀ

ବ୍ରହ୍ମଗିରି, ୨୬।୨(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକରେ ଶନିବାର ଭୋଟ ଗଣତି ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ୨୮ ନଂ ଜିଲା ପରିଷଦ ଜୋନ ସହିତ ୧୦ଟି ପଞ୍ଚାୟତର ଭୋଟ ଗଣତି ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଜୋନର ୭ ରାଉଣ୍ଡ ଗଣତି ସୁଦ୍ଧା ବିଜେଡି ପ୍ରାର୍ଥୀ କୈଳାସ ପରିଡା ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ରାୟଙ୍କଠାରୁ ୪୯୩ ଭୋଟ ଆଗରେ ରହିଥିଲେ। ଏହାସହ ଚୂଡ଼ାନ୍ତ ହୋଇଥିବା ପଞ୍ଚାୟତଙ୍କ ମଧ୍ୟରୁ ଚାପମାଣିକ ପଞ୍ଚାୟତରେ ସରପଞ୍ଚ ଭାବେ ଅମୂଲ୍ୟ ଜେନା, ଗଡରୋଡଙ୍ଗ ପଞ୍ଚାୟତରେ ନମିତା ବଳିଆରସିଂ, କହଲପଦା ପଞ୍ଚାୟତରେ ଭଗବାନ ପରିଡା ବିଜୟୀ ହୋଇଥିବାର ସୂଚନା ମିଳିଛି। ବିଶେଷ କରି ବିଜେଡି ସମର୍ଥିତ ପ୍ରାର୍ଥୀର ସମର୍ଥକମାନେ ବିଜୟୀ ଉତ୍ସବ ମନାଇଛନ୍ତି।

### ଗଣତି ବିଳମ୍ବ ନେଇ ନିରାଶରେ ଫେରିଲେ ସମର୍ଥକ

କଣାସ/ପିପିଲି/ଡେଲାଙ୍ଗ, ୨୬।୨(ସ୍ୱ.ପ୍ର./ଡି.ଏନ୍.ଏ): କଣାସ ବ୍ଲକର ୩ ନମ୍ବର ଜୋନର ୯ଟି ପଞ୍ଚାୟତର ଭୋଟ ଗଣତି କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କଡା ସୁରକ୍ଷାରେ ଶନିବାର ଅନୁଷ୍ଠିତ ହେଉଛି। ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ଚାଲୁଥିବାରୁ ଦିନ ତମାମ ବିଭିନ୍ନ ପ୍ରାର୍ଥୀମାନଙ୍କର ସମର୍ଥକ ଦୋକନ୍ଦା ମେଳନ ପଡିଆରେ ଜମା ହୋଇଥିଲେ। ମାତ୍ର ୬ ରାଉଣ୍ଡ ସନ୍ଧ୍ୟା ସୁଦ୍ଧା ଗଣତି ହୋଇଥିବାରୁ କେତେଜଣ ସମର୍ଥକ ନିରାଶ ହୋଇ ଫେରିଯାଇଛନ୍ତି। ଭୋଟ ଗଣତି ଶେଷ ହେବା ବେଳକୁ ରାତ୍ର ବିଳମ୍ବିତ ହୋଇଯିବ। ସେହିଭଳି ପିପିଲି ବ୍ଲକର ୨୨ନଂ. ଜୋନ ପାଇଁ ୯ଟି ପଞ୍ଚାୟତରେ ଗଣତି ବିଳମ୍ବିତ ରାତି ଯାଏ ଚାଲିଥିବାବେଳେ ପ୍ରାର୍ଥୀମାନେ ଆଶଙ୍କାରେ ରହିଛନ୍ତି। ଡେଲାଙ୍ଗ ବ୍ଲକର ୧୫ ନଂ. ଜୋନ ପାଇଁ ୭ଟି ପଞ୍ଚାୟତ ପାଇଁ ଭୋଟ ଗଣତି ଚାଲିଥିବା ବେଳେ ସବୁଠି ବିଜେଡି ସମର୍ଥିତ ପ୍ରାର୍ଥୀ ଆଗୁଆ ଅଛନ୍ତି।

### ୨୦୦୦ ପରିବାରକୁ ଖାଦ୍ୟସାମଗ୍ରୀ ବଣ୍ଟନ

ପୁରୀ ଅଫିସ, ୨୬।୨- ପୂଜ୍ୟ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୀ ଆଦିତ୍ୟ ବାହିନୀ ତରଫରୁ କରୋନା ପ୍ରଭାବିତ ୨୦୦୦ ପରିବାରକୁ ଅଟା, ଗହମ, ବୁଟ, ଚିନି, ଡାଲି, ତେଲ, ମସଲା, ହଳଦୀଗୁଣ୍ଡ ଥିବା ଗୋଟିଏ ପ୍ୟାକେଟ ଅକ୍ଷୟ ପାତ୍ର ଫାଉଣ୍ଡେସନ ସହାୟତାରେ ଶନିବାର ପ୍ରଦାନ କରାଯାଇଛି। ପୁରୀ କ୍ଷେତ୍ରିୟ ସଚିବ ଦେବାଶିଷ ମିଶ୍ରଙ୍କ ସଂଯୋଜନାରେ ଆଦିତ୍ୟ ବାହିନୀ ପ୍ରାନ୍ତୀୟ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଓ ଅକ୍ଷୟ ପାତ୍ର ଫାଉଣ୍ଡେସନର ଜୟନ୍ତ ବାରିକ୍ ଯୋଗଦେଇ ଖାଦ୍ୟ ପ୍ୟାକେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ନଗର ଅଧ୍ୟକ୍ଷ ଗଣେଶ ମହାସୁଆର, ନଗର ସଚିବ ତନ୍ମୟ ଚାଟାର୍ଜୀ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଚିନ୍ମୟୀ ଦେଓ, ବିଚିତ୍ରାନନ୍ଦ ମହାନ୍ତି, ସଂଗ୍ରାମ କାନୁନ୍‌ଗୋ, ଜଗଦୀଶ ଆଚାର୍ଯ୍ୟ, ପୀତବାସ ନାୟକ, ବ୍ରଜବନ୍ଧୁ ମହାରଣା ପରିଚାଳନା କରିଥିଲେ।

# ୧୧ ଜିଲା ପରିଷଦ ଜୋନ୍‌ରେ ବିଜେଡି ଆଗୁଆ

ପୁରୀ ଅଫିସ, ୨୬।୨:



ପୁରୀ ଆଇଟିଆଇ ପଡିଆରେ ପଞ୍ଚାୟତ ଭୋଟ ଗଣତି କେନ୍ଦ୍ରରେ ବିଭିନ୍ନ ପ୍ରାର୍ଥୀଙ୍କ ସମର୍ଥକଙ୍କ ଭିଡ଼ ।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗଣତିରେ ପୁରୀ ଜିଲାର ୧୧ଟି ଜୋନ୍ ସାମିଲ ହୋଇଛି। ରାତ୍ର ୧୦ଟା ସୁଦ୍ଧା ଜୋନ୍‌ଗୁଡ଼ିକରେ ସର୍ବାଧିକ ୬ରୁ ୭ ରାଉଣ୍ଡ ଗଣତି ହୋଇଛି। ଗଣତିରେ ବିଜୁ ଜନତା ଦଳ ୧୧ଟି ଯାକ ଜିଲା ପରିଷଦ ଆସନରେ ଆଗରେ ରହିଛି। ସେହିଭଳି ଭାଜପା ଉକ୍ତ ସମସ୍ତ ଆସନରେ ବିଜେଡିର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବା ବେଳେ କଂଗ୍ରେସ ଏକଦମ ପଛରେ ପଡ଼ିଛି। ପୁରୀ ସଦର ୨୫ ନମ୍ବର ଜୋନ୍, ବ୍ରହ୍ମଗିରି ୨୮ ନଂ., କୃଷ୍ଣପ୍ରସାଦ ୯ ନଂ. ଓ ନିମାପଡ଼ା ୧୮ ନଂ. ଜୋନ୍‌ରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ରହିଛି। କାକଟପୁର ବ୍ଲକ୍ ୬ ନଂ. ଜୋନ୍‌ରେ ୬ ରାଉଣ୍ଡ ଗଣତି ଶେଷ ସୁଦ୍ଧା ଜ୍ୟୋତ୍ସ୍ନାରାଣୀ ଦଳାଇଙ୍କୁ ୩୩୯୯ ଭୋଟ ମିଳିଥିବା ବେଳେ ଭାଜପା ପ୍ରାର୍ଥୀ ସସ୍ମିତା ସ୍ୱାଇଁଙ୍କୁ ୨୧୪୮ ଖଣ୍ଡ ଭୋଟ ମିଳିଛି। ଗୋପ ବ୍ଲକ୍‌ର ୧୧ ନମ୍ବର ଜୋନ୍‌ରେ ୬ ରାଉଣ୍ଡ ଶେଷ ସୁଦ୍ଧା ବିଜେଡିର ଧର୍ମେନ୍ଦ୍ର ସାହୁଙ୍କୁ ୫୬୫୫ ଭୋଟ ଓ ଭାଜପାର ନିରଞ୍ଜନ ମହାପାତ୍ରଙ୍କୁ ୩୮୨୧ ଖଣ୍ଡ ଭୋଟ ମିଳିଛି। ସତ୍ୟବାଦୀ ୩୧ ନମ୍ବର ଜୋନ୍ ବିଜେଡିର ନାରାୟଣ ରାଉତରାୟଙ୍କୁ ୭୪୮୦ ଓ ଭାଜପାର ଜାନକୀ ବଲ୍ଲଭ ବରାଳଙ୍କୁ ୫୧୪୧ ଖଣ୍ଡ ଭୋଟ ମିଳିଛି। ପୁରୀ ସଦର ୨୫ ନମ୍ବର ଜୋନ୍‌ରେ ୫ ରାଉଣ୍ଡ ଗଣତି ଶେଷ ସୁଦ୍ଧା ବିଜେଡିର ମୋନାଲି ମିଶ୍ରଙ୍କୁ ୫୬୮୧ ଖଣ୍ଡ ଓ ଭାଜପାର ଅଲିସା ମିଶ୍ରଙ୍କୁ ୪୯୧୫ ଭୋଟ ମିଳିଛି । ବ୍ରହ୍ମଗିରି ବ୍ଲକ୍ ୨୮ ନମ୍ବର ଜୋନ୍‌ରେ ମଧ୍ୟ ବିଜେଡି ପ୍ରାର୍ଥୀ କୈଳାସ ପରିଡ଼ା, ନିମାପଡ଼ା ୧୮ ନମ୍ବର ଜୋନରେ କୁଞ୍ଜଲତା ସାମଲ, ପିପିଲିର ସୁଶ୍ରୀ ସଙ୍ଗୀତା ବେହେରା, ଅସ୍ତରଙ୍ଗର ୧ ନମ୍ବର ଜୋନର ସରସ୍ୱତୀ ସ୍ୱାଇଁ, ଡେଲାଙ୍ଗ ୧୫ ନମ୍ବର ଜୋନ୍‌ର ପ୍ରଜ୍ଞା ଛୋଟରାୟ, କୃଷ୍ଣପ୍ରସାଦ ବ୍ଲକ୍‌ର ବିଜେଡି ଲକ୍ଷ୍ମୀଧର ସାହୁ ଓ କଣାସ ବ୍ଲକ୍‌ର ୩ ନମ୍ବର ଜୋନ୍‌ର ପ୍ରଣତୀ ଭୋଟ ଗଣତିରେ ଆଗରେ ରହିଛନ୍ତି।

ଗତ ୨୦୧୭ ତ୍ରିସ୍ତରୀୟ ନିର୍ବାଚନରେ ଜିଲାର ମୋଟ ୩୩ଟି ଜିଲା ପରିଷଦ ଆସନ ମଧ୍ୟରୁ ବିଜେଡି ୩୧ରେ ବିଜୟ ଲାଭ କରି ଜିଲା ପରିଷଦ ଅଧ୍ୟକ୍ଷ ପଦ ହାତେଇଥିଲା। ଚଳିତଥର ମଧ୍ୟ ସମାନ ଲକ୍ଷ୍ୟରେ ବିଜେଡି କାର୍ଯ୍ୟ କରିଛି ଓ ସଫଳ ହେବ ବୋଲି କହିଛନ୍ତି ବିଜେଡି ନେତା ତଥା ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା। ମୋଟ ଜିଲାରେ ୧୪୫ ଜଣ ପ୍ରାର୍ଥୀ ଜିଲା ପରିଷଦ ନିର୍ବାଚନ ପାଇଁ ମଇଦାନକୁ ଓହ୍ଲାଇଥିବା ବେଳେ ଭାଜପା ଓ

### କଂଗ୍ରେସକୁ ପଛରେ ପକାଇଲା ଭାଜପା

ବିଜେଡି ୩୩ଟି ଜୋନ୍‌ରେ ପ୍ରାର୍ଥୀ ଦେଇଛି। ସେହିଭଳି କଂଗ୍ରେସ ୩୧ଟି ଜୋନ୍‌ରେ ପ୍ରାର୍ଥୀ ଦେଇଛି। ସିପିଆଇ ୫ଟି ଜୋନ୍‌ରେ, ଓସିପିଏମ୍ ୨ଟି ଜୋନ୍‌ରେ ପ୍ରାର୍ଥୀ ଦେଇଛି। ଅନ୍ୟପଟେ ଭାଜପା କୌଣସି ଆସନରେ ଆଗେଇ ନ ପାରିବା ସମ୍ପର୍କରେ ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ କହିଛନ୍ତି, ଭୋଟ ଗଣତି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇନି। ବିଜେଡି ସମର୍ଥିତ ରାଉଣ୍ଡ ଶେଷ ହୋଇଥିବା ଆଗକୁ ଭାଜପା ସମର୍ଥିତ ରାଉଣ୍ଡମାନ ରହିଛି। ସେହିଭଳି ଅଧିକାଂଶ ଆସନରେ କଢ଼ା ଟକ୍କର ରହିଛି। ସମ୍ପୃକ୍ତ ଆସନରେ ଭାଜପା ବିଜୟ ଲାଭ କରିବ। ସେହିଭଳି କଂଗ୍ରେସ ଜିଲା ଅଧ୍ୟକ୍ଷ ଆସନ ହାତେଇବା ସ୍ୱପ୍ନ ବହୁ ଦୂର ବୋଲି ଜଣାପଡୁଥିବା ବେଳେ ଦଳ ଜିଲାରେ କେବଳ ଅସ୍ତରଙ୍ଗ ୧ ନମ୍ବର ଜୋନ୍‌ରେ କଂଗ୍ରେସ ପ୍ରାର୍ଥୀ ଶୁଭସ୍ମିତା ସାହୁ ବିଜେଡି ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେଉଛନ୍ତି। ସମ୍ପୃକ୍ତ ଆସନରେ କଂଗ୍ରେସ ବିଜୟୀ ହେବ ବୋଲି ଆଶା କରୁଛି।

## ୭ଥର ସ୍ୱାସ୍ଥ୍ୟକେନ୍ଦ୍ର ଯିବା ସତ୍ତ୍ୱେ ମିଳୁନି ଚଷମା

ଗୋପ, ୨୬।୨(ଡି.ଏନ୍.ଏ.)

ବୟସ ୮୨, ଆଖିକୁ ଠିକ୍ ଭାବେ ଦେଖାଯାଉ ନାହିଁ। ବହୁ କଷ୍ଟରେ ୭ଥର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଚଷମା ମତେ ମିଳୁନାହିଁ ବୋଲି କହିଛନ୍ତି ଗୋପ ବ୍ଲକ ଅଣ୍ଡରା-ଇଛାପୁର ପଞ୍ଚାୟତର ମାଧଗାଡିଆ ଗ୍ରାମର ନବଘନ ଭୋଇ। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବାସ୍ତବତା ଅଲଗା। ସରକାର ୫ମାସ ତଳେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୋଟିଏ ଚକ୍ଷୁ ବିଭାଗ ସହିତ ଅତ୍ୟାଧୁନିକ ଯନ୍ତ୍ରପାତି ଖୋଲିଛନ୍ତି। ଏଠାରେ ଗରିବ ଓ ବୃଦ୍ଧାବୃଦ୍ଧଙ୍କ ଚକ୍ଷୁ ଚିକିତ୍ସା ସହ ଚଷମା ଦିଆଯାଏ। ଏହି ଅତ୍ୟାଧୁନିକ ଚକ୍ଷୁ ବିଭାଗକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିବା ପରେ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ହେଲେ ଉଦ୍‌ଘାଟନ ପରଠାରୁ ଏପର୍ଯ୍ୟନ୍ତ ସ୍ଥାୟୀ ଚକ୍ଷୁ ବିଶେଷଜ୍ଞ ନ ଥିବାରୁ ପ୍ରତ୍ୟେକ ଦିନ ବିଭିନ୍ନ ଗାଁ ଗହଳିରୁ ଆସୁଥିବା ବୃଦ୍ଧାବୃଦ୍ଧ ଆସି ଚିକିତ୍ସା କରି ନ ପାରି ନିରାଶରେ ଫେରୁଥିବା ଅଭିଯୋଗ ହୋଇଛି। ନବଘନ ମଧ୍ୟ ଚକ୍ଷୁ ଚିକିତ୍ସା ପାଇଁ ବାରମ୍ବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୌଡିବା ସତ୍ତ୍ୱେ ଚିକିତ୍ସା ନ ପାଇବାରୁ ଏହି ଅଭିଯୋଗ କରିଛନ୍ତି। ଏହି ଚକ୍ଷୁ ବିଭାଗ ଦାୟିତ୍ୱରେ ଜଣେ ଚକ୍ଷୁ ବିଭାଗ କର୍ମଚାରୀ ରହିଥିବା ବେଳେ ସପ୍ତାହକୁ ଦୁଇଦିନ ଆସୁଛନ୍ତି। ଏ ଅଭିଯୋଗ ସମ୍ପର୍କରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ଜସ୍ମିନ ଆଫ୍ରୋଜ କହିଛନ୍ତି, ସେଭଳି କୌଣସି ଅଭିଯୋଗ ହୋଇ ନାହିଁ, ତଥାପି ଏପରି ଏକ ବୃଦ୍ଧ ଫେରିବା ଉପରେ ଗୁରୁତ୍ୱ ଦେବା ସହ ନିଶ୍ଚିତ ତାଙ୍କୁ ଆଖି ପରୀକ୍ଷା କରାଯାଇ ଚଷମା ଦିଆଯିବ ବୋଲି କହିଛନ୍ତି।

# ଆଜିଠୁ ପୋଲିଓ ବୁନ୍ଦା ପ୍ରଦାନ ଅଭିଯାନ ଆରମ୍ଭ

ପୁରୀ ଅଫିସ, ୨୬।୨

### ୧,୮୫,୯୦୧ ଶିଶୁଙ୍କୁ ଦିଆଯିବ

ଜିଲାରେ ଚଳିତ ମାସ ୨୭ରୁ ମାର୍ଚ୍ଚ ୧ ତାରିଖ ତିନିଦିନ ଧରି ଜନ୍ମରୁ ୫ ବର୍ଷ ବୟସର ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ପ୍ରଥମ ଦିନ ଅର୍ଥାତ୍ ଫେବୃୟାରୀ ୨୭ରେ ବୁଥ୍‌ସ୍ତରରେ ଏବଂ ୨୮ ଓ ମାର୍ଚ୍ଚ ପହିଲାରେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ଦିଆଯିବ। ଚଳିତ ବର୍ଷ ଏହି ଅଭିଯାନରେ ଜିଲାର ୧,୮୫,୯୦୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଟିକାଦାତାମାନେ ୩,୬୮,୮୦୫ ଘର ବୁଲି ଏହା ପ୍ରଦାନ କରିବେ। ସହରାଞ୍ଚଳରେ ୫୫,୧୦୦ ଓ ଗ୍ରାମାଞ୍ଚଳରେ ୧,୩୦,୮୦୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଏଥିପାଇଁ ୭୬୬ଟି ବୁଥ୍ ପ୍ରସ୍ତୁତ କରାଯାଇଛି। ସେହିଭଳି ଉକ୍ତ ଦିନଗୁଡିକରେ ଜିଲା ବାହାରୁ ଆସୁଥିବା ଶିଶୁମାନଙ୍କୁ ବୁନ୍ଦା ଦେବା ନିମନ୍ତେ ଶ୍ରୀମନ୍ଦିର ନିକଟସ୍ଥ ବସ୍‌ଷ୍ଟାଣ୍ଡ, ଷ୍ଟେଶନ, ଶ୍ରୀମନ୍ଦିର ଓ ଅନ୍ୟ ଜନଗହଳି ଭଳି ୫୬ଟି ସ୍ଥାନ ଚିହ୍ନଟ କରାଯାଇଛି। ଏଥିସହ ୨୪ଟି ଭ୍ରାମ୍ୟମାଣ ଦଳ ସାମିଲ ରହିବେ। ଏହି ଅଭିଯାନରେ ୩,୦୬୪ ଜଣ ବୁନ୍ଦା ପ୍ରଦାନକାରୀ ଓ ୧୬୨ ଜଣ ସୁପରଭାଇଜରଙ୍କ ସମେତ ୩୩୮୬ ବ୍ୟକ୍ତି ଓ ଅଙ୍ଗନୱାଡି କର୍ମୀ ସାମିଲ ରହିବେ। କୋଭିଡ୍ କଟକଣା ମଧ୍ୟରେ ଏହି ଅଭିଯାନ ଜାରି ରହିବ ଏବଂ ପ୍ରତିବୁଥ୍‌ରେ ଏକାଥରେ ୫ ଜଣଙ୍କୁ ପ୍ରବେଶାନୁମତି ଦିଆଯିବ। ଶିଶୁମାନଙ୍କୁ ଟିକାଦାତାଙ୍କ ବିନା ସ୍ପର୍ଶରେ ବୁନ୍ଦା ପ୍ରଦାନ କରାଯିବ। ଏଥିପାଇଁ ଅଭିଭାବକମାନେ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବୁନ୍ଦା ଦିଆଯିବ ଏବଂ ଏଥିନିମନ୍ତେ ୨,୩୬,୦୯୫ ଡୋଜ୍‌ର ଆବଶ୍ୟକତା ରହିଛି। ପୋଲିଓ ବୁନ୍ଦା ବୋତଲ ସୁରକ୍ଷିତ ରଖିବା ପାଇଁ ୪୩ଟି କୋଲ୍ଡ ଚେନ୍ ପଏଣ୍ଟ କରାଯାଇଛି। ଗତବର୍ଷ ପ୍ରାୟ ଏକ ଲକ୍ଷ ୫୭ ହଜାର ଶିଶୁଙ୍କୁ ଏହି ବୁନ୍ଦା ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ୮୪ ପ୍ରତିଶତ ଟିକାଦାନ କେନ୍ଦ୍ରରେ ଗ୍ରହଣ କରିଥିଲେ। ଚଳିତବର୍ଷ ବୁଥ୍‌ରେ ଅଧିକ ପ୍ରତିଶତ ପିଲାଙ୍କୁ ସାମିଲ କରାଯିବା ଲକ୍ଷ୍ୟ ରଖାଯାଇଛି। ବ୍ୟାପକ ସଚେତନତା ସୃଷ୍ଟି ପାଇଁ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ରୋଟାରି ଓ ଲାୟନ୍ସ କ୍ଲବକୁ ମଧ୍ୟ ପୂର୍ବରୁ ସାମିଲ କରାଯାଇଛି। ପୋଲିଓ ବୁନ୍ଦା ପ୍ରଦାନ ନିମନ୍ତେ କୌଣସି ସମସ୍ୟା ଥିଲେ ଜିଲା ନିୟନ୍ତ୍ରଣ କକ୍ଷକୁ ଜଣାଇବା ଲାଗି ପ୍ରଶାସନ ପକ୍ଷରୁ ୦୬୭୫୨-୨୨୨୧୨୪ ନମ୍ବର ଜାରି କରାଯାଇଛି।

# ଅପରାଧୀଙ୍କୁ ଶରଣ ଦେଇ ୭ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ହୋଇଥିବା ସାମଗ୍ରୀ ।

ପୁରୀ ଅଫିସ, ୨୬।୨

### ଗୋଟିଏ ବନ୍ଧୁକ, ଗୁଳି, ୩ ବାଇକ୍, ଟଙ୍କା ଜବତ

ବଳିଆପଣ୍ଡା ଥାନା ଅନ୍ତର୍ଗତ ବିରଳା ଛକ ନିକଟ ଏକ ହୋଟେଲରେ ୫ଜଣ ଅପରାଧୀଙ୍କୁ ବିନା ପ୍ରମାଣପତ୍ରରେ ରଖିବା ଅଭିଯୋଗରେ ପୋଲିସ ୫ ଅପରାଧୀଙ୍କ ସମେତ ସମ୍ପୃକ୍ତ ହୋଟେଲର ମ୍ୟାନେଜର, କେୟାର ଟେକରଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାସେଳିସାହି ଥାନା ବିମାନବନ୍ଧୁ ସାହିର ପୂର୍ଣ୍ଣଚନ୍ଦ୍ର ଦାସ(୪୮), ମାଟିତୋଟା ଚତୁର୍ଥ ଲେନର ଭବାନୀ ଶଙ୍କର ଦାସ(୨୪), ଟାଉନଥାନା ଅନ୍ତର୍ଗତ ତଲ୍ଲୁଛ ସାହିର ଲୋକନାଥ ମିଶ୍ର(୩୧), ଦଇତାପଡା ସାହିର ରବି ଗୋସ୍ୱାମୀ, କୁମ୍ଭାରପଡା ଥାନା ଅନ୍ତର୍ଗତ ଶିବ ପ୍ରସାଦ ସାହୁ (୩୨), ଅବକାଶ ଲେନର ରାଜେଶ ସ୍ୱାଇଁ, ହୋଟେଲ ଲେଡି ମ୍ୟାନେଜରଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଅଭିଯୁକ୍ତଠାରୁ ଗୋଟିଏ ୯ ଏମ୍‌ଏମ୍ ବନ୍ଧୁକ, ଦୁଇଟି ୯ ଏମ୍‌ଏମ ଗୁଳି, ୩ଟି ବାଇକ୍, ମୋବାଇଲ ଫୋନ ଏବଂ ନଗଦ ୭୨ ହଜାର ଟଙ୍କା ଜବତ କରିଛି। ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତମାନେ ବନ୍ଧୁକ ଓ ଛୁରି ଦେଖାଇ ଯାତ୍ରୀ ଓ ଯାତ୍ରୀବାହୀ ଗାଡିଠାରୁ ବଟି ଆଦାୟ କରୁଥିଲେ। ସେମାନେ ବିନା ପ୍ରମାଣପତ୍ର ସହ ବିନା ରେଜିଷ୍ଟ୍ରେଶନରେ ବିରଳା ଛକ ନିକଟ ହୋଟେଲରେ ରହିଥିଲେ। ବିଶ୍ୱସ୍ତସୂତ୍ରରୁ ଖବର ପାଇ ପୋଲିସ ରେଜିଷ୍ଟର ଯାଞ୍ଚ କରିବା ବେଳେ ଅପରାଧୀମାନେ ନାମ ଲେଖି ନ ଥିବା ଜାଣିପାରିଥିଲେ। ପରେ ଅପରାଧୀଙ୍କୁ ଗିରଫ କରିବା ସହ ସମ୍ପୃକ୍ତ ହୋଟେଲ କର୍ମଚାରୀଙ୍କୁ ଗିରଫ କରିଛି। ପରେ ସେମାନଙ୍କୁ ଥାନାକୁ ଆଣି ପ୍ରାଥମିକ ତଦନ୍ତ କରିବା ସହ ଶନିବାର କୋର୍ଟଚାଲାଣ କରିଛି।

## 'ବୋଉ ତ କେବଳ ବୋଉ' କବିତା ପାଠ

ପୁରୀ ଅଫିସ, ୨୬।୨

ସର୍ବୋଦୟ ସାହିତ୍ୟ ସଂସଦର ନିର୍ବିକଳ୍ପ ସଭାଗୃହରେ ଏକ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ କବିତାର ଶୀର୍ଷକ 'ବୋଉତ କେବଳ ବୋଉ' ଥିଲା। ଉକ୍ତ ଉତ୍ସବରେ ସଂସଦର ପ୍ରତିଷ୍ଠାତା ଡ.ବଳରାମ ଦାସ, ସମ୍ପାଦକ ଇଂ ମୀନକେତନ, ସଭାପତି ପଲ୍ଲୀ ପ୍ରାଣ ଆର୍ତ୍ତତ୍ରାଣ ମାନସିଂହ, କବି ମଧୁସୂଦନ ଦାଶ, ବଦ୍ରି ମିଶ୍ର, ଆଲୋକ ପ୍ରଧାନ, ଉମାକାନ୍ତ ମହାପାତ୍ର, ସୁଚିତ୍ର ରଥ, ବିଚିତ୍ର ଦାଶ ଆଦି ଅନେକ ସାରସ୍ୱତ ସାଧକ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ କବି ବଳରାମ ଦାସ ଓ ପ୍ରଶାସକ କବି ମଧୁସୂଦନ ଦାଶ ମା'ର ଅନନ୍ୟ ତ୍ୟାଗ ଓ ନିର୍ବିକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। କଣ୍ଠଶିଳ୍ପୀ ଡ. ସନ୍ତୋଷ ଦାଶ, ଦେବାଂଶୀ ଦାଶ ଓ ରାଜେନ୍ଦ୍ର ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। କବି ତଥା ସଂଗଠକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

# ସାହିତ୍ୟ ଭାଷାର ପରିଚୟ

ପୁରୀ ଅଫିସ, ୨୬।୨

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର ମାସିକ ସାହିତ୍ୟ ଆସର ତଥା କବିତା ଆବୃତ୍ତି କାର୍ଯ୍ୟକ୍ରମ ଚନ୍ଦ୍ରଶେଖର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। କବି ପ୍ରତିମା ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭ୍ରମଣ ସାହିତ୍ୟ, ଜଗନ୍ନାଥ ତତ୍ତ୍ୱ ସମ୍ବନ୍ଧୀୟ ଉଚ୍ଚକୋଟୀର ପ୍ରବନ୍ଧ ସ୍ରଷ୍ଟା ସତ୍ୟ ନାରାୟଣ ମିଶ୍ର ଯୋଗଦେଇ ଆଜିର ସମାଜରେ ସାହିତ୍ୟ ହିଁ ଭାଷାର ପରିଚୟ ବୋଲି କହିଥିଲେ। ପ୍ରାରମ୍ଭରେ ଗାୟିକା ମଞ୍ଜୁଶ୍ରୀ ମିଶ୍ର ସରସ୍ୱତୀ ବନ୍ଦନା ଗାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟନାରାୟଣ ମିଶ୍ର ଆଗାମୀ ଦିନରେ ବାର୍ଷିକ ଉତ୍ସବର ଆୟୋଜନ ଓ ମୁଖପତ୍ର ସମ୍ପର୍କରେ ସୂଚନା ଦେଇଥିଲେ। ପରେ କବି ମଞ୍ଜୁଶ୍ରୀ ମିଶ୍ରଙ୍କ ସଂଯୋଜନା ଏବଂ କବି ସୁଶ୍ରୀ କ୍ରିଷ୍ଣା ମହାପାତ୍ରଙ୍କ ସହାୟତାରେ ବିଜୟ ଲକ୍ଷ୍ମୀ ଦାଶ, ନାରାୟଣ ନନ୍ଦ, ଉମାକାନ୍ତ ମହାପାତ୍ର, ଆଲୋକ ପ୍ରଧାନ, ବିଚିତ୍ର ଦାଶ, ଶକୁନ୍ତଳା ଚିନ୍ନାରା, ପୀତାମ୍ବର ମହାପାତ୍ର, ସୁବାସ ଚନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ରଥ, ଡ. ରାଜୁ ମିଶ୍ର, କୁମାର ବାଳକୃଷ୍ଣ ପ୍ରମୁଖ ଉପସ୍ଥିତ ରହି କବିତା ପାଠ କରିଥିଲେ। ସହ ସମ୍ପାଦକ ଆଲୋକ, ଅର୍ଜୁନ ପରମଗୁରୁ, କବି ପ୍ରତିମା ମିଶ୍ର, ସହଦେବ ସାହୁ ଏବଂ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ସହଯୋଗ କରିଥିଲେ। କବି ଆର୍ତ୍ତତ୍ରାଣ ମାନସିଂ ଧନ୍ୟବାଦ ଦେଇଥିଲେ।




ମାସିକ ସାରସ୍ୱତ ଆସର କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ଗ୍ରାମାଞ୍ଚଳ ମହିଳାଙ୍କ ରୋଜଗାର ପାଇଁ ତାଲିମ

ଅସ୍ତରଙ୍ଗ, ୨୬।୨(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ତୃଣମୂଳସ୍ତରରୁ ସଶକ୍ତ ଏବଂ ରୋଜଗାରକ୍ଷମ କରିବାକୁ ସମସ୍ତେ ଅଣ୍ଟା ଭିଡିଛନ୍ତି। ଏହି ପରିପ୍ରେକ୍ଷୀରେ କାକଟପୁର ଏବଂ ଅସ୍ତରଙ୍ଗ ଅଞ୍ଚଳରେ ଗ୍ରାମାଞ୍ଚଳ ମହିଳାଙ୍କ ବିକାଶ ପାଇଁ ଏକ ଭିନ୍ନ ଉଦ୍ୟମ କରାଯାଇଛି। ଅସ୍ତରଙ୍ଗ ବ୍ଲକର ଦୈବୀପୀଠ ଗଙ୍ଗା ଦେବୀ ପୀଠ ପରିସରରେ ମା' କଲରାଇ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଏକ ଟ୍ରେନିଂ ପ୍ରୋଗ୍ରାମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାରୀମାନେ କିଭଳି ରୋଜଗାରକ୍ଷମ ହୋଇପାରିବେ ଏବଂ ଆତ୍ମନିର୍ଭର କ୍ଷେତ୍ରରେ ସକ୍ଷମତା ହାସଲ ହୋଇପାରିବ ସେ ବିଷୟରେ ଟ୍ରଷ୍ଟର ସମ୍ପାଦକ ରଞ୍ଜିତ ସ୍ୱାଇଁ ଆଲୋଚନା କରିଥିଲେ। ପରେ ଟ୍ରଷ୍ଟ ତରଫରୁ ଧୂପକାଠିର ପ୍ରସ୍ତୁତି, ସଂଗ୍ରହ ଏବଂ ବିକ୍ରୟ ସମ୍ବନ୍ଧୀୟ ତାଲିମ ଦିଆଯାଇଥିଲା। ଶେଷରେ ଟ୍ରଷ୍ଟ ତରଫରୁ ମାସ୍କ ଏବଂ ଖାଦ୍ୟ ପୁଡିଆ ବଣ୍ଟନ କରାଯାଇଥିଲା।

# ଆଜି ଲୋକନାଥ ପୀଠରେ ପଙ୍କୋଦ୍ଧାର ନୀତି

ପୁରୀ ଅଫିସ, ୨୬।୨

### ମହାଦେବ ଲିଙ୍ଗଙ୍କୁ ପ୍ରତ୍ୟକ୍ଷ ଦର୍ଶନ କରିବେ ଭକ୍ତ

ଶ୍ରୀ ଲୋକନାଥ ଦେବଙ୍କ ମନ୍ଦିରରେ ଫାଲଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ପଙ୍କୋଦ୍ଧାର ନୀତି ଅନୁଷ୍ଠିତ ହେବ। ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ବର୍ଷତମାମ୍ ଠାକୁରଙ୍କ ପ୍ରତ୍ୟକ୍ଷ ଲିଙ୍ଗ ସର୍ବଦା ପାଣିରେ ବୁଡ଼ି ରହିଥାନ୍ତି। ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଦର୍ଶନ କରିଥାନ୍ତି। ପଙ୍କୋଦ୍ଧାର ଏକାଦଶୀରେ ଗମ୍ଭୀରାରୁ ପଙ୍କ ବାହାର କରାଯାଏ। ବର୍ଷର ଏହି ଗୋଟିଏ ଦିନ ପ୍ରଭୁ ଲୋକନାଥଙ୍କ ଗମ୍ଭୀରା ଭିତରକୁ ଯାଇ ଭକ୍ତ ମହାଦେବଙ୍କ ଲିଙ୍ଗକୁ ଦର୍ଶନ କରିବେ। ଶ୍ରୀମନ୍ଦିର ସହ ପ୍ରତ୍ୟକ୍ଷ ସମ୍ପୃକ୍ତ ଥିବା ଶ୍ରୀଲୋକନାଥ ମନ୍ଦିରରେ ମହାଶିବରାତ୍ରିର ଗୋଟିଏ ଦିନ ପୂର୍ବରୁ ପଙ୍କୋଦ୍ଧାରର ସ୍ୱତନ୍ତ୍ର ନୀତି କରାଯାଇଥାଏ। ବର୍ଷତମାମ ଫୁଲ, ବେଲପତ୍ର, କ୍ଷୀର, କଦଳୀ, ଦହି, ସୁନାରୁପାରେ ଆଚ୍ଛାଦିତ ହୋଇ ରହୁଥିବା ମହାପ୍ରଭୁ ଶ୍ରୀଲୋକନାଥଙ୍କ ଏହି ସମସ୍ତ ସାମଗ୍ରୀକୁ ଏକଦଶୀ ଦିନ ବାହାର କରାଯାଏ। ଯାହାକୁ ପଙ୍କୋଦ୍ଧାର ନୀତି କୁହାଯାଏ। ନୀତି ନିର୍ଘଣ୍ଟ ଅନୁସାରେ ରାତ୍ର ୨ଟାରୁ ଦ୍ୱାର ଫିଟା ସହ ପରେ ବିଭିନ୍ନ ନୀତିକାନ୍ତି ବଢ଼ି ସକାଳ ୮ଟାରୁ ପଙ୍କୋଦ୍ଧାର କରାଯିବ। ଏହାପରେ ଦିନ ୧୨ଟାରୁ ସାଧାରଣ ଭକ୍ତ ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରିପାରିବେ। ପଙ୍କୋଦ୍ଧାର ଓ ଜାଗର ଅବସରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥାରେ ସାମିଲ ହେବାକୁ ଚାହୁଁଥିବା ଭକ୍ତମାନଙ୍କ ପାଇଁ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ଟୋକନ ବ୍ୟବସ୍ଥା କରାଯାଇଛି। ପଙ୍କୋଦ୍ଧାର ଏକାଦଶୀ ଦିନ ୨ହଜାର ସ୍ୱତନ୍ତ୍ର ଦର୍ଶନ ଟିକେଟ ବିକ୍ରି ହୁଏ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ଉପସ୍ଥିତ ରହିବେ। ଭକ୍ତମାନେ ଗୋଟିଏ ରାସ୍ତାଦେଇ ପ୍ରବେଶ କରି ଅନ୍ୟ ରାସ୍ତାରେ ପ୍ରସ୍ଥାନ କରିବେ। ସେହିପରି ପଙ୍କୋଦ୍ଧାର ଅବସରରେ ସର୍ବ ବୃହତ ଜାଗର ଦୀପ ପ୍ରଜ୍ୱଳନ କରାଯିବ। ପଙ୍କୋଦ୍ଧାର ଏକାଦଶୀଠାରୁ ଶିବରାତ୍ରିରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଏହା ପ୍ରଜ୍ୱଳିତ ହୋଇଥାଏ।

# ଆତ୍ମା, ପରମାତ୍ମାର ରାସପୀଠ ଶ୍ରୀଜଗନ୍ନାଥ ଧାମ

ପୁରୀ ଅଫିସ, ୨୬।୨



ପୁରୀର ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ ।

- ରାଜ୍ୟସ୍ତରୀୟ ଆଲୋଚନାଚକ୍ର
- ୬ ଜଣଙ୍କୁ ଶ୍ରୀଗୁଣ୍ଡିଚା ସେବା ସମ୍ମାନ

ପୁରୀର ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ରାଣୀସତୀ ଭବନ ପରିସରରେ ରାସ ପରମ୍ପରା ଓ ଶ୍ରୀଜଗନ୍ନାଥ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଅଶ୍ୱିନୀ ଦାସଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ରରେ ଅତିଥି ଭାବେ ଦଇତାପତି ସେବକ ରଘୁନାଥ ଦାସ ମହାପାତ୍ର ଯୋଗଦେଇ କହିଥିଲେ, ଭାରତ ବର୍ଷର ଶାଶ୍ୱତୀୟ ରାସକ୍ଷେତ୍ର ଗୁଣ୍ଡିର ପୀଠ ଥିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାରତ ବର୍ଷର ପରମ ଦେବତା ରୂପେ ଗୃହୀତ। ଆତ୍ମା ଓ ପରମାତ୍ମା ଯଥା ଭକ୍ତ ଭଗବାନଙ୍କର ମିଳନ ବଡ଼ଦାଣ୍ଡରେ ହେଉଥିବାରୁ ଶ୍ରୀଜଗନ୍ନାଥ ଧାମ ଏକ ରାସପୀଠ ବୋଲି ବିବେଚନା ହୁଏ। ସେହିପରି ତୂନରା ସେବକ ଡା. ଶରତ ଚନ୍ଦ୍ର ମହାନ୍ତି ଓ ସୁପକାର ସେବକ ଭଗବାନ ସୁଆର କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ଶରତ ରାସ ଓ ବସନ୍ତ ରାସ ଅପେକ୍ଷା ଆଷାଢ଼ ରାସ ଭକ୍ତ ମନରେ ମୋକ୍ଷ ମାର୍ଗ ସୃଷ୍ଟି କରେ। ସମ୍ମାନିତ ବକ୍ତା ଡ. ହରପ୍ରସାଦ ମିଶ୍ର ଯୋଗଦେଇ ମାଦଳା ପାଞ୍ଜି ଆଧାରରେ କାର୍ତ୍ତିକ ରାସରେ ଠାକୁରଙ୍କ ରାଜରାଜେଶ୍ୱର ବେଶ ତ୍ରୟୋଦଶ ଶତାବ୍ଦୀ ନିଶଙ୍କ ଭାନୁ ଦେବଙ୍କ ସମୟରେ ପ୍ରଚଳିତ ହୋଇଛି ବୋଲି କହିଥିଲେ। ଏଥିରେ ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା, ଉପଦେଷ୍ଟା ପୁଷ୍କର ମହାପାତ୍ର, ସଦସ୍ୟା ଶାନ୍ତିଲତା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଶ୍ରୀ ଗୀତଗୋବିନ୍ଦ ପରିବେଷଣ କରାଯାଇଥିଲା। ଡ. ଚନ୍ଦ୍ରଶେଖର ଦାସ ସ୍ୱାଗତ ଭାଷଣ ଓ ଶିବସୁନ୍ଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଟ୍ରଷ୍ଟ ମୁଖପତ୍ରର ମୁଖ୍ୟ ସମ୍ପାଦକ ମଦନ ମୋହନ ମହାପାତ୍ର, ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଡ. ପ୍ରମୋଦ ପଣ୍ଡା, ପ୍ରତିଭା ତ୍ରିପାଠୀ, ବିଜୟଲକ୍ଷ୍ମୀ ସାହୁ, ବୀଣାପାଣି ଚୌଧୁରୀ, ଡ. କାର୍ତ୍ତିକ ଦାସ, ଡ. ରଜନୀ ରଣସିଂ, ଡ. ବଳରାମ ଦାସ, ରତିକାନ୍ତ ପ୍ରତିହାରୀ ଏବଂ ଜୁପିଟର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଟ୍ରଷ୍ଟର ମୁଖପତ୍ର 'ଶ୍ରୀଗୁଣ୍ଡିଚାର ଶକ୍ତି' ବିଶେଷାଙ୍କ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସେହିପରି ଟ୍ରଷ୍ଟ ପକ୍ଷରୁ ଅଧ୍ୟାପକ ପ୍ରମୋଦ ପଣ୍ଡା, କୈଳାସ ଚନ୍ଦ୍ର ସାହୁ, କ୍ରିଷ୍ଣା ମହାପାତ୍ର, ଡ. କମଳାକାନ୍ତ ମିଶ୍ର, ଡ. ରଜନୀ ରଣସିଂ ଓ କ୍ରିଷ୍ଣା ଦେବୀ ପ୍ରମୁଖଙ୍କୁ ଶ୍ରୀଗୁଣ୍ଡିଚା ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଓ ତପନ ସେଠୀ ସହଯୋଗ କରିଥିବାବେଳେ ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ୧୨ ଜୋନ୍‌ରେ ବିଜେଡି ଆଗୁଆ

## ସଂକ୍ଷେପରେ

### କଲ୍ୟାଣ ମଣ୍ଡପରେ ଦାଖଲ ହେବ ପ୍ରାର୍ଥିପତ୍ର

### ସିଏମ୍‌ସିର ନିର୍ବାଚନ ପ୍ରସ୍ତୁତି

**କଟକ ଅଫିସ,୨୬।୨:** ପୌର ନିର୍ବାଚନ ତାରିଖ ଘୋଷଣା ପରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଆସନ୍ତା ୨୮ ତାରିଖରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପରେ ମାର୍ଚ୍ଚ ୨ରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ପ୍ରାର୍ଥିପତ୍ର ଦାଖଲ ପାଇଁ ଚୌଧୁରୀ ବଜାରସ୍ଥିତ ସିଏମ୍‌ସି କଲ୍ୟାଣ ମଣ୍ଡପରେ ୧୧ଟି କାଉଣ୍ଟର ଖୋଲାଯିବ। ପ୍ରାର୍ଥିପତ୍ର ଦାଖଲବେଳେ କାଉଣ୍ଟର ଭିତରକୁ ଜଣେ ପ୍ରାର୍ଥୀଙ୍କ ସମେତ ୪ ଜଣଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିବ। ଏଥିସହ ଶନିବାର ରାଜ୍ୟ ନିର୍ବାଚନ କମିଶନରୁ ପ୍ରାର୍ଥିପତ୍ର ଦାଖଲ ଫର୍ମ ଆସିଯାଇଛି ବୋଲି ସିଏମସି ନିର୍ବାଚନ ଆୟୋଗ ଯୁଗ୍ମ କମିଶନର ସୁମିତା ସରକାର କହିଛନ୍ତି। ସେହିପରି ନିର୍ବାଚନ ଅଧିକାରୀ ଅମିୟ ପଣ୍ଡା କହିଛନ୍ତି, ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ବନ୍ଦୋବସ୍ତ କରାଯାଉଛି। ଶାନ୍ତିଶୃଙ୍ଖଳାରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବା ଉପରେ ଆମେ ଗୁରୁତ୍ୱ ଦେଉଛୁ। କୋଭିଡ୍ କଟକଣାରେ ନିର୍ବାଚନ ସହ ସୁରକ୍ଷା ବନ୍ଦୋବସ୍ତ ଓ ଗାଡି ପାର୍କିଂ ବ୍ୟବସ୍ଥା ଆଦି କରାଯିବ। ଏଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି ବୋଲି ସେ କହିଛନ୍ତି।

### ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ବଜେଟ ଆଲୋଚନା

**କଟକ ଅଫିସ,୨୬।୨:** ଏଥର ବଜେଟ୍‌ରେ ଦେଶର ଅର୍ଥନୀତିରେ ପ୍ରଗତିର ଚିତ୍ର ରହିଛି। କରୋନା ମହାମାରୀ ଯୋଗୁ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି ଅଧିକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଦେଶର ୮୪ ଭାଗ ଲୋକଙ୍କ ଆୟ କମିଛି। ଏହାକୁ ଲକ୍ଷ୍ୟ କରି ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରକୁ ଅଧିକ ପ୍ରାଧାନ୍ୟ ଦେଇ ଜାତୀୟ ଶିକ୍ଷାନୀତିକୁ ସଫଳ କରିବା ଉଚିତ୍ ବୋଲି ବିହାରୀବାଗସ୍ଥିତ ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୩୫୦ତମ ପାଠଚକ୍ରରେ ବଜେଟ୍ ୨୦୨୨-୨୩କୁ ନେଇ ଆଲୋଚନାରେ ଯୋଗଦେଇଥିବା ଅତିଥିମାନେ କହିଥିଲେ। ପ୍ରଜାତନ୍ତ୍ର ପ୍ରଚାର ସମିତି ଅଧ୍ୟକ୍ଷ ତଥା ଏମ୍‌ପି ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇଥିଲେ। ଡା. ମନୋଜ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ସାହୁ, ଡା. ଅମରେନ୍ଦ୍ର ଦାସ, ଡା. ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ ପତି କାର୍ଯ୍ୟକ୍ରମ ପରିଚାଳନା ଓ ସଂଯୋଜକ ଡା. ରବି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଭିଭାବକଙ୍କ ବୈଠକ

**କଟକ ଅଫିସ,୨୬।୨:** ସିଡିଏ ସେକ୍ଟର-୯ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟ ଖୋଲିବା ପୂର୍ବରୁ ପ୍ରଥମରୁ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଆଚାର୍ଯ୍ୟ ସୁକାନ୍ତ କୁମାର ସାହୁ ଅଧ୍ୟକ୍ଷତା କରି କହିଥିଲେ, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୮ ତାରିଖରେ ବିଦ୍ୟାଳୟ ଖୋଲିବାକୁ ଯାଉଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ବିଦ୍ୟାଳୟ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ। ବିଦ୍ୟାଳୟ କାର୍ଯ୍ୟର ତଦାରଖ ଦାୟିତ୍ୱ ଅଭିଭାବକ ସୁବାସ ଚନ୍ଦ୍ର ମାଝି ଓ ସୁଶାନ୍ତ କୁମାର ମହାପାତ୍ରଙ୍କୁ ଦିଆଯାଇଛି। ଆଚାର୍ଯ୍ୟ ନିରଞ୍ଜନ କୁମାର ସିଂ ଧନ୍ୟବାଦ ଦେଇଥିଲେ।

---

**କଟକ ଅଫିସ,୨୬।୨**

ପଞ୍ଚାୟତ ନିର୍ବାଚନ ଫଳାଫଳ ପାଇଁ ଶନିବାରଠାରୁ ବିଭିନ୍ନ ଜୋନ୍‌ରେ ଗଣତି ଆରମ୍ଭ ହୋଇଛି। ସନ୍ଧ୍ୟା ୬ଟା ସୁଦ୍ଧା କଟକ ଜିଲା ଅଧୀନ୧୪ଟି ବ୍ଲକର ଜୋନ୍‌ସ୍ତରୀୟ ନିର୍ବାଚନରେ ବିଜେଡି ୧୨ଟିରେ ଆଗୁଆ ଥିବାବେଳେ ଭାଜପା ଗୋଟିଏ ଓ କଂଗ୍ରେସ ଗୋଟିଏ ଆସନରେ ଆଗୁଆ ରହିଛି। ତେବେ ହସ୍ତଗତ ରିପୋର୍ଟ ଅନୁଯାୟୀ କଂଗ୍ରେସ ଓ ଭାଜପାକୁ ପଛରେ ପକାଇ ବିଜେଡି ବିଜୟ ଆଡକୁ ଆଗେଇ ଚାଲିଛି।

ଆଠଗଡ଼ ଜୋନ୍-୧ରେ ବିଜେଡି ପ୍ରାର୍ଥୀ ଶାନ୍ତିଲତା ବେହେରା ୭୨୪୬ ଖଣ୍ଡ ଭୋଟ ପାଇ ଆଗରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ସନ୍ତୋଷିନୀ ଜେନା ୨୩୯୭ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ମନମୋହିନୀ ଧଳ ୩୯୭ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ବଡ଼ମ୍ବା ଜୋନ-୨୯ରେ ବିଜେଡି ପ୍ରାର୍ଥୀ ଜୟଶ୍ରୀ ବରାଳ ୯୫୬୯ ଭୋଟ ପାଇ ଆଗରେ ଥିବାବେଳେ ଭାଜପା ପ୍ରାର୍ଥୀ କଳ୍ପଲତା ପଣ୍ଡା ୭୮୭୫ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ଉତ୍ତମ ଦେଇ ୨୪୫ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ବାଙ୍କୀ ଜୋନ୍-୩୪ରେ କଂଗ୍ରେସର ପ୍ରାର୍ଥୀ ଗୀତାଞ୍ଜଳି ସ୍ୱାଇଁ ୫୧୮୭ ଭୋଟ ପାଇ ଆଗରେ ଥିବାବେଳେ ବିଜେଡି ପ୍ରାର୍ଥୀ ରଶ୍ମିତା ସାହୁ ୪୪୩୦ ଭୋଟ ପାଇ ଦ୍ୱିତୀୟ ଓ ଭାଜପା ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ସାହୁ ୬୨୨ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ବାଙ୍କୀ ଡମପଡା ଜୋନ୍-୩୭ରେ ବିଜେଡି ପ୍ରାର୍ଥୀ ମିନତି ମହାପାତ୍ର ୭୨୨୫ ଭୋଟ ପାଇ ଆଗୁଆ ଥିବାବେଳେ କଂଗ୍ରେସ ପ୍ରାର୍ଥୀ କୁନି ପ୍ରଧାନ ୨୭୯୯ଟି ଭୋଟ ପାଇ ଦ୍ୱିତୀୟ ଓ ଭାଜପା ପ୍ରାର୍ଥୀ ସଙ୍ଗୀତା ପ୍ରିୟଦର୍ଶିନୀ ସାହୁ ୨୪୭୮ ଖଣ୍ଡ ଭୋଟ ପାଇ ତୃତୀୟରେ ଅଛନ୍ତି।

ବାରଙ୍ଗ ଜୋନ୍-୩୨ରେ ଭାଜପା ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ୫୩୪୬ ଭୋଟ ପାଇ ଆଗରେ ଥିବାବେଳେ ବିଜେଡି ପ୍ରାର୍ଥୀ ସୁମିତା ପ୍ରଧାନ ୪୫୭୬ଟି ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ମଣ୍ଟୁ ମାଝୀ ୮୧୩ଟି ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। କଟକ ସଦର ଜୋନ-୪ରେ ବିଜେଡି ପ୍ରାର୍ଥୀ ଆଶାଲତା ବେହେରା ୧୫୮୩ ଭୋଟ ପାଇ ଆଗରେ ରହିଥିବାବେଳେ ରିପବ୍ଲିକ ପାର୍ଟି ଅଫ ଇଣ୍ଡିଆର ପ୍ରାର୍ଥୀ କବିତା ଦାସ ୧୫୧୦ ଭୋଟ ପାଇ ଦ୍ୱିତୀୟ, ଭାଜପା ପ୍ରାର୍ଥୀ ସୁଜାତା ଦାସ ୪୭୭ ଖଣ୍ଡ ଭୋଟ ପାଇ ତୃତୀୟ ଓ କଂଗ୍ରେସ ପ୍ରାର୍ଥୀ ମୋନିକା ନାୟକ ୨୦୮ ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଛନ୍ତି। କଣ୍ଟାପଡା ଜୋନ୍-୮ରେ ବିଜେଡି ପ୍ରାର୍ଥୀ ପୀୟୂଷ ରଞ୍ଜନ ମିଶ୍ର ୫୦୯୭ ଭୋଟ ପାଇ ଆଗରେ ଥିବାବେଳେ ଭାଜପା ପ୍ରାର୍ଥୀ ବିଶ୍ୱମ୍ଭର ଜେନା ୩୦୯୭ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ନବକିଶୋର ପାତ୍ର ୫୯୦ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ମାହାଙ୍ଗା ଜୋନ୍-୩୯ରେ ବିଜେଡି ପ୍ରାର୍ଥୀ ମୁର୍ସିଦ ରିଆଜୁଲ ହୋଦା ୮୪୦୩ ଭୋଟ ପାଇ ଆଗରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ପ୍ରତିମା ବାରିକ ୩୧୦୭ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ସରୋଜ କୁମାର ପରିଡା ୧୮୨୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି।

ନରସିଂହପୁର ଜୋନ-୧୬ରେ ବିଜେଡି ପ୍ରାର୍ଥୀ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ ୭୮୩୮ ଭୋଟ ପାଇ ଆଗରେ ଥିବାବେଳେ ଭାଜପା ପ୍ରାର୍ଥୀ ସୁଚିତ୍ରାରାଣୀ ପ୍ରଧାନ ୪୮୬୧ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ନର୍ମଦା ନାୟକ ୩୧୯ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ନିଆଳି ଜୋନ୍-୨୦ରେ ବିଜେଡି ପ୍ରାର୍ଥୀ କବିତା କୁମାରୀ ରାଉତ ୨୨୯୫ ଖଣ୍ଡ ଭୋଟ ପାଇ ଆଗରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ପ୍ରଗତି ନାୟକ ୭୪୩ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ହରପ୍ରିୟା ଜେନା ୬୦୮ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ନିଶ୍ଚିନ୍ତକୋଇଲି ଜୋନ୍-୨୪ରେ ବିଜେଡି ପ୍ରାର୍ଥୀ ଆର୍.କେ. ବିପ୍ଳବ କିଶୋର କେପ ୫୦୯୪ ଭୋଟ ପାଇ ଆଗରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ନିର୍ମଳା ଲେଙ୍କା ୩୫୦୬ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ସେକ୍ ସିରାଉଦ୍ଦିନ ୧୨୭୨ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି।

ସାଲେପୁର ଜୋନ୍-୪୩ରେ ବିଜେଡି ପ୍ରାର୍ଥୀ ସୁନିତା ମଲ୍ଲିକ ୪୬୮୪ ଭୋଟ ପାଇ ଆଗରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ଶୁଭଶ୍ରୀ ମଲ୍ଲିକ ୨୭୫୧ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ସୁଜାତା ସାମଲ ୬୨୨ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ଟାଙ୍ଗୀ-ଚୌଦ୍ୱାର ଜୋନ୍-୧୦ରେ ବିଜେଡି ପ୍ରାର୍ଥୀ ବିଶ୍ୱଜିତ ପ୍ରଧାନ ୯୪୭୭ ଭୋଟ ପାଇ ଆଗରେ ଥିବାବେଳେ ଭାଜପା ପ୍ରାର୍ଥୀ ସନ୍ତୋସ କୁମାର ମୁଣ୍ଡା ୨୬୫୩ ଭୋଟ ଓ କମ୍ୟୁନିଷ୍ଟ ପାର୍ଟି ପ୍ରାର୍ଥୀ ୯୧୭ ଭୋଟ ପାଇଛନ୍ତି। ସେହିପରି ତିଗିରିଆ ଜୋନ୍-୧୪ରେ ବିଜେଡି ପ୍ରାର୍ଥୀ ସଞ୍ଜୟ କୁମାର ମଲ୍ଲିକ ୬୧୮୬ ଭୋଟ ପାଇ ଆଗରେ ଥିବାବେଳେ ଭାଜପା ପ୍ରାର୍ଥୀ ଚିନ୍ମୟ ମଲ୍ଲିକ ୨୭୯୬ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର କୁମାର ସାହୁ ୪୫୪ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି।

### ପଞ୍ଚାୟତ ନିର୍ବାଚନ ଗଣତି ଜାରି



---

### ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ, ଉପଭୋକ୍ତା ହନ୍ତସନ୍ତ

**କଟକ ସଦର,୨୬।୨(ଡି.ଏନ.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ମଉଗଜପୁର ୩୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ବିଶେଷକରି ଉକ୍ତ ସବ୍‌ଷ୍ଟେଶନରେ କର୍ମଚାରୀ ରହୁ ନ ଥିବାରୁ ଭୁବନେଶ୍ୱରରୁ ଏହାକୁ ରିମୋଟ୍ ଦ୍ୱାରା ନିୟନ୍ତ୍ରଣ କରାଯାଉଛି। ଅଧିକାଂଶ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ରିମୋଟ୍ ନିୟନ୍ତ୍ରଣ ଠିକ୍ ଭାବେ ହୋଇପାରୁନାହିଁ। ଫଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେବା ଯୋଗୁ ସାର୍ତ୍ତୋଳ, ପୋପରଡା, ମଉଗଜପୁର, ବାଲିସାହି ଉପଭୋକ୍ତାମାନେ ହନ୍ତସନ୍ତ ହେଉଛନ୍ତି। କୌଣସି କାରଣରୁ ୧୧ କେଭି ଲାଇନରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଲେ ଏହାକୁ ମରାମତି କରିବା ପାଇଁ ଘଣ୍ଟା ଘଣ୍ଟା ସମୟ ଲାଗିଯାଉଛି। ଅନ୍ୟ ସବ୍‌ଷ୍ଟେଶନରୁ କର୍ମଚାରୀ ଆସି ଲାଇନ୍ ମରାମତି କରୁଛନ୍ତି। ଗତ ରବିବାର ଅପରାହ୍ଣରେ ବଜ୍ରପାତ ସହ ବର୍ଷା ହୋଇଥିଲା। ବଜ୍ରପାତ ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ୍ ଲାଇନ୍‌ର ଇନ୍‌ସୁ୍ୟଲେଟର ଫାଟିଯିବାରୁ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଅଭିଯୋଗ ସମ୍ପର୍କରେ ଟାଟା ପାୱାରର ସହକାରୀ ଯନ୍ତ୍ରୀ ହରେକୃଷ୍ଣ ମାଝିଙ୍କୁ ପଚାରିବାରୁ ଭୁବନେଶ୍ୱର କଣ୍ଟ୍ରୋଲ ରୁମ୍‌ରୁ ସବୁ କାର୍ଯ୍ୟ ପରିଚାଳନା କରାଯାଉଛି ବୋଲି କହିଥିଲେ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ରାତିରେ କର୍ମଚାରୀ ମୁତୟନ ପାଇଁ ସାଧାରଣରେ ଦାବି ହୋଇଛି।





ୟୁକ୍ରେନ ଉପରେ ଆକ୍ରମଣ ବନ୍ଦ କରି ରୁଷିଆ ତା'ର ସୈନ୍ୟ ପ୍ରତ୍ୟାହାର କରିବା ଦାବିରେ ଏସ୍‌ୟୁସିଆଇ(ସି) ପକ୍ଷରୁ କଟକ କଲେଜ ଛକଠାରେ ଶନିବାର ବିକ୍ଷୋଭ ପ୍ରଦର୍ଶନ।

## ପୌର ନିର୍ବାଚନ ପରେ ହେବ ସ୍ୱନକ୍ଷତ୍ର ମହୋତ୍ସବ

### ନିଖିଳ ଉତ୍କଳ ବାରିକ ସମିତି କଟକ ଜିଲା ଶାଖାର ପ୍ରସ୍ତୁତି ବୈଠକ

**କଟକ ଅଫିସ, ୨୬।୨**

ନିଖିଳ ଉତ୍କଳ ବାରିକ ସମିତି କଟକ ଜିଲା ଶାଖାର ସ୍ୱନକ୍ଷତ୍ର ମହୋତ୍ସବ ପାଳନ ନିମନ୍ତେ ସ୍ଥାନୀୟ ମାଣିକଘୋଷ ଭଣ୍ଡାରି ସାହିସ୍ଥିତ ତ୍ରିନାଥ ବାରିକଙ୍କ ବାସଭବନରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସହସମ୍ପାଦକ ଅମିତ ବାରିକ ଯୋଗଦେଇ ଆସନ୍ତା ପୌର ନିର୍ବାଚନ ପରେ ସ୍ୱନକ୍ଷତ୍ର ମହୋତ୍ସବ ପାଳନ କରାଯିବ ବୋଲି କହିଥିଲେ। ସମିତିର ଜିଲା ସଭାପତି ଅକ୍ଷୟ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସାଧାରଣ ସମ୍ପାଦକ ସତ୍ୟନାରାୟଣ ମୁଦୁଲି ଯୋଗଦେଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପଞ୍ଚବଟୀର ବିଜୟ କୁମାର ବାରିକ, ବାରଙ୍ଗର ନବକିଶୋର ବାରିକ ଓ ବଡ଼ମ୍ବାର ଆଡଭୋକେଟ ସ୍ୱର୍ଗତ ହରିହର ବଳବନ୍ତରାୟ ବାରିକ ନଟବର ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉକ୍ତ ବୈଠକରେ ସମିତିର ଉପଦେଷ୍ଟା କାଳୀପ୍ରସନ୍ନ ବାରିକ, ଉପସଭାପତି ପ୍ରଶାନ୍ତ ବାରିକ, ନବକିଶୋର ବାରିକ, ପ୍ରମୋଦ ବାରିକ ପ୍ରମୁଖ ଯୋଗଦେଇଥିଲେ। ତ୍ରିନାଥ ବାରିକ ଧନ୍ୟବାଦ ଦେଇଥିଲେ।

### ସାପ ଧରାଳି ଆହତ

**ଆଠଗଡ଼,୨୬।୨(ସ୍ୱ.ପ୍ର.)**

ସାପ କାମୁଡ଼ାରେ ଆଠଗଡ଼ର ଜଣାଶୁଣା ସାପ ଧରାଳି ସୁଶାନ୍ତ ପାତ୍ର ଆହତ ହୋଇଛନ୍ତି। ଆଠଗଡ଼ ଝରଣ ଛକ ଆନନ୍ଦ ନଗରଠାରେ ସତ୍ୟଜିତ ମିଶ୍ରଙ୍କ ଘରେ ଶନିବାର ଏକ ବୋଡ଼ା ସାପ ପଶିଯାଇଥିଲା। ଘରଲୋକେ ଏନେଇ ପାତ୍ରଙ୍କୁ ଫୋନ କରିଥିଲେ। ପାତ୍ର ସେଠାରେ ପହଞ୍ଚି ସାପକୁ ଧରିବାବେଳେ ହଠାତ୍ ସାପଟି କାମୁଡ଼ି ଦେଇଥିଲା। ତୁରନ୍ତ ତାଙ୍କୁ ଆଠଗଡ଼ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଏଥିସହ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

## ରାତି ୧୦ଟାରେ ଉଠିବ ମହାଦୀପ

**ଖୁଣ୍ଟୁଣୀ/ଫୁଲନଖରା, ୨୬।୨ (ଡି.ଏନ୍.ଏ.)**

ଆସନ୍ତା ୧ ତାରିଖରେ ଖୁଣ୍ଟୁଣୀର ବାଲୁଙ୍କେଶ୍ୱରଙ୍କ ପୀଠରେ ଜାଗରଯାତ୍ରା ଅନୁଷ୍ଠିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ ବାଲୁଙ୍କେଶ୍ୱର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ରାତି ୧୦ଟାରେ ଏଠାରେ ମହାଦୀପ ଉଠିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍, କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ମନ୍ଦିରରେ ସାମାଜିକ ଦୂରତା ରକ୍ଷା କରାଯିବା ସହ ମାସ୍କ ଓ ସାନିଟାଇଜର ବ୍ୟବସ୍ଥା କରାଯାଇଛି। ଟ୍ରଷ୍ଟ ବୋର୍ଡର ମୁଖ୍ୟ ଟ୍ରଷ୍ଟି କିଶୋର କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ୍ୟ କମିଟି ସଭାପତି ମନୋଜ କୁମାର ମିଶ୍ର, ସଭ୍ୟ ବିପିନ ବିହାରୀ ପ୍ରଧାନ, ଦିଲୀପ କୁମାର ସେଠ, ସଚ୍ଚିଦାନନ୍ଦ ପଣ୍ଡା, ବିଜୟ କୁମାର ସାହୁ, ରଜନୀକାନ୍ତ ଜେନା, ଦିଲ୍ଲୀପ ରାଉଳ, ପୂଜକ ବିଜୟ କୁମାର ଦାସ, ବିକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୪ନଂ. ୱାର୍ଡ ଅଧୀନ ନଖରା ଗ୍ରାମ ଲକ୍ଷେଶ୍ୱର ମନ୍ଦିରରେ ଜାଗରଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଠାରେ ରାତି ୧୦ଟାରେ ମହାଦୀପ ଉଠିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡ଼ ସଭାପତି ଅନନ୍ତ ଚରଣ ବରାଳ, ସମ୍ପାଦକ ବଂଶୀଧର ଭୋଳଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ନଳିନୀକାନ୍ତ ସ୍ୱାଇଁ, ପାହାଳ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ, କିଶୋର ଚନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତି, ସାମ୍ବାଦିକ ସୁରେନ୍ଦ୍ର ନାଥ ମହାପାତ୍ର, ଅଜୟ ଦାଶ, କୃଷ୍ଣ ପ୍ରସାଦ ପାଢ଼ୀ, ଗଣେଶ ପ୍ରସାଦ ମହାନ୍ତି, ଅଭୟ ଜେନା ପ୍ରମୁଖ ଯୋଗଦେଇଥିଲେ।

## 'ଛାତ୍ରୀଛାତ୍ର ଆତ୍ମନିର୍ଭରଶୀଳ ହୁଅନ୍ତୁ'





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ଅଫିସ,୨୬।୨**

କଟକ ତୁଳସୀପୁର ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ ସାଂସ୍କୃତିକ ଓ ସାହିତ୍ୟିକ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମଧୁସୂଦନ ଏକାଡେମୀର ନିର୍ଦ୍ଦେଶକ ନିହାର ରଞ୍ଜନ ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସମୟାନୁବର୍ତ୍ତିତା ଓ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ସାହିତ୍ୟ ଓ ସଂସ୍କୃତି କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ସେ ସମ୍ପର୍କରେ ଆଲୋଚନା କରିଥିଲେ। ୪ଦିନ ବ୍ୟାପୀ ୧୬ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ସରୋଜ କୁମାର ଦାଶ, ଅଧ୍ୟାପିକା ଚନ୍ଦନା ମହାନ୍ତି, କ୍ରିଷ୍ଣା ମହାନ୍ତି, କଲ୍ୟାଣୀ ବାରିକ, ସ୍ମୃତିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକ ସଂଘର ସାଧାରଣ ସଭା

**କଟକ ଅଫିସ,୨୬।୨**

ଅରୁଣଦୟ ନଗର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଂଘର କାର୍ଯ୍ୟାଳୟରେ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସଂଘର ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ ବରିଷ୍ଠ ନାଗରିକ ମହାସଭାର ସାଧାରଣ ସମ୍ପାଦକ ବିଷ୍ଣୁ ମୋହନ ଦାସସାମନ୍ତ ଓ କୋଷାଧ୍ୟକ୍ଷ ଏ.କେ. ନାୟକ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଅରୁଣୋଦୟ ନଗର ବରିଷ୍ଠ ସଂଘର ସମ୍ପାଦକ ସମରେନ୍ଦ୍ର ଘୋଷ ସଭ୍ୟମାନଙ୍କୁ ଜାଇକା କାର୍ଯ୍ୟରେ ଅଗ୍ରଗତି ଓ ନାଳନର୍ଦ୍ଦମା ମରାମତି ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ଯୁଗ୍ମ ସମ୍ପାଦକ ମହେଶ୍ୱର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ପଥଭ୍ରଷ୍ଟ ଯୁବ ସମାଜ ପାଇଁ ସଂସ୍କାର ଆବଶ୍ୟକ

**କଟକ ଅଫିସ, ୨୬।୨**

ବିଦ୍ୟାଧରପୁରସ୍ଥିତ କଟକ ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ପ୍ରଶାସନିକ ଅଧିକାରୀ ମେଜର ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ଯୁବ ସଂସ୍କାର କାର୍ଯ୍ୟକ୍ରମର ଆବଶ୍ୟକତା ଓ ଏହାର ଉପକାରିତା ଛାତ୍ରୀଛାତ୍ରଙ୍କ ଉପରେ ନିଶ୍ଚୟ ପ୍ରଭାବ ପକାଇବ ବୋଲି କହିଥିଲେ। ସେହିପରି ପ୍ରାଧ୍ୟାପିକା ରାଜଲକ୍ଷ୍ମୀ ମହାପାତ୍ର ଓ ପ୍ରାଧ୍ୟାପିକା ପ୍ରଣତୀ ପଟ୍ଟନାୟକ ଯୋଗଦେଇ ପଥଭ୍ରଷ୍ଟ ଯୁବ ସମାଜ ନିମନ୍ତେ ଯୁବ ସଂସ୍କାର ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସନ୍ଧ୍ୟା କାନୁନ୍‌ଗୋଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ସଂଯୋଜନା କରିଥିଲେ। ଏଥିରେ ରେଡ୍‌କ୍ରସ ସ୍ୱେଚ୍ଛାସେବୀ କୁଲଦୀପ ମହାନ୍ତି, ସ୍ୱାତୀ ଶୁଭଙ୍କରୀ ମଲ୍ଲିକ, ମାନସ ରଞ୍ଜନ ପରିଡ଼ା, ଦୀପକ ସାହୁ, ସତ୍ୟଜିତ୍ ପୃଷ୍ଟି, ସିଦ୍ଧାର୍ଥ ସାହୁ, ସରିତା ରାଉତଙ୍କ ସମେତ ଏନ୍‌ସିସି, ରେଡ୍‌କ୍ରସ, ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ପ୍ରଦୂଷିତ ହେଉଛି ମହାନଦୀ



କଟକ ଯୋବ୍ରା ରେଲୱେ ବ୍ରିଜ୍ ନିକଟ ମହାନଦୀକୁ ସହରର ନର୍ଦ୍ଦମା ଜଳ ଛଡା ଯାଉଥିବାବେଳେ ଆବର୍ଜନା ଫିଙ୍ଗା ଯାଇଛି।

## 'ପୂଜ୍ୟପୂଜା ଆମ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ'

### ଚେଲିତୋଳ କଲ୍‌ଚରାଲ ଏକାଡେମୀର ବାର୍ଷିକ ଉତ୍ସବ

**କଟକ ଅଫିସ,୨୬।୨**

କଟକ ସାରଳା ଭବନଠାରେ ଚେଲିତୋଳ କଲ୍‌ଚରାଲ ଏକାଡେମୀର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ହାଇକୋର୍ଟର ପୂର୍ବତନ ବିଚାରପତି ତଥା ରାଜ୍ୟ ଉପଭୋକ୍ତା ଆୟୋଗର ଅଧ୍ୟକ୍ଷ ଦୁର୍ଗା ପ୍ରସନ୍ନ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଏଥିରେ ପୂର୍ବତନ ଉନ୍ନୟନ କମିଶନର ତଥା ବିଶିଷ୍ଟ ସାହିତ୍ୟିକ ଡ. ରବିନାରାୟଣ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଉତ୍କଳର ନୌବାଣିଜ୍ୟ ଦିନେ ସାରା ବିଶ୍ୱରେ ପ୍ରସାର ଲାଭ କରିଥିଲା। ଅତୀତର ମୂକସାକ୍ଷୀ ଚେଲିତୋଳ ବନ୍ଦର ଆଜିର ତିର୍ତ୍ତୋଲ। ସେହି ଐତିହାସିକ ତଥ୍ୟକୁ ଭିତ୍ତିକରି ତା'ଉପରେ ଅଧିକ ଗବେଷଣା ଅପରିହାର୍ଯ୍ୟ ବୋଲି ସେ କହିଥିଲେ। ସେହିପରି ପ୍ରଫେସର ନିରଞ୍ଜନ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂଜ୍ୟପୂଜା ଆମ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ ବୋଲି କହିଥିଲେ। ଏହି ଅବସରରେ ପ୍ରଫେସର ସୁରେଶ ଚନ୍ଦ୍ର ଦାସଙ୍କୁ ଚେଲିତୋଳ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ସାମାଜିକ କର୍ମୀ ତଥା ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଚିବ ଡ. ପ୍ରଭାସ ଆଚାର୍ଯ୍ୟଙ୍କୁ ନାରାୟଣ ବୀରବର ସାମନ୍ତ ସେବା ସମ୍ମାନ, ନାଇଜରର କୁଳସଚିବ ଡ. ଅଭୟ ନାୟକଙ୍କୁ ଶରତଚନ୍ଦ୍ର ପ୍ରଶାସନିକ ସେବା ଓ ସାରସ୍ୱତ ସମ୍ମାନ, ସାହିତ୍ୟିକ ଡ. ଉମେଶ ଚନ୍ଦ୍ର ଜେନାଙ୍କୁ ଆଦିକବି ସାରଳା ସାହିତ୍ୟ ସମ୍ମାନ, ନାଟ୍ୟକାର ପ୍ରଭାତ ମହାନ୍ତିଙ୍କୁ ଚେଲିତୋଳ ସାଂସ୍କୃତିକ ସମ୍ମାନ, ଆରତୀ ତ୍ରିପାଠୀଙ୍କୁ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶିକ୍ଷାବିତ ଓ ସାରସ୍ୱତ ସମ୍ମାନ ଏବଂ ବାସନ୍ତୀଲତା ନାୟକଙ୍କୁ ନୀନା ଗନ୍ଥାୟତ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଏକାଡ଼େମୀର ସମ୍ପାଦକ ଇଂ. ସୁଶୀଲ କୁମାର ମହାପାତ୍ର, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଡ. ବିରଞ୍ଚି କୁମାର ସାହୁ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ବବିତା ଦାଶ ମହାପାତ୍ର, ବିଭୁ ପ୍ରସାଦ ରାଉତ, ବ୍ରଜ କିଶୋର ବେଉରା ପ୍ରମୁଖ ଯୋଗଦେଇଥିଲେ। ଗାଳ୍ପିକା ସୋହାଗିନୀ ବେହେରା ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।